ଧରିତ୍ରୀ 52 Years
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୬/୨୦୨୬ (୧୬ ପୃଷ୍ଠା) | Bhubaneswar, Friday, February 6/2026 | Page 16 | ₹ 7.00
୫୨ଶ ଭାଗ ୭୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 74 | ମୂଲ୍ୟ ₹୭/-

16001/12/2526

GFTN


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା


ଶ୍ରୀମତୀ ଦ୍ରୌପଦୀ ମୁର୍ମୁ
ମାନ୍ୟବର ରାଷ୍ଟ୍ରପତି


ଡ଼. ହରି ବାବୁ କମ୍ଭମପାଟି
ରାଜ୍ୟପାଳ, ଓଡ଼ିଶା

## କୃତ୍ରିମ ବୁଦ୍ଧିମତ୍ତା : ଫିନଟେକ୍ : ଇନସ୍ୟୋରଟେକ୍
## ନୂତନ ଭାରତର ବିକାଶ ଓ ନିଯୁକ୍ତି ଇଞ୍ଜିନ

ବ୍ଲାକ୍ ସ୍ୱାନ୍ ସମ୍ମିଟ୍ | ୫-୬ ଫେବୃଆରୀ ୨୦୨୬
ଭୁବନେଶ୍ୱର
ଭାରତ ସଂସ୍କରଣ

**ମୁଖ୍ୟ ଅତିଥି**
ଶ୍ରୀମତୀ ଦ୍ରୌପଦୀ ମୁର୍ମୁ
ମାନ୍ୟବର ରାଷ୍ଟ୍ରପତି

**ଗରିମାମୟ ଉପସ୍ଥିତି**
ଡ଼. ହରି ବାବୁ କମ୍ଭମପାଟି
ରାଜ୍ୟପାଳ, ଓଡ଼ିଶା

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀମତୀ ପ୍ରଭାତୀ ପରିଡ଼ା
ଉପ-ମୁଖ୍ୟମନ୍ତ୍ରୀ,
ଓଡ଼ିଶା

ଡ. ମୁକେଶ ମହାଲିଙ୍ଗ
ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ,
ସଂସଦୀୟ ବ୍ୟାପାର,
ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା, ଓଡ଼ିଶା

ଶ୍ରୀ ସୂର୍ଯ୍ୟବଂଶୀ ସୂରଜ
ମନ୍ତ୍ରୀ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ଏବଂ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା

**ଓଡ଼ିଶା ହେବ ଭବିଷ୍ୟତ ଫିନଟେକ୍‌ର ପଥପ୍ରଦର୍ଶକ**

- ଓଡ଼ିଶାକୁ ଏକ ଉଦୀୟମାନ ବିଶ୍ୱସ୍ତରୀୟ ଫିନଟେକ୍ ଏବଂ ଇନସ୍ୟୋରଟେକ୍ ହବ୍ ରୂପେ ପ୍ରତିଷ୍ଠିତ କରିବ
- ବିଶ୍ୱସ୍ତରୀୟ ଦକ୍ଷତା କେନ୍ଦ୍ର ଓ ଫିନଟେକ୍ ପ୍ରତିଷ୍ଠାନମାନଙ୍କରେ ବିପୁଳ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ
- ଶିଳ୍ପ କ୍ଷେତ୍ରରେ ପ୍ରବେଶ କରିବା ପାଇଁ ଫିନଟେକ୍ ପ୍ରମାଣପତ୍ର ସହ ପ୍ରସ୍ତୁତ ଏକ ପ୍ରତିଭାପୁଞ୍ଜ ପ୍ରଦାନ କରିବ
- ସ୍ଥାନୀୟ ପ୍ରତିଭାକୁ ବିଶ୍ୱ ଆର୍ଥିକ ମୂଲ୍ୟ ଶୃଙ୍ଖଳାରେ ସାମିଲ କରିବ
- ଭୁବନେଶ୍ୱରକୁ ବିଶ୍ୱ ଫିନଟେକ୍ ନବସୃଜନ ଓ ପୁଞ୍ଜି ନିବେଶ ମାନଚିତ୍ରରେ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବ



OIPR-16001/16003/2/25-26/0012

GFTN | MUFG | BHARATNETRA One Vision · One Finance · One Future | NUS National University of Singapore | Asian Institute of Digital Finance

ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ, ଓଡ଼ିଶା ସରକାର

**'ଭାରତ ଟ୍ୟାକ୍ସି' ସେବା ଆରମ୍ଭ**

ସମବାୟ ଭିତ୍ତିରେ ଦେଶର ପ୍ରଥମ ଟ୍ୟାକ୍ସି ସେବା 'ଭାରତ ଟ୍ୟାକ୍ସି' ଗୁରୁବାର ଆରମ୍ଭ ହୋଇଛି। କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହା ଏହି ସେବାର ଶୁଭାରମ୍ଭ କରିଛନ୍ତି। ଏକ ଅଣସଂଗଠିତ କ୍ଷେତ୍ର ଭାବେ ଟ୍ୟାକ୍ସି ସେବାକୁ ନେଇ କାର୍ଯ୍ୟ କରୁଥିବା ଡ୍ରାଇଭରମାନଙ୍କୁ ଭାରତ ଟ୍ୟାକ୍ସି ମାଧ୍ୟମରେ ମାଲିକାନା ଅଧିକାର ସହିତ କଲ୍ୟାଣକାରୀ ସୁବିଧା ସହଯୋଗ ମିଳିବ। ଆଗାମୀ ଦିନରେ ଏହି ସେବା ସାରା ଦେଶରେ ଉପଲବ୍ଧ ହେବ ବୋଲି ଶାହା କହିଛନ୍ତି।




ଶିକ୍ଷାନୁଷ୍ଠାନ ପରିସରରେ ଜାତିଭିତ୍ତିକ ପକ୍ଷପାତ ରୋକିବା ଲାଗି ଗୁରୁବାର ୨୦୨୬ ୟୁଜିସି ନିୟମାବଳୀ ବିରୋଧରେ ବିକ୍ଷୋଭ କରୁଥିବା ଷ୍ଟୁଡେଣ୍ଟସ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍ଏଫ୍ଆଇ)ର ଜଣେ ସଦସ୍ୟଙ୍କୁ ପୋଲିସ ଅଟକ ରଖୁଛି।

## ନାଇଜେରିଆରେ ୧୬୨ ଜଣଙ୍କୁ ହତ୍ୟାକଲେ ଉଗ୍ରପନ୍ଥୀ

ଆବୁଜା,୫।୨

ପଶ୍ଚିମ ନାଇଜେରିଆର କ୍ୱାରା ପ୍ରଦେଶର ଦୁଇଟି ଗାଁରେ ବୁଧବାର ରାତିରେ ରକ୍ତର ନଦୀ ବହିଛି। ଇସ୍ଲାମିକ୍ କଠୋରପନ୍ଥୀମାନେ ସମ୍ପୃକ୍ତ ଦୁଇଟି ଗାଁରେ ନରସଂହାର ଚଳାଇ ୧୬୨ ଜଣଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ପଶ୍ଚିମ ନାଇଜେରିଆର ବିଭିନ୍ନ ଇଲାକାରେ ଇସ୍ଲାମିକ ଉଗ୍ରବାଦୀଙ୍କ ପ୍ରାଦୁର୍ଭାବ ବଢ଼ି ଚାଲିଥିଲା ବେଳେ ଗତ କିଛି ମାସ ମଧ୍ୟରେ ଏହା ସବୁଠାରୁ ଜଘନ୍ୟ ଘଟଣା ବୋଲି କ୍ୱାରା ପ୍ରଦେଶର ଜଣେ ସାଂସଦ କହିଛନ୍ତି। ଉଗ୍ରବାଦୀଙ୍କୁ ଦମନ କରିବା ଲାଗି ବର୍ତ୍ତମାନ ନାଇଜେରିଆ ସରକାରଙ୍କ ପକ୍ଷରୁ ସେନା ଅପରେଶନ ଚାଲିଛି। ଏହାପୂର୍ବରୁ ନାଇଜେରିଆ ସରକାରଙ୍କ ଅନୁରୋଧକ୍ରମେ ଆମେରିକା ସେନା କ୍ୱାରା ଅଞ୍ଚଳରେ ଅନେକ ଉଗ୍ରବାଦୀ ଠିକଣା ଉପରେ ଆକାଶମାର୍ଗରୁ ଆକ୍ରମଣ କରି ଧୂଳିସାତ୍ କରିଦେଇଥିଲା। ସରକାରଙ୍କ ଏହି ଆଭିମୁଖ୍ୟକୁ ବିରୋଧ କରି ଉଗ୍ରବାଦୀମାନେ ନିରୀହ ଗ୍ରାମବାସୀଙ୍କୁ ହତ୍ୟା କରିଛନ୍ତି ବୋଲି କ୍ୱାରା ଗଭର୍ଣ୍ଣର ନିନ୍ଦା କରି କହିଛନ୍ତି।

## ମାର୍ଚ୍ଚରେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର: ଗୋୟଲ

ନୂଆଦିଲ୍ଲୀ,୫।୨(ପି.ଟି.)

ମାର୍ଚ୍ଚ ମଧ୍ୟଭାଗ ସୁଦ୍ଧା ଭାରତ ଓ ଆମେରିକା ମଧ୍ୟରେ ବହୁ ପ୍ରତୀକ୍ଷିତ ବାଣିଜ୍ୟ ଚୁକ୍ତିର ପ୍ରଥମ ପର୍ଯ୍ୟାୟ ସ୍ୱାକ୍ଷରିତ ହୋଇପାରେ ବୋଲି ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୂଷ ଗୋୟଲ ଗୁରୁବାର କହିଛନ୍ତି। ଚୁକ୍ତି ସ୍ୱାକ୍ଷର ହେଲେ ଆମେରିକା ଭାରତୀୟ ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ ହ୍ରାସ କରିବ। ସେହିପରି ଆମେରିକାରୁ ଆମଦାନୀ ସାମଗ୍ରୀଗୁଡ଼ିକ ଉପରେ ଭାରତ ଆମଦାନୀ ଶୁଳ୍କ କମାଇବ। ଆଗାମୀ ୪-୫ ଦିନ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ରାଜିନାମା ଉପରେ ମିଳିତ ବିବୃତି ଚୂଡ଼ାନ୍ତ ହୋଇ ସ୍ୱାକ୍ଷରିତ ହେବା ଆଶା କରାଯାଉଛି। ଏହା ପରେ ଆମେରିକା ଲଗାଇଥିବା ଟାରିଫ୍ ୧୮ ପ୍ରତିଶତକୁ ହ୍ରାସ ପାଇବ।

ଚଳିତ ସପ୍ତାହ ଆରମ୍ଭରେ ଭାରତ ଓ ଆମେରିକା ଚୁକ୍ତିନାମା ଚୂଡ଼ାନ୍ତ କରିଥିଲେ। ତଦନୁଯାୟୀ ଆମେରିକାରେ ପ୍ରବେଶ କରୁଥିବା ଭାରତୀୟ ସାମଗ୍ରୀ ଉପରେ ଶୁଳ୍କ ୫୦ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ ପାଇବ। ସମ୍ପ୍ରତି ଭାରତୀୟ ସାମଗ୍ରୀ ଉପରେ ଆମେରିକା ୨୫ ପ୍ରତିଶତ ଜବାବୀ


ପୀୟୂଷ ଗୋୟଲ

ଶୁଳ୍କ ଏବଂ ରୁଷିଆରୁ ଅଶୋଧିତ ତୈଳ କିଣାକୁ ନେଇ ଅତିରିକ୍ତ ୨୫ ପ୍ରତିଶତ ଦଣ୍ଡାତ୍ମକ ଶୁଳ୍କ ଲଗାଇଥିଲା। ଗୋୟଲ କହିଛନ୍ତି, ଆନୁଷ୍ଠାନିକ ଚୁକ୍ତିନାମାର ଡ୍ରାଫ୍ଟ ପ୍ରସ୍ତୁତ ହେଉଛି। ଏଥିପାଇଁ ଦେଢ଼ମାସ ସମୟ ଲାଗିପାରେ। ତେଣୁ ଔପଚାରିକ ବାଣିଜ୍ୟ ଚୁକ୍ତନାମା ମାର୍ଚ୍ଚ ମଧ୍ୟଭାଗ ସୁଦ୍ଧା ସ୍ୱାକ୍ଷର ହେବ ବୋଲି ଗୋୟଲ ଗଣମାଧ୍ୟମକୁ କହିଛନ୍ତି। ମିଳିତ ବିବୃତି ସ୍ୱାକ୍ଷର ହେବାର ଦିନେ ଦୁଇଦିନ ପରେ ଆମେରିକାର ଏକ୍ଜିକ୍ୟୁଟିଭ୍ ଅର୍ଡର ବଳରେ ଭାରତୀୟ ସାମଗ୍ରୀ ଉପରେ ଟାରିଫ୍ ୧୮ ପ୍ରତିଶତକୁ ହ୍ରାସ ପାଇବ। ତେବେ ଉକ୍ତ ଚୁକ୍ତିରେ ନିବେଶ ପାଇଁ କୌଣସି ପ୍ରତିଶ୍ରୁତି ଦିଆଯାଇନାହିଁ।

## ବିହାର ନିର୍ବାଚନକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କଲା ଜନସୁରାଜ ପାର୍ଟି

ନୂଆଦିଲ୍ଲୀ,୫।୨(ପି.ଟି.)

୨୦୨୫ର ବିହାର ବିଧାନସଭା ନିର୍ବାଚନକୁ ପ୍ରଶାନ୍ତ କିଶୋରଙ୍କ ଜନସୁରାଜ ପାର୍ଟି ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବା ସହ ସାନି ନିର୍ବାଚନ ପାଇଁ ନିର୍ଦ୍ଦେଶ ଦେବାକୁ ନିବେଦନ କରିଛି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍ଚୀଙ୍କ ଖଣ୍ଡପୀଠ ଶୁକ୍ରବାର ଏହା ଉପରେ ଶୁଣାଣି କରିପାରନ୍ତି। ୨୪୩ ଆସନ ବିଶିଷ୍ଟ ବିହାର ବିଧାନସଭା ନିର୍ବାଚନରେ ଭାଜପା ନେତୃତ୍ୱାଧୀନ ଏନ୍ଡିଏ ୨୦୨ ଆସନ ଜିତି କ୍ଷମତା ବଜାୟ ରଖିଥିବାବେଳେ ଇଣ୍ଡିଆ ବ୍ଲକ୍କୁ ମାତ୍ର ୩୫ ଆସନ ମିଳିଥିଲା। ଜନସୁରାଜ ପାର୍ଟି ଖାତା ଖୋଲିପାରି ନ ଥିଲା। ନିର୍ବାଚନ ତାରିଖ ଘୋଷଣା ପରେ ବିହାର ସରକାର ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ କରି ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନା ନାମରେ ପ୍ରତ୍ୟେକ ମହିଳାଙ୍କ ଆକାଉଣ୍ଟକୁ ୧୦ ହଜାର ଟଙ୍କା ଲେଖାଏ ପଠାଇଥିଲେ। ଅନୁଚ୍ଛେଦ ୩୨୪ ଏବଂ ଜନପ୍ରତିନିଧି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେବା ନିବେଦନ କରାଯାଇଛି।

# 'ଭାରତ ଗ୍ଲୋବାଲ ସାଉଥ୍‌ର ସ୍ୱର'

## ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ବେଳେ ବିରୋଧୀଙ୍କ କକ୍ଷତ୍ୟାଗ

ନୂଆଦିଲ୍ଲୀ,୫।୨(ପି.ଟି.)

ବିଶ୍ୱ ଏକ ନୂତନ ବ୍ୟବସ୍ଥା ଦିଗରେ ଅଗ୍ରସର ହେଉଛି ଏବଂ ଭାରତ ଗ୍ଲୋବାଲ୍ ସାଉଥ୍‌ର ଏକ ବଡ଼ ସ୍ୱର ଭାବେ ଉଭା ହୋଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ରାଜ୍ୟ ସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବରେ ଉତ୍ତର ରଖିଛନ୍ତି। ବିରୋଧୀ ଦଳ ନେତାଙ୍କୁ କହିବାକୁ ଦିଆଯାଉ ସ୍ଲୋଗାନ ମଧ୍ୟରେ ପ୍ରଧାନମନ୍ତ୍ରୀ ଉଦ୍‌ବୋଧନ ଦେବା ଆରମ୍ଭ କରିଥିଲେ। ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜ୍ଜୁନ ଖାର୍ଗେ ବସିଥିବାବେଳେ ସେ ମଧ୍ୟ ସ୍ଲୋଗାନ ଦିଅନ୍ତୁ ବୋଲି ପ୍ରଧାନମନ୍ତ୍ରୀ ଆକ୍ଷେପ କରିଥିଲେ। ଏହାପରେ ବିରୋଧୀ ଏମ୍‌ପିମାନେ କକ୍ଷତ୍ୟାଗ କରି ଚାଲିଯାଇଥିଲେ।

ପ୍ରଧାନମନ୍ତ୍ରୀ କହିଥିଲେ, କୋଭିଡ୍-୧୯ ମହାମାରୀ ପରେ ବିଶ୍ୱ ଏକ ନୂଆ ବୈଶ୍ୱିକ ବ୍ୟବସ୍ଥା ଦିଗରେ ଅଗ୍ରସର ହେଉଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ବିଶ୍ୱ ବ୍ୟବସ୍ଥା ସୃଷ୍ଟି ହୋଇଥିବାବେଳେ ଏବେ ତାହା ଏକ ନୂଆ ବୈଶ୍ୱିକ ବ୍ୟବସ୍ଥା ଦିଗରେ


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟ ସଭାରେ ଉଦ୍‌ବୋଧନ ଦେଉଛନ୍ତି।

ଗତି କରୁଛି। ଯଦି ତାହାକୁ ନିରପେକ୍ଷ ଭାବେ ଅନୁଧ୍ୟାନ କରାଯାଏ, ତାହା ଭାରତ ଆଡ଼କୁ ଢଳୁଛି। ବିଶ୍ୱ ଗ୍ଲୋବାଲ ସାଉଥ୍‌କୁ ନେଇ ଚର୍ଚ୍ଚା କରୁଥିବାବେଳେ ଭାରତ ଏହାର ବଡ଼ ସ୍ୱର ପାଲଟିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି, ବିଭିନ୍ନ ଦେଶ ସହ ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ ହୋଇଛି। କିଛିଦିନ ମଧ୍ୟରେ ୟୁରୋପୀୟ ସଂଘ ସହ ବୃହତ୍ ଡିଲ୍ ହେବା ସହ ୯ଟି ଚୁକ୍ତିନାମା ହୋଇଛି। ଏହା ପୂର୍ବରୁ କକ୍ଷତ୍ୟାଗ କରିଥିବା ବିରୋଧୀଙ୍କୁ ଲକ୍ଷ୍ୟକରି ପ୍ରଧାନମନ୍ତ୍ରୀ କହିଥିଲେ, ସେମାନେ କ୍ଲାନ୍ତ ହୋଇ ଚାଲିଯାଇଛନ୍ତି। ଦିନେ ସେମାନଙ୍କୁ ଉତ୍ତର ରଖିବାକୁ ହେବ। ସେମାନେ ଭାରତକୁ ଏଭଳି ସ୍ତରକୁ ଆଣିଥିଲେ ଯେ କୌଣସି ଦେଶ ଆମ ସହ ବାଣିଜ୍ୟ ଚୁକ୍ତି କରିବାକୁ ଆସୁ ନ ଥିଲେ। ପୂର୍ବରେ କଂଗ୍ରେସ ନେତୃତ୍ୱାଧୀନ ସରକାର ଭାରତର ଭାବମୂର୍ତ୍ତିକୁ ଧ୍ୱଂସ କରିଦେଇଥିଲେ। ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିକୁ ସାରା ବିଶ୍ୱ ପ୍ରଶଂସା କରୁଛି। ଏହି ଡିଲ୍ ମୁଖ୍ୟତଃ ଭାରତୀୟ ଯୁବବର୍ଗଙ୍କ ପାଇଁ ଲାଭଦାୟକ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଅନୁପ୍ରବେଶକାରୀଙ୍କୁ ସୁରକ୍ଷା ଦେଉଥିବା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ଅନ୍ୟ ବିରୋଧୀ ଦଳଗୁଡ଼ିକୁ ପ୍ରଧାନମନ୍ତ୍ରୀ କଡ଼ା ସମାଲୋଚନା କରିଛନ୍ତି। କ୍ଷମତାରେ ଥିବା ଲୋକେ ଲୋକଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରୁ ନ ଥିଲେ। ଟିଏମ୍‌ସି ସଦସ୍ୟମାନେ ବହୁତ କିଛି କହୁଛନ୍ତି, ସେମାନେ ଆତ୍ମନିରୀକ୍ଷଣ କରନ୍ତୁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ନିର୍ଦ୍ଦୟ ସରକାର ଲୋକଙ୍କ ଭବିଷ୍ୟତକୁ ଅନ୍ଧକାର ମଧ୍ୟକୁ ଠେଲିଦେଉଥିବା ମୋଦି ପଶ୍ଚିମବଙ୍ଗର ମମତା ବାନାର୍ଜୀଙ୍କ ସରକାରକୁ ଆକ୍ଷେପ କରି କହିଛନ୍ତି। ସେମାନେ କେବଳ କ୍ଷମତା ଚାହାନ୍ତି। ବହୁ ଧନୀ ଦେଶ ବେଆଇନ ଅନୁପ୍ରବେଶକାରୀଙ୍କୁ ତଡ଼ିଦେଲେଣି। କିନ୍ତୁ ଆମ ଦେଶରେ ସେମାନଙ୍କୁ ସୁରକ୍ଷା ଦେବା ଲାଗି ଅଦାଲତଗୁଡ଼ିକ ଉପରେ ଚାପ ପକାଯାଉଛି। ଅନୁପ୍ରବେଶକାରୀମାନଙ୍କ ମାମଲା ଲଢ଼ିବାକୁ ଉଦ୍ୟମ କରୁଥିବା ଲୋକମାନଙ୍କୁ ଦେଶର ଯୁବବର୍ଗ କିପରି କ୍ଷମାଦେବେ ବୋଲି ପ୍ରଧାନମନ୍ତ୍ରୀ ପ୍ରଶ୍ନ କରିଛନ୍ତି। ସେମାନେ ଆମ ଯୁବବର୍ଗଙ୍କ ଅଧିକାର, ସେମାନଙ୍କ ଜୀବିକା ଏବଂ ଆଦିବାସୀମାନଙ୍କ ଜମିକୁ ଛଡ଼ାଇ ନେଇଛନ୍ତି। ସେମାନେ କେବଳ କ୍ଷମତା ଚିନ୍ତା କରୁଥିବାବେଳେ ଆମକୁ ଉପଦେଶ ଦେଉଛନ୍ତି ବୋଲି ମୋଦି କ୍ଷୋଭର ସହ କହିଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ଉପରେ ଜବାବ ରଖିବା ପାଇଁ ନିଜେ ବୁଧବାର ସୁପ୍ରିମକୋର୍ଟରେ ଉପସ୍ଥିତ ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ତାଙ୍କୁ କଟାକ୍ଷ କରିଛନ୍ତି। ବିରୋଧୀଙ୍କୁ ଟାର୍ଗେଟ କରି ମୋଦି କହିଥିଲେ, ଆପଣମାନେ ଦୁନିଆକୁ କେତେ ଧୋକା ଦେବ, ଆଇନା ଦେଖିବ ତ ନିଜ ସତକୁ କିପରି ଲୁଚାଇବ। ପୂର୍ବରୁ ଚୁକ୍ତି କହିଲେ କେବଳ ବୋଫର୍ସ ଡିଲ୍ ଥିଲା, ଯେଉଁଠି ସରକାରରେ ଥିବା ଲୋକେ ନିଜ ପକେଟ ଭରୁଥିଲେ। ଲୋକମାନଙ୍କ ଜୀବନ ଧାରଣ ମାନରେ ପରିବର୍ତ୍ତନ କରିବାକୁ ସେମାନେ ପ୍ରାଥମିକତା ଦେଉ ନ ଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ୧୭ ଡିଏନ୍ଏ ପରୀକ୍ଷାରୁ ଜଣାପଡ଼ିଲା ବାପା ବଳାତ୍କାରୀ

ନୂଆଦିଲ୍ଲୀ,୫।୨(ପି.ଟି.)

ମୁମ୍ବାଇରେ ଜଣେ ମୂକ ବଧିର ଯୁବତୀଙ୍କୁ ବଳାତ୍କାର କରି ଗର୍ଭବତୀ କରାଇବା ଅଭିଯୋଗରେ ୧୭ ଜଣଙ୍କ ଡିଏନ୍ଏ ପରୀକ୍ଷା ପରେ ପୀଡ଼ିତାଙ୍କ ବାପାଙ୍କୁ ଗିରଫ କରାଯାଇଛି। ଯୁବତୀଙ୍କ ଗର୍ଭରେ ଥିବା ଭ୍ରୂଣ ସହ ତାଙ୍କ ବାପାଙ୍କ ସମ୍ପର୍କ ରହିଥିବା ଡିଏନ୍ଏ ପରୀକ୍ଷାରୁ ସ୍ପଷ୍ଟ ହୋଇଛି। ପୂର୍ବରୁ ଅନ୍ୟ ଜଣକୁ ଗିରଫ କରାଯିବା ସହ ଜଣେ ୧୭ ବର୍ଷୀୟଙ୍କୁ ଅଟକ ରଖାଯାଇଥିଲା। ସୂଚନା ଅନୁଯାୟୀ, ଯୁବତୀ ଜଣକ ପେଟରେ ଯନ୍ତ୍ରଣା ଅନୁଭବ କରୁଥିବା ନେଇ ଗତବର୍ଷ ସେପ୍ଟେମ୍ବରରେ ତାଙ୍କ ଜେଜେମା'ଙ୍କୁ ଜଣାଇଥିଲେ। ଯୁବତୀଙ୍କ ପେଟରେ କିଛି ଗୋଟାଏ ଗୁରୁଣ୍ଡୁଥିବା ବୃଦ୍ଧା ଅନୁଭବ କରିଥିଲେ। ହସ୍ପିଟାଲରେ ଯାଞ୍ଚ ପରେ ଯୁବତୀ ୫ ମାସର ଗର୍ଭବତୀ ଥିବା ଜଣାପଡ଼ିଥିଲା। ଯୁବତୀ ଜଣକ ମୂକ ଏବଂ କୌଣସି ବୟାନ ଦେବାକୁ ଚାହୁଁ ନ ଥିବାରୁ ପୋଲିସ ଅସୁବିଧାରେ ପଡ଼ିଥିଲା। ତାଙ୍କ ବାପାଙ୍କୁ ପ୍ରଶ୍ନ ହେବାରୁ ଯୌନ ନିର୍ଯାତନା ପ୍ରଶ୍ନକୁ ସେ ଖଣ୍ଡନ କରିଥିଲେ ମଧ୍ୟ ଝିଅ କିପରି ଗର୍ଭବତୀ ହେଲା କହିପାରି ନ ଥିଲେ। ଏହା ପରେ ୧୭ ଜଣ ସନ୍ଦିଗ୍ଧଙ୍କ ଡିଏନ୍ଏ ନମୁନା ପରୀକ୍ଷା ପାଇଁ ନିଆଯାଇଥିଲା। ସେଥିରୁ ଗୋଟିଏ ପଜିଟିଭ୍ ଏବଂ ତାହା ଯୁବତୀଙ୍କ ବାପା ବୋଲି ଜାନୁଆରୀ ୨୭ରେ ଜଣାପଡ଼ିଥିଲା।

## ୧୪୦ କୋଟି ଲୋକଙ୍କ ପାଇଁ ଉର୍ଜା ସୁରକ୍ଷା ଆମର ପ୍ରାଥମିକତା

### ଟ୍ରମ୍ପଙ୍କୁ ଭାରତର ପରୋକ୍ଷ ଜବାବ

ନୂଆଦିଲ୍ଲୀ,୫।୨

ଭାରତ-ଆମେରିକା ବାଣିଜ୍ୟ ବୁଝାମଣା ପ୍ରସଙ୍ଗରେ ରୁଷିଆରୁ ଭାରତ ତେଲ କିଣିବା ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯାହା କହିଛନ୍ତି ତାହାକୁ ନେଇ ଚର୍ଚ୍ଚା ଆହୁରି ଜୋର୍ ଧରିଛି। ରୁଷିଆଠାରୁ ଭାରତ ତେଲ ନ କିଣି ଭେନେଜୁଏଲା କିମ୍ବା ଆମେରିକା ଠାରୁ କିଣିବ ବୋଲି ଟ୍ରମ୍ପ କହିଥିଲା ବେଳେ ଏହାକୁ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ପରୋକ୍ଷରେ ଅସ୍ୱୀକାର କରାଯାଇଛି। ମନ୍ତ୍ରଣାଳୟ ପ୍ରବକ୍ତା ରଣଧୀର ଜୈଶୱାଲ୍ ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ଭାରତର ୧୪୦ କୋଟି ଲୋକଙ୍କ ପାଇଁ ଉର୍ଜା ନିଶ୍ଚିତ କରିବା ଆମର ପ୍ରାଥମିକତା। ଅନ୍ତର୍ଜାତୀୟ ସ୍ତରରେ କେଉଁ ଦେଶରୁ ଭାରତ ତେଲ କିଣିବ ତାହା ସମ୍ପୂର୍ଣ୍ଣ ଭାରତ ସରକାରଙ୍କ ଉପରେ ନିର୍ଭର କରେ। ବିଶେଷକରି ବଜାର ସ୍ଥିତି ଏବଂ ପରିବର୍ତ୍ତିତ ଭୂ-ରାଜନୀତିକୁ ଦୃଷ୍ଟିରେ ରଖି ସରକାର ଏ ବିଷୟରେ ନିଷ୍ପତ୍ତି ନେବେ ବୋଲି ଜୈଶୱାଲ୍ କହିଛନ୍ତି। ୨୦୧୯-୨୦ ପର୍ଯ୍ୟନ୍ତ ଭାରତ ଭେନେଜୁଏଲାଠାରୁ ତେଲ ଆମଦାନୀ କରୁଥିଲା। ଏହାପରେ କିଛି ସମୟ ପାଇଁ ଆମଦାନୀ ବନ୍ଦ ରହିଥିଲା ବେଳେ ପୁଣି ୨୦୨୩-୨୪ରେ ତେଲ ଆମଦାନୀ କରାଯାଇଥିଲା। ପରବର୍ତ୍ତୀ ସମୟରେ ଭେନେଜୁଏଲା ଉପରେ କଟକଣା ଜାରି କରାଯିବାରୁ ଭାରତ ଆମଦାନୀ ବନ୍ଦ କରିଥିଲା। ତେବେ ସାମ୍ପ୍ରତିକ ସ୍ଥିତିରେ ଭାରତ ତେଲ କେଉଁଠୁ ଆମଦାନୀ କରିବ ତାହା ସମ୍ପୂର୍ଣ୍ଣ ଆମର ଦାୟିତ୍ୱ ବୋଲି ଜୈଶୱାଲ୍ କହିଛନ୍ତି।

**ଭାରତ ପାଇଁ ରୁଷିଆର ପୁଣି ରିହାତି**

ଭାରତ-ଆମେରିକା ଟାରିଫ୍ ପ୍ରସଙ୍ଗରେ ରୁଷିଆ ପୂର୍ବରୁ ନିଜର ପ୍ରତିକ୍ରିୟା ରଖି ଭାରତ ନିଜ ସୁବିଧା ଅନୁସାରେ ଯେକୌଣସି ଦେଶରୁ ତେଲ କିଣିପାରିବ ବୋଲି କହିଥିଲା। କିନ୍ତୁ ଭାରତକୁ ନିଜ ପଟରେ ରଖିବାକୁ ରୁଷିଆ ନୀତିଗତ ନିଷ୍ପତ୍ତି ନେଇ ତେଲ ଦରରେ ପୁଣି ରିହାତି ଘୋଷଣା କରିଛି। ବ୍ଲୁମ୍‌ବର୍ଗ ରିପୋର୍ଟ ଅନୁସାରେ ବ୍ରେଣ୍ଟ କ୍ରୁଡ୍ ତୁଳନାରେ ରୁଷିଆର ଉତ୍ତମ ଶ୍ରେଣୀର ଅଶୋଧିତ ତେଲ ଭାରତୀୟ କମ୍ପାନୀଗୁଡିକ ପାଇଁ ଆହୁରି ଶସ୍ତା କରାଯାଇଛି। ପୂର୍ବରୁ ବ୍ୟାରେଲ୍ ପିଛା ମୂଲ୍ୟ ଯାହା ରହିଥିଲା ସେଥିରେ ଆଉ ୧୦ ଡଲାର ହ୍ରାସ କରାଯାଇଥିବା କୁହାଯାଇଛି।

## ମଣିପୁରରେ ପୁଣି ହିଂସା

### ବିକ୍ଷୋଭ ବେଳେ ପୋଲିସ-ଜନତା ସଂଘର୍ଷ

ଇମ୍ଫାଲ,୫।୨

ମଣିପୁରର କୁକି ଅଧ୍ୟୁଷିତ ଚୁରାଚାନ୍ଦପୁର ଜିଲାରେ ଗୁରୁବାର ସନ୍ଧ୍ୟାରେ ହିଂସାକାଣ୍ଡ ଦେଖାଦେଇଛି। ରାଜ୍ୟରେ ଭାଜପା ନେତୃତ୍ୱାଧୀନ ସରକାରରେ ବିଧାୟିକା ନେମ୍‌ଚା କିପ୍‌ଗେନ୍‌ଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯିବାକୁ ବିରୋଧକରି ବିକ୍ଷୋଭ ହୋଇଥିଲା। ଟୁଇବୋଙ୍ଗ ବଜାର ନିକଟରେ ବିକ୍ଷୋଭକାରୀ କିପ୍‌ଗେନ୍‌ଙ୍କ ବିରୋଧରେ ସ୍ଲୋଗାନ ଦେଇ ଟାୟାର ସମେତ ବିଭିନ୍ନ ବର୍ଜ୍ୟ ସାମଗ୍ରୀ ଜାଳି ପ୍ରତିବାଦ ଜଣାଇଥିଲେ। ସୁରକ୍ଷାବଳ ସେମାନଙ୍କୁ ଘଉଡ଼ାଇବାକୁ ଉଦ୍ୟମ କରିବାରୁ ସ୍ଥିତି ଅଧିକ ଖରାପ ହୋଇଥିଲା। ବିକ୍ଷୋଭକାରୀ ଟେକାମାଡ଼ କରିବାରୁ ସୁରକ୍ଷା ବଳ ଲାଠିଚାଳନା କରିଥିଲା। ଏଥିରେ ୨ ଜଣ ଆହତ ହୋଇଥିବା ଜଣାପଡ଼ିଛି। ସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ଅଧିକ ସୁରକ୍ଷା ବଳ ପଠାଯାଇଛି। କାଙ୍ଗ୍‌ପୋକ୍‌ପିର କିପ୍‌ଗେନ୍ ବୁଧବାର ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରଠାରୁ ଉତ୍ତେଜନା ଜାରି ରହିଛି। କୁକିବହୁଳ ଚୁରାଚାନ୍ଦପୁର ଜିଲାରେ ଶୁକ୍ରବାର ସମ୍ପୂର୍ଣ୍ଣ ବନ୍ଦ ପାଳନ ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ଆହ୍ୱାନ ଦିଆଯାଇଛି। ମଣିପୁରରେ ପାଖାପାଖି ଗୋଟିଏ ବର୍ଷର ରାଷ୍ଟ୍ରପତି ଶାସନ ପରେ ବୁଧବାର ଭାଜପା ନେତା ଯୁମନାମ ଖେମ୍‌ଚାନ୍ଦ ସିଂ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। କୁକି ବିଧାୟିକା କିପ୍‌ଗେନ୍ ଏବଂ ନାଗା ବିଧାୟକ ଲୋସି ଡିଖୋ ଉପମୁଖ୍ୟମନ୍ତ୍ରୀ ହୋଇଛନ୍ତି।

## ସୀମାନ୍ତ ନାଗାଲାଣ୍ଡ ଆଞ୍ଚଳିକ କର୍ତ୍ତୃପକ୍ଷ ଗଠନ ଲାଗି ତ୍ରିପାକ୍ଷିକ ଚୁକ୍ତି ସ୍ୱାକ୍ଷର

ନୂଆଦିଲ୍ଲୀ,୫।୨

ସୀମାନ୍ତ ନାଗାଲାଣ୍ଡ ଆଞ୍ଚଳିକ କର୍ତ୍ତୃପକ୍ଷ (ଏଫ୍ଏନ୍‌ଟିଏ) ଗଠନ ଲାଗି ଗୁରୁବାର କେନ୍ଦ୍ର ସରକାର ନାଗାଲାଣ୍ଡ ସରକାର ଏବଂ ଇଷ୍ଟର୍ନ ନାଗାଲାଣ୍ଡ ପିପୁଲ୍ସ ଅର୍ଗାନାଇଜେଶନ ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ପୂର୍ବ ନାଗାଲାଣ୍ଡର ଦାବି ପୂରଣ ଲକ୍ଷ୍ୟରେ ଏକ ନୂଆ ପ୍ରଶାସନିକ ସଂସ୍ଥା ଗଠନ ଲାଗି ଦୀର୍ଘଦିନରୁ ଦାବି ହୋଇଆସୁଥିଲା। ନାଗାଲାଣ୍ଡ ମୁଖ୍ୟମନ୍ତ୍ରୀ ନେଇଫିଉ ରିଓ ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଉପସ୍ଥିତିରେ ଚୁକ୍ତି ସ୍ୱାକ୍ଷର ହୋଇଛି। ପୂର୍ବ ନାଗାଲାଣ୍ଡର ବିକାଶ ପାଇଁ କେନ୍ଦ୍ର ସରକାର ସମସ୍ତ ସହାୟତା କରିବା ସହ ଏହାର ସମସ୍ତ ଦାୟିତ୍ୱ ପୂରଣ କରିବେ ବୋଲି ଶାହା କହିଛନ୍ତି।

## ଜାମଶେଦପୁରରେ ଆତଙ୍କବାଦୀ ସକ୍ରିୟ

### ଇଣ୍ଟରପୋଲ୍ ସୂଚନା ପରେ ହାଇଆଲର୍ଟ

ରାଞ୍ଚି,୫।୨

ଝାଡ଼ଖଣ୍ଡର ଜାମଶେଦପୁରରେ ଆତଙ୍କବାଦୀ ସେଲ୍ ସକ୍ରିୟ ଥିବା ନେଇ ଇଣ୍ଟରପୋଲ୍ ସତର୍କ ସୂଚନା ଜାରି କରିବା ପରେ ଉକ୍ତ ଶିଳ୍ପାଞ୍ଚଳ ସହରକୁ ଆଲର୍ଟରେ ରଖାଯାଇଛି। ଅନ୍ତର୍ଜାତୀୟ ଗୋଇନ୍ଦା ସୂଚନା ଆଧାରରେ ପୋଲିସ ଏବଂ ପ୍ରଶାସନିକ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି। ସହରର ସମ୍ବେଦନଶୀଳ ଅଞ୍ଚଳ ସମେତ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ଏବଂ ଜନଗହଳି ସ୍ଥାନରେ ଯାଞ୍ଚ କରାଯାଉଛି। ସୂଚନା ଅନୁଯାୟୀ, ୧୨ରୁ ଉର୍ଦ୍ଧ୍ୱ ସ୍ଲିପର ସେଲ୍ ଜାମସେଦପୁରରେ ସକ୍ରିୟ ରହିଛି। ଉକ୍ତ ସେଲ୍‌ଗୁଡ଼ିକର ପାକିସ୍ତାନ ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ସମ୍ପର୍କ ରହିଛି। ଜାମସେଦପୁରର ସୟେଦ ମହମ୍ମଦ ଆଶୟାନ୍ ଉକ୍ତ ନେଟ୍‌ୱର୍କର ନେତା ବୋଲି ବିଭିନ୍ନ ସୂତ୍ରରୁ ଜଣାପଡ଼ିଛି। ଆର୍ଶିୟାନ୍ ଗତ ୭/୮ ବର୍ଷ ହେଲା ଫେରାର ଥିଲେ। ଇଣ୍ଟରପୋଲ୍ ତାଙ୍କ ବିରୋଧରେ ରେଡ୍ କର୍ନର ନୋଟିସ ଜାରି କରିବା ସହ ଅନ୍ତର୍ଜାତୀୟ ସ୍ତରରେ ଖାନତଲାସି ଚଳାଇଛି।

## ଆରବ ରାଷ୍ଟ୍ର ସହ ବାଣିଜ୍ୟ ଚୁକ୍ତି କରିବ ଭାରତ


ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲଙ୍କ ସହ ଜିସିସିର ମହାସଚିବ ଏବଂ ଅନ୍ୟ ଅଧିକାରୀ।

ନୂଆଦିଲ୍ଲୀ,୫।୨

ୟୁରୋପୀୟ ୟୁନିୟନ ସହିତ ମୁକ୍ତ ବାଣିଜ୍ୟ ଚୁକ୍ତି ସହିତ ଆମେରିକା ସହ ଟାରିଫ୍‌କୁ ନେଇ ରହିଆସିଥିବା ଦ୍ୱନ୍ଦ୍ୱ ଦୂର ହୋଇଛି। ଏହାପରେ ଆରବ ରାଷ୍ଟ୍ରଗୁଡିକ ସହ ଭାରତ ମୁକ୍ତ ବାଣିଜ୍ୟ ବୁଝାମଣା କରିବାକୁ କଥାବାର୍ତ୍ତା ଆରମ୍ଭ କରିବ ବୋଲି କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି। ଗୁରୁବାର ଏଥିନେଇ ଉଭୟ ପକ୍ଷଙ୍କ ମଧ୍ୟରେ 'ଟର୍ମ ଅଫ୍ ରେଫରେନ୍ସ' ସ୍ୱାକ୍ଷରିତ ହୋଇଛି। ସାଉଦି ଆରବ, ୟୁଏଇ, କାତାର, ବାହାରିନ, ଓମାନ ଏବଂ କୁଏତକୁ ନେଇ ଗଠିତ ଗଲ୍ଫ କୋପରେସନ କାଉନ୍‌ସିଲ(ଜିସିସି) ସହିତ ଏନେଇ ଖୁବ୍‌ଶୀଘ୍ର ଆଲୋଚନା ଆରମ୍ଭ କରାଯିବ। ବ୍ୟବସାୟ ଏବଂ ବାଣିଜ୍ୟ କ୍ଷେତ୍ରର ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ଆହୁରି ସୁଦୃଢ଼ କରାଯିବ ବୋଲି ପୀୟୂଷ କହିଛନ୍ତି। ଏହିସବୁ ଦେଶଗୁଡିକରେ ଏକ କୋଟିରୁ ଅଧିକ ଭାରତୀୟ ବସବାସ କରିବା ସହିତ ଆର୍ଥିକ ବିକାଶରେ ସହଯୋଗ କରୁଛନ୍ତି। ଗତବର୍ଷ ପାକିସ୍ତାନ ସାଉଦି ଆରବ ସହିତ ବାଣିଜ୍ୟ କାରବାର ନେଇ ବୁଝାମଣା କରିଥିଲା। ଭାରତ ଜିସିସିର ଏହି ଦେଶ ସମେତ ଅନ୍ୟ ଆରବ ଦେଶମାନଙ୍କ ସହ ମୁକ୍ତ ବାଣିଜ୍ୟ କାରବାରକୁ ଗୁରୁତ୍ୱ ଦେଇଥିବା ଗୋୟଲ କହିଛନ୍ତି।

## ଇରାନ-ଆମେରିକା ଆଲୋଚନା ଆଜି

ୱାଶିଂଟନ୍,୫।୨

ଇରାନ ଏବଂ ଆମେରିକା ମଧ୍ୟରେ ଶୁକ୍ରବାର ଆଲୋଚନା ହେବ। ଓମାନ ରାଜଧାନୀ ମସ୍କାଟ୍‌ରେ ଉଭୟ ପକ୍ଷର ନେତା ମୁଖ୍ୟତଃ ଆଣବିକ କାର୍ଯ୍ୟକ୍ରମକୁ ନେଇ ଆଲୋଚନା କରିବେ ବୋଲି ଆମେରିକୀୟ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ବୈଠକ ସ୍ଥଳକୁ ନେଇ କିଛି ଦିନ ଧରି ଉଭୟ ପକ୍ଷ ମଧ୍ୟରେ ବିବାଦ ଦେଖାଯାଇଥିଲା। ତେବେ ମସ୍କାଟ୍‌ରେ ହିଁ ବୈଠକ କରିବାକୁ ଉଭୟ ପକ୍ଷ ସହମତ ହୋଇଛନ୍ତି। ଆରବସାଗରରେ ଆମେରିକା ନୌସେନାର ଉପସ୍ଥିତି ଏବଂ ଇରାନ ଉପରେ ଆକ୍ରମଣ କରିବାକୁ ଆମେରିକା ରାଷ୍ଟ୍ରପତି ଧମକ ଦେବା ପରେ ମଧ୍ୟପ୍ରାଚ୍ୟ ସ୍ଥିତି ବିଗିଡ଼ିବ ବୋଲି ଆଶଙ୍କା ବଢ଼ିଥିଲା। ତେବେ ଶୁକ୍ରବାର ହେବାକୁ ଥିବା ବୈଠକରେ ଇରାନର ଆଣବିକ କାର୍ଯ୍ୟକ୍ରମକୁ ନେଇ କିଛି ସମାଧାନର ସୂତ୍ର ବାହାରିପାରେ ବୋଲି ରାଜନୈତିକ ବିଶେଷଜ୍ଞମାନେ ଆଶା ପ୍ରକଟ କରିଛନ୍ତି।

## ଷଡ଼ଯନ୍ତ୍ର କରି ସ୍ୱାମୀଙ୍କୁ ଗାଡ଼ି ଚଢ଼ାଇ ମାରିଲେ ସ୍ତ୍ରୀ

### ପୁଣି ଏକ ହନିମୁନ୍ ମର୍ଡର

ଜୟପୁର,୫।୨

ପରକୀୟା ପ୍ରୀତିକୁ ନେଇ ସ୍ତ୍ରୀ ସ୍ୱାମୀଙ୍କୁ ହତ୍ୟା କରିବା ଘଟଣା ଦେଶରେ ବଢ଼ି ଚାଲିଛି। ଏଭଳି ଘଟଣାକୁ 'ହନିମୁନ୍ ମର୍ଡର' କୁହାଯାଉଥିବା ବେଳେ ରାଜସ୍ଥାନର ଶ୍ରୀ ଗଙ୍ଗାନଗରରେ ପୁଣି ଏଭଳି ଏକ ଘଟଣା ଦେଖିବାକୁ ମିଳିଛି। ଜଣେ ନବ ବିବାହିତା ସ୍ତ୍ରୀ ଷଡ଼ଯନ୍ତ୍ର କରି ବୁଲିବା ବାହାନାରେ ବାହାରକୁ ଯାଇ ନିଜ ସ୍ୱାମୀଙ୍କୁ ଗାଡ଼ି ଚଢ଼ାଇ ହତ୍ୟା କରିଛନ୍ତି। ସ୍ଥାନୀୟ ଅଞ୍ଚଳର ୨୭ ବର୍ଷର ଯୁବକ ଆଶିଷ କୁମାର ଗତ ଅକ୍ଟୋବର ମାସରେ ୨୩ ବର୍ଷୀୟା ଅଞ୍ଜଳିଙ୍କୁ ବିବାହ କରିଥିଲେ। ଦୁଇ ଦିନ ତଳେ ଉକ୍ତ ଦମ୍ପତି ସନ୍ଧ୍ୟା ଭ୍ରମଣରେ ଯାଇଥିଲା ବେଳେ ଅତ୍ୟନ୍ତ ତୀବ୍ର ବେଗରେ ଆସୁଥିବା ଏକ ବାଇକ୍ ଆଶିଷଙ୍କୁ ଧକ୍କା


ଆଶିଷ କୁମାର


ଅଞ୍ଜଳି


ସଞ୍ଜୟ କୁମାର

ଦେଇ ଚାଳକ ଫେରାର ହୋଇଯାଇଥିଲା। ଆଶିଷଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲ ନିଆଯାଇଥିଲେ ହେଁ ପରବର୍ତ୍ତୀ ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ସମ୍ପର୍କରେ ପୋଲିସ ଯାଞ୍ଚ କରିବା ବେଳେ ଅଞ୍ଜଳି କହିଥିଲେ ଯେ ବାଇକ୍‌ରେ ଆସିଥିବା ଦୁର୍ବୃତ୍ତ ଜଣଙ୍କ ଆଶିଷଙ୍କ ବେକରୁ ଚେନ୍ ଛିଣ୍ଡାଇବାକୁ ଉଦ୍ୟମ କରି ତାଙ୍କୁ ଧକ୍କା ଦେଇ ପଳାଇଥିଲେ। ହେଲେ ଅଞ୍ଜଳିଙ୍କ କଥାରେ ତାଳମେଳ ରହୁ ନ ଥିବାରୁ ପୋଲିସର ସନ୍ଦେହ ବଢ଼ିଥିଲା। ପୋଲିସ ଖୋଳତାଡ଼ କରିବା ପରେ ଅଞ୍ଜଳି ସତ ଓଗାଳିବାକୁ ବାଧ୍ୟ ହୋଇଥିଲେ। ସେ ସଞ୍ଜୟ ନାମକ ଜଣେ ଯୁବକଙ୍କୁ ୭ ବର୍ଷ ଧରି ପ୍ରେମ କରିଆସୁଥିଲେ ଏବଂ ଆଶିଷଙ୍କୁ ବିବାହ କରିବାକୁ ଚାହୁଁ ନ ଥିଲେ। କିନ୍ତୁ ପରିବାର ଲୋକ ଜୋର ଜବରଦସ୍ତି ବିବାହ କରିଦେବାରୁ ସେ ଏବଂ ତାଙ୍କ ପ୍ରେମିକ ସଞ୍ଜୟ ମିଶି ଆଶିଷଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର କରିଥିଲେ ବୋଲି ଅଞ୍ଜଳି ପୋଲିସ ନିକଟରେ ସ୍ୱୀକାର କରିଛନ୍ତି।

ଧରିତ୍ରୀ 52 Years
DHARITRI
ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୬/୨୦୨୬ | Bhubaneswar, Friday, February 6/2026 | ପୃଷ୍ଠା-୧



‘ଧୁରନ୍ଧର-୨’ରେ ୟାମୀ ଗୌତମ
ବ୍ଲକ୍‌ବଷ୍ଟର ଚଳଚ୍ଚିତ୍ର ‘ଧୁରନ୍ଧର’ର ସଫଳତା ପରେ ଏବେ ଏହାର ଦ୍ୱିତୀୟ ଭାଗ ‘ଧୁରନ୍ଧର: ଦି ରିଭେଞ୍ଜ’ରେ ୟାମୀ ଏକ ବିଶେଷ ଭୂମିକାରେ ଅଭିନୟ କରୁଛନ୍ତି। ୧୧

୧୪ ଅନୁରାଗ ଠାକୁରଙ୍କୁ ଆଶ୍ୱସ୍ତି
ସୁପ୍ରିମକୋର୍ଟଙ୍କ ରାୟ ପରେ କ୍ରିକେଟ ପ୍ରଶାସନକୁ ଫେରିବା ଲାଗି ଅନୁରାଗ ଠାକୁରଙ୍କ ପାଇଁ ପଥ ଉନ୍ମୁକ୍ତ ହୋଇଛି।






ଇଟାଲୀର ମିଲାନ୍‌ସ୍ଥିତ ଡୁଓମୋ ଡି ମିଲାନୋରେ ୨୦୨୬ ୱିଣ୍ଟର ଅଲିମ୍ପିକ୍ସ ଆରମ୍ଭର ଅବ୍ୟବହିତ ପୂର୍ବରୁ ଗୁରୁବାର ପିପୁଲ୍ ଫର୍ ଏଥିକାଲ୍ ଟ୍ରିଟ୍‌ମେଣ୍ଟ ଅଫ୍ ଆନିମଲ (ପେଟା) ସମର୍ଥକମାନେ କେବଳ ଅଣ୍ଡରଗାର୍ମେଣ୍ଟ ପିନ୍ଧି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ସେମାନେ ପ୍ରାଣୀଙ୍କ ଚମଡ଼ା ଓ ପକ୍ଷୀଙ୍କ ପର ଚାଲାଣକୁ ବିରୋଧ କରି ସ୍ଲୋଗାନ୍ ଲେଖାଥିବା ଏକ ବ୍ୟାନର୍ ଧରିଛନ୍ତି।

# ମେଘାଳୟ କୋଇଲା ଖଣିରେ ବିସ୍ଫୋରଣ: ୧୮ ଶ୍ରମିକ ମୃତ

## ଅନେକେ ଚାପିହୋଇ ରହିଛନ୍ତି, ବଢ଼ିପାରେ ମୃତ୍ୟୁସଂଖ୍ୟା

**ମେଘାଳୟର ଇଷ୍ଟ ଜୟନ୍ତିଆ ହିଲ୍ସ ଜିଲାସ୍ଥିତ ଏକ କୋଇଲା ଖଣିରେ ଗୁରୁବାର ବଡ଼ ଧରଣର ଅଘଟଣ ଘଟିଛି। ବେଆଇନ କୋଇଲା ଖନନ ଚାଲିଥିବାବେଳେ ଡିନାମାଇଟ୍ ବିସ୍ଫୋରଣରେ ଅନ୍ୟୂନ ୧୮ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଅନେକ ଶ୍ରମିକ ଚାପିହୋଇ ରହିଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଏବଂ ସୁପ୍ରିମକୋର୍ଟ ମେଘାଳୟରେ ର୍‍ୟାଟ୍-ହୋଲ୍ ମାଇନିଂକୁ ନିଷିଦ୍ଧ ଘୋଷଣା କରିବା ସତ୍ତ୍ୱେ ମାଫିଆଙ୍କ ପ୍ରଲୋଭନର ବଶବର୍ତ୍ତୀ ହୋଇ ଶ୍ରମିକମାନେ ଖନନ କାର୍ଯ୍ୟରେ ନିୟୋଜିତ ହେଉଥିବାରୁ ପରିବେଶ ଓ ସ୍ଥାନୀୟ ଲୋକଙ୍କ ଜୀବନ ପ୍ରତି ବିପଦ ବଢ଼ିଚାଲିଛି।**

ଶିଲଂ/ଖ୍ଲେହରିଅତ୍,୫।୨(ପି.ଟି.)

ଇଷ୍ଟ ଜୟନ୍ତିଆ ଜିଲା ସଦର ମହକୁମା ଖ୍ଲେହରିଅତ୍‌ରୁ ୩୦ କି.ମି. ଦୂରରେ ଥାଙ୍ଗସ୍କୁ ଖଣି ଅଞ୍ଚଳ ଅବସ୍ଥିତ। ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ତଥା ବଣଜଙ୍ଗଲ ଘେରା ଏହି ଅଞ୍ଚଳରେ ଦୀର୍ଘ ସମୟ ଧରି ବେଆଇନ ଭାବେ କୋଇଲା ଉତ୍ତୋଳନ ଚାଲିଆସିଛି। ଅଧିକ ଲାଭ ଆଶାରେ ଖଣି ମାଫିଆମାନେ ସ୍ଥାନୀୟ ଶ୍ରମିକଙ୍କୁ ନିୟୋଜିତକରି ରାଜ୍ୟ ବାହାରକୁ କୋଇଲା ପଠାଉଛନ୍ତି। ଏହିକ୍ରମେ ଗୁରୁବାର ସକାଳେ ଅନେକ ଶ୍ରମିକ କୋଇଲା ଖନନ କରୁଥିବାବେଳେ ହଠାତ୍ ଡିନାମାଇଟ୍ ବିସ୍ଫୋରଣ ହୋଇଥିଲା। ଏଥିରେ ଶ୍ରମିକମାନେ ଖଣି ତଳେ ଚାପିହୋଇଯାଇଥିଲେ। ଖବର ପାଇ ପୋଲିସ ବିସ୍ଫୋରଣ ସ୍ଥଳକୁ ଯାଇ ଉଦ୍ଧାର କାର୍ଯ୍ୟ ଚଳାଇଥିଲା, ଯାହାକି ବିଳମ୍ବିତ ରାତି ଯାଏ ଜାରି ରହିଥିଲା। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ୧୮ ଶ୍ରମିକଙ୍କ ମୃତଦେହ ଠାବ ହୋଇଥିବାବେଳେ ଅନ୍ୟମାନଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଚାଲିଛି ବୋଲି ମେଘାଳୟ ପୋଲିସ ମହାନିର୍ଦ୍ଦେଶକ ଆଇ. ନୋଙ୍ଗରାଙ୍ଗ୍ କହିଛନ୍ତି। ପ୍ରଥମେ ୪ ଓ ପରେ ୧୦ ଜଣଙ୍କ ପ୍ରାଣହାନି ଘଟିଥିବା ଅନୁମାନ କରାଯାଉଥିଲା। କିନ୍ତୁ ମୃତ୍ୟୁସଂଖ୍ୟା ୧୮ରେ ପହଞ୍ଚିଛି। ପ୍ରକୃତ ମୃତ୍ୟୁସଂଖ୍ୟା ଉଦ୍ଧାର କାର୍ଯ୍ୟ ଶେଷରେ ସ୍ପଷ୍ଟ ହେବ ବୋଲି ସେ ସୂଚନା ଦେଇଛନ୍ତି। ବିସ୍ଫୋରଣରେ ଆହତ ଜଣେ ବ୍ୟକ୍ତିଙ୍କୁ ସୁତ୍‌ଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ଶିଲଂ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଇଷ୍ଟ ଜୟନ୍ତିଆ ହିଲ୍ସ ଏସ୍‌ପି ବିକାଶ କୁମାର କହିଛନ୍ତି। ବିସ୍ଫୋରଣର ପ୍ରକୃତ କାରଣ ନେଇ ତଦନ୍ତ କରାଯାଉଛି ବୋଲି ସେ ସୂଚନା ଦେଇଛନ୍ତି। ଇତିମଧ୍ୟରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍), ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍) ଏବଂ ସ୍ପେଶିଆଲ ରେସ୍କ୍ୟୁ ଟିମ୍ ତଲାସି ଓ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ସ୍ଥାନୀୟ ଲୋକେ କହିଛନ୍ତି, ଖଣିରେ ନିୟୋଜିତ ଅଧିକାଂଶ ଶ୍ରମିକ ହେଉଛନ୍ତି ଦିନ ମଜୁରିଆ। ସେମାନେ ଆସାମ ଓ ନେପାଳ ☞ପୃଷ୍ଠା-୨

# ସବୁ ତହସିଲରେ ଖୋଲିଲା ସବ୍-ରେଜିଷ୍ଟ୍ରାର ଅଫିସ

## ୫୭ ଉପନିବନ୍ଧନ କାର୍ଯ୍ୟାଳୟ ଉଦ୍‌ଘାଟନକଲେ ମୁଖ୍ୟମନ୍ତ୍ରୀ

## ‘ଆମ ସାଥୀ’ ହ୍ୱାଟ୍ସଆପ୍ ବଟ୍ ବ୍ୟବସ୍ଥା ଲୋକାର୍ପିତ

ଭୁବନେଶ୍ୱର,୫।୨(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ରାଜ୍ୟର ୧୭ ଜିଲାର ୫୬ଟି ତହସିଲରେ ୫୭ଟି ନୂଆ ସବ୍-ରେଜିଷ୍ଟ୍ରାର (ଉପନିବନ୍ଧନ) କାର୍ଯ୍ୟାଳୟର ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ରାଜ୍ୟର ସମସ୍ତ ୩୧୭ଟି ତହସିଲରେ ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହୋଇଛି। ଏଥିରେ କଟକ ତହସିଲ ଅଧୀନରେ ଗୋଟିଏ ଅତିରିକ୍ତ ସବ୍ ରେଜିଷ୍ଟ୍ରେଶନ କାର୍ଯ୍ୟାଳୟ ମଧ୍ୟ ରହିଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ପୂର୍ବରୁ ଜମିଜମା ସଂକ୍ରାନ୍ତୀୟ କାମ ପାଇଁ ଲୋକଙ୍କୁ ଜିଲା ମୁଖ୍ୟାଳୟକୁ ଯିବାକୁ ପଡୁଥିଲା। ଏଥିଲାଗି ସଂକଳ୍ପ ନିଆଯାଇଥିଲା ଲୋକେ ସରକାରଙ୍କ ପାଖକୁ ଆସିବେ ନାହିଁ, ବରଂ ସରକାର ଲୋକମାନଙ୍କ ନିକଟକୁ ଯିବେ। ସେଥିଲାଗି ସବୁ ତହସିଲରେ ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟ କାର୍ଯ୍ୟକ୍ଷମକରି ଏ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସ୍ଥାପନ କରାଯାଇଛି। ଉଭୟ ତହସିଲ ଓ ରେଜିଷ୍ଟ୍ରାର କାର୍ଯ୍ୟାଳୟ ଉତ୍ତମ ସମନ୍ୱୟ ରଖି କାର୍ଯ୍ୟକରିପାରିବେ ଓ ରେଜିଷ୍ଟ୍ରେଶନ ପରେ ମ୍ୟୁଟେଶନ ପଟ୍ଟା ସହଜରେ ହେବା ସହ ରେଜିଷ୍ଟ୍ରେଶନ କ୍ଷେତ୍ରରେ ପାରଦର୍ଶିତା ବଢ଼ିବା ସାଙ୍ଗକୁ ମଧ୍ୟସ୍ଥଙ୍କ ହସ୍ତକ୍ଷେପ ରହିବ ନାହିଁ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜସ୍ୱ ସେବା ପ୍ରଦାନ ପାଇଁ କାର୍ଯ୍ୟକ୍ଷମ ଥିବା ହ୍ୱାଟ୍ସଆପ୍ ଚାଟ୍‌ବଟ୍‌ରେ ଆଉ ୧୧ଟି ପ୍ରମୁଖ ରାଜସ୍ୱ ସେବାକୁ ସାମିଲ କରିଥିଲେ। ଏଣିକି ଜନସାଧାରଣ ୯୪୩୭୨ ୯୨୦୦୦ ନମ୍ବର ଜରିଆରେ ମ୍ୟୁଟେଶନ କେସ୍, କୃଷି ଜମି କିସମ ପରିବର୍ତ୍ତନ, ବାସିନ୍ଦା ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ଜନଜାତି ପ୍ରମାଣପତ୍ର, ଓବିସି ପ୍ରମାଣପତ୍ର, ଏସ୍ଇବିସି ପ୍ରମାଣପତ୍ର, ଲିଗାଲ ଏଆର ପ୍ରମାଣପତ୍ର, ଇନ୍‌କମ୍ ଆଣ୍ଡ ଆସେଟ୍ସ ପ୍ରମାଣପତ୍ର, ଗାଡିଆନଶିପ୍ ପ୍ରମାଣପତ୍ର ଭଳି ୧୧ଟି ଗୁରୁତ୍ୱପୂର୍ଣ୍ଣ ସେବା ପାଇଁ ତହସିଲ କାର୍ଯ୍ୟାଳୟ ନ ଯାଇ ହ୍ୱାଟ୍ସଆପ୍ ନମ୍ବର ମାଧ୍ୟମରେ ଦରଖାସ୍ତକରି ପାଇପାରିବେ। ସେବା କ୍ଷେତ୍ରରେ ସଂସ୍କାର ଆଣି ରାଜସ୍ୱ ପ୍ରଶାସନ ଏହାକୁ ସରଳ ଓ ବ୍ୟବସ୍ଥିତ କରିଥିବାରୁ ମୁଖ୍ୟମନ୍ତ୍ରୀ ବିଭାଗୀୟ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସମେତ ବିଭାଗକୁ ଧନ୍ୟବାଦ ଦେଇଥିଲେ। ଭାଗଚାଷୀଙ୍କ ଆଇନଗତ ଅଧିକାର ନ ଥିବାରୁ ସେମାନେ ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ହେଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଭାଗଚାଷୀ ଓ ଜମି ମାଲିକଙ୍କୁ ଆଇନଗତ ସୁରକ୍ଷା ଦିଆଯିବା ସହିତ ଯେପରି ଉଭୟଙ୍କ ସ୍ୱାର୍ଥ ରକ୍ଷା ହେବ ସେ ଦିଗରେ ଆଇନ ଆଣିବା ପାଇଁ ବିଭାଗୀୟ ମନ୍ତ୍ରୀଙ୍କୁ ଏହି ଅବସରରେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ରାଜସ୍ୱ ମନ୍ତ୍ରୀ ପୂଜାରୀ କହିଛନ୍ତି, ନୀତିଗତ ଭାବେ ସବୁ ତହସିଲରେ ଉପନିବନ୍ଧନ କାର୍ଯ୍ୟାଳୟ ଖୋଲିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ଥିଲେ। ଗତବର୍ଷ ନଭେମ୍ବରରେ ରାଜ୍ୟର ୧୩ ଜିଲାର ୪୪ଟି ତହସିଲରେ ଉପନିବନ୍ଧନ କାର୍ଯ୍ୟାଳୟ ଖୋଲାଯାଇଥିଲା। ଅବଶିଷ୍ଟ ୧୭ ଜିଲାର ୫୬ଟି ତହସିଲରେ ୫୭ଟି ଉପନିବନ୍ଧନ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ କରାଗଲା। ଆଗାମୀ ଦିନରେ ସେବା ମିଳିବାରେ ବିଳମ୍ବ ହେଲେ ସେ ସମ୍ପର୍କିତ ଅଭିଯୋଗ ହ୍ୱାଟ୍ସଆପ୍ ଜରିଆରେ ☞ପୃଷ୍ଠା-୨

# ଦେଓରଞ୍ଜନଙ୍କୁ ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ଦାୟିତ୍ୱ, ବିଷ୍ଣୁପଦଙ୍କୁ ବନ ନିଗମ ସହ କେବିକେ

## ସଚିବସ୍ତରରେ ଅଦଳବଦଳ

ଭୁବନେଶ୍ୱର,୫।୨(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁବାର ସଚିବସ୍ତରରେ ବଡ଼ଧରଣର ଅଦଳବଦଳ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଉନ୍ନୟନ ଆୟୁକ୍ତ ତଥା ଯୋଜନା ଓ ସଂଯୋଜନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଏସିଏସ୍) ଦେଓରଞ୍ଜନ କୁମାର ସିଂଙ୍କୁ ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ଅତିରିକ୍ତ ମୁଖ୍ୟ ସଚିବ ସୁରେନ୍ଦ୍ର କୁମାରଙ୍କୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ମୂଳ ଦାୟିତ୍ୱ ସହିତ ☞ପୃଷ୍ଠା-୨

ଆଜିର ସମ୍ପାଦକୀୟ
ଟିକା ବିରୋଧୀ ଦୃଷ୍ଟିକୋଣ

# ୭ ଜିଲାର ଇଂଲିଶ ବନାନ ବଦଳିବ

## ଓଡ଼ିଆ ଅସ୍ମିତାକୁ ସରକାରଙ୍କ ଗୁରୁତ୍ୱ

## କଟକକୁ ବାଦ୍ ଦେବା ନେଇ ଅସନ୍ତୋଷ

ଭୁବନେଶ୍ୱର,୫।୨(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଆ ଅସ୍ମିତାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ୭ ଜିଲା ସମେତ ୨୪ଟି ସ୍ଥାନର ଇଂଲିଶ୍ ନାମ ପରିବର୍ତ୍ତନ କରାଯିବ। ପୂର୍ବରୁ ଇଂଲିଶରେ ଯେଉଁ ସ୍ପେଲିଂ ଶବ୍ଦ ତଥା ଉଚ୍ଚାରଣ ରହିଥିଲା ତାହା ଏବେ ଓଡ଼ିଆର ବାସ୍ତବ ନାମ ଅନୁସାରେ ଉଲ୍ଲେଖ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏ ସଂକ୍ରାନ୍ତରେ ରାଜସ୍ୱ ବିଭାଗ ପକ୍ଷରୁ ଗୁରୁବାର ଏକ ଡ୍ରାଫ୍ଟ ପବ୍ଲିକ ନୋଟିସ ଜାରି କରାଯାଇଛି। ଯଦି ଏହାକୁ ନେଇ କୌଣସି ବ୍ୟକ୍ତିବିଶେଷ କିମ୍ବା ଅନୁଷ୍ଠାନର କିଛି ଆପତ୍ତି ଓ ସୁଚିନ୍ତିତ ପରାମର୍ଶ ଥାଏ ତେବେ ସେ ବିଜ୍ଞପ୍ତିର ୧୫ଦିନ ମଧ୍ୟରେ ସରକାରଙ୍କ ନିର୍ଦ୍ଦିଷ୍ଟ ଫର୍ମାଟରେ ଜଣାଇବାକୁ କୁହାଯାଇଛି।

ରାଜସ୍ୱ ବିଭାଗ ପକ୍ଷରୁ ଜାରି ଚିଠା ବିଜ୍ଞପ୍ତି ଅନୁଯାୟୀ, ରାଜ୍ୟର ୭ଟି ଜିଲାର ଇଂଲିଶ ନାଁ ସଂଶୋଧନ କରାଯାଇ ଓଡ଼ିଆରେ ନାମକରଣ ହେବ। ସେଥିମଧ୍ୟରେ ଦେବଗଡ଼, ଖୋର୍ଦ୍ଧା, ଅନୁଗୋଳ, ବାଲେଶ୍ୱର, କେନ୍ଦ୍ରାପଡ଼ା, କେନ୍ଦୁଝର ଓ ନୟାଗଡ଼ ରହିଛି। ତେବେ ପୂର୍ବରୁ ଦେବଗଡ଼କୁ ଇଂଲିଶରେ Deogarh (ଦେଓଗର) ଉଲ୍ଲେଖ ରହିଥିବାବେଳେ ଏବେ ଏହା ସମ୍ପୂର୍ଣ୍ଣ ଭାବେ ଦେବଗଡ଼, Khurda (ଖୁର୍ଦା) ବଦଳରେ ଖୋରଧା, Angul (ଅନୁଗୁଳ) ବଦଳରେ ଅନୁଗୋଳ, Balasore ☞ପୃଷ୍ଠା-୨

SIKSHA 'O' ANUSANDHAN
SAAT-2026
Empowering students for a brighter future
B.TECH PROGRAMMES IN CORE COMPUTING
- Computer Science and Engineering
- Computer Science and Information Technology
APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes
NIRF INDIA RANKINGS 2025
- 15th Best in University Category
- 22nd Best in Engineering Category
INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026
To apply for admission through SAAT, Please visit: www.soa.ac.in

# ଓଟଙ୍କୁ ମିଳିବ ପାସ୍‌ପୋର୍ଟ

## ସାଉଦି ସରକାରଙ୍କ ନିଷ୍ପତ୍ତି

ରିଆଦ୍,୫।୨

ଓଟଙ୍କୁ ନେଇ ସାଉଦି ଆରବ ସରକାର ଏଭଳି ଏକ ନିଷ୍ପତ୍ତି ନେଇଛନ୍ତି, ଯାହାକି ସାରା ଙ୍କ ପକ୍ଷରୁ ପାସ୍‌ପୋର୍ଟ ଦିଆଯିବ। ପାରମ୍ପରିକ ଏବଂ ଅର୍ଥନୈତିକ ଦୃଷ୍ଟିରୁ ସାଉଦି ସାମ୍ରାଜ୍ୟରେ ଓଟଙ୍କୁ ନେଇ ରହିଆସିଥିବା ପ୍ରାଧାନ୍ୟକୁ ଗୁରୁତ୍ୱ ଦେବା ସହିତ ସେମାନଙ୍କ ପରିଚାଳନା ଏବଂ କ୍ରୟ-ବିକ୍ରୟ କ୍ଷେତ୍ରରେ ଆହୁରି ସୁବିଧା ହାସଲ କରିବା ପାଇଁ ଓଟଙ୍କୁ ପାସ୍‌ପୋର୍ଟ ଦିଆଯିବ ବୋଲି ସେଠାକାର ସରକାର କହିଛନ୍ତି। ଏଥିପାଇଁ ସାଉଦି ଆରବର ପରିବେଶ, ଜଳ ଏବଂ କୃଷି ମନ୍ତ୍ରଣାଳୟ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ଉଲ୍ଲେଖଯୋଗ୍ୟ, ଆରବ ସାମ୍ରାଜ୍ୟରେ ଅନେକ ହଜାର ବର୍ଷ ଧରି ଓଟଙ୍କ ଭୂମିକା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ରହିଆସିଛି। ୨୦୨୧ରେ ଏ ସମ୍ପର୍କରେ ପ୍ରକାଶ ପାଇଥିବା ଏକ ଗବେଷଣାତ୍ମକ ତଥ୍ୟ ଅନୁସାରେ ପ୍ରାୟ ୭ ହଜାର ବର୍ଷ ତଳୁ ସାଉଦି ଅଞ୍ଚଳରେ ଓଟଙ୍କ ଚଳପ୍ରଚଳ ରହିଆସିଛି।



ପରିବହନ ବ୍ୟତୀତ ଓଟ ଏଠାକାର ଲୋକଙ୍କ ସମ୍ପତ୍ତି ଏବଂ ପାରିବାରିକ ସ୍ଥିତିକୁ ସୂଚାଇବାରେ ବିଶେଷ ମହତ୍ୱ ବହନ କରିଥାଏ। ଏଥିପାଇଁ ଅନ୍ୟ ଯେକୌଣସି ଜିନିଷ ତୁଳନାରେ ଏଠାରେ ଓଟଙ୍କୁ ସର୍ବାଧିକ ପ୍ରାଧାନ୍ୟ ଦିଆଯାଏ। ସାଉଦି ରାଜାଙ୍କ ପକ୍ଷରୁ ପ୍ରତିବର୍ଷ ଏଠାରେ ସୁନ୍ଦର ଓଟ ପ୍ରତିଯୋଗିତା ଆୟୋଜନ କରାଯାଏ ଏବଂ ଯେଉଁ ଓଟ ସର୍ବଶ୍ରେଷ୍ଠ ବିବେଚିତ ହୋଇ ପୁରସ୍କୃତ ହୁଏ, ତାହାକୁ ଅନେକ ଲକ୍ଷ ଡଲାରରେ ବିକ୍ରି କରାଯାଏ। ଓଟଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବା ମଧ୍ୟ ଏଠାକାର ସାମାଜିକ ଦିଗର ଅନ୍ୟତମ ମୁଖ୍ୟ ବିଷୟ। ଓଟଙ୍କୁ ଅଯଥାରେ ରାସାୟନିକ ସୌନ୍ଦର୍ଯ୍ୟ ସାମଗ୍ରୀରେ ସଜାଇବା କିମ୍ବା ସେମାନଙ୍କ ଶରୀରରେ ପ୍ଲାଷ୍ଟିକ୍ ଜିନିଷ ବ୍ୟବହାର କରିବା ବେଆଇନ। ୨୦୨୪ ସୁଦ୍ଧା ସାଉଦି ଆରବରେ ରହୁଥିବା ଓଟଙ୍କ ସଂଖ୍ୟା ୨୦ ଲକ୍ଷ ୨୦ ହଜାର ଏବଂ ଓଟ ମାଲିକଙ୍କ ସଂଖ୍ୟା ଅନ୍ୟୂନ ୮୦ ହଜାର ରହିଛି। ☞ପୃଷ୍ଠା-୨

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ପ୍ରଧାନମନ୍ତ୍ରୀଙ୍କ ପରୀକ୍ଷା ପେ ଚର୍ଚ୍ଚା ଅନୁଷ୍ଠିତ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, ୟୁନିଟ୍ ୧, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା କଂଗ୍ରେସ କମିଟି ପକ୍ଷରୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାକୁ ପୁନଃ ସ୍ଥାପନ ପାଇଁ ଜିଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ, ସ୍ଥାନ: ଏଡିଏମ୍ ଅଫିସ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସିଆଇଟିୟୁ ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରମିକ ଭବନ, ୟୁନିଟ୍ ୩, ସମୟ: ପୂର୍ବାହ୍ନ ୧୧ଟା।
- ଫାଇଭ୍ ଷ୍ଟାର ଫିଲ୍ମ ଆୱାର୍ଡ 'ଏଥର ସ୍ୱପ୍ନର ସହର ଲଣ୍ଡନରେ', ସ୍ଥାନ: ଇଭସ୍ ଆଲ୍‌କେମି ସେଲ୍ସ ଗ୍ୟାଲେରୀ, ରଘୁନାଥପୁର, ସମୟ: ମଧ୍ୟାହ୍ନ ୧୨ଟା।
- ନିଖିଳ ଓଡ଼ିଆ ଉଦ୍ୟାନ ସାଥୀ ସଂଘ ପକ୍ଷରୁ ବାର୍ଷିକ ଅଧିବେଶନ, ସ୍ଥାନ: ବୁଦ୍ଧମନ୍ଦିର ସମ୍ମିଳନୀ କକ୍ଷ, ସମୟ: ମଧ୍ୟାହ୍ନ ୧୨ଟା।
- ଆଇଟି ପକ୍ଷରୁ ୫୧ତମ ନ୍ୟାଶନାଲ ଥିଏଟର୍ ଫେଷ୍ଟିଭାଲ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ହିନ୍ଦୁସ୍ତାନୀ ସଙ୍ଗୀତ ସଭା ପକ୍ଷରୁ କ୍ଲାସିକାଲ୍ ମ୍ୟୁଜିକ୍ କନ୍‌ସର୍ଟ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ୩୦।
- ଧଉଳି କଳିଙ୍ଗ ମହୋତ୍ସବ, ସ୍ଥାନ: ଶାନ୍ତି ବିହାର, ଧଉଳି ଶାନ୍ତିସ୍ତୁପ, ସମୟ: ସନ୍ଧ୍ୟା ୬ଟା ୩୦।
- ଲାବଣ୍ୟ ଥିଏଟର୍ ସଂସ୍ଥା ପକ୍ଷରୁ 'ଲାବଣ୍ୟ ନାଟ୍ୟ ମହୋତ୍ସବ' ଉପଲକ୍ଷେ ନାଟକ ବାଉଁଶ ଠେଙ୍ଗାରେ ସ୍ୱାଧୀନତା, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ୩୦ତମ ବାର୍ଷିକ ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ବାଲିଅନ୍ତା ବ୍ଲକର ଭିଙ୍ଗାରପୁରସ୍ଥିତ ଦୁର୍ଗାମଣ୍ଡପ ପରିସର, ସମୟ: ସନ୍ଧ୍ୟା ୭ ଟା।

**କଟକ**

- ପିଏମ୍ ବିଶ୍ୱକର୍ମା ହିତାଧିକାରୀଙ୍କ ବାଣିଜ୍ୟ ମେଳାର ଦ୍ୱିତୀୟ ଦିବସ, ସ୍ଥାନ: ଟେନିସ ପଡ଼ିଆ, ବଡ଼ମ୍ବା, ସମୟ: ଅପରାହ୍ନ ୪ଟା ୩୦।
- ଚତୁର୍ଦ୍ଦଶ ଶିଶିର ମେଳାର ଦ୍ୱିତୀୟ ଦିବସ, ସ୍ଥାନ: ବାଲିଯାତ୍ରା ଉପର ପଡ଼ିଆ, ସମୟ: ଅପରାହ୍ନ ୫ଟା।
- ଜିଲା ପ୍ରଶାସନ ପକ୍ଷରୁ ସ୍ୱଦେଶୀ ଓ ସୁଭଦ୍ରା ଶକ୍ତିମେଳା ଉଦ୍‌ଘାଟନ, ସ୍ଥାନ: ବାଲିଯାତ୍ରା ଉପର ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ବର୍ଣ୍ଣ ପରିଚୟ ଓ ତିନି ତପସ୍ୱୀ ପୁସ୍ତକ ଉନ୍ମୋଚନ ଉତ୍ସବ, ସ୍ଥାନ: ଶ୍ରୀରାମ ଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।

**ଖୋର୍ଦ୍ଧା**

- ଲବଣଗିରି ସରକାରୀ ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ଲବଣଗିରି, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସ ପକ୍ଷରୁ ବିକ୍ଷୋଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା ୩୦।

**ପୁରୀ**

- ସେବାୟତ କ୍ରିକେଟ ଲିଗ୍, ସ୍ଥାନ: ଶ୍ରୀଜଗନ୍ନାଥ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବାଲୁଖଣ୍ଡ, ପୁରୀ ସଦର, ସମୟ: ସକାଳ ୯ଟା।
- ସୁଧା ପକ୍ଷରୁ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ସଂସ୍କୃତି ଭବନ, ସମୟ: ସକାଳ ୯ଟା ୩୦।
- ଭାରତୀୟ ସଂସ୍କୃତି, ଜ୍ୟୋତିଷ ଓ ବାସ୍ତୁଶାସ୍ତ୍ର ସମ୍ପର୍କିତ ଆନ୍ତର୍ଜାତିକ ସମ୍ମିଳନୀ, ସ୍ଥାନ: ଶ୍ରୀସଦାଶିବ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭାରତୀୟ ମଜଦୁର ସଂଘର ବୈଠକ, ସ୍ଥାନ: ବଗଲା ଧର୍ମଶାଳା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଦ୍ୟାର୍ଥୀ ଜାଗରଣ ଅଭିଯାନ, ସ୍ଥାନ: ମଧୁବନ ସରସ୍ୱତୀ ଶିଶୁ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ଶାକାହାରୀ ଶୋଭାଯାତ୍ରା, ସ୍ଥାନ: ଗୁଣ୍ଡିଚା ମନ୍ଦିର ନିକଟ, ସମୟ: ଅପରାହ୍ନ ୩ଟା।
- ଭାରତ ସ୍କାଉଟ୍ ଓ ଗାଇଡ୍‌ର ଜିଲାସ୍ତରୀୟ ଶିବିର, ସ୍ଥାନ: ଭୋଳାନାଥ ବିଦ୍ୟାପୀଠ, ସମୟ: ଅପରାହ୍ନ ୫ଟା।

**ବାଲେଶ୍ୱର**

- ବାର୍ଷିକ ଉତ୍ସବ, ସ୍ଥାନ: ହୀରାପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ, ରୂପ୍‌ସା, ସମୟ: ପୂର୍ବାହ୍ନ ୧୦ଟା।
- ବିବେକାନନ୍ଦ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ମାର୍କୋଣା, ସିମୁଳିଆ, ସମୟ: ପୂର୍ବାହ୍ନ ୧୧ଟା।
- ଯୁବ ମହୋତ୍ସବ ଏବଂ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ସମାରୋହ–ଉତ୍କର୍ଷର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ହରିପ୍ଲାଜା, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ୧୫ତମ ରୂପ୍‌ସା ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟା, ସ୍ଥାନ: ପୋଡାଡିହା ମହୋତ୍ସବ ପଡ଼ିଆ, ରୂପ୍‌ସା, ସମୟ: ସନ୍ଧ୍ୟା ୬ଟା।

**ବ୍ରହ୍ମପୁର**

- ବୈଦେହୀ ସାଂସ୍କୃତିକ ଅନୁଷ୍ଠାନର ବାର୍ଷିକ ଉତ୍ସବ, ସ୍ଥାନ: ଗୋପାଳକୃଷ୍ଣ ରଙ୍ଗମଞ୍ଚ, ସମୟ: ପୂର୍ବାହ୍ନ ୧୦ଟା।

**ଗଞ୍ଜାମ**

- ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ, ସ୍ଥାନ: ବୁଗୁଡ଼ା ଶିକ୍ଷାକେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବୁଦ୍ଧଗିରି ବିଦ୍ୟାପୀଠର ବାର୍ଷିକ ଉତ୍ସବ, ସ୍ଥାନ: ବୀରଧନଞ୍ଜୟପୁର, ବୁଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ପିଏମ୍‌ଶ୍ରୀ ନୋଡାଲ ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ହାଇସ୍କୁଲ ପରିସର, ଜୟପୁର, ଆସିକା ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ବୀଣାପାଣି ନର୍ସରୀ ସ୍କୁଲର ୩୯ତମ ବାର୍ଷିକୋତ୍ସବ, ସ୍ଥାନ: ସ୍କୁଲ ପରିସର, ଦିଗପହଣ୍ଡି ଏନ୍‌ଏସି, ସମୟ: ଅପରାହ୍ନ ୫ଟା।

**କନ୍ଧମାଳ**

- ବରିଷ୍ଠ ନାଗରିକଙ୍କ ଆଇନଗତ ଅଧିକାର ଏବଂ ସୁରକ୍ଷା ଉପରେ କର୍ମଶାଳା, ସ୍ଥାନ: ଫୁଲବାଣୀ ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।

**ଢେଙ୍କାନାଳ**

- ଇଶୋ ବିଶ୍ୱକୁନ୍ତଳ ଶିଶୁ ଗୃହରେ ବାର୍ଷିକ ଉତ୍ସବ, ସ୍ଥାନ: ମହୁଲପଡା, ବଳଦିଆବନ୍ଧ, ସମୟ: ପୂର୍ବାହ୍ନ ୧୧ଟା।

**ଅନୁଗୋଳ**

- ଆଠମଲ୍ଲିକ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ପଞ୍ଚମ ଦିବସର ମ୍ୟାଚ, ସ୍ଥାନ: ଆଠମଲ୍ଲିକ ମିନି ଷ୍ଟାଡିୟମ ଖେଳପଡିଆ, ସମୟ: ଅପରାହ୍ନ ୩ଟା ୩୦।
- ବାର୍ଷିକ ଉତ୍ସବ ପାଳନ, ସ୍ଥାନ : ଆଠମଲ୍ଲିକ କେନ୍ଦ୍ରୀୟ ବିଦ୍ୟାଳୟ, ସମୟ: ଅପରାହ୍ନ ୪ଟା ୩୦।

**ଜଗତ୍‌ସିଂହପୁର**

- ଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ବୁଢ଼ୀ ଜାଗୁଲାଇ ପୀଠ, ଏରସମା, ସମୟ: ଅପରାହ୍ନ ୩ ଟା।
- ଆନ୍ତର୍ଜାତିକ ନାଟକ ମହୋତ୍ସବ ଭାରତ ରଙ୍ଗ ମହୋତ୍ସବର ଉଦ୍‌ଯାପନୀ ଏବଂ ମଞ୍ଚସ୍ଥ ହେବ ଓଡ଼ିଆ ନାଟକ ବେଗମ୍, ସ୍ଥାନ: ଜୟଦେବ ଭବନ, ବଡପଡିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**

- ଗଣିତ ବିଭାଗର ଆଲୋଚନା ଚକ୍ର, ସ୍ଥାନ: ପଟ୍ଟାମୁଣ୍ଡାଇ କଲେଜ, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୧ଟା।

**ଯାଜପୁର**

- ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଧର୍ମଶାଳା ବ୍ଲକ ଅଧୀନ ରାମପୁର କଇଥା, ସମୟ: ସକାଳ ୮ଟା।
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ରସୁଲପୁର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ୟାସ ସରୋବର ମେଳାର ନବମ ଦିବସରରେ ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: ବ୍ୟାସ ସରୋବର ପୀଠ ପରିସର, ସମୟ: ସନ୍ଧ୍ୟା ୭ଟା।

**ନୟାଗଡ଼**

- ଦ୍ୱାଦଶ ବାର୍ଷିକ ନବାହ୍ନ ପାରାୟଣ ମାନସ ପ୍ରବଚନ ଓ ଜ୍ଞାନଯଜ୍ଞର ୪ର୍ଥ ଦିବସରେ ସୂର୍ଯ୍ୟପୂଜା ସହ ସୀତାରାମ ବିବାହ, ପର୍ଶୁରାମ ଭେଟ, ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ, ସ୍ଥାନ:ଖଣ୍ଡପଡା ବ୍ଲକ ମର୍ଦ୍ଦରାଜପୁର ଶ୍ରୀ ଶ୍ରୀ ମୁଣ୍ଡିଆ ହନୁମାନ ପୀଠ ମୁକ୍ତିକ୍ଷେତ୍ର, ସମୟ: ପ୍ରାତଃ ୬ଟାରୁ ରାତି ୯ଟା।
- ଭୈମୀ ଏକାଦଶୀ ମେଳାର ନବମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସକାଳ ୭ଟା।

**ରାୟଗଡ଼ା**

- ମହଯୋଗୀ ଶ୍ରୀ ଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠାର ଚତୁର୍ବିଂଶତମ ବାର୍ଷିକ ଉତ୍ସବ, ସ୍ଥାନ – ଅରୋଶ୍ରୀ ବିହାର, ଗୁଣପୁର, ସମୟ: ସକାଳ ୯ଟା ୩୦।
- ଭୋଟର ତାଲିକା ସଂଯୋଗୀକରଣ କାର୍ଯ୍ୟକ୍ରମର ଜିଲାସ୍ତରୀୟ ସମୀକ୍ଷା ବୈଠକ, ସ୍ଥାନ: ବ୍ଲକ ସଦ୍‌ଭାବନା ଗୃହ, ରାୟଗଡ଼ା, ସମୟ: ମଧ୍ୟାହ୍ନ ୧୨ଟା।

**ନବରଙ୍ଗପୁର**

- ପରଜା ଦେଓପାଲି ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ତେନ୍ତୁଳିଖୁଣ୍ଟିସ୍ଥିତ ସ୍କୁଲ ପରିସର, ସମୟ, ପୂର୍ବାହ୍ନ ୧୧ଟା।
- ମାଘ ମଣ୍ଡେଇ ଯାତ୍ରା, ସ୍ଥାନ: କୋଷାଗୁମୁଡ଼ା, ସମୟ: ଅପରାହ୍ନ ୪ଟା।

**କୋରାପୁଟ**

- ପ୍ରଭାବିତ ଅଞ୍ଚଳବାସୀଙ୍କ ନ୍ୟାୟ ନେଇ ପ୍ରତିବାଦ, ସ୍ଥାନ: ନାଲ୍‌କୋ ମେନ୍ ଗେଟ୍, ସମୟ: ସକାଳ ୬ଟା।
- ଦିବ୍ୟାଙ୍ଗଙ୍କ କ୍ରୀଡା ଏବଂ ସାଂସ୍କୃତିକ ପ୍ରତିଯୋଗିତା, ସ୍ଥାନ: ସ୍ପୋର୍ଟସ କମ୍ପ୍ଲେକ୍ସ, ଜୟପୁର, ସମୟ: ସକାଳ ୮ଟା।
- ଆଦିବାସୀ ପରିଚୟ ଓ କଳା ସଂସ୍କୃତି ନେଇ ଜାତୀୟସ୍ତରୀୟ ସେମିନାର, ସ୍ଥାନ: କୋଟସ ପରିସର, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ଦିବ୍ୟାଙ୍ଗଙ୍କ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଦିବ୍ୟାଙ୍ଗଙ୍କ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଶିବ ମନ୍ଦିର ନିକଟ ଖେଳପଡ଼ିଆ, ଦଶମନ୍ତପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ ପୂର୍ଣ୍ଣାହୁତି, ସ୍ଥାନ: ଶୁଣ୍ଡିପୁଟ ଗ୍ରାମ ମନ୍ଦିର ପରିସର, ସେମିଳିଗୁଡ଼ା ବ୍ଲକ୍, ସମୟ: ଅପରାହ୍ନ ୪ଟା।
- ଜିଲା ପର୍ଯ୍ୟଟନର ବିକାଶ ସମ୍ପର୍କିତ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୪ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସୁନାବେଡା–୧, ସମୟ: ସନ୍ଧ୍ୟା ୬ଟା।

**ସମ୍ବଲପୁର**

- ସାଥି ଅନୁଷ୍ଠାନର ପ୍ରସ୍ତୁତି ବୈଠକ, ସ୍ଥାନ: ଅଇଁଠାପାଲି ଛକସ୍ଥିତ ଡଲଫିନ ସଭାକକ୍ଷ, ସମୟ: ପୂର୍ବାହ୍ନ ୧୧ଟା
- ସୁଇଟ୍ ପକ୍ଷରୁ ଦୁଇଦିନିଆ ସାଇବର ସୁରକ୍ଷା କର୍ମଶାଳା, ସ୍ଥାନ : ସୁଇଟ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୧।
- ଜିଲା କ୍ରୀଡା ସଂଘ ପକ୍ଷରୁ ଜିଲାସ୍ତରୀୟ ସିନିୟର କ୍ରିକେଟ ଚୟନ ଶିବିର, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା ୩୦।
- କ୍ଷେତରାଜପୁର ମା' ବୈଷ୍ଣୋଦେବୀ ମନ୍ଦିର ଟ୍ରଷ୍ଟ ପକ୍ଷରୁ ବିଶାଳ ଜାଗରଣ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ : କ୍ଷେତରାଜପୁର ସ୍ଥିତ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ପରମାଣପୁର ଧନୁଯାତ୍ରା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପରମାଣପୁର ଗ୍ରାମ, ସମୟ : ସନ୍ଧ୍ୟା ୭ଟା।

**ବଲାଙ୍ଗୀର**

- ସ୍ୱାସ୍ଥ୍ୟ ଶିବିର ଏବଂ ଫାର୍ମା ଏକ୍ସପୋ, ସ୍ଥାନ: ସରକାରୀ ଆୟୁର୍ବେଦିକ କଲେଜ, ବଲାଙ୍ଗୀର, ସମୟ: ସକାଳ ୯ଟା।

**ରାଉରକେଲା**

- ପୋଲିସ ପ୍ରଶାସନ ପକ୍ଷରୁ ପ୍ରତିରକ୍ଷା କର୍ମଶାଳା, ସ୍ଥାନ: ପାନ୍ଥ ନିବାସ, ସେକ୍ଟର–୫, ସମୟ: ପୂର୍ବାହ୍ନ ୧୦ଟା।
- ସାହିତ୍ୟର ବ୍ୟାକରଣ ବ୍ୟବହାର ମାନ୍ୟତା, ସ୍ଥାନ: ସାହିତ୍ୟ ଶିଳ୍ପୀ ସମାଜ, ସେକ୍ଟର–୭, ସମୟ: ସନ୍ଧ୍ୟା ୬ଟା ୩୦।

**ବରଗଡ଼**

- ସାମୁହିକ ବ୍ରତ ପନୋୟନ, ସ୍ଥାନ: ରାଧାକୃଷ୍ଣ ମନ୍ଦିର, ହାଟପଦା, ବରଗଡ଼, ସମୟ: ସକାଳ ୮ଟା।

**କଳାହାଣ୍ଡି**

- ଏଆଇଏସ୍ଏଫ୍‌ର ରାଜ୍ୟସ୍ତରୀୟ ଛାତ୍ର ଅଧିକାର ବିକ୍ଷୋଭ, ସ୍ଥାନ: ଭବାନୀପାଟଣା ଅମଲା ଭବନ, ସମୟ: ପୂର୍ବାହ୍ନ ୧୦ଟା।

**ବୌଦ୍ଧ**

- ଜିଲାସ୍ତରୀୟ ପି ଏମ ଉତ୍ସବ ଉଦ୍‌ଯାପନ, ସ୍ଥାନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବୋଦ୍ଧ, ସମୟ: ଅପରାହ୍ନ ୨ଟା।।

**ସୁବର୍ଣ୍ଣପୁର**

- ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଓ ଚାଷୀଙ୍କ ସହିତ ଆଲୋଚନା, ସ୍ଥାନ: ସୋନପୁର କୃଷି ବିଜ୍ଞାନ କେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।

**ନୂଆପଡ଼ା**

- ବି ଓ ସି କ୍ଲାସ ଠିକାଦାର ସଂଘର ସାଧାରଣ ବୈଠକ, ସ୍ଥାନ: ବହୁମୁଖୀ ସମ୍ପ୍ରଦାୟ କେନ୍ଦ୍ର ନୂଆପଡା, ସମୟ: ଅପରାହ୍ନ ୧ଟା।

**ଝାରସୁଗୁଡ଼ା**

- ହନୁମାନଙ୍କ ପଞ୍ଚ ଉପଚାର ପୂଜା ଓ ଚାଳିଶା ପାଠ, ସ୍ଥାନ: ଝାରସୁଗୁଡ଼ା ସାହାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୮ଟା।

ପ୍ରଥମ ପୃଷ୍ଠାରୁ...




ଲୋକ ସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରିପୋର୍ଟ ବଟନ୍ ଚିପି 'ଆମ ସାଥୀ' ହ୍ୱାଟ୍ସଆପ୍ ବଟ୍‌ର ଶୁଭାରମ୍ଭ କରୁଛନ୍ତି।

## ସବୁ ତହସିଲରେ...

ପଠାଯିବାର ବ୍ୟବସ୍ଥା କରାଯାଉଛି। ଆଭାସି ମାଧ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲା ସଦର ମହକୁମା ଓ ବ୍ଲକ୍ ମୁଖ୍ୟାଳୟରେ ମନ୍ତ୍ରୀ, ଏମ୍‌ପି, ବିଧାୟକ ଓ ସରକାରୀ ପଦାଧିକାରୀମାନେ ଯୋଗଦେଇଥିଲେ। ଏହି ଅବସରରେ ଉନ୍ନୟନ କମିଶନର ଦେଓ ରଞ୍ଜନ କୁମାର ସିଂ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଇନ୍ସପେକ୍ଟର ଜେନେରାଲ (ରେଜିଷ୍ଟ୍ରେଶନ) ପି. ଅନ୍ୱେଷା ରେଡ୍ଡୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଦେଓରଞ୍ଜନଙ୍କୁ ଇସ୍ପାତ...

ସଂସଦୀୟ ବ୍ୟାପାର ବିଭାଗର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିବାବେଳେ ଦୀର୍ଘଦିନ ଧରି ଓଏସ୍‌ଡି ଭାବେ ରହିଥିବା ୧୯୯୫ ବ୍ୟାଚ୍‌ର ଆଇଏଏସ୍ ଅଫିସର ବିଷ୍ଣୁପଦ ସେଠୀଙ୍କୁ ଓଡ଼ିଶା ବନ ନିଗମ ଅଧ୍ୟକ୍ଷ ସହିତ କେବିକେ ମୁଖ୍ୟ ପ୍ରଶାସକ ଦାୟିତ୍ୱ ପ୍ରଦାନ କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ, ଏସିଏସ୍ ଚିତ୍ରା ଅରୁମୁଗମ୍‌ଙ୍କୁ ଶ୍ରମ ବିଭାଗର ମୂଳ ଦାୟିତ୍ୱ ସହିତ ବିଜ୍ଞାନ କାରିଗରୀ, ଗୋପବନ୍ଧୁ ଏକାଡେମୀର ମହାନିର୍ଦ୍ଦେଶକ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିବାବେଳେ ଏସିଏସ୍ ଡ. ଅରବିନ୍ଦ କୁମାର ପାଢ଼ୀଙ୍କୁ ରାଜସ୍ୱ ବିଭାଗର ମୂଳ ଦାୟିତ୍ୱ ସହିତ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅତିରିକ୍ତ ଦାୟିତ୍ୱ ଏବଂ ଏସିଏସ୍ ଉଷା ପାଢ଼ୀଙ୍କୁ ନଗର ଉନ୍ନୟନ ବିଭାଗ ମୂଳ ଦାୟିତ୍ୱ ସହିତ ଇଡ୍‌କୋ ଅଧ୍ୟକ୍ଷ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠଙ୍କୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗକୁ ବଦଳି କରାଯାଇଥିବାବେଳେ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମାଙ୍କୁ ଜଳସମ୍ପଦ ବିଭାଗ ଦାୟିତ୍ୱ ପ୍ରଦାନ କରାଯାଇଛି। ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗର ମୂଳ ଦାୟିତ୍ୱ ସହିତ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ପ୍ରଦାନ କରାଯାଇଥିବାବେଳେ ପଞ୍ଚାୟତିରାଜ ବିଭାଗ ସଚିବ ଗିରୀଶ ଏସ୍.ଏନ୍.ଙ୍କୁ ଓଡ଼ିଶା ଖଣି ନିଗମର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏହାସହିତ ଡ. ମୃଣାଳିନୀ ଦର୍ଶଓ୍ୱାଲଙ୍କୁ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ସଚିବ ଭାବେ ନିଯୁକ୍ତ କରାଯାଇଥିବାବେଳେ ରାଜେଶ ପ୍ରଭାକର ପାଟିଲଙ୍କୁ ସମବାୟ ବିଭାଗ ସଚିବ ମୂଳ ଦାୟିତ୍ୱ ସହିତ ଓଡ଼ିଶା ବିପଣନ ନିଗମ ଅଧ୍ୟକ୍ଷ ଏବଂ ସ୍ୱତନ୍ତ୍ର ରିଲିଫ୍ କମିଶନର ସହ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଭାର ଦିଆଯାଇଛି। ଅନୁରୂପ ଭାବେ ସଚିନ ରାମଚନ୍ଦ୍ର ଯାଦବଙ୍କୁ କୃଷି ବିଭାଗ ସଚିବ ଦାୟିତ୍ୱ ସହିତ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ଅତିରିକ୍ତ ଦାୟିତ୍ୱ, ସୁଧାଂଶୁ ମୋହନ ସାମଲଙ୍କୁ ଓଡ଼ିଶା ଖଣିନିଗମ ପରିଚାଳନା ନିର୍ଦ୍ଦେଶକ ସହିତ କେନ୍ଦ୍ରାଞ୍ଚଳ ରେଭିନ୍ୟୁ ଡିଭିଜନାଲ କମିଶନର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିବାବେଳେ ରଶ୍ମିତା ପଣ୍ଡାଙ୍କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)ର ଉପାଧ୍ୟକ୍ଷ ମୂଳ ଦାୟିତ୍ୱ ସହିତ ଭୁବନେଶ୍ୱର ସ୍ମାର୍ଟସିଟି ପରିଚାଳନା ନିର୍ଦ୍ଦେଶକ ଏବଂ ନଗର ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ ଅତିରିକ୍ତ ଦାୟିତ୍ୱ ଏବଂ ମହମ୍ମଦ ସଦିକ୍ ଆଲାମଙ୍କୁ ସାଧାରଣ ଉଦ୍ୟୋଗ ବିଭାଗ ସଚିବ ଭାବେ ନିଯୁକ୍ତ କରାଯାଇଛି।

ମାନସୀ ନିମ୍ବଲଙ୍କୁ ମିଶନ ଶକ୍ତି ବିଭାଗ ସଚିବ, ପ୍ରେମଚନ୍ଦ୍ର ଚୌଧାରୀଙ୍କୁ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ସଚିବ, ଅନୁପମ ଶାହାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ମୂଳ ଦାୟିତ୍ୱ ସହିତ ଓଡ଼ିଶା ସେତୁ ନିର୍ମାଣ ନିଗମ ପରିଚାଳନା ନିର୍ଦ୍ଦେଶକ ଅତିରିକ୍ତ ଦାୟିତ୍ୱ ଏବଂ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ଦକ୍ଷିଣାଞ୍ଚଳ ଆରଡିସି ମୂଳ ଦାୟିତ୍ୱ ସହିତ ଉତ୍ତରାଞ୍ଚଳ ଆର୍‌ଡିସି ଏବଂ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି।

## ୭ ଜିଲାର ଇଂଲିଶ..

(ବାଲାସୋର) ପରିବର୍ତ୍ତେ ବାଲେଶ୍ୱର, Keonjhar (କେଓଁଝର) ବଦଳରେ କେନ୍ଦୁଝର, Nayagarh (ନୟାଗର) ସ୍ଥାନରେ ନୟାଗଡ଼ ଏବଂ Kendrapara (କେନ୍ଦ୍ରାପରା) ବଦଳରେ କେନ୍ଦ୍ରାପଡ଼ା ଉଲ୍ଲେଖ କରାଯିବ। ସରକାରଙ୍କ ବିଜ୍ଞପ୍ତି ଅନୁଯାୟୀ, ୧୧ଟି ଜିଲାରେ ସମୁଦାୟ ୨୪ଟି ସ୍ଥାନର ନାମ ପରିବର୍ତ୍ତନ କରାଯିବାକୁ ରହିଛି। ସେଥିମଧ୍ୟରେ ମାଲକାନଗିରି ଜିଲାର ପୋଡ଼ିଆ ବ୍ଲକ ବଦଳରେ ପଡ଼ିଆ ବ୍ଲକ ଉଲ୍ଲେଖ କରାଯିବାକୁ ରହିଥିବାବେଳେ ଦେବଗଡ଼ର ରିଆମାଳ, କନ୍ଧମାଳର ଖଣ୍ଡମାଳ ପରିବର୍ତ୍ତେ କନ୍ଧମାଳ, ଖୁରଦା ହେବ ଖୋରଧା, ବୋଲଗର ହେବ ବୋଲଗଡ଼, ବାନପୁର ହେବ ବାଣପୁର, ଜଟନୀ ହେବ ଜଟଣୀ, ଅନୁଗୁଲ ହେବ ଅନୁଗୋଳ, ପାଲଲହରା ହେବ ପାଲଲହଡା, ସାଲିପୁର ହେବ ସାଲେପୁର, ବରମ୍ବା ହେବ ବଡ଼ମ୍ବା, ନୀଲଗିରି ହେବ ନିଲଗିରି, ଅଉଲ ହେବ ଆଳି, କେନ୍ଦ୍ରାପରା ହେବ କେନ୍ଦ୍ରାପଡ଼ା, ମହାକାଲପରା ହେବ ମହାକାଳପଡ଼ା। ସେହିପରି ବଡ଼ବିଲ, କେନ୍ଦୁଝରଗଡ଼, ରେଢ଼ାଖୋଲ, ନୟାଗଡ଼ ଏବଂ ଦଶପଲ୍ଲାକୁ ନାମ ପରିବର୍ତ୍ତନ ହେବାକୁ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି।

ତେବେ କଟକ ଜିଲାର ଦୁଇଟି ସ୍ଥାନ ଯଥା ଆଠଗଡ଼ ଏବଂ ସାଲେପୁରର ଓଡ଼ିଆ ନାମକରଣ ହେଉଥିବାବେଳେ କଟକର ଇଂଲିଶ ନାମ କୁଟକକୁ କାହିଁକି ପରିବର୍ତ୍ତନ କରାଯିବା ତାଲିକାରେ ରଖାଗଲା ନାହିଁ ବୋଲି ଭାଷାପ୍ରେମୀଙ୍କ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଓଟଙ୍କୁ ମିଳିବ...

ଦେଶର ବିଭିନ୍ନ ଇଲାକାରେ ପରିବହନ କ୍ଷେତ୍ରରେ ଓଟମାନଙ୍କୁ ଉପଯୋଗ କରାଯାଉଛି। କିନ୍ତୁ ଏତେ ସଂଖ୍ୟକ ଓଟଙ୍କ ପରିଚାଳନା ଏବଂ ସେମାନଙ୍କ ମାଲିକାନାତ୍ୱକୁ ନେଇ ଅନେକ ସମୟରେ ସମସ୍ୟା ଉପୁଜୁଛି। ଏହାକୁ ଦୃଷ୍ଟିରେ ରଖି ଓଟ ପରିଚାଳନା ଦିଗର ସମସ୍ତ ଦିଗକୁ ସହଜ କରିବା ଲାଗି ସରକାର ପାସ୍‌ପୋର୍ଟ ବ୍ୟବସ୍ଥା କରିବାକୁ ଯାଉଛନ୍ତି ବୋଲି ଏଠାକାର ସରକାରୀ ଖବରଦାତା ସଂସ୍ଥା 'ଅଲ ଆକବରିୟା' କହିଛି। ଓଟଙ୍କୁ ଦିଆଯିବାକୁ ଥିବା ପାସ୍‌ପୋର୍ଟରେ ଏକ ମାଇକ୍ରୋଚିପ୍ ନମ୍ବର ରହିବ, ଯେଉଁଥିରେ ଚିହ୍ନଟ ପାଇଁ ବ୍ୟାପକ ତଥ୍ୟ ରହିବ। ପାସ୍‌ପୋର୍ଟ ନମ୍ବରଠାରୁ ଆରମ୍ଭ କରି ଓଟର ନାମ, ଜନ୍ମ ତାରିଖ, ଜନ୍ମ ସ୍ଥାନ, ରଙ୍ଗ, ପ୍ରଜାତି, ଲିଙ୍ଗ ଏବଂ ଫଟୋ ରହିବ। ଏହାବ୍ୟତୀତ ଠିକଣା ସମୟରେ ଓଟଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଟିକାକରଣ ହୋଇଛି କି ନାହିଁ ସେ ସମ୍ପର୍କିତ ତଥ୍ୟ ମଧ୍ୟ ପାସ୍‌ପୋର୍ଟରେ ରହିବ।

## ମେଘାଳୟ କୋଇଲା...

ସମେତ ମେଘାଳୟର ବିଭିନ୍ନ ଅଞ୍ଚଳରେ ବୁଲି କାମ କରନ୍ତି। ଏହି ଘଟଣା ପାଇଁ ଖନନ ବିରୋଧୀ କର୍ମୀ ଅଗ୍ନେସ୍ ଖର୍ଶିଙ୍ଗ୍ ସରକାର ଓ ଜିଲା କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି। ପୂର୍ବରୁ ଏଭଳି ଅନେକ ଥର ଘଟିସାରିଛି। ବାରମ୍ବାର ସତର୍କ କରାଯିବା ସତ୍ତ୍ୱେ କେହି ଶୁଣୁନାହାନ୍ତି। ଏହା ବିସ୍ଫୋରଣଜନିତ ମୃତ୍ୟୁ ନୁହେଁ, ବରଂ ହତ୍ୟା ବୋଲି ପୂର୍ବରୁ ଖଣି ମାଫିଆଙ୍କ ଆକ୍ରମଣର ଶିକାର ହୋଇଥିବା ଖର୍ଶିଙ୍ଗ୍ ଅଭିହିତ କରିଛନ୍ତି।

ମୁଖ୍ୟମନ୍ତ୍ରୀ କନରାଡ୍ ସାଙ୍ଗ୍‌ମା ମୃତକଙ୍କ ପରିବାରକୁ ୩ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବାକୁ ଘୋଷଣା କରିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିରୁ ୨ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ସେହିପରି ଆହତମାନଙ୍କୁ ମଧ୍ୟ ୫୦ ହଜାର ଟଙ୍କା ଲେଖାଏ ଦିଆଯିବ ବୋଲି ମୋଦି କହିଛନ୍ତି। ଖ୍ଲେହରିଅତ୍ ଥାନାରେ ଏନେଇ ଏକ ମାମଲା ରୁଜୁ ହୋଇଛି।

ପ୍ରକାଶ ଯେ, ମେଘାଳୟରେ କୋଇଲା ଓ ଅନ୍ୟ ଖଣିଗୁଡ଼ିକରେ ଚାଲିଥିବା ର୍‍ୟାଟ୍‌–ହୋଲ୍ ମାଇନିଂ ଉପରେ ୨୦୧୪ରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ନିଷେଧାଦେଶ ଜାରି କରିଥିଲେ। ପରିବେଶ ସୁରକ୍ଷା ଓ ଶ୍ରମିକଙ୍କ ନିରାପତ୍ତା ଦୃଷ୍ଟିରୁ ଏନ୍‌ଜିଟି ଏପରି ନିଷ୍ପତ୍ତି ନେଇଥିଲେ। ଏନ୍‌ଜିଟି ରାୟକୁ ସୁପ୍ରିମକୋର୍ଟ ମଧ୍ୟ ବଳବତ୍ତର ରଖିଥିଲେ। ଏହାସତ୍ତ୍ୱେ ବେଆଇନ ଖନନ ଚାଲିଥିବାରୁ ଏଭଳି ଘଟଣା ଘଟିଚାଲିଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଧରେ ତାହାର ମଧୁର ହାସ,**
**ମୋହି ହୁଅନ୍ତି ଦେଖିଣ ତ୍ରିଦଶ।**
**ଅତି ସୁକୁମାର କୋମଳ ତନୁ,**
**କଣ୍ଟକ ଭିତରେ ସେ ବାଳଭାନୁ।**

ରକ୍ତ ଗୋଲାପ ଫୁଲ ଅତି ସୁକୁମାର ବା କୋମଳ ହୋଇଥିବାବେଳେ ଗୋଲାପ ଗଛଟି କଣ୍ଟକଯୁକ୍ତ ହୋଇଥାଏ। ସେହିପରି ରକ୍ତ ଗୋଲାପ ଫୁଲ ସବୁରି ମନକୁ ମୋହିନେବାକୁ ସକ୍ଷମ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଣ୍ଟି ଛୁରି ତଣ୍ଟି କାଟେ।**

ବ୍ୟକ୍ତି ନିଜର ବ୍ୟବହାର ପାଇଁ ଛୁରିଟିକୁ ନିଜ ଅଣ୍ଟି ବା କମର ପାଖରେ ରଖି ଥାଏ।ଏହାଦ୍ୱାରା ସେ ନିଜକୁ ଅନେକ ବିପତ୍ତିରୁ ରକ୍ଷା କରିପାରିଥାଏ। ତେବେ ବେଳେବେଳେ ସେହି ଛୁରିଟି ତାଙ୍କର ଅନେକ କ୍ଷତିସାଧନ କରୁଥିବା ଭଳି ଅତି ଆତ୍ମୀୟ ଲୋକ ନିଜର ଅନେକ ଅପକାର ବା କ୍ଷତି କରିଥାନ୍ତି। ଆତ୍ମୀୟ ବ୍ୟକ୍ତିର ବିଶ୍ୱାସଘାତକତା ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ଆଜି ଶନିଙ୍କ ଦୃଷ୍ଟିରେ ଚନ୍ଦ୍ର ଥିବାରୁ ଉଦାସ ରହିପାରନ୍ତି ଏବଂ କାମ ସକାଶେ ନିରୁତ୍ସାହିତ ରହିବେ। ସନ୍ତାନଙ୍କ ବୈବାହିକ ସମ୍ବନ୍ଧ ସମ୍ପର୍କିତ ଆଲୋଚନା କରିପାରନ୍ତି। କିନ୍ତୁ ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। ଅସୁସ୍ଥତାବଶତଃ କେତେକ ଅତ୍ୟାବଶ୍ୟକ କାମଗୁଡିକ ସ୍ଥଗିତ ରହିଯିବାର ସୂଚନା ମଧ୍ୟ ରହିଛି।

**ବୃଷ**: କର୍ମକ୍ଷେତ୍ରସ୍ଥ ଗ୍ରହଙ୍କ ପ୍ରଭାବରୁ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଚେଷ୍ଟା କରୁଥିବା କାମରେ ସାହାଯ୍ୟ, ସହଯୋଗ ପାଇବା ସହ ସଫଳତା ମିଳିବ। ପାରିବାରିକ କ୍ଷେତ୍ରରେ ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରି ଅନୁତାପ କରିପାରନ୍ତି। ଅନ୍ୟମନସ୍କ ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ବ୍ୟତିକ୍ରମ ସୃଷ୍ଟି ହେବ।

**ମିଥୁନ**: ତୃତୀୟାଧିପତି ଅଷ୍ଟମଭାବସ୍ଥ ଯୋଗୁ ଭାଇ, ବନ୍ଧୁ କିମ୍ବା ସହକର୍ମୀଙ୍କ ସହ ମତାନ୍ତର ଘଟିପାରେ। ଆନୁଷ୍ଠାନିକ କାର୍ଯ୍ୟ କିମ୍ବା ମାଙ୍ଗଳିକ କାମ ସକାଶେ ପରିବାର ସହ ଆଲୋଚନା କରିପାରନ୍ତି। ଅର୍ଥନୈତିକ ଆଲୋଚନା, ଶିଳ୍ପ, ବାଣିଜ୍ୟ ଓ ନିର୍ମାଣ ସକାଶେ କୌଣସି ଅସୁବିଧା ହେବନାହିଁ। ଦୈହିକ ଦୁର୍ବଳତା ଲାଗିରହୁଥିବାରୁ ବ୍ୟସ୍ତତା ବୃଦ୍ଧି ପାଇପାରେ।

**କର୍କଟ**: ରାଶିକୁ ରବି ଓ ମଙ୍ଗଳଙ୍କ ଦୃଷ୍ଟିରୁ ଆଶା ଓ ଅଭିଳାଷର ପୂର୍ଣ୍ଣତା ମାନସିକ ଶାନ୍ତି ପ୍ରଦାନ କରିବ। ବନ୍ଧୁଙ୍କ ସହାନୁଭୂତି, ଶତ୍ରୁମାନଙ୍କ ଅଧୋଗତି, ବିବାଦର ଅବସାନ ପ୍ରଭୃତିରୁ ଆଶ୍ୱସ୍ତି ଅନୁଭବ କରିବେ। ଯାନବାହନଚାଳନା ସମୟରେ ସତର୍କତା ଅବଲମ୍ବନ କରିବା ଭଲ। ପରିବାର କିମ୍ବା ସମ୍ପର୍କୀୟଙ୍କ ସହ କଳହ ସୃଷ୍ଟି ହୋଇପାରେ।

**ସିଂହ**: ଆଜି ଦୂରଯାତ୍ରା,ପାରିବାରିକ ବ୍ୟୟବରାଦ,ସନ୍ତାନଙ୍କ ସମସ୍ୟା ଯୋଗୁ ଚିନ୍ତିତ ରହିପାରନ୍ତି। ପାରିବାରିକ ଜୀବନରେ ମଧ୍ୟ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ଦିନଟି ମନ୍ଦ ନୁହେଁ। ଆନୁଷ୍ଠାନିକ କାର୍ଯ୍ୟ, ବନ୍ଧୁମିଳନ ଓ ନୂତନ କର୍ମାରମ୍ଭ ପ୍ରୀତିପ୍ରଦ ହୋଇପାରେ।

**କନ୍ୟା**: ରବି ଓ ମଙ୍ଗଳଙ୍କ କୁପ୍ରଭାବରୁ ଭଲ କଥା କହିଲେ ମଧ୍ୟ ଅନ୍ୟମାନେ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। କଥାବାର୍ତ୍ତାରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି। ସ୍ୱାର୍ଥସାଧନାର ଆଶା ନ ଥିବାରୁ ନିଜ ଲୋକ ଦୂରେଇ ରହିବେ। ଆଜିର ବ୍ୟବସାୟିକ ସ୍ଥିତି, ନିର୍ମାଣ କାର୍ଯ୍ୟ, ବନ୍ଧୁଙ୍କ ସହ ଆଲୋଚନାରୁ ସୁଫଳ ପାଇବେ।

**ତୁଳା**: ଧନ ଏବଂ ଲାଭାଧିପତି କୋଣଭାବସ୍ଥ ଯୋଗୁ ଅର୍ଥସମ୍ପର୍କିତ ସମସ୍ୟାର ସମାଧାନ ହେବ। ଭୁଲ୍ ବୁଝାମଣାରୁ ଯୁକ୍ତିତର୍କଜନିତ ମତପାର୍ଥକ୍ୟ ପାରିବାରିକ ସୌହାର୍ଦ୍ଦ୍ୟକୁ ନଷ୍ଟ କରିପାରେ। ଆଜିର ସକାଳ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହିବା ଭଲ ହେବ। ଆନୁଷ୍ଠାନିକ କାମରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ।

**ବିଛା**: ରାଶ୍ୟାଧିପତି ଲାଭାଧିପତିଙ୍କ ସହିତ ଭାଗ୍ୟସ୍ଥାନକୁ ଦେଖୁଥିବାରୁ ଉଚ୍ଚ ସମ୍ମାନ ସହ ବହୁଜନ ପ୍ରଶଂସିତ ହେବେ। ପୁନଶ୍ଚ ଅର୍ଥଲାଭ ସହିତ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ହାସଲ କରିବେ। ଆଜିର ଖର୍ଚ୍ଚ ପରିମାଣ ଦିଗୁଣା ହୋଇପାରେ। ସାଧାରଣ ଘଟଣାକୁ କେନ୍ଦ୍ରକରି ଘରୋଇ କଳହଜନିତ ସାମୟିକ ବିତର୍କ ଲାଗିପାରେ।

**ଧନୁ**: କର୍ମସ୍ଥାନ ଶନି ଦୃଷ୍ଟିରେ ରହିଥିବାରୁ ପ୍ରତିଟି କ୍ଷେତ୍ରରେ ସଂଘର୍ଷମୟ ପରିସ୍ଥିତି ସହିତ ପ୍ରତିଯୋଗିତା ମନୋଭାବ ସୃଷ୍ଟିହେବ। ପାରିବାରିକ କ୍ଷେତ୍ରରେ ଅସୁବିଧା ଥିବାର ଅନୁଭବ କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ସମ୍ପର୍କ ବୃଦ୍ଧି, ପରିବହନରେ ଉନ୍ନତି, ବ୍ୟବସାୟିକ ଉତ୍କର୍ଷ ହେତୁ ଖୁସି ରହିବେ।

**ମକର**: ମଙ୍ଗଳଙ୍କ ସୁପ୍ରଭାବରେ ପରିସ୍ଥିତି ଯାହାହେଉନା କାହିଁକି ଆପଣଙ୍କ ଆଶା ପୂରଣରେ ପ୍ରତିବନ୍ଧକ ରହିବ ନାହିଁ। ବିବାଦୀୟ ପରିସ୍ଥିତି ଲାଗିରହିଥିବାରୁ ମାନସିକ ସ୍ଥିତି ଭଲ ରହିବନାହିଁ। ପରିବାରରେ ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ପ୍ରତ୍ୟାବର୍ତ୍ତନ ପଥରେ ବନ୍ଧୁଙ୍କ ସକାଶେ ଦୀର୍ଘସମୟର ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ।

**କୁମ୍ଭ**: ବୃହସ୍ପତିଙ୍କ ପ୍ରଭାବରେ ସମସ୍ୟା ରହିଥିଲେ ମଧ୍ୟ ଆତ୍ମୀୟତାର ସହ କାମକରି ପ୍ରଶଂସିତ ହେବେ। ବ୍ୟବସାୟରୁ ଶିଳ୍ପ, ବାଣିଜ୍ୟ ଓ ପରିବହନରୁ ଲାଭବାନ୍ ହେବେ। ପ୍ରତ୍ୟୁଷ ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଲକ୍ଷ୍ୟପୂରଣରେ ଅସୁବିଧା ରହିବ ନାହିଁ। ସାହିତ୍ୟରେ, ଆନୁଷ୍ଠାନିକ କ୍ଷେତ୍ରରେ ଶତଭିଷା ସମସ୍ୟାର ସମ୍ମୁଖୀନ ହେବେ।

**ମୀନ**: ଆଜି ମାପିଚୁପି କଥାବାର୍ତ୍ତା ନ କଲେ ସମ୍ମାନହାନି ଘଟିପାରେ। ଦୁଃସ୍ଥାନସ୍ଥ ବୁଧଜନିତ ପାରିବାରିକ ସମସ୍ୟା ସକାଶେ ବ୍ୟସ୍ତତା ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁନାହିଁ। ସାମାଜିକ ସ୍ତରରେ ବନ୍ଧୁଙ୍କ ସହଯୋଗ ଆଶା ନିରର୍ଥକ ହେବନାହିଁ ଏବଂ କାର୍ଯ୍ୟମଧ୍ୟ ଅଟକିବ ନାହିଁ।

ଆଜି ଫେବୃଆରୀ ୬ ତାରିଖ, ଫାଲ୍‌ଗୁନ କୃଷ୍ଣ ପଞ୍ଚମୀ ଶୁକ୍ରବାର। ରାଶି ନକ୍ଷତ୍ର ହସ୍ତା/କନ୍ୟା, ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୨୩ ଗତେ, ଘ.୦୭।୦୮ ମଧ୍ୟେ, ଘ.୦୭।୫୩ ଗତେ, ଘ.୦୯।୧୨ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୩୬ ଗତେ, ଘ.୧୨।୦୦ ମଧ୍ୟେ ରାହୁ କାଳ।

# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୬/୨୦୨୬ | Bhubaneswar, Friday, February 6/2026





ଯାଜପୁର ଜିଲା ଯଖପୁରାଠାରେ ଗୁରୁବାର ଲାଇନଚ୍ୟୁତ ହୋଇଥିବା ଚେନାଇ ନ୍ୟୁ ଜଲପାଇଗୁଡ଼ି ଏକ୍ସପ୍ରେସ୍ ।

# ପ୍ରଧାନମନ୍ତ୍ରୀଙ୍କୁ ଗୃହକୁ ଆସିବାକୁ ମନା କରିଥିଲେ ବାଚସ୍ପତି

- **କଂଗ୍ରେସ ଏମ୍‌ପି ଅବାଞ୍ଛିତ କାର୍ଯ୍ୟ କରିବା ନେଇ ସୂଚନା ଥିଲା**
- **ବାଚସ୍ପତିଙ୍କ ପଛରେ ଲୁଚିଲେ ମୋଦି: ବିରୋଧୀ**

ନୂଆଦିଲ୍ଲୀ,୫।୨(ପି.ଟି.)

ଲୋକ ସଭାରେ ପ୍ରଧାନମନ୍ତ୍ରୀ ବସୁଥିବା ଆସନ ପାଖରେ କେତେଜଣ କଂଗ୍ରେସ ଏମ୍‌ପି ପହଞ୍ଚି ଅବାଞ୍ଛିତ କାର୍ଯ୍ୟ କରିପାରନ୍ତି ବୋଲି ବଳିଷ୍ଠ ସୂଚନା ପାଇଥିବା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି। ସେଥିପାଇଁ ସେ ପ୍ରଧାନମନ୍ତ୍ରୀଙ୍କୁ ଗୃହକୁ ଆସି ଉଦ୍‌ବୋଧନ ଦେବା ପାଇଁ ମନା କରିଥିଲେ ବୋଲି ଗୁରୁବାର କହିଛନ୍ତି। ଏଭଳି ଘଟଣା ଘଟିଥିଲେ ତାହା ଦେଶର ଗଣତାନ୍ତ୍ରିକ ପରମ୍ପରାକୁ ଚୂରମାର କରିଦେଇଥାନ୍ତା ବୋଲି ଅପରାହ୍ନ ୩ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ବାଚସ୍ପତି କହିଛନ୍ତି। ଏଭଳି ଯୋଜନା ହୋଇଥିଲା ବୋଲି କେହି କହିବା ସମ୍ପୂର୍ଣ୍ଣ ଭୁଲ୍ ବୋଲି ୱାୟନାଡ ଏମ୍‌ପି କହିଛନ୍ତି।

ବିର୍ଲାଙ୍କ ମନ୍ତବ୍ୟ ଉପରେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ତୀବ୍ର ପ୍ରତିକ୍ରିୟା ରଖିଛନ୍ତି। ପ୍ରଧାନମନ୍ତ୍ରୀ ବାଚସ୍ପତିଙ୍କ ପଛରେ ଲୁଚିଲେ ବୋଲି ସେ ଅଭିଯୋଗ କରିଛନ୍ତି। ମୋଦିଙ୍କୁ ଆଘାତ ଦେବା ନେଇ କୌଣସି ଯୋଜନା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ପ୍ରିୟଙ୍କା କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ☞ପୃଷ୍ଠା-୧୧

# ଭାରତୀୟ ସଂଗଠନ ସହ ଜଡ଼ିତ ୨୦୦ ୱେବ୍‌ସାଇଟ୍ ବନ୍ଦ କଲା ଆମେରିକା

ନ୍ୟୁୟର୍କ,୫।୨(ପି.ଟି.)

ଭାରତ ଏକ ଅନ୍ତର୍ଜାତୀୟ ଅପରାଧ ସଂଗଠନ ସହ ଜଡ଼ିତ ୨୦୦ରୁ ଊର୍ଦ୍ଧ୍ୱ ୱେବ୍‌ସାଇଟ୍ ଠିକଣାକୁ ଆମେରିକା ସଂଘୀୟ କର୍ତ୍ତୃପକ୍ଷ ଜବତ କରିଛନ୍ତି। ଉକ୍ତ ସଂଗଠନ ବେଆଇନ ଭାବେ ଅନ୍‌ଲାଇନ ଫାର୍ମାସି ଚଳାଇବା ସହ ଅନ୍ୟୂନ ୬ଟି ଘାତକ ଏବଂ ୪ଟି ଅଣଘାତକ ଓଭରଡୋଜ୍ ପାଇଁ ଦାୟୀ ବୋଲି ସଂଘୀୟ କର୍ତ୍ତୃପକ୍ଷ ଅଭିଯୋଗ କରିଛନ୍ତି। ଆମେରିକାର ଡ୍ରଗ୍ ଏନ୍‌ଫୋର୍ସମେଣ୍ଟ ଆଡମିନିଷ୍ଟ୍ରେଶନ (ଡିଇଏ) ଫିଲ୍ଡ ଅଫିସରମାନେ ଦେଶବ୍ୟାପୀ ଅଭିଯାନ ଚଳାଇବା ସହ ୪ ଜଣଙ୍କୁ ଗିରଫ କରିଛନ୍ତି। ୨୦୨୨ରୁ ଡିଇଏର ରକି ମାଉଣ୍ଟେନ୍ ଫିଲ୍ଡ ଡିଭିଜନ ବେଆଇନ ଅନ୍‌ଲାଇନ ଫାର୍ମାସି ସହ ସମ୍ପୃକ୍ତ ଅନ୍ତର୍ଜାତୀୟ ଅପରାଧ ସଂଗଠନଗୁଡ଼ିକ ଉପରେ ତଦନ୍ତ ଚଳାଇଥିଲା। ଡିଇଏ ଏନେଇ ଭାରତ ସରକାରଙ୍କ ଆଇନ ପ୍ରବର୍ତ୍ତନକାରୀ ସଂଗଠନଗୁଡ଼ିକର ସହଯୋଗ ନେଇଥିଲା। ଡିଇଏ ମିଳିତ ଅଭିଯାନରେ ଅବୈଧ ଔଷଧ ବିତରକମାନଙ୍କ ବିରୋଧରେ ଉଚ୍ଚ ସ୍ତରରୁ ଗୁରୁତ୍ୱପୂର୍ଣ୍ଣ ଆଇନଗତ କାର୍ଯ୍ୟାନୁଷ୍ଠାନ ଜାରି ରଖିବ ଏବଂ ଯେଉଁ ଅବୈଧ ଔଷଧ ଆମେରିକୀୟମାନଙ୍କ ଜନସ୍ୱାସ୍ଥ୍ୟ ଏବଂ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରେ, ତାହାକୁ ରୋକିବା ପାଇଁ ପ୍ରଚେଷ୍ଟା ଅବ୍ୟାହତ ରଖିବ ବୋଲି କହିଛି। ଗତମାସ ୨୭ରୁ ଡିଇଏ କ୍ଷେତ୍ର ଅଧିକାରୀମାନେ ୪ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ସମଗ୍ର ଆମେରିକାରେ ଅଭିଯାନ ଚଳାଇଆସୁଥିଲେ। ଏଥିସହିତ ୫ଟି ତୁରନ୍ତ ସ୍ଥଗିତ ନିର୍ଦ୍ଦେଶ ଏବଂ ଗୋଟିଏ କାରଣ ଦର୍ଶାଅ ନିର୍ଦ୍ଦେଶ ଜାରି କରାଯାଇଛି। ବୈଧ ପ୍ରେସ୍‌କ୍ରିପ୍‌ଶନ ବିନା ଅନ୍ୟ ଉତ୍ସରୁ ଅଣାଯାଇଥିବା ଔଷଧ ଓ ନକଲି ବଟିକା ପାଇଁ ଲକ୍ଷାଧିକ ଅର୍ଡର ଫାଇଲ ହୋଇଥିବା ୨୦୦ରୁ ଊର୍ଦ୍ଧ୍ୱ ଅନ୍‌ଲାଇନ ଫାର୍ମାସିକୁ ଆମେରିକା ସରକାର ବନ୍ଦ କରିଦେଇଛନ୍ତି।

# ଚେନ୍ନାଇ ଏକ୍ସପ୍ରେସ୍ ଲାଇନଚ୍ୟୁତ

- **ଯଖପୁରାଠାରେ ଲାଇନରୁ ଖସିଲା ୩ ବଗି**

ଯାଜପୁର,୫।୨ (ହର୍ଷବର୍ଦ୍ଧନ ବେହେରା)

ପୂର୍ବତଟ ରେଳପଥର ଯାଜପୁର-କେନ୍ଦୁଝର ରୋଡ ଷ୍ଟେଶନ ପୂର୍ବରୁ ଯଖପୁରା ଜଙ୍କସନ୍‌ର ୪ନମ୍ବର ପ୍ଲାଟ୍‌ଫର୍ମରେ ଗୁରୁବାର ସକାଳ ୮ଟା ୫୧ ମିନିଟ୍‌ରେ ଚେନ୍ନାଇ ନ୍ୟୁ ଜଲପାଇଗୁଡ଼ି ଏକ୍ସପ୍ରେସ୍ ଟ୍ରେନ(ନଂ. ୨୨୬୧୧) ଲାଇନ୍‌ଚ୍ୟୁତ ହୋଇଛି। ଡାଉନ ଲାଇନରେ ଚାଲିଥିବା ଏହି ଏକ୍ସପ୍ରେସ ଟ୍ରେନର ମୋଟ ୨୨ଟି ବଗି ମଧ୍ୟରୁ ଇଞ୍ଜିନକୁ ଲାଗିଥିବା ବଗି ପରେ ୩ଟି ବଗି ଯଥା ଦୁଇଟି ଜେନେରାଲ ଏବଂ ଗୋଟିଏ ଏସି ବଗି ରେଳ ଧାରଣା ତଳକୁ ଖସିଯାଇଥିଲା। ସୌଭାଗ୍ୟବଶତଃ ଏଥିରେ କୌଣସି ଯାତ୍ରୀଙ୍କ କ୍ଷୟକ୍ଷତି ହୋଇ ନାହିଁ। ଖବରପାଇ ରେଲୱେ ଯନ୍ତ୍ରୀ ଓ ଅନ୍ୟ କର୍ମଚାରୀ ଭଦ୍ରକ ଉଦ୍ଧାରକାରୀ ଦଳ ସହିତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରାୟ ୨ ଘଣ୍ଟା ପରେ ଦୁର୍ଘଟଣାଗ୍ରସ୍ତ ବଗିଗୁଡ଼ିକୁ ଅଲଗା କରାଯାଇ ଅବଶିଷ୍ଟ ବଗିରେ ଯାତ୍ରୀଙ୍କୁ ଗନ୍ତବ୍ୟସ୍ଥଳକୁ ପଠାଯାଇଥିଲା। ଏଥିସହ ଭୁବନେଶ୍ୱରରୁ ଆକ୍ସିଡେଣ୍ଟ ରିଲିଫ ଟ୍ରେନ୍(ଏଆର୍‌ଟି) ଓ ଆକ୍ସିଡେଣ୍ଟ ରିଲିଫ ମେଡିକାଲ ଇକ୍ୟୁପ୍‌ମେଣ୍ଟ(ଏଆର୍‌ଏମ୍‌ଇ) ଟ୍ରେନକୁ ଖୋର୍ଦ୍ଧାରୋଡ୍‌ରୁ ୮ଟା୫୩ ମିନିଟ୍ ସମୟରେ ଛଡ଼ାଯାଇଥିଲା। ବରିଷ୍ଠ ରେଲୱେ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିର ଅନୁଧ୍ୟାନ କରିଥିଲେ। ତେବେ ଏହି ଦୁର୍ଘଟଣାରେ ଅନ୍ୟ କୌଣସି ଟ୍ରେନ୍ ଚଳାଚଳରେ ବାଧା ଉପୁଜି ନ ଥିବା ରେଲୱେ ପକ୍ଷରୁ ସୂଚନା ମିଳିଛି।

ଯଖପୁରା ଜଙ୍କସନ ଷ୍ଟେଶନଠାରୁ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ୨ଟି ରେଳଲାଇନ ରହିଛି। ଏହାବାଦ ଏଠାରୁ ବାଉଁଶପାଣିକୁ ନୂତନ ରେଳଲାଇନ କାର୍ଯ୍ୟ ଚାଲିଥିବାବେଳେ କେନ୍ଦୁଝରରୋଡ୍ ଷ୍ଟେଶନକୁ ମଧ୍ୟ ଏକ ରେଳଲାଇନ ରହିଛି। ସେହିପରି ହାଓଡା ଅଭିମୁଖେ ମୁଖ୍ୟ ରେଳଲାଇନ ଯୋଗେ ଦୈନିକ ଶତାଧିକ ☞ପୃଷ୍ଠା-୧୧

# ଚାଲି ଗାଁ ବୁଲିଲେ ରାଷ୍ଟ୍ରପତି

ବାରିପଦା/ ରାଇରଙ୍ଗପୁର, ୫।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ/ ମାନସ ମହାନ୍ତି)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୩ଦିନିଆ ମୟୂରଭଞ୍ଜ ଜିଲା ଗସ୍ତରେ ଆସିଛନ୍ତି। ଗୁରୁବାର ଶାଶୁଘର ପାହାଡ଼ପୁର ଗ୍ରାମକୁ ଯାଇ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ସକାଳେ ଗାଁରେ ପହଞ୍ଚିବା ପରେ ମହିଳାମାନେ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ଆଦିବାସୀ ପରମ୍ପରା ଅନୁଯାୟୀ ମହିଳାମାନେ ରାଷ୍ଟ୍ରପତିଙ୍କ ଗୋଡ଼ ଧୋଇଦେବା ସହ ପ୍ରଣାମ କରିଥିଲେ। ମୁର୍ମୁ ଛକରେ ସ୍ୱାମୀ ଶ୍ୟାମ ଚରଣ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ରାଷ୍ଟ୍ରପତି ପ୍ରୋଟୋକଲରୁ ବାହାରକୁ ଯାଇ ଗ୍ରାମବାସୀଙ୍କୁ ଭେଟିଥିଲେ। ସେଠାରୁ ଗାଁ ଦାଣ୍ଡରେ ଚାଲି ଚାଲି ଯାଇ ପୂଜାସ୍ଥଳ ଗୋଷାଣୀ ଓ ଜାହିରାରେ ପୂଜାର୍ଚ୍ଚନା କରିଥିଲେ। ପରେ ସ୍କିଲ୍ ହବ୍ ସେଣ୍ଟରରେ ମହିଳାଙ୍କ ସହ ଆଲୋଚନା କରିଥିଲେ। ଏସ୍‌ଏଲ୍‌ଏସ୍ ସ୍କୁଲକୁ ଯାଇ ସ୍ମାର୍ଟ କ୍ଲାସ୍‌ରୁମ୍‌ରେ ଛାତ୍ରୀଛାତ୍ରଙ୍କ ସହ



ପାହାଡ଼ପୁର ଗାଁ ରାସ୍ତାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଚାଲିଚାଲି ଯାଉଛନ୍ତି।

ଭାବବିନିମୟ କରିଥିଲେ। ପାଠ ସହ ଅନ୍ୟାନ୍ୟ କ୍ଷେତ୍ରରେ ନିଜର ଅନ୍ତର୍ନିହିତ ଦକ୍ଷତାକୁ ପ୍ରତିପାଦନ କରି ଆତ୍ମନିର୍ଭର ହେବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ବର୍ତ୍ତମାନ ସମୟରେ ସମସ୍ତଙ୍କୁ ଚାକିରି ମିଳିବା ସହଜ ନୁହେଁ, ତେଣୁ ଚାକିରି ଅନ୍ୱେଷଣ ନ କରି ଚାକିରି ଦେବାପାଇଁ ନିଜ ଭିତରେ ଦକ୍ଷତା ବୃଦ୍ଧି କରିବା ନିମନ୍ତେ ଯୁବବର୍ଗଙ୍କୁ ଆହ୍ୱାନ ଦେଇଥିଲେ। ଯୁବବର୍ଗ ଆତ୍ମନିର୍ଭର ହେଲେ ଆତ୍ମନିର୍ଭର ଭାରତ ଏବଂ ବିକଶିତ ଭାରତ ସମ୍ଭବ ବୋଲି ରାଷ୍ଟ୍ରପତି କହିଥିଲେ। ସ୍ଥାନୀୟ ଯୁବକମାନଙ୍କ ସହ ଆଲୋଚନା କରି ରାଇରଙ୍ଗପୁରସ୍ଥିତ ଜଗନ୍ନାଥ ମନ୍ଦିରକୁ ଯାଇଥିଲେ। ସେଠାରେ ଦେବଦର୍ଶନ କରିବା ପରେ ପୂଜାର୍ଚ୍ଚନା କରି ୭ଜଣ ବ୍ରାହ୍ମଣଙ୍କୁ ଅନ୍ନବସ୍ତ୍ର ଦାନ କରିଥିଲେ। ମହାପ୍ରଭୁଙ୍କ ପ୍ରସାଦ ସେବନ କରି ସ୍ଥାନୀୟ ଲୋକଙ୍କ ସହ କଥାବାର୍ତ୍ତା ହୋଇଥିଲେ। ଅପରାହ୍ନ ୪ଟାରେ ଦାଣ୍ଡବୋଷ ହେଲିପ୍ୟାଡ୍‌ରୁ ଶିମିଳିପାଳ ଜାତୀୟ ଉଦ୍ୟାନ ଅଭିମୁଖେ ଯାତ୍ରା କରିଥିଲେ। ଯଶୀପୁରର ଅନୁକୂଳପୁରସ୍ଥିତ ଅସ୍ଥାୟୀ ହେଲିପ୍ୟାଡ୍‌ରେ ଅବତରଣ କରିବା ପରେ ସଡ଼କପଥରେ ଶିମିଳିପାଳ ଯାଇଥିଲେ। ଗୁଡୁଗୁଡ଼ିଆସ୍ଥିତ ଫରେଷ୍ଟ ଡାକବଙ୍ଗଳାରେ ରାତ୍ରିଯାପନ କରିଥିଲେ। ଶୁକ୍ରବାର ପ୍ରଥମ କରି ଶିମିଳିପାଳ ଅଭୟାରଣ୍ୟର ଗୁଡୁଗୁଡ଼ିଆଠାରେ ନିର୍ମାଣ ହୋଇଥିବା ବିଏସ୍‌ଏନ୍‌ଏଲ୍‌ର ମୋବାଇଲ ଟାୱାରକୁ ରାଷ୍ଟ୍ରପତି ଉଦ୍‌ଘାଟନ କରିବା ସହ ଆଦିବାସୀ ସମ୍ପ୍ରଦାୟ ସହ ଭାବବିନିମୟ କରିବା କାର୍ଯ୍ୟକ୍ରମ ରହିଛି।


**LIC ଭାରତୀୟ ଜୀବନ ବୀମା ନିଗମ**

ପାଟନା ମଣ୍ଡଳ କାର୍ଯ୍ୟାଳୟ-I

''ଜୀବନ ପ୍ରକାଶ'' ବିଲ୍‌ଡିଂ, ମଝାରୁଲ ହକ୍ ପଥ, ପାଟନା-୮୦୦୦୦୧

**ଟେଣ୍ଡର ବିଜ୍ଞପ୍ତି**

କଷ୍ଟମାଇଜ୍‌ଡ ଟ୍ରଫିଗୁଡ଼ିକର ଯୋଗାଣ ପାଇଁ ଆଗ୍ରହୀ ଭେଣ୍ଡର/ସପ୍ଲାୟର/ଫାର୍ମମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । କଷ୍ଟମାଇଜ୍‌ଡ ଟ୍ରଫିଗୁଡ଼ିକର ଯୋଗାଣ ସମ୍ପର୍କରେ ଅଧିକ ବିବରଣୀ ପାଇଁ ଇଚ୍ଛୁକ ଭେଣ୍ଡର/ଫାର୍ମମାନେ www.licindia.in/tender ପରିଦର୍ଶନ କରିପାରନ୍ତି କିମ୍ବା ପାଟନା ମଣ୍ଡଳ କାର୍ଯ୍ୟାଳୟ-Iର ବିକ୍ରୟ ବିଭାଗ ସହ କାର୍ଯ୍ୟାଳୟ ନିର୍ଘଣ୍ଟ ମଧ୍ୟରେ ବ୍ୟକ୍ତିଗତ ଭାବେ ଯୋଗାଯୋଗ କରିପାରନ୍ତି ।

ଟେଣ୍ଡର ସହ ଆବଶ୍ୟକୀୟ ଦସ୍ତାବିଜକୁ ଉପରୋକ୍ତ ଠିକଣାରେ ପଠାଯିବା ଉଚିତ ଯାହା **ତା୨୦।୦୨।୨୦୨୬ରିଖ ଅପରାହ୍ନ ୪.୦୦ ଘଟିକା** ସୁଦ୍ଧା ପହଞ୍ଚିବା ଆବଶ୍ୟକ । କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଦରଖାସ୍ତକୁ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ରୂପେ ଗ୍ରହଣ ବା ନାକଚ କରିବାର ଅଧିକାର ଭାରତୀୟ ଜୀବନ ବୀମା ନିଗମ ନିକଟରେ ସଂରକ୍ଷିତ ।

ତାରିଖ: ୦୬।୦୨।୨୦୨୬ — ବରିଷ୍ଠ ମଣ୍ଡଳ ପ୍ରବନ୍ଧକ


# ବାରାକ୍‌ରେ ନିଜ ଗୁଳିରେ ଟଳିଲେ କନ୍‌ଷ୍ଟେବଲ

- **ମୃତ୍ୟୁ ପୂର୍ବରୁ ବାନ୍ଧବୀଙ୍କୁ ଶେଷ ମେସେଜ**
- **ଆମ ପ୍ରେମରେ କାହାର ନଜର ଲାଗିଗଲା**

ନୟାଗଡ଼,୫।୨(ଲୋକନାଥ ମିଶ୍ର)

ନୟାଗଡ଼ ପୋଲିସ ବାରାକ୍‌ରେ ଗୁରୁବାର ଭୋର ସମୟରେ ଜଣେ ଏପିଆର୍ କନ୍‌ଷ୍ଟେବଲ ନିଜ ଗୁଳିରେ ଟଳି ପଡିଛନ୍ତି। ସେ ହେଲେ ନୟାଗଡ଼ ଜିଲା ଓଡ଼ଗାଁ ଥାନା ନୂଆଗାଁ ବ୍ଲକ ବାହାଡ଼ାଖୋଲା ଫାଣ୍ଡି ବେରୁଆଁବାରି ଗାଁର ସୁନୀଲ ସେଠୀ। ଘଟଣାସ୍ଥଳରୁ ୯ଟି ଅଫୁଟା ଗୁଳି, ଗୋଟିଏ ଖୋକା ଓ ବନ୍ଧୁକ ଜବତ କରାଯାଇ ଘଟଣାର ତଦନ୍ତ ଚାଲିଛି। ମୃତ୍ୟୁ ପୂର୍ବରୁ ସେ ନିଜ ବାନ୍ଧବୀଙ୍କ ପାଖକୁ ଶେଷ ମେସେଜ୍ କରିଥିଲେ। ଯେଉଁଥିରେ 'ଆମ ଭଲ ପାଇବାରେ କାହାର ନଜର ଲାଗିଗଲା। ମୁଁ ତତେ ସମସ୍ତ ଟଙ୍କା ପଠେଇ ଦେଉଛି। ରହୁଛି ଗୁଡ୍ ବାଏ' ବୋଲି ଉଲ୍ଲେଖ କରିଥିଲେ। ନୟାଗଡ଼ ଏସ୍‌ପି ଏସ୍. ସୁଶ୍ରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରି ଫେରିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ରିଜର୍ଭ ପୋଲିସ ଅଫିସ୍ ଆର୍‌ଆଇଙ୍କ ରିପୋର୍ଟ ଅନୁସାରେ ନଂ.୩/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପାରିବାରିକ ଚାପରେ ସୁନୀଲ ଆତ୍ମହତ୍ୟା କରିଥିବା ଏସ୍‌ପି ଖବରଦାତା ସମ୍ମିଳନୀରେ କହିଛନ୍ତି।

ଟାଉନ ଥାନା ଆଇଆଇସି ରଶ୍ମିରଞ୍ଜନ ମହାନ୍ତିଙ୍କ ସୂଚନା ଅନୁସାରେ, ନୟାଗଡ଼ ସଦର ଥାନା ବହୁଚର୍ଚ୍ଚିତ ୫ ବର୍ଷର ଶିଶକନ୍ୟା ପରୀଙ୍କୁ ହତ୍ୟା ପରେ ତାଙ୍କ ବାପା ଅଶୋକ ନାୟକଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ପୋଲିସ ସୁରକ୍ଷା ଦେଇ ଆସୁଛି। ଏପିଆର୍ କନ୍‌ଷ୍ଟେବଲ ସୁନୀଲ ମୃତ ପରୀଙ୍କ ବାପା ଅଶୋକଙ୍କ ଅଙ୍ଗରକ୍ଷୀ ଭାବେ କାମ କରୁଥିଲେ। କିଛିଦିନ ତଳେ ଶରଣକୁଳ ଥାନା ଗୋଡ଼ିପଡ଼ା ଫାଣ୍ଡି ମଝିଆଖଣ୍ଡ ଅଞ୍ଚଳରେ ସୁନୀଲଙ୍କ ତାଙ୍କ ବାନ୍ଧବୀଙ୍କ ସହ ନିର୍ବନ୍ଧ ହୋଇଥିଲା। କିଛି ଦିନ ପରେ ବିବାହ ହୋଇଥାନ୍ତା। ହେଲେ ସୁନୀଲଙ୍କ ଆତ୍ମହତ୍ୟା ଏବଂ ଆତ୍ମହତ୍ୟା ପୂର୍ବରୁ ବାନ୍ଧବୀଙ୍କୁ ପଠାଇଥିବା ଶେଷ ମେସେଜ ଏବେ ବିଭିନ୍ନ ପ୍ରଶ୍ନ ସୃଷ୍ଟି କରିଛି। କେଉଁ କାରଣରୁ ସୁନୀଲ ଜୀବନ ହାରିଲେ, ସେନେଇ ଉଚିତ ତଦନ୍ତ ହେବା ଆବଶ୍ୟକ ବୋଲି ପରିବାର ଲୋକେ ଦାବି କରିଛନ୍ତି।



ସୁନୀଲ ସେଠୀ

ଅପରପକ୍ଷରେ ଏସ୍‌ପି ଏସ୍ ସୁଶ୍ରୀ କୁହନ୍ତି, ଯେଉଁ ଝିଅଙ୍କୁ ସୁନୀଲ ପ୍ରେମ କରୁଥିଲେ, ତାଙ୍କ ସହ ନିର୍ବନ୍ଧ ହୋଇଥିଲା। ହେଲେ ସୁନୀଲଙ୍କ ପରିବାର ଲୋକେ ଏଥିରେ ରାଜି ନ ଥିଲେ। ଫଳରେ ସେ ମାନସିକ ଚାପରେ ରହୁଥିଲେ। ଆତ୍ମହତ୍ୟା ପୂର୍ବରୁ ବାନ୍ଧବୀଙ୍କ ପାଖକୁ ସୁନୀଲ ପଠାଇଥିବା କେତେକ ମେସେଜ ପାଇଛୁ। ବାନ୍ଧବୀଙ୍କୁ ଜଣାଇ ସେ ଆତ୍ମହତ୍ୟା କରିଥିବା ଏଥିରୁ ଜଣାପଡିଛି। ସବୁ ଦିଗକୁ ଆଧାରକରି ତଦନ୍ତ ଚାଲୁ ରହିଛି। ଫୋରେନସିକ୍ ରିପୋର୍ଟ ଆସିବା ପରେ ଅଧିକ ତଥ୍ୟ ଜଣାପଡ଼ିବ ବୋଲି ଏସ୍‌ପି କହିଛନ୍ତି। ସୁନୀଲଙ୍କ ବାନ୍ଧବୀ କୁହନ୍ତି, ବୁଧବାର ରାତି ୧୨ଟାରେ ସେ ଫୋନ କରିଥିଲେ। ଶୋଇପଡ଼ିଥିବାରୁ ଫୋନ ଉଠାଇପାରି ନ ଥିଲି। ଫୋନ ଦେଖିବା ବେଳକୁ ମେସେଜ୍ ଥିଲା। ମେସେଜ୍ ପଢ଼ି ଫୋନ କଲା ପରେ ସୁନୀଲ ଆଉ ଉଠାଇ ନ ଥିଲେ । ପରେ ଖବରପାଇ ନୟାଗଡ଼ ବାରାକ୍‌କୁ ଆସିଛୁ ବୋଲି କହି ଚେତାଶୂନ୍ୟ ହୋଇ ପଡିଥିଲେ। ସୁନୀଲଙ୍କ ମା' କୁହନ୍ତି, ଯେଉଁଠି ସେ ବିବାହ କରିବାକୁ ଇଚ୍ଛା କରିଥିଲେ ଆମେ ସେଠାରେ ନିର୍ବନ୍ଧ କରିଥିଲୁ, ବିବାହ ପାଇଁ ହାର କିଣିବାର ଥିଲା। ମୋ ପୁଅ ଦରମା ଆମକୁ ଦେଉ ନ ଥିଲା। ତା'ର ସବୁ କଥାକୁ ଆମର ସମ୍ମତ ଥିଲା। ହେଲେ ସେ କାହିଁକି ଆତ୍ମହତ୍ୟା କଲା ଆମେ ଜାଣିପାରୁ ନାହୁଁ। ସେହିପରି ସୁନୀଲଙ୍କ ବଡ଼ଭାଇ କୁହନ୍ତି, ସାନ ଭାଇ ୪ ବର୍ଷ ହେଲା କନ୍‌ଷ୍ଟେବଲ ଚାକିରି କରିଛି । ବୁଧବାର ଫୋନରେ ଭଲରେ କଥା ହୋଇଥିଲା। ଘର ପାଣିପାଇପ୍ କାମ ପାଇଁ ଗୁରୁବାର ସକାଳେ ଗାଁକୁ ସେ ଆସିବାର ଥିଲା। ବୈଶାଖ ମାସରେ ବାହାଘର ହୋଇଥାନ୍ତା, ହେଲେ ସବୁ କିଛି ବିଗିଡିଗଲା। କାହିଁକି ସାନଭାଇ ଆତ୍ମହତ୍ୟା କଲା ଆମେ ଜାଣିପାରୁ ନାହୁଁ ବୋଲି ସେ କହିଛନ୍ତି।


ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ
सेन्ट्रल बैंक ऑफ़ इंडिया
Central Bank of India
1911 से आपके लिए "सेंट्रल" "CENTRAL" TO YOU SINCE 1911

କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର

ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଆପଣଙ୍କୁ ୭ ଫେବୃଆରୀ ୨୦୨୬ କାର୍ଯ୍ୟକ୍ରମରେ ଆମନ୍ତ୍ରିତ କରୁଅଛି।

**ରାଷ୍ଟ୍ରୀୟ ମେଗା ଏମ୍‌ଏସ୍‌ଏମ୍‌ଇ କ୍ରେଡିଟ୍ ଆଉଟରିଚ୍ କାର୍ଯ୍ୟକ୍ରମ**

ବ୍ୟବସାୟିକ ବିସ୍ତାର ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ସେବା ପର୍ଯ୍ୟନ୍ତ, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପ୍ରତ୍ୟେକ ଏମ୍‌ଏସ୍‌ଏମ୍‌ଇ ସ୍ୱପ୍ନକୁ ଉପଯୁକ୍ତ ଆର୍ଥିକ ସମାଧାନ ସହିତ ପୂରଣ କରିଥାଏ

**ସେଣ୍ଟ ବିଜିନେସ୍ ଲୋନ୍**
- ବ୍ୟବସାୟୀ, ନିର୍ମାତା ଓ ପ୍ରୋସେସରମାନଙ୍କ ପାଇଁ
- ସୁଧ ହାର ୭.୭୫%*ରୁ ଆରମ୍ଭ
- ଋଣ ରାଶି ଟ.୨୫ କୋଟି ପର୍ଯ୍ୟନ୍ତ

**ସେଣ୍ଟ ଇଞ୍ଜିନିୟରିଙ୍ଗ୍**
- ଇଞ୍ଜିନିୟରିଙ୍ଗ୍ ଉତ୍ପାଦଗୁଡିକର ନିର୍ମାଣ, ଫାବ୍ରିକେଶନ୍, ଟେଷ୍ଟିଙ୍ଗ୍ ଓ କମିସନିଙ୍ଗ୍ ପାଇଁ
- ସୁଧ ହାର ୭.୭୫%ରୁ ଆରମ୍ଭ
- ଋଣ ରାଶି ଟ.୫୦ କୋଟି ପର୍ଯ୍ୟନ୍ତ

**ସେଣ୍ଟ ହୋଟେଲ**
- ହୋଟେଲ, ରିସୋର୍ଟ, କାଫେ ଓ ହସ୍ପିଟାଲିଟୀ ୟୁନିଟ୍‌ଗୁଡିକ ପାଇଁ
- ସୁଧ ହାର ଆର୍‌ବିଏଲ୍‌ଆର୍ (ବର୍ତ୍ତମାନ ୮.୨୫%)ରୁ ଆରମ୍ଭ
- ଋଣ ରାଶି ଟ.୧୦୦ କୋଟି ପର୍ଯ୍ୟନ୍ତ

**ସେଣ୍ଟ ସଞ୍ଜିବନୀ**
- ହସ୍ପିଟାଲ, କ୍ଲିନିକ୍, ଲାବ୍ ଓ ହେଲ୍‌ଥ୍ କେୟାର ୟୁନିଟ୍‌ଗୁଡିକ ପାଇଁ
- ସୁଧ ହାର ଆର୍‌ବିଏଲ୍‌ଆର୍ (୮.୨୫%) + ୦.୧୫%*ରୁ ଆରମ୍ଭ
- ଋଣ ରାଶି ଟ.୧୦୦ କୋଟି ପର୍ଯ୍ୟନ୍ତ

ଏବଂ ଆହୁରି ବି ଅନେକ ଯୋଜନା...

ତାରିଖ: ୦୭.୦୨.୨୦୨୬
ସମୟ: ପୂର୍ବାହ୍ନ ୧୦.୦୦ ଘଟିକା
ସ୍ଥାନ: ଜନ ଶିକ୍ଷଣ ସଂସ୍ଥାନ, ସିଡିଏ, ସେକ୍ଟର-୮, କଟକ - ୭୫୩୦୧୪

Scan to apply Loan

ତାରିଖ: ୦୭.୦୨.୨୦୨୬
ସମୟ: ପୂର୍ବାହ୍ନ ୧୦.୦୦ ଘଟିକା
ସ୍ଥାନ: ବ୍ରିଟ୍ କଲ୍ୟାଣ ମଣ୍ଡପ, ରାଜା ବଗିଚା, ଏଡିଏମ୍ ଛକ ନିକଟ, ବାଲେଶ୍ୱର - ୭୫୬୦୦୧

ଆପଣଙ୍କ ସମସ୍ତ ପ୍ରକାର ଏମ୍‌ଏସ୍‌ଏମ୍‌ଇ ଆବଶ୍ୟକତା ନିମନ୍ତେ ସହଜ ଏବଂ ସୁଗମ ଅର୍ଥ ପ୍ରାପ୍ତ କରନ୍ତୁ
କୌଣସି ଅନୁସନ୍ଧାନ ନିମନ୍ତେ ଆପଣଙ୍କ ନିକଟସ୍ଥ ଶାଖା/କ୍ଷେତ୍ରୀୟ କାର୍ଯ୍ୟାଳୟ/ଅଞ୍ଚଳ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ।

*ନିୟମ ଓ ସର୍ତ୍ତାବଳୀ ଲାଗୁ

GIVE US A MISSED CALL FOR LOAN ASSISTANCE 922 390 1111 | Toll Free Number 1800 30 30 | www.centralbank.bank.in

ଆଗରୁ ଯାହା ସବୁ ଦେଖାଯାଇଛି - ଆଗରୁ ଯେଉଁସବୁ ଉପାୟ ବାହାର କରାଯାଇଛି- ଆଗରୁ ଯାହାସବୁ ଗଠନ କରାଯାଇଛି ସେସବୁକୁ ପଛରେ ପକାଇ ଦିଅ । ... ତା'ପରେ ସେହି ଅଜଣା ରାଜ୍ୟକୁ ଯାତ୍ରା ଆରମ୍ଭ କରିଦିଅ ଏବଂ ତା'ପରେ ଯାହାକିଛି ଘଟିବାର ଘଟୁ। ବାସ- ଏତିକି । -ଶ୍ରୀମା

# ଟିକା ବିରୋଧୀ ଦୃଷ୍ଟିକୋଣ



ପିଟର ସିଙ୍ଗର

୨୦୨୫ରେ ଆମେରିକାରେ ଦୁଇ ପିଲାଙ୍କ ସମେତ ୩ ଜଣ ମିଳିମିଳାରେ ମୃତ୍ୟୁବରଣ କରିଥିଲେ। ସେମାନଙ୍କ ମୃତ୍ୟୁକୁ ରୋକାଯାଇପାରିଥାଆନ୍ତା। ଗତବର୍ଷ ଆମେରିକାରେ ୨,୨୬୭ ଲୋକ ମିଳିମିଳାରେ ଆକ୍ରାନ୍ତ ହୋଇଥିଲେ, ଯାହା ୨୦୨୪ଠାରୁ ୨୮୫ ଜଣ ବେଶି। ଏହି ଆକ୍ରାନ୍ତଙ୍କ ସଂଖ୍ୟା ୩୦ ବର୍ଷ ମଧ୍ୟରେ ସବୁଠୁ ବେଶି। ଏହିସବୁ ପୀଡ଼ିତ ଯଦି ସୁସ୍ଥ ହୋଇପାରିଲେ ତେବେ ୩ ଜଣ କାହିଁକି ଭଲ ହୋଇ ନ ଥାନ୍ତେ? ଗତ ବର୍ଷ ଫେବୃଆରୀରେ ରବର୍ଟ ଏଫ୍. କେନେଡି ଜୁନିୟର ଆମେରିକାର ସ୍ୱାସ୍ଥ୍ୟ ଓ ମାନବ ସେବା ବିଭାଗର ସଚିବ ଭାବେ ଦାୟିତ୍ୱ ନେଇଥିଲେ। ତେବେ କେନେଡି ଟିକାର ଅଟିଜମ୍ ସହିତ ସମ୍ପର୍କ ଥିବା ଅସତ୍ୟ ସିଦ୍ଧାନ୍ତକୁ ଉତ୍ସାହିତ କରିଆସିଛନ୍ତି। ସେ ଦାବି କରିଛନ୍ତି, ଟିକା ଆମେରିକୀୟ ପିଲାଙ୍କର ଏକ ପୂରା ପିଢ଼ିକୁ ନଷ୍ଟ କରିଦେଇଛି। ତାଙ୍କର ଏହି ମନ୍ତବ୍ୟ ଯୋଗୁ ଆମେରିକାରେ ଟିକାକରଣ ପ୍ରତିଶତ ହ୍ରାସ ପାଇବାର ଅଧିକ ସମ୍ଭାବନା ଅଛି। ଏହି କାରଣରୁ ମିଳିମିଳା ଆକ୍ରାନ୍ତଙ୍କ ସଂଖ୍ୟାରେ ଦ୍ରୁତ ବୃଦ୍ଧି ଘଟିଛି।

କେନେଡି ଦାୟିତ୍ୱ ନେବା ପରେ ଟିକା ପରାମର୍ଶଦାତା କମିଟିରୁ ଅଭିଜ୍ଞ ବୈଜ୍ଞାନିକଙ୍କୁ ବାହାର କରିଦେଇ ସେମାନଙ୍କ ସ୍ଥାନରେ ଅନଭିଜ୍ଞ ବ୍ୟକ୍ତିଙ୍କୁ ଅବସ୍ଥାପିତ କରିଛନ୍ତି। କୋଭିଡ୍-୧୯କୁ ପ୍ରତିହତ କରିବା ସକାଶେ ଶୀଘ୍ର ତଥା ଅଧିକ ପ୍ରଭାବୀ ଟିକା ପ୍ରସ୍ତୁତ କରି ଅନେକଙ୍କ ଜୀବନ ବଞ୍ଚାଇଥିବା ପଦ୍ଧତି ଏମ୍ଆର୍ଏନ୍ଏ ପାଇଁ ଆବଶ୍ୟକ ପାଣ୍ଠି ପ୍ରତ୍ୟାହାର କରିନେଇଛନ୍ତି। କେନେଡି ପରାମର୍ଶ ଦେଇଥିଲେ, ଭିଟାମିନ୍ 'ଏ' ନେବା ମିଳିମିଳାର ଏକ ବିକଳ୍ପ ହେବ। ଏଭଳି କହିବା ପରେ ଟେକ୍ସାସର ମାତାପିତାମାନେ ସେମାନଙ୍କ ପିଲାଙ୍କୁ ଉଚ୍ଚ ଡୋଜର ଭିଟାମିନ୍ 'ଏ' ଦେଇଥିଲେ ଏବଂ ଏହା ଯୋଗୁ ପିଲାଙ୍କଠାରେ କ୍ଷତିକାରକ ପ୍ରଭାବ ପରିଲକ୍ଷିତ ହୋଇଥିଲା।

ଜନ ସ୍ୱାସ୍ଥ୍ୟ କ୍ଷେତ୍ରରେ ଆମେରିକା ସମେତ ଅନ୍ୟ କେତେକ ଦେଶ ବିଜ୍ଞାନର ମାନକଠାରୁ ଦୂରେଇ ଯାଇଥିବା ଦେଖାଯାଏ। ସ୍ଲୋଭାକିଆର ପ୍ରଧାନମନ୍ତ୍ରୀ ରବର୍ଟ ଫିକୋ ଦେଶରେ ମହାମାରୀର ପ୍ରତିକ୍ରିୟା ଉପରେ ତଦନ୍ତ ପାଇଁ ଜଣେ ଅସ୍ଥିଶଲ୍ୟ ଡାକ୍ତର ତଥା ଟିକା ବିରୋଧୀ ଆକ୍ଟିଭିଷ୍ଟ ପିଟର କୋଟଲାରଙ୍କୁ ନିଯୁକ୍ତ କରିଥିଲେ। ଅକ୍ଟୋବର ୨୦୨୪ରେ ସେ ତାଙ୍କ ରିପୋର୍ଟରେ ଦର୍ଶାଇଥିଲେ ଯେ କୋଭିଡ୍-୧୯ ବାୟୋଟେରରିଜମ୍‌ର ଏକ କାର୍ଯ୍ୟ। ବିନା ପ୍ରମାଣରେ ରିପୋର୍ଟରେ ଦାବି କରାଯାଇଥିଲା ଯେ, ଏମ୍ଆର୍ଏନ୍ଏ ଟିକାଗୁଡ଼ିକ ମାନବ ଶରୀରରେ ଡିଏନ୍ଏକୁ ବଦଳାଇ ଦିଏ ଏବଂ ଏହା ଉପରେ କଟକଣା ଲଗାଇବା ଲାଗି ସୁପାରିସ କରିଥିଲେ।

ଏକ ସ୍ୱାଧୀନ ସମାଜରେ ବ୍ୟକ୍ତିମାନେ ଟିକାଗୁଡ଼ିକ ସମ୍ପର୍କରେ ନିରାଧାର ମତ ଦେଇପାରିବେ ଏବଂ ବୈଜ୍ଞାନିକମାନେ ସେଗୁଡ଼ିକୁ ଭୁଲ ପ୍ରମାଣିତ କରିପାରନ୍ତି। କିନ୍ତୁ ସାର୍ବଜନୀନ ସ୍ୱାସ୍ଥ୍ୟ ଅଧିକାରୀମାନେ ସବୁ ତଥ୍ୟ ଓ କାର୍ଯ୍ୟ ଉପରେ ଅନୁଧ୍ୟାନ କରିବା ଉଚିତ। ଖବୁ କମ୍ ଘଟଣାରେ ବୈଜ୍ଞାନିକ ସହମତିକୁ ବିରୋଧ କରୁଥିବା ଦୃଷ୍ଟିକୋଣ ସତ୍ୟ ବୋଲି ଧରି ନିଆଯାଉଛି ଏବଂ ତାହା ସାଧାରଣରେ ଏକ ନୂଆ ତଥା ଗ୍ରହଣୀୟ ସିଦ୍ଧାନ୍ତ ହୋଇଯାଉଛି। ସାର୍ବଜନୀନ ସ୍ୱାସ୍ଥ୍ୟ ଅଧିକାରୀଙ୍କର ସ୍ୱତନ୍ତ୍ର ଉତ୍ତରଦାୟିତ୍ୱ ରହିଛି, କାରଣ ଅନେକ ଲକ୍ଷଙ୍କୁ ପ୍ରଭାବିତ କରୁଥିବା ନୀତି ସେମାନେ ନିର୍ଦ୍ଧାରଣ କରିଥାନ୍ତି। ତେବେ ଟିକାଗୁଡ଼ିକ ହେଉଛି ଇତିହାସରେ ସବୁଠୁ ବ୍ୟାପକ ଭାବେ ପରୀକ୍ଷିତ ମେଡିକାଲ ଚିକିତ୍ସା ମଧ୍ୟରୁ ଅନ୍ୟତମ। ତଥାପି କେନେଡିଙ୍କ ଭଳି ଟିକାକୁ ନେଇ ସଂଶୟ ପ୍ରକାଶ କରୁଥିବା ବ୍ୟକ୍ତିମାନେ ଆହୁରି ଅଧିକ ଅନୁଧ୍ୟାନ ପାଇଁ ଦାବି କରୁଥିବାବେଳେ ଅନ୍ୟପଟେ ସେମାନଙ୍କ ଦାବି ପଛରେ ବହୁତ କମ୍ ପ୍ରାମାଣିକ ମାନକ ଥିବା ସତ୍ତ୍ୱେ ତାହାକୁ ଗ୍ରହଣ କରିନେଉଛନ୍ତି।



ଯେଉଁ ପରିମାଣରେ ଟିକାକରଣ ହେବା କଥା ତାହାଠାରୁ ଯେତେବେଳେ କମିଗଲା ସେତେବେଳେ ଅଧିକ ଟିକାକରଣ ହାରରୁ ବିପଦରେ ଥିବା ଲୋକମାନେ ଯେଉଁ ଦୃଢ଼ ପ୍ରତିରୋଧକ ଶକ୍ତି ପାଇବା କଥା ତାହା ସମ୍ଭବ ହେଲାନାହିଁ। ଫଳରେ ଯେଉଁ ରୋଗକୁ ରୋକାଯାଇପାରିଥାଆନ୍ତା ତାହା ପୁନର୍ବାର ଫେରିଛି। ଆମେ ଏହା ଇତିହାସର ଦୃଷ୍ଟାନ୍ତରୁ ମଧ୍ୟ ଜାଣିଛେ । ଏବକାର ବଡ଼ ଉଦାହରଣ ହେଉଛି ରୋମାନିଆ ଓ ଏବେ କାନାଡା। ଏସବୁ ଦେଶରେ ମିଳିମିଳା ଦୂର ହୋଇଛି ବୋଲି ବିଚାର କରାଯାଉଥିଲେ ମଧ୍ୟ ସେଠାରେ ଏହା ପୁଣି ଫେରିଛି। ରୋମାନିଆରେ କମ୍ୟୁନିଷ୍ଟ ଶାସନରେ ପିଲାଙ୍କ ଟିକାକରଣ ବାଧ୍ୟତାମୂଳକ ଥିଲା ଏବଂ ମିଳିମିଳା ସମ୍ପୂର୍ଣ୍ଣ ଦୂର ହୋଇଯାଇଥିଲା। ତେବେ ଏକଛତ୍ରବାଦୀ ଚାଓସେସ୍କୁଙ୍କ ଶାସନର ପତନ ପରେ ଯେତେବେଳେ ଲୋକେ ସ୍ୱାଧୀନତା ଏବଂ ଇୟୁ ସଦସ୍ୟତାର ଉନ୍ନତ ଜୀବନଶୈଳୀକୁ ଗ୍ରହଣ କରିନେଲେ ସେତେବେଳେ ସର୍ବସମ୍ମତକ୍ରମେ ଟିକା ନେବା ଇଚ୍ଛାଧୀନ ହୋଇଗଲା। ୨୦୨୩ ସୁଦ୍ଧା ରୋମାନିଆରେ ମିଳିମିଳା ଟିକାକରଣ ପ୍ରତିଶତ ତଳକୁ ଖସି ୬୨%ରେ ପହଞ୍ଚିଗଲା। ପ୍ରକୃତରେ ସେଠାରେ ଟିକାକରଣ ଆରମ୍ଭ ହେବା ସମୟରେ ଏହା ୯୫% ଥିଲା। ୨୦୨୪ରେ ଦେଶରେ ୩୦,୦୦୦ ମିଳିମିଳା ଆକ୍ରାନ୍ତଙ୍କ ମଧ୍ୟରୁ ୨୩ ଜଣଙ୍କ ମୃତ୍ୟୁ ଘଟିଥିଲା। ଅନେକ ଅଧିକାରୀ କହନ୍ତି, ସେମାନେ ବ୍ୟକ୍ତି ସ୍ୱାଧୀନତାକୁ ସମ୍ମାନ ଦେଉଛନ୍ତି ବା ଗ୍ରହଣ କରୁଛନ୍ତି। କିନ୍ତୁ ନିଜେ ନିଷ୍ପତ୍ତି ନେବାର ବ୍ୟକ୍ତିଗତ ସ୍ୱାଧୀନତା ଥିବା ବୟସ୍କମାନେ ଅନ୍ୟମାନଙ୍କ କ୍ଷତି କରୁଥିବା ନିଷ୍ପତ୍ତିରେ ନିଜକୁ ସାମିଲ କରିବା କଥା ନୁହେଁ। ପିଲାଙ୍କ ଟିକାକରଣକୁ ସେମାନେ ମନା କରିଛନ୍ତି। ଶିଶୁବିହାର କିମ୍ବା ପ୍ରାଥମିକ ସ୍କୁଲରେ ପିଲାଙ୍କୁ ଟିକା ଦିଆଯିବା ଉଚିତ। ଏହା ସେମାନଙ୍କୁ ସୁରକ୍ଷା ଦେବା ସହ ମାନସିକ ସ୍ତରରେ ମଜଭୁତ କରିଥାଏ। ଟିକାକରଣକୁ ରୋକିବା ଦ୍ୱାରା ଟିକା ନେବା ଯୋଗ୍ୟ ପିଲା ଏବଂ ଟିକା ନ ନେଇ କମ୍ ପ୍ରତିରୋଧକ ଶକ୍ତି ଥିବା ଲୋକଙ୍କ ପ୍ରତି ଅଧିକ ବିପଦ ସୃଷ୍ଟି କରିଥାଏ। ଯେତେବେଳେ ଜନସମୁଦାୟରେ ରୋଗ ପ୍ରତିରୋଧକ ଶକ୍ତି କମେ ତାହା ସାମଗ୍ରିକ ଭାବେ ସମସ୍ତଙ୍କର କ୍ଷତି ଘଟାଏ।

ଫାର୍ମାସ୍ୟୁଟିକାଲ କମ୍ପାନୀଗୁଡ଼ିକ ବିରୋଧରେ କେନେଡି ଲଢୁଛନ୍ତି ବୋଲି ନିଜକୁ ପ୍ରତିପାଦିତ କରିବା ସହ ଅକ୍ସିକୋନୋଟିନର ପ୍ରମୋଶନରେ ପୁର୍‌ଡିଉ ଫାର୍ମାର ଦୁର୍ନୀତିକୁ ସୂଚିତ କରିଛନ୍ତି। କିନ୍ତୁ କର୍ପୋରେଟର ଅବୈଧ କାର୍ଯ୍ୟର ମାମଲାଗୁଡ଼ିକୁ ଦର୍ଶାଇ ସ୍ୱାଧୀନ ଗବେଷକ, ସାରା ବିଶ୍ୱର ସାର୍ବଜନୀନ ସ୍ୱାସ୍ଥ୍ୟ ସଂସ୍ଥା ଏବଂ ବୈଜ୍ଞାନିକ ତଥ୍ୟ ସମର୍ଥିତ ଏକ ସମ୍ପୂର୍ଣ୍ଣ ଚିକିତ୍ସାଗତ ପଦକ୍ଷେପକୁ ଅସ୍ୱୀକାର କରିବା ଯୁକ୍ତିଯୁକ୍ତ ନୁହେଁ। ଟିକାର ବିପଦକୁ ନେଇ ଥିବା ଅସତ୍ୟ ତଥ୍ୟକୁ ଯେତେବେଳେ ସରକାରୀ ଅଧିକାରୀମାନେ ବିଶ୍ୱାସ କରିବେ ସେତେବେଳେ ଟିକା ନ ନେଇ ମିଳିମିଳାରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡ଼ିଥିବା ଟେକ୍ସାସର ପିଲାଙ୍କ ଭଳି ଲୋକେ ମରିବେ। ଯେଉଁମାନେ ସ୍ୱାସ୍ଥ୍ୟ ନୀତି ଉପରେ ସେମାନଙ୍କ ଶକ୍ତି ପ୍ରୟୋଗ କରୁଛନ୍ତି, ସେମାନେ ଏହି ପରିଣାମ ପାଇଁ ଉତ୍ତରଦାୟୀ ରହିବେ। ଅନେକ ସମୟ ଧରି ଲୋକେ ନିର୍ଭରକରି ଆସୁଥିବା ଅତ୍ୟଧିକ ପ୍ରମାଣସମ୍ମତ ତଥ୍ୟ ଏବଂ ଜ୍ଞାନକୁ ବେଖାତିରି କରିବା ପ୍ରକୃତରେ ଏକ ନୈତିକ ବିଫଳତା। ଟିକା ସୁରକ୍ଷାକୁ ନେଇ ରହିଥିବା ପ୍ରଶ୍ନଗୁଡ଼ିକର ଗଭୀର ଅନୁଧ୍ୟାନ କରାଯିବା ଦରକାର। ଏଥିପାଇଁ ଟିକା ସୁରକ୍ଷା ନିରୀକ୍ଷଣ ବ୍ୟବସ୍ଥା ରହିଛି ଏବଂ କ୍ୱଚିତ ପ୍ରତିକୂଳ ଘଟଣାଗୁଡ଼ିକ ଉପରେ ସତର୍କତାର ସହ ଗବେଷଣା କରାଯାଉଛି। କିନ୍ତୁ ଏକ ଉତ୍ତମ ଓ ବିଶ୍ୱସନୀୟ ତଦନ୍ତ ଏବଂ ଦୃଢ଼ ତଥ୍ୟକୁ ଅସ୍ୱୀକାର କରାଯିବା ମଧ୍ୟରେ ଅନ୍ତର ରହିଛି।

ବିଶେଷଜ୍ଞମାନେ ଆକଳନ କରୁଛନ୍ତି ଯେ, ଟିକା ବିରୋଧୀମାନେ ବୈଜ୍ଞାନିକ ତଥ୍ୟକୁ ଅସ୍ୱୀକାର କରିବା ଯୋଗୁ ଏବେ କ୍ଷତି ଘଟୁଛି । ରୋଗ ପୁନର୍ବାର ପ୍ରକାଶ ପାଉଛି, ଯେଉଁ ରୋଗରେ ମୃତ୍ୟୁ ହେବା କଥା ନୁହେଁ ସେଥିରେ ମୃତ୍ୟୁ ହେଉଛି ଏବଂ ସାର୍ବଜନୀନ ସ୍ୱାସ୍ଥ୍ୟ ପ୍ରଗତିକୁ ଦୁର୍ବଳ କରୁଛି। ପରିଣାମ ବିନାଶକ ହେବା ପୂର୍ବରୁ ଏହାକୁ ବନ୍ଦ କରିବାକୁ ପଡ଼ିବ। ତଥ୍ୟକୁ ଗ୍ରହଣ କରୁଥିବା ବିଶ୍ୱସନୀୟ ବୈଜ୍ଞାନିକଙ୍କୁ ସରକାର ନିଯୁକ୍ତ ଦେବା ଦରକାର। ସାର୍ବଜନୀନ ସ୍ୱାସ୍ଥ୍ୟ ସଂସ୍ଥାଗୁଡ଼ିକ ରାଜନୈତିକ ସିଦ୍ଧାନ୍ତ ଅନୁଯାୟୀ କାମ ନ କରି ସର୍ବସମ୍ମତ ବୈଜ୍ଞାନିକ ତଥ୍ୟ ଆଧାରରେ କାର୍ଯ୍ୟ କରିବାକୁ ହେବ। ଯେତେବେଳେ ଅଧିକାରୀମାନେ ତଥ୍ୟକୁ ବିରୋଧ କରୁଥିବା ଦୃଷ୍ଟିକୋଣ ସ୍ଥାୟୀ ଭାବେ ଜାରି ରଖିବେ ସେତେବେଳେ ସେମାନଙ୍କୁ ପଦବୀରୁ ବାହାର କରିଦେବା ଉଚିତ। ନଚେତ ସେମାନେ ସେହି ଦୃଷ୍ଟିକୋଣକୁ ଏକ ନୀତିରେ ପରିଣତ କରିଦେବେ, ଯାହା ଭୟଙ୍କର ପରିଣାମ ସୃଷ୍ଟି କରିବ।

**ପ୍ରଫେସର(ମେଡିକାଲ ଏଥିକ୍ସ), ସେଣ୍ଟର୍ ଫର୍ ବାୟୋମେଡିକାଲ ଏଥିକ୍ସ, ନ୍ୟାଶନାଲ ୟୁନିଭର୍ସିଟି, ସିଙ୍ଗାପୁର**

## ବହି କଥା



ଅଞ୍ଜନ ଚାନ୍ଦ

ଦିନ ଥିଲା ବହି ସହିତ ଅନ୍ତରଙ୍ଗ ହେବାପାଇଁ ନିଭୃତ କକ୍ଷଟିଏ ଲୋଡ଼ା ହେଉଥିଲା। ଯାହାର ନାଁ ଥିଲା ପଢ଼ା ଘର। ସେଇ ପଢ଼ାଘର ସବୁ ଆଜି ବି ରହିଛି। ବିଭିନ୍ନ ଶିକ୍ଷାନୁଷ୍ଠାନ ସହିତ ସରକାରଙ୍କ ସ୍ୱତନ୍ତ୍ର ପାଠାଗାରଗୁଡ଼ିକ ପୂର୍ବ ପରି ପ୍ରଚଳିତ ହେଉଛି। ଘରଗୁଡ଼ିକ ଆଧୁନିକ ଏବଂ ସୁସଜ୍ଜିତ। ବଡ଼ ବଡ଼ ଆଲମିରା ଭିତରେ ଅସଂଖ୍ୟ ପୁସ୍ତକ। ଅଥଚ ତାହାର ଅତୀତର ଆଦୃତି ଏବେ ଆଉ କେଉଁଠି ବି ନାହିଁ। ବହିର ଇତିହାସ ଅନୁସନ୍ଧାନ କଲେ ଜଣାଯାଏ ଆଜକୁ ୩୫୦୦ ବର୍ଷ ତଳେ ପ୍ରାୟ ଖ୍ରୀଷ୍ଟ ପୂର୍ବ ୧୫୦୦ରେ ବିଶ୍ୱର ପ୍ରଥମ ଗ୍ରନ୍ଥ ଋକବେଦ ସଂସ୍କୃତ ଭାଷାରେ ଭୂର୍ଜ ପତ୍ରରେ ଲେଖା ହୋଇଥିଲା। ମୁଦ୍ରିତ ପୁସ୍ତକ ପ୍ରକାଶିତ ହେବାକୁ ଏହାପରେ ଅନେକ ବର୍ଷ ବିତି ଯାଇଥିଲା। ନବମ ଶତାବ୍ଦୀରେ ସମ୍ଭବତଃ ୮୬୮ ଖ୍ରୀଷ୍ଟାବ୍ଦରେ ତତ୍କାଳୀନ ଚାଇନାରେ ଡାଇମଣ୍ଡ ସୂତ୍ର ନାମକ ପୁସ୍ତକ ମୁଦ୍ରିତ ହୋଇ ପ୍ରକାଶିତ ହେବା ପରେ ଏହା କ୍ରମଶଃ ଅନ୍ୟ ଦେଶକୁ ପ୍ରସାରିତ ହୋଇଥିଲା। କାଳକ୍ରମେ ମଣିଷର ଦୈନନ୍ଦିନ ଜୀବନ ସହିତ ବହି ଜଡ଼ିତ ହେଲା। ଗପ, ଗୀତ, ଇତିହାସ, ଖବର ସହିତ ବିବିଧ ଶିକ୍ଷା ବହି ମାଧ୍ୟମରେ ସମାଜକୁ ମିଳିପାରିଲା। ବହିର ଆବଶ୍ୟକତା ବଢ଼ିବାରୁ ମୁଦ୍ରଣ ଯନ୍ତ୍ରରେ ଉନ୍ନତି ଆସିଲା। ଏ କ୍ଷେତ୍ରରେ ଡିଜିଟାଲ ପ୍ରିଣ୍ଟିଂ ଏକ ନୂତନ ବିପ୍ଳବ ସୃଷ୍ଟି କଲା। ଏହାଦ୍ୱାରା ସହଜରେ ଏବଂ ଅଳ୍ପ ସମୟରେ ସୁନ୍ଦର ସୁନ୍ଦର ପୁସ୍ତକ ପ୍ରକାଶିତ ହୋଇ ବହି ବଜାରକୁ ସମୃଦ୍ଧ କରିଦେଲା। ଆକଳନରୁ ଜଣାଯାଏ ଏବେ ବର୍ଷକୁ ପ୍ରାୟ ୨.୨ ମିଲିୟନ ବହି ବିଶ୍ୱରେ ପ୍ରକାଶିତ ହେଉଅଛି। ଅଣପଞ୍ଜୀକୃତ ପୁସ୍ତକ ସଂଖ୍ୟାକୁ ମିଶାଇଲେ ଏହା ୪ ମିଲିୟନରୁ ଅଧିକ ହେବ। ଭାରତରେ ଏହି ସଂଖ୍ୟା ୯୦ ହଜାରରୁ ଅଧିକ ଏବଂ ଅଣପଞ୍ଜୀକୃତ ପୁସ୍ତକ କେତେ ପ୍ରକାଶିତ ହେଉଛି ତାହା ଠିକ୍ ଭାବେ କହି ହେବନାହିଁ। ବହିଗୁଡ଼ିକର ବିକ୍ରି ପରିମାଣ ମଧ୍ୟ ଅନିର୍ଦ୍ଦିଷ୍ଟ। କିନ୍ତୁ ଯେତେ ବହି ବିକ୍ରି ହେଉଛି ଅଧାରୁ ଅଧିକ ଇଂଲିଶ ଭାଷାରେ ଲିଖିତ। ଭାରତରେ ଇଂଲିଶ ଭାଷା ସମେତ ଅନ୍ୟ ପ୍ରାୟ ୨୪ଟି ଭାଷାରେ ବହି ପ୍ରକାଶିତ ହୁଏ। ୨୦୨୦ ମସିହା ପର୍ଯ୍ୟନ୍ତ ଭାରତୀୟ ପୁସ୍ତକ ବଜାର ୭୩ ହଜାର ୯୦୦ କୋଟି ଥିଲା। ପୁଣି ପ୍ରତିବର୍ଷ ଏହା ୨୦ ପ୍ରତିଶତ ହାରରେ ବୃଦ୍ଧି ହେଉଛି। ଭାରତର ବହି ବଜାର ସମ୍ପର୍କରେ ଏହି ଆକଳନ ଯଦି ସତ ହୋଇଥାଏ ତା'ହେଲେ ବର୍ତ୍ତମାନ ସମୟରେ ମଧ୍ୟ ଆମ ଦେଶରେ ବହି ବିକ୍ରି ଭଲ ଚାଲିଛି ବୋଲି ବୁଝିବାକୁ ହେବ। ଅଥଚ ଆମ ରାଜ୍ୟରେ ବହି ପ୍ରତି, ଏପରି କି ସାହିତ୍ୟ ପତ୍ରିକା ପ୍ରତି ମଧ୍ୟ ପାଠକଙ୍କ ରୁଚି ଦୟନୀୟ ଭାବରେ କମିଯାଇଛି।

ରାଜ୍ୟରେ ଅନେକ ସଙ୍ଗଠନ ଏବେ ସାହିତ୍ୟ ଓ ସଂସ୍କୃତି ସହିତ ଜଡ଼ିତ। ଗାଁରୁ ସହର ସବୁଠି ଅନେକ ସାହିତ୍ୟ ସଭା ଓ କବିତା ଆସର। ଅନେକ ପ୍ରକାଶନ ସଂସ୍ଥା କବିତା, ଗପ ଓ ନିବନ୍ଧ ପୁସ୍ତକ ଛାପିବାରେ ବ୍ୟସ୍ତ। ବର୍ଷ ଯାକ କେତେ କେତେ ପୁସ୍ତକ ଉନ୍ମୋଚନ ଏବଂ ସେଥିପାଇଁ ଆଡ଼ମ୍ବରପୂର୍ଣ୍ଣ ଉତ୍ସବମାନ ଅନୁଷ୍ଠିତ ହେଉଛି। ସମୀକ୍ଷକମାନେ ବହିର ଗୁଣ ଗ୍ରାମ ଏମିତି ବର୍ଣ୍ଣନା କରୁଛନ୍ତି, ଯେମିତି ବିଶ୍ୱର ଶ୍ରେଷ୍ଠ ବହିଟିଏ ପ୍ରକାଶିତ ହୋଇଛି। ଅଥଚ ସେ ବହି କେବେ ବଜାରକୁ ଯାଏନା। ପାଠକ ତାହାକୁ କିଣି ପଢ଼ନ୍ତି ନାହିଁ। ପ୍ରକାଶକଙ୍କ ସୌଜନ୍ୟରୁ ଯେତୋଟି ବହି ମିଳିଥାଏ ସେଗୁଡ଼ିକୁ ଲେଖକ ଆତ୍ମପ୍ରଚାର ପାଇଁ ମାଗଣା ବଣ୍ଟନ କରନ୍ତି।

ପୁସ୍ତକ ପ୍ରକାଶନ ବ୍ୟାପାର ଏବେ ଆମ ରାଜ୍ୟରେ କେବଳ ଲାଭଦାୟକ ବେପାରରେ ପରିଣତ ହୋଇଛି। ବହୁ ନାମକୁ ମାତ୍ର ପ୍ରକାଶକ, ଯେଉଁମାନଙ୍କର ପୁସ୍ତକ ବିକ୍ରୟ ପାଇଁ କୌଣସି ବ୍ୟବସାୟ କେନ୍ଦ୍ର ନାହିଁ, ବହିମେଳାରେ ମଧ୍ୟ କେବେହେଲେ ଯୋଗ ଦିଅନ୍ତି ନାହିଁ, ସେମାନେ ଲେଖକଙ୍କଠାରୁ ଅର୍ଥ ନେଇ ବହି ଛାପନ୍ତି। ବହିରେ କେଉଁ ବିଷୟ ଅଛି ତାହା ଜାଣିବାରେ ସେମାନଙ୍କର ଆଗ୍ରହ ନ ଥାଏ। ଅର୍ଥ ମିଳିଲେ ଯେ କୌଣସି ବହି ଛାପି ଦେଇପାରନ୍ତି। ନିଜ ନାମରେ ବହି ଖଣ୍ଡେ ଛପାଇ ଲେଖକର ପରିଚୟ ସାଉଁଟି ନେବାକୁ ଯେଉଁ ବିକଳ ମାନସିକତା ଆମ ଭିତରେ ପ୍ରବଳ ହେଉଛି ସେଇ ତଥାକଥିତ ପ୍ରକାଶକମାନେ ତାହାର ଫାଇଦା ନେଉଛନ୍ତି।

ପୁସ୍ତକ ପଠନ ପାଇଁ ମାନସିକତା ହିଁ ସବୁଠାରୁ ବଡ଼ କଥା। ଏବେ କିନ୍ତୁ ସେପରି ନାହିଁ। ବଡ଼ମାନେ ସମୟ ମିଳିବା ମାତ୍ରେ ମୋବାଇଲ ଉପରେ ଝୁଙ୍କି ପଡୁଛନ୍ତି। ପିଲାମାନେ ବହିରେ ଛବି ଦେଖିବା ଅଥବା ହାତରେ ଖଡ଼ି ଧରିବା ଆଗରୁ ମୋବାଇଲରେ ଟିପ ମାରି ଖୁସି ହୋଇ ଯାଉଛନ୍ତି। ବହି ପଢ଼ିବା ପ୍ରତି ରୁଚି ହ୍ରାସ ପାଇବାରେ କେବଳ ଆମର ବିବର୍ତ୍ତିତ ମାନସିକତା ହିଁ କାରଣ ବୋଲି ମନେହୁଏ। ବରିଷ୍ଠଙ୍କ ଆଚାର ବିଚାରରେ ସୁସ୍ଥତା କନିଷ୍ଠମାନଙ୍କୁ ପ୍ରଭାବିତ କଲେ ଏବେ ମଧ୍ୟ ପ୍ରକାଶ ପାଉଥିବା ଭଲ ବହି ଗୁଡ଼ିକ ପାଠକଙ୍କ ହାତରେ ଶୋଭା ପାଇବ ବୋଲି ଆଶା ଓ ବିଶ୍ୱାସ।

**ବିକାଶନଗର, ଅଙ୍ଗାରଗଡ଼ିଆ, ବାଲେଶ୍ୱର**
**ମୋ: ୬୩୭୦୬୬୧୧୪୭**

## ଏଇ ଭାରତରେ

ଭାରତର ବିଭିନ୍ନ ଅଞ୍ଚଳରେ ନବଜାତକଙ୍କ ଓଜନ କମ୍ ରହୁଥିବା ଦେଖାଯାଉଛି। ଗର୍ଭବତୀଙ୍କ ପୁଷ୍ଟିକର ଖାଦ୍ୟ ଅଭାବ ଯୋଗୁ ଏହା ଘଟୁଛି ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହନ୍ତି। ଏହି ସମସ୍ୟା ଆଦିବାସୀ ଅଞ୍ଚଳରେ ଅଧିକ । ତେବେ ଛତିଶଗଡ଼ କୋରେଆ ଜିଲାର ଜିଲାପାଳ ଚନ୍ଦନ ରଞ୍ଜନ ତ୍ରିପାଠୀ ଗର୍ଭଧାରଣ ସମୟରେ ପୁଷ୍ଟିହୀନତା ଦୂର କରିବା ସକାଶେ ୨୦୨୫ରୁ 'କୋରେଆ ମୋତାକ ଲଡୁ' ଯୋଜନା ଆରମ୍ଭ କରିଛନ୍ତି। ଏଥିରେ ଗର୍ଭବତୀଙ୍କୁ ପୁଷ୍ଟିକର ଲଡୁ ଖାଇବାକୁ ଦିଆଯାଉଛି। ଲଡୁ ଯୋଜନାକୁ ସଫଳ କରିବା ସକାଶେ ଜିଲାପାଳ ଏକ ଟିମ୍ ଗଠନ କରିଛନ୍ତି। ଅଟା, ଗୁଡ଼, ରାଶି, ବାର୍ଲି ଓ ଘିଅରେ ଲଡୁ କରାଯାଉଛି। ପ୍ରତ୍ୟେକ ଲଡୁର ଓଜନ ୨୦ ଗ୍ରାମ। ସ୍ଥାନୀୟ ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀ ଲଡୁ ତିଆରିରେ ସହଯୋଗ କରୁଛନ୍ତି। ପ୍ରତିଦିନ ଜଣେ ଗର୍ଭବତୀଙ୍କୁ ଦୁଇଟି ଲଡୁ ଖାଇବାକୁ ଦିଆଯାଉଛି। ଅଙ୍ଗନୱାଡ଼ିକେନ୍ଦ୍ର, ପିଏଚ୍‌ସି ଏବଂ ଆଶାକର୍ମୀଙ୍କ ମାଧ୍ୟମରେ ଲଡୁ ବଣ୍ଟାଯାଉଛି। ଯୋଜନା ଆରମ୍ଭ ସମୟରେ ଗର୍ଭବତୀମାନେ ଏହି ଲଡୁ ଖାଉ ନ ଥିଲେ। କିନ୍ତୁ ପରେ ସେମାନଙ୍କ ପରିବାର ଏହାର ଆବଶ୍ୟକତା ଜାଣିବା ପରେ ଗର୍ଭବତୀମାନେ ଲଡୁ ଖାଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୬ ଫେବୃଆରୀ ୧୯୭୭

- କ୍ଷୁଦ୍ରଶିଳ୍ପ ସଂସ୍ଥାଗୁଡ଼ିକ ପ୍ରତି କମ୍ପାନୀ ଆଇନର ୫୮ (କ) ଧାରା ଲାଗୁ ହେବନାହିଁ ବୋଲି ସରକାର ଏକ ବିଜ୍ଞପ୍ତି ଜରିଆରେ ଘୋଷଣା କରିଛନ୍ତି।
- ବଡ଼ ବଡ଼ ସହର ଓ ଜାତୀୟ ଗୁରୁତ୍ୱ ଥିବା ସଂସ୍ଥାଗୁଡ଼ିକର ଉନ୍ନୟନ ପାଇଁ କେନ୍ଦ୍ର ସରକାର ୯ଟି ରାଜ୍ୟକୁ ଯୋଜନା ସାହାଯ୍ୟ ଛଡ଼ା ଅତିରିକ୍ତ ୧୫ କୋଟି ୫୪ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | | | 6 | 2 | | |
| 2 | | 1 | 7 | | | 3 | 6 | |
| | | | 3 | | 2 | | | 4 |
| | | | | | | | 4 | |
| | 1 | 8 | 4 | 9 | 5 | | | |
| 4 | | 5 | 6 | 2 | 7 | | | |
| | 6 | 2 | | | | | | |
| | 4 | 9 | 2 | 3 | | 6 | | 5 |
| 1 | | | 5 | | 9 | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 2 | 8 | 1 | 4 | 7 | 5 | 9 | 6 |
| 7 | 6 | 9 | 5 | 8 | 2 | 4 | 1 | 3 |
| 4 | 1 | 5 | 3 | 9 | 6 | 7 | 2 | 8 |
| 1 | 5 | 6 | 4 | 7 | 9 | 8 | 3 | 2 |
| 2 | 9 | 7 | 8 | 1 | 3 | 6 | 5 | 4 |
| 8 | 4 | 3 | 6 | 2 | 5 | 9 | 7 | 1 |
| 5 | 3 | 2 | 9 | 6 | 4 | 1 | 8 | 7 |
| 6 | 7 | 1 | 2 | 5 | 8 | 3 | 4 | 9 |
| 9 | 8 | 4 | 7 | 3 | 1 | 2 | 6 | 5 |

ଗତକାଲିର ଉତ୍ତର

# ଗୋଟିଏ ଲାଉର ଦୁଇଟି ମଞ୍ଜି



ଡ. ମନୋଜ କୁମାର ମହାନ୍ତି

ଯାଯାବର ମଣିଷ ନଦୀକୂଳରେ ବସତି ସ୍ଥାପନ କରି କୃଷିକୁ ଜୀବିକାଭାବେ ଗ୍ରହଣ କଲା। କୃଷି ବଂଶାନୁକ୍ରମିକଭାବେ ଜୀବିକା-ନିର୍ବାହର ସ୍ରୋତ ପାଲଟିଗଲା। ସମୟକ୍ରମେ କୃଷି ସହ ଅନ୍ୟାନ୍ୟ କର୍ମକୁ ଜୀବିକାନିର୍ବାହ ପନ୍ଥାରୂପେ ଗ୍ରହଣ କଲା। ସମୟକ୍ରମେ ବିଜ୍ଞାନ ଓ ବୈଷୟିକ ବିଜ୍ଞାନ ସାହାରାରେ ସୃଷ୍ଟିହେଲା ଆତ୍ମନିଯୁକ୍ତିର ସୁବିଧା ସୁଯୋଗ। ଏଥିସହ ରାଷ୍ଟ୍ରକୁ ସୁଶାସନ, ଶିକ୍ଷା, ସ୍ୱାସ୍ଥ୍ୟ ସହ ସାଧାରଣ ଜନତାଙ୍କ ଜୀବନକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିବାପାଇଁ ସରକାରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଗଲା। ରାଷ୍ଟ୍ରର ସୁରକ୍ଷା ତଥା ସାଧାରଣ ଜନତାଙ୍କ ସେବକ ସାଜିଥିବା ଗଣତନ୍ତ୍ରର ବ୍ୟବସ୍ଥାପିକାର ସର୍ବୋଚ୍ଚ ଆସନରେ ଅଧିଷ୍ଠିତ ନେତାଙ୍କ ବୃତ୍ତିଭାବେ ରାଜନୀତି ଏକ ସ୍ୱତନ୍ତ୍ର ପରିଚୟ। ସାଧାରଣ ଜନତାଙ୍କୁ ସୁରକ୍ଷା, ସୁଶାସନ ସହ ନ୍ୟାୟଦେବା ଲକ୍ଷ୍ୟରେ ନିଜକୁ ଶାସକ ବୃତ୍ତିରେ ସାମିଲ କରି ଜନତାଙ୍କ ସୁଖଦୁଃଖର ସାଥୀଭାବେ ନିଜକୁ ପରିଚିତ କରାନ୍ତି। ରାଜତନ୍ତ୍ରରେ ଯେପରି ରାଜା ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡର ଅଧିକାରୀ, ସମସ୍ତ ପ୍ରଜାମାନଙ୍କର ରକ୍ଷକ, ପାଳନ କର୍ତ୍ତା, ନ୍ୟାୟଦାତା, ଅନ୍ନଦାତା ଠିକ ସେମିତି ଗଣତନ୍ତ୍ର ବ୍ୟବସ୍ଥାରେ ନିର୍ବାଚିତ ନେତାଙ୍କ ଭୂମିକା ଏକାପ୍ରକାରର। ରାଜତନ୍ତ୍ର ସମୟରେ ରାଜା ନିର୍ବାଚନ ଏକ ପାରିବାରିକ ସ୍ୱୀକୃତିଭିତ୍ତିକ କିନ୍ତୁ ଗଣତନ୍ତ୍ରରେ ଅବଶ୍ୟ ତାହା ସର୍ବସମ୍ମତିକ୍ରମେ। ଯଦିଓ ଗଣତନ୍ତ୍ରରେ ପରିବାରବାଦର ପ୍ରଭାବ ଏବେବି ବଳବତ୍ତର କିନ୍ତୁ ତାହା ନିର୍ବାଚିତ ପ୍ରକ୍ରିୟା ମାଧ୍ୟମରେ ସମ୍ପାଦିତ। ନିର୍ବାଚନ ପୂର୍ବରୁ ସାଧାରଣ ଜନତାଙ୍କୁ ହାତଯୋଡ଼ି, ମୁଣ୍ଡିଆମାରି, ମା-ଭଉଣୀ ଓ ମଉସା-ମାଉସୀର ପରିଚୟ ସୃଷ୍ଟିକରି ସବୁ ସମସ୍ୟାର ସମାଧାନ ସହ ନ୍ୟାୟପାଇଁ ପୂର୍ଣ୍ଣ ପ୍ରତିଶ୍ରୁତି ଦିଆଯାଏ। ବାସ୍ତବରେ ରାଜନୀତିରେ ଯୁଗେଯୁଗେ ଜୟ। ସେ ରାଜା ହୁଅନ୍ତୁ କି ନେତା। ରାଜତନ୍ତ୍ରେ ରାଜା ଓ ଗଣତନ୍ତ୍ରେ ନେତାମନ୍ତ୍ରୀ, ରାଷ୍ଟ୍ର ଶାସନର ପରିଭାଷା। କୌଶଳପୂର୍ବକ ରାଜନୀତିରେ ତଥା ଶାସନଗାଦିରେ ନିଜକୁ ରାଜାଭିଷେକ କରିବାର ଆପ୍ରାଣ ଉଦ୍ୟମରେ ଅହରହ ବ୍ୟସ୍ତ। ରାଜନୀତିରେ ଯେଉଁ ଆନନ୍ଦ ଅଛି ତାହା ଆଉ କେଉଁଠି ନାହିଁ। ଅବଶ୍ୟ ପଥ ଟିକେ ବନ୍ଧୁର ତଥାପି ଥରେ ପଥିକ ହୋଇଗଲେ ପାଦ ଆପେଆପେ ସେ ବନ୍ଧୁର ପଥକୁ ଅତିକ୍ରମ କରିଚାଲେ। ଭାରତରେ ନିଜ ପ୍ରିୟଜନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ରାଜନୀତିର ପଶା ଖେଳାଯାଏ। ଯଦି ଉପରୁ ତଳ ପର୍ଯ୍ୟନ୍ତ ସବୁ ତାଳମେଳ ଠିକ-ଠାକ୍ ରହେ ତେବେ ମନ୍ତ୍ରୀପଦ ମିଳିବା ଥୟ। ଶାସକ ଦଳରେ ଯେକୌଣସି ବିଭାଗରେ ନେତାପଦ 'ସୌଭାଗ୍ୟ ଉପରେ ପାଟଛତା' ସଦୃଶ।

ଶାସନକୁ ଆସିବା ପୂର୍ବରୁ ପୂର୍ବ ସରକାର ବିରୋଧରେ ଅନେକ ଅଭିଯୋଗ ସହ ସାଧାରଣଜନତାଙ୍କୁ ମୋହଗ୍ରସ୍ତକରି ଶାସନରେ ଅଧିଷ୍ଠିତ ହୋଇ ଶେଷରେ ସେମାନଙ୍କ ସହ ଚକ୍ରାନ୍ତ କରାଯାଉଛି। ସମସ୍ତ ଯୋଗ୍ୟତା ଥାଇ ଶିକ୍ଷିତ ଯୁବସମାଜକୁ ତଥା ସାଧାରଣ ଜନତାଙ୍କୁ ନ୍ୟାୟ ଦେବାପାଇଁ ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା ସେକଥା ଭୁଲି ଯାଉଛନ୍ତି। ସାଧାରଣ ଜନତାଙ୍କୁ ମାଗଣା ଟଙ୍କାକିଆ ଚାଉଳ, ରାଶନ କାର୍ଡ଼, ରାଜ୍ୟରେ ନାରୀଙ୍କୁ ଆର୍ଥିକ ସଶକ୍ତ କରାଇବା ପାଇଁ ଟଙ୍କା, ବୃଦ୍ଧାବୃଦ୍ଧଙ୍କୁ ମାସିକ ଭତ୍ତା ଦେଇ ନିଜର ମୋଟାଅଙ୍କର ବେତନ ସହ ସବୁପ୍ରକାର ଭତ୍ତା ରୁଣ୍ଡେଇବାପାଇଁ ଆଗଭର ନେତାଗଣ। ନେତାଙ୍କ ପାଇଁ ସବୁ ମାଗଣା। ପାଞ୍ଚବର୍ଷ ପୂରଣପରେ ବାକିଜୀବନ ପେନ୍‌ସନରେ। ଶାସନରେ ଅଧିଷ୍ଠିତ ପ୍ରତ୍ୟେକ ଶାସକ ସେ ରାଜତନ୍ତ୍ରରେ ରାଜା ହୁଅନ୍ତୁ କି ଗଣତନ୍ତ୍ରରେ ନେତା ସମସ୍ତଙ୍କର ସେଇ ଏକାପ୍ରକାରର ମନୋଭାବ। ନିଜକୁ ସର୍ବୋଚ୍ଚ ଆସନରେ ଅଧିଷ୍ଠିତ କରି ଜନତାଙ୍କୁ ପରୋକ୍ଷରେ ହେଉ କି ପ୍ରତ୍ୟକ୍ଷରେ ନିୟନ୍ତ୍ରଣ କରିବା ପ୍ରତ୍ୟେକ ଶାସକର ଲକ୍ଷ୍ୟ। ସେଦିନର ରାଜତନ୍ତ୍ରର ରାଜା ଏବର ଗଣତାନ୍ତ୍ରିକ ନେତା ମଧ୍ୟରେ କିଛି ପ୍ରଭେଦ ନାହିଁ। ଯେଉଁ ସ୍ୱେଚ୍ଛାଚାରିତା ରାଜତନ୍ତ୍ରରେ ଦେଖିବାକୁ ମିଳେ ତାହା ପୁନଶ୍ଚ ଗଣତନ୍ତ୍ରରେ ପ୍ରତିଫଳିତ ହେଉ ନାହିଁ ତ ? କାରଣ ରାଜତନ୍ତ୍ର ଶାସକଗୋଷ୍ଠୀ ନିଜ ସୁଖସୁବିଧାର ପୂରଣ ଲକ୍ଷ୍ୟରେ ସାଧାରଣ ଜନତାଙ୍କ ଉପରେ ଅଯଥା ଭିନ୍ନଭିନ୍ନ 'କର' ଆଦାୟ କରିବାପରି ଗଣତନ୍ତ୍ର ଶାସକଗଣ ଜନତାଙ୍କ ସଂଗୃହୀତ 'ଦ୍ରବ୍ୟକର'ରୁ ରାଜକୋଷ ଭରିବା ପରେ ସେଥିରୁ ବିଭିନ୍ନ ସରକାରୀ ଯୋଜନା ମାଧ୍ୟମରେ ନିଜପାଇଁ କିଛି ପ୍ରତିଶତ ଯୋଗାଡ କରିବା ନେତାଙ୍କର ଭିତିରିଆ କାରବାର। ପ୍ରାଥମିକ ବିଦ୍ୟାଳୟରୁ ଆରମ୍ଭ କରି ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ, ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟାପକ/ଅଧ୍ୟାପିକା ତଥା ଅନ୍ୟାନ୍ୟ କର୍ମଚାରୀଙ୍କ ଜୀବନ ନିର୍ବାହ ଯାହାଯେମିତି ହେଉପଛେ, ତା'ପ୍ରତି ନେତାମନ୍ତ୍ରୀଙ୍କର ଟିକେ ଭ୍ରୂକ୍ଷେପ ନାହିଁ। ବିଧାନସଭା ନିକଟସ୍ଥ ଲୋୟର ପିଏମ୍‌ଜିରେ ଥିବା ଧାରଣା ସ୍ଥଳରେ ବର୍ଷସାରା ବିଭିନ୍ନ ବିଭାଗର ସରକାର ଚୁକ୍ତିଭିତ୍ତିକ କର୍ମଚାରୀ, ସ୍ୱଳ୍ପ ବେତନଭୋଗୀ ଏବଂ ପେନ୍‌ସନରୁ ବଞ୍ଚିତ ଅବିବାହିତ ଝିଅ, ବିବାହିତ ମହିଳା, ମଧ୍ୟ ବୟସ୍କ, ବୟସ୍କ ତଥା ଶାରୀରିକ ଅକ୍ଷମ ନାରୀପୁରୁଷ ଦିବାରାତ୍ରି ଧାରଣାରେ ଦେଉଥିବାର କ'ଣ କିଛି ମହତ୍ତ୍ୱ ନାହିଁ?



ଏବକାର ଗଣତନ୍ତ୍ର ଓ ସେବର ରାଜତନ୍ତ୍ର ଗୋଟିଏ ଲାଉର ଦୁଇଟି ମଞ୍ଜି ସଦୃଶ। ସେଦିନ ରାଜତନ୍ତ୍ରରେ ରାଜା ଏକଛତ୍ରବାଦ, ଯୁଦ୍ଧଖୋର, ଧର୍ମାନ୍ଧତା, ବିସ୍ତାରବାଦକୁ ନିଜର ପ୍ରମୁଖ ଅସ୍ତ୍ର କରୁଥିଲେ ଆଜି ମଧ୍ୟ ଗଣତନ୍ତ୍ରରେ ନେତୃବୃନ୍ଦଙ୍କ ମଧ୍ୟରେ ଏକଛତ୍ରବାଦ, ଯୁଦ୍ଧଖୋର, ଧର୍ମାନ୍ଧତା ସହ ବିସ୍ତାରବାଦର ମାନସିକତା ଦେଖିବାକୁ ମିଳୁଛି। ଯେମିତି ରାଜତନ୍ତ୍ରରେ ରାଜାମାନେ ନିର୍ଦ୍ଦିଷ୍ଟ ଧର୍ମର ପୃଷ୍ଠପୋଷକତାକୁ ପ୍ରଶ୍ରୟ ଦେଇ ଚାଲିଥିଲେ ଗଣତନ୍ତ୍ରରେ ନେତାମାନେ ମଧ୍ୟ ନିଜକୁ ଏକ ନିର୍ଦ୍ଦିଷ୍ଟ ଧର୍ମର ରକ୍ଷକଭାବେ ଗ୍ରହଣ କରି ସାମ୍ପ୍ରଦାୟିକ ହିଂସାକାଣ୍ଡ ସୃଷ୍ଟି କରି ଚାଲିଛନ୍ତି।

**ଦର୍ଶନ ବିଭାଗୀୟ ମୁଖ୍ୟ**
**ବି.ଏନ. ଏମ.ଏ. ମହାବିଦ୍ୟାଳୟ**
**ଭଦ୍ରକ, ମୋ:୮୮୯୫୩୪୧୦୩୩**

## ପାଠକ ଶ୍ରେଷ୍ଠ ବିଚାରକ

### ବିମାନ ସେବା ପୁନଃ ଆରମ୍ଭ ହେଉ

ମହାଶୟ,

'ଉଡାନ' କେବଳ ମାତ୍ର ଏକ ଯୋଜନା ନୁହେଁ ବରଂ ଏହା ସମାବେଶୀ, ସ୍ଥାୟୀ ଏବଂ ଆମ ବିକାଶ ଯାତ୍ରାର ଏକ ଅଭିନ୍ନ ଅଙ୍ଗ। ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁର ନିକଟସ୍ଥ ରଙ୍ଗେଇଲୁଣ୍ଡା 'ଉଡାନ' ଯୋଜନାରେ ସାମିଲ ହେଲା। ୫ ମାର୍ଚ୍ଚ ୨୦୨୩ ପଞ୍ଚାୟତିରାଜ ଦିବସ ଅବସରରେ ବହୁ ଆଡ଼ମ୍ବରରେ ଆରମ୍ଭ ହେଲା ଇଣ୍ଡିଆ ୱାନ୍ ଏୟାର କମ୍ପାନୀର ରଙ୍ଗେଇଲୁଣ୍ଡାରୁ ଭୁବନେଶ୍ୱର ୯ ସିଟ୍‌ବିଶିଷ୍ଟ ସପ୍ତାହରେ ତିନି ଦିନ ଚଳାଚଳ କରିବାକୁ ଥିବା ବିମାନ ସେବା। ବ୍ରହ୍ମପୁରରୁ ଭୁବନେଶ୍ୱର ୧୭୦ କିଲୋମିଟର ଦୂରତା ପାଇଁ ଉଡାଜାହାଜ ନିଏ ମାତ୍ର ୩୦ ମିନିଟ ସମୟ। ବିମାନ ଭଡ଼ା ୧୨୦୦ରୁ ୧୪୦୦ ଟଙ୍କା। ତେବେ ଦୀର୍ଘ ଦୁଇ ବର୍ଷରୁ ଅଧିକ ସମୟ ଧରି ବ୍ରହ୍ମପୁର ଆକାଶରେ ଆଉ ବିମାନ ଉଡୁନାହିଁ। ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ୍ ପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ ହେଲେ ରାଜ୍ୟର ବିଭିନ୍ନ ସ୍ଥାନ ତଥା ପଡ଼ୋଶୀ ରାଜ୍ୟକୁ ବିମାନ ଚଳାଚଳ କରନ୍ତା ଯାହାର ସୁଫଳ ଓଡ଼ିଶାବାସୀ ପାଇ ପାରନ୍ତେ। ଦକ୍ଷିଣ ଓଡ଼ିଶାବାସୀଙ୍କ ଭାବ, ଓ ଆବେଗ ରଙ୍ଗେଇଲୁଣ୍ଡା ସହ ଜଡ଼ିତ। ବ୍ରହ୍ମପୁର ଏବଂ ଦକ୍ଷିଣ ଓଡ଼ିଶାର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପରୁ ଖୁବ୍‌ଶୀଘ୍ର ଯେପରି ବିମାନ ଚଳାଚଳ ଆରମ୍ଭ ହୁଏ, ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉ। ଆଉ ଅଧିକ ବିଳମ୍ବ ନ ହେଉ।

**-ପ୍ରତାପ ନାୟକ, କେ୯ଏ କଳିଙ୍ଗ ବିହାର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ରୂପର ଛଳନା ନ କର ଆଉ
ରୂପସି ଆଗୋ
ରୂପର ଉଢ଼ାଳେ ଲୁଚାଅ ନାହିଁ
ମନର ଦାଗ ।
-(ପ୍ରାଚୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଜଙ୍ଗଲ ନିଆଁ ନିବାରଣ ନେଇ ଯୁବ, ଛାତ୍ର ସମାଜକୁ କରାଯିବ ସଚେତନ

## ସାଥୀ ପରିବାର, 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସହଯୋଗରେ ସାଇକେଲ ଯାତ୍ରା

ଅନୁଗୋଳ,୫।୨ (ଜ୍ୟୋତିରଞ୍ଜନ ସାହୁ)/(ଦିବ୍ୟଶାନ୍ତନୁ ନାଥ)

ଜଙ୍ଗଲ ନିଆଁ ନିବାରଣ ସହ ପ୍ରକୃତି ଓ ପରିବେଶ ସୁରକ୍ଷାକୁ ଜନାନ୍ଦୋଳନର ଆକାର ଦେବା ଉଦ୍ଦେଶ୍ୟରେ ସାଥୀ ପରିବାର, 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସହଯୋଗରେ ବିଶାଳ ସଚେତନତାମୂଳକ ସାଇକେଲ ଶୋଭାଯାତ୍ରା ଗୁରୁବାର ଅନୁଗୋଳ ବ୍ଲକ ପୁରୁଣାଗଡ଼ ଜଗନ୍ନାଥ ମନ୍ଦିର ସମ୍ମୁଖରୁ ଶୁଭାରମ୍ଭ ହୋଇଛି। ଆସନ୍ତା ୯ ତାରିଖରେ ଶୈଳଶ୍ରୀକ୍ଷେତ୍ରରେ ଶେଷ ହେବାକୁ ଥିବା ଏହି ୫ ଦିନିଆ ସାଇକେଲ ଯାତ୍ରା ପ୍ରାୟ ୨୮୦ କିଲୋମିଟର ଦୂରତା ଅତିକ୍ରମ କରିବ। ଏହି ଯାତ୍ରା ସମୟରେ ୧୨୦ଟି ଗ୍ରାମର ଲୋକଙ୍କ ମଧ୍ୟରେ ସଚେତନତାର ବାର୍ତ୍ତା ବଣ୍ଟାଯିବ। ବିଶେଷକରି ଜଙ୍ଗଲ ନିଆଁକୁ କିପରି ପ୍ରତିରୋଧ କରାଯାଇପାରିବ, ସେ ସମ୍ପର୍କରେ ଯୁବ ଓ ଛାତ୍ର ସମାଜକୁ ସଚେତନ କରାଯିବା ଲକ୍ଷ୍ୟ ରଖାଯାଇଛି।

ସାଥୀ ପରିବାର ଅନୁଷ୍ଠାନର ମୁଖ୍ୟ ପରାମର୍ଶଦାତା ସୁଶାନ୍ତ ତ୍ରିପାଠୀ ଓ କର୍ମକର୍ତ୍ତା ସୁବ୍ରତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ପୁରୁଣାଗଡ଼ ଜଗନ୍ନାଥ ମନ୍ଦିରଠାରୁ ସକାଳ ୮ଟାରେ ଏହି ସାଇକେଲ ସଚେତନତା ଯାତ୍ରା ଆରମ୍ଭ ହୋଇଥିଲା। ମାଟିଆସାହି ସରପଞ୍ଚ ସତ୍ୟବ୍ରତ ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅଞ୍ଚଳରେ ଉତ୍ସାହଜନକ ପରିବେଶ ସୃଷ୍ଟି ହୋଇଥିଲା। ନାମ ସଂକୀର୍ତ୍ତନ ସହ ପରିବେଶ ପ୍ରେମୀ, ଛାତ୍ରୀଛାତ୍ର ଓ



ଅନୁଗୋଳ ପୁରୁଣାଗଡ଼ ଜଗନ୍ନାଥ ମନ୍ଦିର ସମ୍ମୁଖରୁ ସଚେତନତା ସାଇକେଲ ଯାତ୍ରାର ଶୁଭାରମ୍ଭ କରାଯାଉଛି।

### ୫ ଦିନରେ ୨୮୦ କି.ମି. ପରିକ୍ରମା, ୧୨୦ ଗ୍ରାମରେ ବଣ୍ଟାଯିବ ସଚେତନତା ବାର୍ତ୍ତା

ସ୍ଥାନୀୟ ଅଧିବାସୀ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ଛୋଟ ପିଲାମାନେ ନିଜ ସାଇକେଲ ନେଇ ଏହି ଶୋଭାଯାତ୍ରାରେ ଯୋଗଦେବା ଅଭିଯାନକୁ ଆକର୍ଷଣୀୟ କରିଥିଲା। ସ୍ଥାନୀୟ ଲୋକେ ମଧ୍ୟ ଏହି ସାଇକେଲ ଯାତ୍ରାକୁ ସ୍ୱାଗତ କରି ପରିବେଶ ସୁରକ୍ଷାରେ ସହଯୋଗ କରିବାକୁ ଆଗେଇ ଆସିଥିଲେ। ଏହି ଅବସରରେ ସୁଶାନ୍ତ ଓ ସୁବ୍ରତ କହିଥିଲେ, ପ୍ରତିବର୍ଷ ଗ୍ରୀଷ୍ମଋତୁରେ ଜଙ୍ଗଲରେ ଲାଗୁଥିବା ନିଆଁ ଯୋଗୁ ବନ୍ୟପ୍ରାଣୀ, ବୃକ୍ଷଲତା, ମାଟି ଓ ଜଳବାୟୁ କିପରି ଘୋର ପ୍ରଭାବିତ ହେଉଛି, ସେ ସମ୍ପର୍କରେ ଲୋକଙ୍କୁ ବୁଝାଯିବ। ପାହାଡ଼ ଓ ଜଙ୍ଗଲର ଶୁଖିଲା ପତ୍ରରେ ନିଆଁ ଲଗାଯିବା କାର୍ଯ୍ୟ ବର୍ଜନ କରିବାକୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯିବ। ଦୈନନ୍ଦିନ ଜୀବନରେ ପରିବେଶମୂଳକ ଅଭ୍ୟାସ ଗଢ଼ି ତୋଳିବାକୁ ଉତ୍ସାହିତ କରାଯିବ। ଗ୍ରାମେ ଗ୍ରାମେ ଚାରାରୋପଣ ସହ ସେଗୁଡ଼ିକର ଯତ୍ନ ନେବା ପାଇଁ ଲୋକଙ୍କୁ ଆହ୍ୱାନ ଦିଆଯିବ। ପଲିଥିନ୍, ପ୍ଲାଷ୍ଟିକ ବୋତଲ, ଗ୍ଲାସ ଓ ପ୍ଲେଟ ଭଳି ଏକକ ବ୍ୟବହୃତ ପ୍ଲାଷ୍ଟିକ ସାମଗ୍ରୀର ବ୍ୟବହାର ହ୍ରାସ କରିବାକୁ ପରାମର୍ଶ ଦିଆଯିବ। ଶକ୍ତି, ଜଳ ସଂରକ୍ଷଣ ସହ ସ୍ଥାନୀୟ ବନ୍ୟପ୍ରାଣୀ ଓ ପକ୍ଷୀ ସୁରକ୍ଷା ବିଷୟରେ ମଧ୍ୟ ସଚେତନତା ସୃଷ୍ଟି କରାଯିବ। ରାସାୟନିକ ସାର ବଦଳରେ ଜୈବିକ ଖତ ବ୍ୟବହାର ସହ ପ୍ରାକୃତିକ କୃଷି ଓ ଗୋ-ସମ୍ପଦ ସୁରକ୍ଷା ଉପରେ କୃଷକମାନଙ୍କ ସହିତ ଆଲୋଚନା କରାଯିବ ବୋଲି ଉଭୟେ କହିଛନ୍ତି।

ଏହି ସାଇକେଲ ସଚେତନତା ଯାତ୍ରା ଅନୁଗୋଳ ବନଖଣ୍ଡ, ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଏବଂ ଆଠମଲ୍ଲିକ ବନଖଣ୍ଡର ୧୨୦ରୁ ଅଧିକ ଗ୍ରାମ ପରିକ୍ରମା କରି ଗ୍ରାମବାସୀ, ମାତୃଶକ୍ତି, ଯୁବଶକ୍ତି ଓ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯିବ। ସାଥୀ ପରିବାର ଅନୁଷ୍ଠାନର ମୁଖ୍ୟ ପରାମର୍ଶଦାତାଙ୍କ ସହ ଏହି କାର୍ଯ୍ୟକ୍ରମରେ ସଭାପତି ସିଦ୍ଧାର୍ଥ ପ୍ରଧାନ, ସୁବ୍ରତ ପ୍ରଧାନ, ସଦସ୍ୟ ପିଣ୍ଟୁ ବେହେରା, ରାଜେଶ ରଞ୍ଜନ ସାହୁ, ଶୁଭେନ୍ଦୁ ସାହୁ, ଦିଲୀପ ସାହୁ, ସୌମ୍ୟରଞ୍ଜନ ଥମ୍ଭ, ଗୁରୁଦେବ ସାହୁ, ବିଜୟ କୁମାର ଜେନା, ପପୁନ ସାହୁ, ଯୁବ ସାମାଜିକ କର୍ମୀ ସୁବ୍ରତ କୁମାର ସାହୁ, ଆର୍ଯ୍ୟଭଟ୍ଟ ଶିକ୍ଷାନୁଷ୍ଠାନର ବିନୋଦ ମାଝୀ ଓ ଦିବ୍ୟରଞ୍ଜନ ସାହୁ, ସୁମନ୍ତ ସାହୁ, ସେକେଣ୍ଡ ୟୁଥ୍ ଲାଇଟ୍ ଆସୋସିଏଶନର ଶିପୁନ ସାହୁ, ସୁନୀଲ ଦଳବେହେରା ଏବଂ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ପରିବାରର ଅନୁଗୋଳ ଜିଲା ସଦସ୍ୟମାନେ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଆବେଦନ ୧୮ ଯାଏ ବୃଦ୍ଧି

ଭୁବନେଶ୍ୱର,୫।୨ (ସୁଚିସ୍ମିତା ସାହୁ)

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଆବେଦନ ସମୟସୀମା ବୃଦ୍ଧି କରାଯାଇଛି। ପୂର୍ବରୁ ଏହାକୁ ଫେବୃଆରୀ ୫ ତାରିଖ ଯାଏ ବଢ଼ାଯାଇଥିଲାବେଳେ ଏବେ ଆସନ୍ତା ୧୮ ତାରିଖକୁ ପୁନଃ ବୃଦ୍ଧି କରାଯାଇଛି। ଏଥିପାଇଁ www.msp.odisha.gov.inରେ ଆବେଦନ କରିପାରିବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଅଧୀନରେ ମାଧ୍ୟମିକ ବିଦ୍ୟାଳୟ ଏବଂ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ପୁରସ୍କାର, ପ୍ରାଥମିକ ବିଦ୍ୟାଳୟ ଏବଂ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପୁରସ୍କାର, ପୁରାତନ ଛାତ୍ରୀଛାତ୍ର କମିଟି ପୁରସ୍କାର, ଗ୍ରାମପଞ୍ଚାୟତ ପୁରସ୍କାର, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ (ସିଆର୍‌ସିସି) ପୁରସ୍କାର, ଜିଲା ଶିକ୍ଷା ଅଧିକାରୀ (ଡିଇଓ) ପୁରସ୍କାର, ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ପୁରସ୍କାର, ଜିଲା ପୁରସ୍କାର, ବ୍ଲକ ପୁରସ୍କାର, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି) ପୁରସ୍କାର ପାଇଁ ଆବେଦନ ପ୍ରକ୍ରିୟା ଜାରି ରହିଛି। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରର ୱେବ୍‌ସାଇଟରେ ସମସ୍ତ ସୂଚନା ଉପଲବ୍ଧ ରହିଥିବା କୁହାଯାଇଛି।

# ମାଓବାଦୀମୁକ୍ତ ହେଲା କୋରାପୁଟ ଜିଲା

କୋରାପୁଟ,୫।୨ (ଅମିତାଭ ବେହେରା)

ମାଲକାନଗିରି ପରେ କୋରାପୁଟ ଜିଲା ମାଓବାଦୀ ବିରୋଧୀ ଅଭିଯାନରେ ପୋଲିସକୁ ବଡ଼ ସଫଳତା ମିଳିଛି। ଦୀର୍ଘଦିନ ଧରି ମାଓବାଦୀ ସଙ୍ଗଠନ ସହ ସମ୍ପୃକ୍ତ ଥିବା ଆନ୍ଧ୍ର-ଓଡ଼ିଶା ସୀମାନ୍ତ ଏସିଏମ୍ କ୍ୟାଡର ମହିଳା ମାଓବାଦୀ ମମତା ପଡ଼ିଆମୀ ଓରଫ ସୋନି ଓରଫ ମମିତା(୨୬) ଦକ୍ଷିଣପଶ୍ଚିମାଞ୍ଚଳ ଡିଆଇଜି କନୱର ବିଶାଳ ସିଂଙ୍କ ନିକଟରେ ଗୁରୁବାର ଆତ୍ମସମର୍ପଣ କରିଛନ୍ତି। ଏହା ପରେ ଡିଆଇଜି ସିଂ କୋରାପୁଟ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ କରି କୋରାପୁଟ ଜିଲାକୁ ମାଓବାଦୀ ମୁକ୍ତ ଅଞ୍ଚଳ ବୋଲି ଘୋଷଣା କରିଛନ୍ତି। ଜିଲାରେ ଗାଁରେ ଗାଁରେ ବିକାଶ ପହଞ୍ଚିବା ସହ ମାଓବାଦୀ ଗତିବିଧି ସମ୍ପୂର୍ଣ୍ଣ ବନ୍ଦ ହୋଇଥିବା ସେ କହିଛନ୍ତି। ଛତିଶଗଡ ବିଜାପୁର ଜିଲା ଲିଙ୍ଗପୁରମ୍‌ର ମହିଳା ମାଓବାଦୀ ମମତା ଏକ ୭.୬୨ ଏମ୍‌ଏମ୍ ଏସ୍‌ଏଲ୍‌ଆର୍ ରାଇଫଲ ଓ ମାଗାଜିନ ସହ ଆତ୍ମସମର୍ପଣ କରିଥିଲେ। ତାଙ୍କଠାରୁ ଲ୍ୟାଣ୍ଡମାଇନ, ଡିଟୋନେଟର, ଗୁଳି, ୧୦ ପ୍ରକାର ଅସ୍ତ୍ରଶସ୍ତ୍ର, ମାଓବାଦୀ ପୋଷାକ, ମାଓବାଦୀ ପୁସ୍ତିକା ପୋଲିସ ଜବତ କରିଛି। ସୂଚନାନୁଯାୟୀ, ମମତା ଦୀର୍ଘ ସମୟ ଧରି ମାଓବାଦୀ ସଙ୍ଗଠନରେ ସକ୍ରିୟ ରହି ଓଡ଼ିଶା, ଛତିଶଗଡ଼ ଓ ଆନ୍ଧ୍ରରେ ଏକାଧିକ ବିସ୍ଫୋରଣ, ଗୁଳିବିନିମୟ ଓ ଅନ୍ୟ ଆପରାଧିକ ଘଟଣାରେ ଜଡ଼ିତ ଥିଲେ। ସରକାରଙ୍କ ଆତ୍ମସମର୍ପଣ ନିୟମ, ସୁବିଧା ସୁଯୋଗ ଏବଂ ମାଓବାଦୀ ସଙ୍ଗଠନରେ ଦୁର୍ବଳ ନେତୃତ୍ୱ, ମାଓବାଦୀ ଚିନ୍ତାଧାରାରେ ପରିବର୍ତ୍ତନ ଆଦି ସ୍ଥିତି ଯୋଗୁ ସେ ମାଓ ସଙ୍ଗଠନ ଛାଡ଼ି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ଆତ୍ମସମର୍ପଣ କରିଥିବା ମମତା ପୋଲିସକୁ କହିଛନ୍ତି। ମାଓବାଦୀ ଆଦର୍ଶରେ ନିରାଶ ହୋଇ ଓ ସାଧାରଣ ଜୀବନକୁ ଫେରିବା ଆଶାରେ ସେ ଆତ୍ମସମର୍ପଣ କରିଥିବା ଡିଆଇଜି କହିଛନ୍ତି। ରାଜ୍ୟ ସରକାରଙ୍କ ସରେଣ୍ଡର୍ ଓ ପୁନର୍ବାସ ନୀତି ଅନୁଯାୟୀ ଆତ୍ମସମର୍ପଣ କରିଥିବା ମହିଳାଙ୍କୁ ୭ ଲକ୍ଷ ୧୫ ହଜାର ଆର୍ଥିକ ସହାୟତା, ଗୃହ ସୁବିଧା ଓ ଜୀବିକା ପାଇଁ ସମସ୍ତ ସରକାରୀ ସୁଯୋଗ ଦିଆଯିବ ବୋଲି ପୋଲିସ ସୂଚନା ଦେଇଛି।

# ମାଓବାଦୀ ନେତା ଉଦ୍ଧମ ସିଂ ନିହତ

ମାଲକାନଗିରି, ୫।୨ (ସୁଚିତ୍ରା ଦାସ)



ଛତିଶଗଡ଼ ବିଜାପୁର ଜିଲାର ପେଣ୍ଡାଗାଲୁର ଜଙ୍ଗଲରେ ସୁରକ୍ଷା ବାହିନୀ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁରୁବାର ସକାଳେ ଗୁଳି ବିନିମୟ ହୋଇଛି। ଏନ୍‌କାଉଣ୍ଟରରେ ମାଓବାଦୀ ନେତା ଉଦ୍ଧମ ସିଂ ନିହତ ହୋଇଛନ୍ତି। ଘଞ୍ଚ ଜଙ୍ଗଲରେ ଡିଆର୍‌ଜି, ସିଆର୍‌ପିଏଫ୍ ଓ ସ୍ୱତନ୍ତ୍ର କୋବ୍ରା ବାଟାଲିୟନର ଯବାନମାନେ ଗୁରୁବାର ସକାଳେ ତଲାସି ଅଭିଯାନ ଜାରି ରଖିଥିଲେ। ଏହି ସମୟରେ ମାଓବାଦୀମାନେ ସୁରକ୍ଷା ବାହିନୀଙ୍କୁ ଦେଖି ପ୍ରଥମେ ସେମାନଙ୍କ ଉପରକୁ ଗୁଳି ଚଳାଇଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ପାଲଟା ଗୁଳିଚାଳନା ଆରମ୍ଭ ହୋଇଥିଲା। ଏହାପରେ ମାଓବାଦୀମାନେ ଯବାନଙ୍କ ଗୁଳିର ସାମ୍ନା କରି ନ ପାରି ଛତ୍ରଭଙ୍ଗ ଦେଇଥିଲେ। ପରେ ଅଞ୍ଚଳରେ ତଲାସି ସମୟରେ କୁଖ୍ୟାତ ମାଓବାଦୀ କମାଣ୍ଡର ଉଦ୍ଧମ ସିଂଙ୍କ ମରଶରୀର ସହ ଏକ ସ୍ୱୟଂଚାଳିତ ଏକେ ୪୭ ବନ୍ଧୁକ, ମାଓବାଦୀ ସମଗ୍ରୀ ଆଦି ଜବତ କରାଯାଇଛି। ସମଗ୍ର ଅଞ୍ଚଳରେ ସର୍ଚ୍ଚ ଅପରେଶନ ଚାଲିଛି।

# ବଡ଼ଦାଣ୍ଡରେ ପୁଣି ପସରା ମେଲିଲେ ଉଠାଦୋକାନୀ

ପୁରୀ,୫।୨ (ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ସମସ୍ତ ଉଠାଦୋକାନୀଙ୍କୁ ପ୍ରଶାସନ ଥଇଥାନ କରିପାରିନାହିଁ। ଫଳରେ ଗୁରୁବାରଠାରୁ ଉଠାଦୋକାନୀମାନେ ପୁଣି ବଡ଼ଦାଣ୍ଡରେ ନିଜର ପସରା ମେଲାଇଛନ୍ତି। ଏପରିକି ଉଠାବ୍ୟବସାୟୀ ସଂଘ ପକ୍ଷରୁ ବଡ଼ଦାଣ୍ଡରେ ଧାରଣା ଦିଆଯାଇଛି। ସୂଚନାଯୋଗ୍ୟ, ଶ୍ରୀମନ୍ଦିର ଚତୁଃପାର୍ଶ୍ୱ, ମାର୍କେଟ ଛକ, ମରିଚିକୋଟ ଛକରୁ ବିଭିନ୍ନ ପର୍ଯ୍ୟାୟରେ ୧୨୦୦ ଉଠାଦୋକାନୀଙ୍କୁ ଉଚ୍ଛେଦ କରାଯାଇଥିଲା। ତନ୍ମଧ୍ୟରୁ ୧୦୪୮ଟି ଉଠାଦୋକାନୀ ଶ୍ରୀସେତୁ ତଳେ ସ୍ଥାନ ଦିଆଯାଇଥିଲା। ଦୋକାନ ନ ଦେବା ପର୍ଯ୍ୟନ୍ତ ୧୫ ହଜାର ଟଙ୍କା କ୍ଷତିପୂରଣ ରାଶି ଦେବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ୧୪ ମାସର ମାସିକ କ୍ଷତିପୂରଣ ରାଶି ବକେୟା ରହିଥିବା ଅଭିଯୋଗ ହୋଇଛି। ଉଠାଦୋକାନୀମାନଙ୍କୁ ଉଚ୍ଛେଦ କରାଯିବା ପରେ ସେମାନଙ୍କୁ ଶ୍ରୀସେତୁ ତଳେ ବିଶ୍ୱସ୍ତରୀୟ ଭେଣ୍ଡିଂ ଜୋନ୍ କରି ଥଇଥାନ କରିବା ପାଇଁ ପ୍ରଶାସନ ନିଷ୍ପତ୍ତି ନେଇଥିଲା। ମାତ୍ର ସେଠାରେ ଦୋକାନ କରିବା ପାଇଁ ଉପଯୁକ୍ତ ସ୍ଥାନ ଓ ମୌଳିକ ସୁବିଧା ନ ଥିବା ଅଭିଯୋଗ ଆଣି ଅନେକ କ୍ଷତିଗ୍ରସ୍ତ ଦୋକାନୀ ସେଠାକୁ ଯିବାକୁ ମନା କରିଦେଇଥିଲେ। ଶ୍ରୀସେତୁ ତଳେ ହୋଇଥିବା ଭେଣ୍ଡିଂରେ ମୌଳିକ ସୁବିଧା ଉପଲବ୍ଧ ନାହିଁ ବୋଲି ସେମାନେ କହିଥିଲେ। ଏ ନେଇ ଗୁରୁବାରଠାରୁ ଉଠାବ୍ୟବସାୟୀ ସଂଘ ପକ୍ଷରୁ ବଡ଼ଦାଣ୍ଡରେ ଧାରଣା ଦିଆଯାଇଛି। ସେମାନେ ପସରା ପକାଇ ବ୍ୟବସାୟ ଆରମ୍ଭ କରିଛନ୍ତି। କ୍ଷତିପୂରଣ ଓ ଥଇଥାନ ନ ହେବା ପର୍ଯ୍ୟନ୍ତ ବଡ଼ଦାଣ୍ଡରେ ଧାରଣାରେ ବସିବେ ବୋଲି ସେମାନେ କହିଛନ୍ତି। ଅନ୍ୟପକ୍ଷରେ ପୁରୀ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା କହିଛନ୍ତି, ଶ୍ରୀସେତୁ ତଳେ ହୋଇଥିବା ଭେଣ୍ଡିଂ ଜୋନ୍‌ରେ ବିଦ୍ୟୁତ୍ ସଂଯୋଗ ଦିଆଯିବା ପାଇଁ ବ୍ୟବସ୍ଥା ହେଉଛି। ଉଠାଦୋକାନୀ ଜିଦ୍ ନ କରି ସେଠାକୁ ଯିବା ଉଚିତ।

## ସୁନା, ରୁପା ଦରରେ ନିୟମିତ ଉପର ତଳ




# ଭାରତ-ଆମେରିକା ଟ୍ରେଡ୍ ଡିଲ୍ ଓଡ଼ିଶା ପାଇଁ ସୁଯୋଗ ଆଣିଛି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୫।୨ (ସୁନିତ୍ ମିଶ୍ର)

ଭାରତ-ଆମେରିକା ମଧ୍ୟରେ ହୋଇଥିବା ବାଣିଜ୍ୟିକ ଚୁକ୍ତି ଓଡ଼ିଶା ପାଇଁ ନୂଆ ସୁଯୋଗ ଆଣିଦେଇଛି। ଓଡ଼ିଶାର ହସ୍ତତନ୍ତ ହେଉ କିମ୍ବା ଆଧୁନିକ ରେଡିମେଡ୍ ପୋଷାକ ସବୁଠାରେ ପହଞ୍ଚିବ। ଆମେରିକାର ଶୁଳ୍କ କୋହଳ କାରଣରୁ ଏଣିକି ରପ୍ତାନି ସହଜ ହେବ, ଯାହା ରାଜ୍ୟର ବୁଣାକାର ଓ ହସ୍ତତନ୍ତ ଶିଳ୍ପୀମାନଙ୍କ ରୋଜଗାର ବୃଦ୍ଧି କରିବ। ବିଶ୍ୱ ବଜାରରେ ଓଡ଼ିଶାର ପାରମ୍ପରିକ ପୋଷାକ ଏବେ ଏକ ନୂଆ ଟ୍ରେଣ୍ଡ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ 'X'ରେ ଉଲ୍ଲେଖ କରିଛନ୍ତି। ସେ ଆହୁରି କହିଛନ୍ତି, ଆମେରିକା ଶୁଳ୍କ ହ୍ରାସ କରିବା ଯୋଗୁ ଓଡ଼ିଶା ନିର୍ମିତ ବସ୍ତ୍ର ଏବଂ ପୋଷାକର ରପ୍ତାନି ବୃଦ୍ଧି ପାଇବ। ସମ୍ବଲପୁରୀ ଓ ଅନ୍ୟାନ୍ୟ ହସ୍ତତନ୍ତର ଆମେରିକୀୟ ବଜାର ପ୍ରବେଶ ସହଜ ହେବ।

# ରାଜ୍ୟ ବାହାରକୁ କଳାକେନ୍ଦୁ, ଖଇର କାଠ ଚାଲାଣ

## ବଲାଙ୍ଗୀର ବନ ବିଭାଗ ପକ୍ଷରୁ ଜବତ ହେଲାଣି ୪୦ ଟ୍ରିପ୍ ଚୋରାକାଠ

ବଲାଙ୍ଗୀର,୫।୨ (ବୀରେନ୍ଦ୍ର କୁମାର ଝାଙ୍କର)

ଜାତୀୟ, ଅନ୍ତର୍ଜାତୀୟ ବଜାରରେ କଳାକେନ୍ଦୁ, ଖଇର କାଠର ଚାହିଦା ବଢୁଛି। କଳା କେନ୍ଦୁ କାଠରେ ତିଆରି ହେଉଛି ଦାମୀ ସଙ୍ଗୀତ ଉପକରଣ ଓ ବିଭିନ୍ନ ପ୍ରକାର କାଷ୍ଠ କଳା। କଳାକେନ୍ଦୁ ଗଛରୁ ଆହୁରି ଅନ୍ୟାନ୍ୟ ବହୁମୂଲ୍ୟବାନ୍ ସାମଗ୍ରୀ ତିଆରି କରାଯାଉଥିବାରୁ ଏବେ ଏହି ଗଛ ଚୋରାଚାଲାଣ ପାଇଁ ବଡଧରଣର ରାକେଟ କାମ କରୁଛି। ଖାଲି କଳାକେନ୍ଦୁ ନୁହେଁ, ଖଇର କାଠର ଚାହିଦା ବି କାହିଁରେ କ'ଣ। ବିଭିନ୍ନ ପ୍ରକାର ପାନମସଲା, ଅନ୍ୟ ଖାଦ୍ୟ ସାମଗ୍ରୀ, ବିଭିନ୍ନ ଔଷଧ, ରଙ୍ଗ ଏବଂ ଡାଇଂରେ ଖଇର ଗଛର ବହୁଳ ବ୍ୟବହାର ହେଉଥିବାରୁ କାଠ ମାଫିଆମାନେ ଏହି ଚୋରାଚାଲାଣରେ ସକ୍ରିୟ ଅଛନ୍ତି। ଖାଲି ଏତିକି ନୁହେଁ, ଏହି ଗଛର ରସରୁ ଦାମୀ ଜିନିଷ ତିଆରି ହେଉଛି। ବିଶେଷକରି ଏହି କଳାକେନ୍ଦୁ ଓ ଖଇର କାଠରୁ ପ୍ରସ୍ତୁତ ସାମଗ୍ରୀର ଚାହିଦା ଅନ୍ତର୍ଜାତିକ ବଜାରରେ ଅଧିକ ରହିଥିବାରୁ ଏହା ଅଧିକରୁ ଅଧିକ ଚୋରାଚାଲାଣ ହେଉଥିବା ଏବଂ ଏଥିରେ ଏକ ବଡଧରଣର



ବଲାଙ୍ଗୀର ବନ ବିଭାଗ ପକ୍ଷରୁ ଜବତ କଳାକେନ୍ଦୁ କାଠ ବୋଝେଇ ଏକ ପିକ୍‌ଅପ୍ ଭ୍ୟାନ୍।

ରାକେଟ ସମ୍ପୃକ୍ତ ଥିବା ଜଣାପଡିଛି। ବଲାଙ୍ଗୀର ଜିଲା ସମେତ ପଡୋଶୀ କଳାହାଣ୍ଡି, ବରଗଡ଼, ନୂଆପଡ଼ା, ସୁବର୍ଣ୍ଣପୁର, ବୌଦ୍ଧ ଏବଂ କନ୍ଧମାଳ ଜିଲାରେ ଉନ୍ନତ ମାନର କଳାକେନ୍ଦୁ ଏବଂ ଖଇର ଗଛ ମିଳୁଥିବାରୁ ଏହି ଅଞ୍ଚଳରେ କାଠ ଚୋରାଚାଲାଣ ରାକେଟ ସକ୍ରିୟ ଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ବଲାଙ୍ଗୀର ବନ ବିଭାଗ ଗତ ପ୍ରାୟ ୮ରୁ ୧୦ ମାସ ମଧ୍ୟରେ ୪୦ ଟ୍ରିପ୍‌ରୁ ଉର୍ଦ୍ଧ୍ୱ ଖଇର ଏବଂ କଳାକେନ୍ଦୁ କାଠ ଜବତ କରି ସାରିଲାଣି। ଗତ ଡିସେମ୍ବର ମାସରେ ବନ ବିଭାଗ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଖଇର ଏବଂ କଳାକେନ୍ଦୁ କାଠଗଣ୍ଡି ସହ ଗାଡି ଜବତ କରିଥିଲେ। ଡିସେମ୍ବର ୨୪ତାରିଖରେ କଣ୍ଟାବାଞ୍ଜି ଲାର୍କି ସେକ୍ସନର ଖରଖରା ଗାଁ ନିକଟରୁ ୧୫ କୁଇଣ୍ଟାଲ ଖଇର କାଠ ବୋଝଇ ଗାଡି ଜବତ ହୋଇଥିଲା। ୨୬ ତାରିଖରେ କଣ୍ଟାବାଞ୍ଜି ରେଞ୍ଜର କାଦୋବସା ଗାଁ ନିକଟରୁ ୫୩ଟି କଳାକେନ୍ଦୁ ଗଣ୍ଡି ବୋଝେଇ ଗାଡିକୁ ଜବତ କରାଯାଇଥିଲା। ସେହିପରି ଡିସେମ୍ବର ୨୯ରେ ମୁରିବାହାଲ ରେଞ୍ଜର ଇଚ୍ଛାପଡା ଗାଁ ନିକଟରୁ ୧୯ଟି କଳାକେନ୍ଦୁ ବୋଝେଇ ଗାଡି ଜବତ କରାଯାଇଥିଲା। ବଲାଙ୍ଗୀର ଜିଲାର ବିଭିନ୍ନ ବନାଞ୍ଚଳରୁ କିଛି ବର୍ଷ ମଧ୍ୟରେ ଖଇର ଏବଂ କଳାକେନ୍ଦୁ କାଠ ବ୍ୟାପକ ପରିମାଣରେ ଚୋରାଚାଲାଣ ହୋଇଛି। ଏଥିରେ ଆନ୍ତଃରାଜ୍ୟ ଚୋରାଚାଲାଣ ରାକେଟ ସକ୍ରିୟ ରହିଛନ୍ତି। ବଲାଙ୍ଗୀର ଜିଲାରୁ ଛତିଶଗଡ, ମହାରାଷ୍ଟ୍ର, ଗୁଜରାଟ ଓ ଅନ୍ୟ ରାଜ୍ୟକୁ କଳାକେନ୍ଦୁ ଓ ଖଇର କାଠ ଚାଲାଣ ହେଉଥିବା ଜଣାପଡିଛି। ବନ ବିଭାଗ କର୍ମଚାରୀମାନେ ଚାଲାଣ ହେଉଥିବା ବିପୁଳ ପରିମାଣର କାଠରୁ ଅଳ୍ପ କାଠ ଜବତ କରୁଥିବା ଏବଂ ଅଧିକାଂଶ କାଠ ଜବତ ଘଟଣାରେ କାଠଚୋରମାନେ ଫେରାର ହୋଇଯାଉଥିବାରୁ ବନ ବିଭାଗର କେତେଜଣ କର୍ମଚାରୀ ଓ ଅଧିକାରୀଙ୍କ ସମ୍ପୃକ୍ତିକୁ ମଧ୍ୟ ଏଡାଇ ଦିଆଯାଇ ନ ପାରେ ବୋଲି ଚର୍ଚ୍ଚା ହେଉଛି।

# ରାଇପାହାଡ଼ରେ ଆନ୍ଧ୍ର ନେତା



ଆନ୍ଧ୍ର ନେତାମାନେ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

## ଆନ୍ଧ୍ର ଯୋଜନାରେ ସାମିଲ ପାଇଁ ପ୍ରଲୋଭନ

ନନ୍ଦପୁର/ପାଡୁଆ,୫।୨ (ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଆନ୍ଧ୍ର ସୀମାନ୍ତ ଗୋଲୁର ପଞ୍ଚାୟତ ରାଇପାହାଡ଼ ଗ୍ରାମରେ ଆନ୍ଧ୍ରପ୍ରଦେଶ ନେତାମାନେ ଗୁରୁବାର ବୈଠକ କରିଛନ୍ତି। ଆନ୍ଧ୍ରର ଡୁମ୍ବୁରିଗୁଡା ମଣ୍ଡଳ(ବ୍ଲକ) ସିପିଏମ୍ ସମ୍ପାଦକ ପାଙ୍ଗି ମୋହନ ଦାସ, ପୂର୍ବତନ ରାଙ୍ଗିଲିସିଙ୍ଗି ପଞ୍ଚାୟତ ସରପଞ୍ଚ କୋରା ଦାସୁ, ରାଙ୍ଗିଲିସିଙ୍ଗି ପଞ୍ଚାୟତ(ସିପିଏମ୍) ୟୁନିଟ ଇନଚାର୍ଜ ପାଙ୍ଗି ନାଗେଶ୍ୱର ରାଓ ପ୍ରମୁଖ ଗୁରୁବାର ଗୋଲୁର ପଞ୍ଚାୟତର ଗନ୍ଦିଗୁଡା ଓ ରାଇପାହାଡ଼ ଗ୍ରାମକୁ ଆସି ଗ୍ରାମବାସୀଙ୍କ ସହ ବୈଠକ କରିଛନ୍ତି। ବୁଧବାର କୋରାପୁଟ ଜିଲା ଓ ନନ୍ଦପୁର ବ୍ଲକ୍ ପ୍ରଶାସନିକ ଅଧିକାରୀ ରାଇପାହାଡ଼ ଗ୍ରାମ ପରିଦର୍ଶନ କରି ଲୋକଙ୍କ ସହ ଆଲୋଚନା କରିଥିଲେ। ଗ୍ରାମବାସୀଙ୍କୁ ଆନ୍ଧ୍ର ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ କରାଯିବ ବୋଲି ସେମାନେ ପ୍ରଲୋଭିତ କରିଛନ୍ତି। ଗୋଲୁର ପଞ୍ଚାୟତ ସମିତିସଭ୍ୟ ଲକ୍ଷ୍ମୀ ମାଟାମ, ସାମାଜିକ କର୍ମୀ ବିରଞ୍ଚି ମାଟାମ ଗନ୍ଦିଗୁଡା ଗ୍ରାମରେ ପହଞ୍ଚି ୩ ଆନ୍ଧ୍ର ନେତାଙ୍କୁ ତାଗିଦା କରିଥିବା ଦେଖିବାକୁ ମିଳିଛି। ଓଡ଼ିଶା ସରକାର, ଜିଲା, ବ୍ଲକ ଓ ପଞ୍ଚାୟତ ପ୍ରଶାସନ ନିଜ ଅଞ୍ଚଳର ଲୋକଙ୍କ ବିକାଶ ପାଇଁ ସମସ୍ତ ସରକାରୀ ଯୋଜନା କାର୍ଯ୍ୟକାରୀ କରିବାକୁ ପ୍ରସ୍ତୁତ ଅଛନ୍ତି। ତମେ କୁଆଡେ ବୋଲି ପ୍ରଶ୍ନ କରିବାରୁ ଆନ୍ଧ୍ର ନେତାମାନେ ଗାଁ ଛାଡ଼ି ଚାଲିଯାଇଥିଲେ।

# ଶୃଙ୍ଖଳା, ଅନୁଶାସନ ଦ୍ୱାରା ସଫଳତା ମିଳେ

ବୋଲଗଡ଼,୫।୨ (ଦେବବ୍ରତ ହୋତା)



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରମାନେ।

ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ଫାସିଓଦା ପଞ୍ଚାୟତ କାଉତରା ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ ଏବଂ ଟାଙ୍ଗୀସାହି ସ୍ଥିତ ରଘୁନାଥ ମଧୁସୂଦନ ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ବୁଧବାର ସମ୍ପୃକ୍ତ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାଉତରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶନୀ ସ୍ୱାଇଁଙ୍କ ସଭାପତିତ୍ୱରେ ସ୍ଥାନୀୟ ବିଧାୟକ ପ୍ରଦୀପ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଦ୍ୟାର୍ଥୀମାନଙ୍କ ପାଇଁ ଶୃଙ୍ଖଳା ଓ ଅନୁଶାସନ ସଫଳତା ଆଣିଥାଏ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ବକ୍ତାଭାବେ ମଣ୍ଡଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ ସ୍ୱାଇଁ, ସମ୍ମାନିତ ଅତିଥିଭାବେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ବାନାମ୍ବର ମାଝୀ, ସ୍ଥାନୀୟ ସରପଞ୍ଚ ପୁଷ୍ପଲତା ଭଞ୍ଜ, ଜହ୍ନିପଦା ସରପଞ୍ଚଙ୍କ ପ୍ରତିନିଧି ଅରୁଣ ରାୟତରାୟ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଅଧିକାରିଣୀ ଅମିତା ମିଶ୍ର, ଏସ୍ଏମ୍ସି ସଭାପତି ବିଜୟ ନାୟକ, ପଞ୍ଚସଖା ସେତୁ ସଙ୍ଗଠକ ଗଙ୍ଗାଧର ନାୟକ ପ୍ରମୁଖ ଯୋଗଦେଇଥିଲେ। ସହକାରୀ ଶିକ୍ଷକ ଜନ୍ମେଜୟ ମାଝୀ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ତ୍ରିନାଥ ଜେନା ବିବରଣୀ ପାଠ କରିଥିଲେ। ଶିକ୍ଷକ ଗଣେଶ ବେହେରା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ କରାଯାଇଥିଲା। ସେହିପରି ଟାଙ୍ଗୀସାହି ସ୍ଥିତ ରଘୁନାଥ ମଧୁସୂଦନ ସରକାରୀ ଉଚ୍ଚ ବିଦ୍ୟାଳୟର ୪୫ତମ ବାର୍ଷିକ ପୁରସ୍କାର ଉତ୍ସବ ପ୍ରଧାନଶିକ୍ଷକ ସନ୍ତୋଷ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରଦୀପ ସାହୁ ମୁଖ୍ୟ ଅତିଥି, ପୂର୍ବତନ ପ୍ରଧାନଶିକ୍ଷକ ଗୋଦାବରୀଶ ମିଶ୍ର ମୁଖ୍ୟ ବକ୍ତା ଏବଂ ପୁଷ୍ପଲତା ଭଞ୍ଜ, ଅମିତା ମିଶ୍ର, ବାନାମ୍ବର ମାଝୀ, ବାସୁଦେବ ବେହେରା, ଶେଷଦେବ ସ୍ୱାଇଁ, ବାସୁଦେବ ସାମନ୍ତରାୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ସ୍ୱାଗତ ଭାଷଣ, ଶିକ୍ଷକ ମୁନା ଖଟୁଆ ବିବରଣୀ ପାଠ କରିଥିଲେ। ସଭାରମ୍ଭ ପୂର୍ବରୁ ଶିକ୍ଷକ ଦିତିକୃଷ୍ଣ ସାହୁ କୁଇଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ସାହୁ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ମାଟ୍ରିକ ଛାତ୍ରୀଛାତ୍ରଙ୍କ ସମେତ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁରୂପଭାବେ ଗତ ମଙ୍ଗଳବାର ତାଲତୁମ୍ବ ପଶ୍ଚିମେଶ୍ୱର ଦେବ ସରକାରୀ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତି ସିଂହଙ୍କ ଅଧ୍ୟକ୍ଷତାରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଦୀପ ସାହୁ, ମୁଖ୍ୟ ବକ୍ତା ବିଇଓ ପ୍ରମୋଦ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପ୍ରଦୀପ ବାରିକ, ପୂର୍ବତନ ପ୍ରଧାନ ଶିକ୍ଷକ ହରିବନ୍ଧୁ ତ୍ରିପାଠୀ, ପୁରୁଷୋତ୍ତମ ବେହେରା, ରଘୁନାଥ ଦଳବେହେରା, ଦେବୀପ୍ରସାଦ ମାନ୍ଧାତା, ସିଆର୍ସିସି ରବୀନ୍ଦ୍ରନାଥ ବେହେରା, ଏସଏମସି ସଭାପତି ପବିତ୍ର ବେହେରା, ପଞ୍ଚସଖା ଶିକ୍ଷା ସେତୁ ସଙ୍ଗଠକ ପ୍ରଦୀପ ସାହୁ ପ୍ରମୁଖ ଯୋଗଦେଇଥିଲେ। ଅଶୋକ ଦାସ ଏବଂ ସନ୍ଧ୍ୟାରାଣୀ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ରାଉତ, ସୌଦାମିନୀ ବେହେରା ପ୍ରମୁଖ ସହଯୋଗ କରିଥିଲେ। ସୁକାନ୍ତ କୁମାର ବ୍ରହ୍ମା ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଓଡ଼ିଆ ସାହିତ୍ୟ ସଂସଦର ବାର୍ଷିକୋତ୍ସବ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ବାଣପୁର,୫।୨ (ଦିଲୀପ କୁମାର ସ୍ୱାଇଁ)

ନାରୁଣୀ ମହାବିଦ୍ୟାଳୟ ଓଡ଼ିଆ ସାହିତ୍ୟ ସଂସଦର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ତଥା ସାହିତ୍ୟ ସଂସଦ ସଭାପତି ଅଧ୍ୟାପକ ସୁନୀଲ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ତଥା କଣାସ ମହାବିଦ୍ୟାଳୟ ଅଧ୍ୟାପକ ଡ. ଗୁରୁପ୍ରସାଦ ମହାପାତ୍ର ମୁଖ୍ୟବକ୍ତା, ଖଲ୍ଲିକୋଟ ରାମଚନ୍ଦ୍ର ମର୍ଦ୍ଦରାଜ ବିଜ୍ଞାନ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ପୂର୍ବତନ ମୁଖ୍ୟ ପ୍ରାଧ୍ୟାପକ ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ବିଶିଷ୍ଟ ଅତିଥି, ଚିଲିକା ସାହିତ୍ୟ ସମାଜ ସଭାପତି କବି ବାଳମୁକୁନ୍ଦ ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଡିଜିଟାଲ ଯୁଗରେ ଯୁବବର୍ଗ କିପରି ଓଡ଼ିଆ କବିତା, ଗଳ୍ପ, ନାଟକ, ଉପନ୍ୟାସ ପଠନମନସ୍କ ହୋଇ ରଚନା କରିବାର ଦକ୍ଷତା ଅର୍ଜନ କରିବେ, ସେଥିପ୍ରତି ସୁଯୋଗ ସୃଷ୍ଟି କରିପାରିଲେ ଓଡ଼ିଆଭାଷା ସାହିତ୍ୟର ଉନ୍ନତି ସାଧନ ହୋଇପାରିବ ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ୨ ଜଣ ସାରସ୍ୱତ ସାଧକ ପଣ୍ଡିତ ମହେଶ୍ୱର ଦାସଶର୍ମା ଏବଂ କବି ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କୁ ଯଥାକ୍ରମେ କବି ଲକ୍ଷ୍ମୀଧର ଭୋଳସ୍ମୃତି ସମ୍ମାନ ଓ ଆଞ୍ଚଳିକ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଂସଦର ଉପସଭାପତି ଅଧ୍ୟାପକ ପ୍ରଦୀପ କୁମାର ମିଶ୍ର ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ରାଜଲକ୍ଷ୍ମୀ ବେହେରା ମାନପତ୍ର ପାଠ କରିଥିଲେ। ଅଧ୍ୟାପିକା ଲୀନା ନନ୍ଦୀଜା ଉତ୍ସବରେ ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ସୁଭଦ୍ରା ଭୋଳ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବର ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଉଦ୍‌ବୋଧନୀ ସଙ୍ଗୀତ ଗାନ କରାଯାଇଥିବା ବେଳେ ଶେଷରେ ମନସ୍ତତ୍ତ୍ୱ ବିଭାଗ ପ୍ରଶିକ୍ଷକ କବି ସଂଗ୍ରାମ ହରିଚନ୍ଦନ ରଚନା ଓ ନିର୍ଦ୍ଦେଶନାରେ ନାଟକ 'ପ୍ରତିଶ୍ରୁତି' ମଞ୍ଚସ୍ଥ ହୋଇଥିଲା।

## ଖଣ୍ଡା ଚୋଟରେ ଜଣେ ଆହତ

ଜଟଣୀ,୫।୨ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଥାନା ଅଧୀନ କୁଶମାଟି ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ଖଣ୍ଡା ଚୋଟରେ ଜଣେ ଆହତ ହୋଇଛନ୍ତି। ଏନେଇ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, କୁଶମାଟି ଗ୍ରାମ ମହାନ୍ତି ସାହିର ଜଣଙ୍କ କୁକୁର ସାହିର ବିଭିନ୍ନ ସ୍ଥାନରେ ମଳତ୍ୟାଗ କରୁଥିଲା। ଏନେଇ ସାହିର ଜଣେ ଯୁବକ ବିରୋଧ କରିଥିଲେ। ଏଥିରେ କୁକୁର ରଖିଥବା ମାଲିକ ଉତ୍‌କ୍ଷିପ୍ତ ହୋଇ ସମ୍ପୃକ୍ତ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ କରିବା ପାଇଁ ଗୋଡ଼ାଇଥିଲେ। ତେବେ ଯୁବକ ଜଣଙ୍କ ଦୌଡ଼ି ପଳାଇଥିବା ବେଳେ ତାଙ୍କ ଦାଦାଙ୍କ ପିଠିରେ ଖଣ୍ଡା ଚୋଟ ବାଜିଥିଲା। ଫଳରେ ସେ ଆହତ ହୋଇଥିଲେ। ଏନେଇ ଆହତଙ୍କ ସମ୍ପର୍କୀୟଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି।

## ପୁନଃ ନିଯୁକ୍ତି ଦାବିରେ ପରିବାର ସହ ଚକ୍ରଧରଙ୍କ ଅନଶନ

ବେଗୁନିଆ,୫।୨ (ହର ପ୍ରସନ୍ନ ପଣ୍ଡା)



ବେଗୁନିଆ ତହସିଲ କାର୍ଯ୍ୟାଳୟରେ ଡେଲି ୱେଜେସ୍ ଜିପ୍ ଚାଳକ ଭାବେ ଚକାପଦା ଗ୍ରାମର ଚକ୍ରଧର ମୁଦୁଲି ଦୀର୍ଘ ୧୬ବର୍ଷ ହେବ ସେବା ଯୋଗାଇ ଆସୁଥିଲେ। ତେବେ କୌଣସି କାରଣରୁ ତାଙ୍କୁ ୨୦୨୨ ମସିହାରେ ଛଟେଇ କରିଦିଆଯାଇଛି। ଫଳରେ ଗତ ୪ବର୍ଷ ହେବ ତାଙ୍କ ପରିବାରର ୭ଜଣଙ୍କ ପେଟ ଅପୋଷା ରହୁଛି। ଏନେଇ ଗୁରୁବାର ପରିବାର ସହ ଚକ୍ରଧର ତହସିଲ କାର୍ଯ୍ୟାଳୟ ଆଗରେ ଅନଶନରେ ବସିଥିଲେ। ପୁନଃ ନିଯୁକ୍ତି, ବକେୟା ଦରମା ଏବଂ ଗ୍ରୁପ ସି କିମ୍ବା ଡି ପଦବୀରେ ନିୟମିତ କରିବାକୁ ଦାବି କରିଥିଲେ।

ସୂଚନାଯୋଗ୍ୟ, ବେଗୁନିଆ ତହସିଲ କାର୍ଯ୍ୟାଳୟରେ ୨୦୦୬ରୁ ୨୦୨୨ ପର୍ଯ୍ୟନ୍ତ ଚକ୍ରଧର ଜିପ୍ ଚାଳକ ଭାବେ କାର୍ଯ୍ୟ କରି ଆସୁଥିଲେ। ଦୈନିକ ୮ଘଣ୍ଟା ବଦଳରେ ନିଜସ୍ୱ ଇଚ୍ଛାରେ ସେ ୨୪ ଘଣ୍ଟିଆ ସେବା ଯୋଗାଉଥିଲେ। ପୂର୍ବତନ ତହସିଲଦାରଙ୍କ ସମୟରେ କିଛିଦିନ ପାଇଁ ଚକ୍ରଧର ଗ୍ରେଡ୍-୪ରେ ମଧ୍ୟ କାର୍ଯ୍ୟ କରୁଥିଲେ। ତେବେ କାର୍ଯ୍ୟକାଳ ଶେଷ ହୋଇଯାଇଛି ବୋଲି କହି ଚକ୍ରଧରଙ୍କୁ ୨୦୨୨ ନଭେମ୍ବରରୁ ସେତେବେଳର ତହସିଲଦାର ଛଟେଇ କରିଥିଲେ। ଏଥିଯୋଗୁ ପରିବାରବର୍ଗଙ୍କୁ ପୋଷିବା ଚିନ୍ତାରେ ଚକ୍ରଧର ଘାରି ହେଉଛନ୍ତି। ପୁନଃ ନିଯୁକ୍ତି, ବକେୟା ପାଉଣା ସହିତ ଗ୍ରେଡ-୪ରେ ନିୟମିତ ନିଯୁକ୍ତି ଦାବି ନେଇ ରାଜସ୍ୱ ଓ ପରିଚାଳନା ବିଭାଗ ଅତିରିକ୍ତ ଶାସନ ସଚିବ, ଆର୍‌ଡିସି, ଜିଲାପାଳ, ଉପଜିଲାପାଳ, ଏସ୍‌ପି, ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମେତ ଜିଲା ଓ ବ୍ଲକ୍ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ଏହାର ପ୍ରତିବାଦରେ ଗୁରୁବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ପରିବାର ସହ ଅନଶନ ଜାରି ରଖିଛନ୍ତି। ତହସିଲଦାର ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀଙ୍କ ସମେତ ଅନ୍ୟ ଅଧିକାରୀମାନେ ଅନଶନ ସ୍ଥଳରେ ପହଞ୍ଚି ଚକ୍ରଧରଙ୍କ ପରିବାର ଲୋକଙ୍କୁ ବୁଝାଶୁଝା କରିଥିଲେ। ହେଲେ ଗତ ୨ ଥର ଅନଶନ ପରେ କୌଣସି ସୁଫଳ ମିଳିନାହିଁ। ଫଳରେ ମାନସିକ ଚାପରୁ ମୁକ୍ତ ପାଇପାରୁନାହିଁ, ସୁଫଳ ପାଇବା ପର୍ଯ୍ୟନ୍ତ ଅନଶନ ଜାରି ରଖିବୁ ବୋଲି ଚକ୍ରଧରଙ୍କ ପରିବାର ଲୋକେ କହିଥିଲେ।

## ଦଳୀୟ ଶୃଙ୍ଖଳା ଉଲ୍ଲଂଘନ ଅଭିଯୋଗ ଆଣିଲେ ଭାଜପା ଜିଲା ସଭାପତି

ଖୋର୍ଦ୍ଧା,୫।୨ (ପ୍ରଭାତ ପାଣିଗ୍ରାହୀ)

ବେଗୁନିଆ-ବୋଲଗଡ଼ ଅଞ୍ଚଳରେ କେତେଜଣ ବ୍ୟକ୍ତିଙ୍କ ଦ୍ୱାରା ଦଳୀୟ ଶୃଙ୍ଖଳା, ସଙ୍ଗଠନ ପରମ୍ପରା ଏବଂ ନିର୍ଦ୍ଦିଷ୍ଟ ନିୟମ ଉଲ୍ଲଂଘନ କରାଯାଉଛି। ଏଭଳି କାର୍ଯ୍ୟ ସଙ୍ଗଠନବିରୋଧୀ। ଏ ସଂକ୍ରାନ୍ତରେ ଭାଜପା ଜିଲା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା ରାଜ୍ୟ ସଭାପତିଙ୍କୁ ଚିଠି ଲେଖିଛନ୍ତି।

ସୂଚନାଥାଉ କି, ନିକଟରେ ଯତୀନ ମହାନ୍ତି ବେଗୁନିଆରେ ଏକ ବିଶାଳ ଶୋଭାଯାତ୍ରା ଆୟୋଜନ କରିଥିଲେ। ସେ ଏକପ୍ରକାର ନିଜର ଶକ୍ତି ପ୍ରଦର୍ଶନ କରିଥିଲେ। ତେବେ ସାଂସଦ, ଜିଲା ସଭାପତି ଏବଂ ପୂର୍ବତନ ବିଧାୟକଙ୍କୁ ନ ଜଣାଇ ଏଭଳି କାର୍ଯ୍ୟକ୍ରମ ଆୟୋଜନ ହେବା ଦଳୀୟ ଶୃଙ୍ଖଳାର ଖୋଲା ଏବଂ ଉଦ୍ଦେଶ୍ୟପୂର୍ଣ୍ଣ ଉଲ୍ଲଂଘନ। ଏହା ଦଳର ମର୍ଯ୍ୟାଦାକୁ କ୍ଷତି ପହଞ୍ଚାଇବା ସହ ସ୍ଥାନୀୟସ୍ତରରେ ଅସନ୍ତୋଷ ଓ ବିଶୃଙ୍ଖଳା ସୃଷ୍ଟି କରିଛି। ଉକ୍ତ ଘଟଣା ଉପରେ ତଦନ୍ତ ହେବା ଆବଶ୍ୟକ। ଏହି କାର୍ଯ୍ୟକ୍ରମ ପାଇଁ ରାଜ୍ୟ ଭାଜପା ପକ୍ଷରୁ କୌଣସି ଲିଖିତ ଅନୁମୋଦନ କିମ୍ବା ନିର୍ଦ୍ଦେଶ ଦିଆଯାଇଥିଲା କି ବୋଲି ବିଶ୍ୱରଞ୍ଜନ ଚିଠିରେ ଉଲ୍ଲେଖ କରିଛନ୍ତି। କେଉଁ ଅଧିକାର ଏବଂ କେଉଁ ଉଦ୍ଦେଶ୍ୟରେ ସ୍ଥାନୀୟ ଦଳୀୟ ନେତୃତ୍ୱକୁ ଅଣଦେଖା କରାଗଲା। ରାଜ୍ୟସ୍ତରରେ ପ୍ରାପ୍ତ ଦଳୀୟ ପଦକୁ ଆଧାର କରି ଦଳବିରୋଧୀ କାର୍ଯ୍ୟ କରାଯାଇଛି କି ନାହିଁ, ଏହି ଘଟଣାରେ ଜଡ଼ିତ ଯତୀନ ମହାନ୍ତିଙ୍କ ବିରୋଧରେ ତୁରନ୍ତ କାରଣ ଦର୍ଶାଅ ନୋଟିସ ଜାରି କରାଯାଇ, ଦଳୀୟ ସମ୍ବିଧାନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଆଗାମୀ ଦିନରେ କୌଣସି ଲିଖିତ ଏବଂ ସ୍ପଷ୍ଟ ରାଜ୍ୟ ନିର୍ଦ୍ଦେଶ ବିନା ଏଭଳି ନେତାଙ୍କୁ ଜିଲାରେ କୌଣସି ପ୍ରକାରର କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଦିଆଯିବ ନାହିଁ। ଏପରି କୌଣସି ପ୍ରୟାସ ହେଲେ ତାହାକୁ ଦଳୀୟ ସ୍ତରରେ ଶୃଙ୍ଖଳାଭଙ୍ଗ ଭାବେ ଗ୍ରହଣ କରାଯିବ। ଦଳୀୟ ଶୃଙ୍ଖଳା, ଏକତା ଏବଂ ସଙ୍ଗଠନର ମର୍ଯ୍ୟାଦାକୁ ଦୃଷ୍ଟିରେ ରଖି ପଦକ୍ଷେପ ନେବାକୁ ବିଶ୍ୱରଞ୍ଜନ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏନେଇ ଯତୀନ ମହାନ୍ତିଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ରାଜଶ୍ରୀଙ୍କୁ ସ୍ୱାବଲମ୍ବୀ କରିଛି ଚାଷ



ଖୋର୍ଦ୍ଧା,୫।୨ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ କୋଲୁହାପାଟଣା ଗ୍ରାମର ରାଜଶ୍ରୀ ପଣ୍ଡା। ଉଚ୍ଚ ଶିକ୍ଷିତ ହୋଇ ମଧ୍ୟ ସେ ଚାକିରି ପଛରେ ନ ଗୋଡ଼ାଇ ନିଜ ଜମିରେ ଉନ୍ନତ ଜ୍ଞାନ କୌଶଳରେ ଚାଷ କରି ହୋଇପାରିଛନ୍ତି ସ୍ୱାବଲମ୍ବୀ। ଏଥିସହ ଜଣେ ସଫଳ ଓ ସ୍ମାର୍ଟ ମହିଳା ଚାଷୀଭାବେ ରାଜ୍ୟ ସରକାରଙ୍କ ଠାରୁ ପୁରସ୍କାର ଗ୍ରହଣ କରିଛନ୍ତି। ୫ ଏକର ଜମିରେ ବର୍ଷ ସାରା ଧାନ, ସୋରିଷ, ପିଆଜ, ରସୁଣ, ମୁଗ, ରାଶି, କୋଳଥ, ଆଳୁ, ମୂଳା,ଶାଗ ଆଦି ଚାଷ କରି ବାର୍ଷିକ ୬ରୁ ୭ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ସେହିପରି ଗ୍ରାମର ଚାରୋଟି ପରିବାରକୁ ରୋଜଗାର ଯୋଗାଉଛନ୍ତି। କୃଷି ବିଭାଗର ସହଯୋଗରେ ସେ ସଫଳ ହୋଇପାରିଛନ୍ତି। ଯୁବଗୋଷ୍ଠୀ ଚାକିରି ପଛରେ ନ ଗୋଡ଼ାଇ ନିଜ ଜମିରେ ଉନ୍ନତ ପଦ୍ଧତିରେ ଚାଷ କଲେ ସଫଳ ହୋଇପାରିବ ବୋଲି ରାଜଶ୍ରୀ କହିଛନ୍ତି। ଏନେଇ ତତ୍କାଳୀନ ଜିଲା ମୁଖ୍ୟ କୃଷି ଅଧିକାରୀ ରବି ନାରାୟଣ ସେନାପତି କହିଛନ୍ତି ଯେ, ରାଜଶ୍ରୀ ଜଣେ କର୍ମଠ ମହିଳା। ପ୍ରତିବର୍ଷ ସେ ଛତୁ, ଧାନ, ସୋରିଷ ଭଳି ଚାଷ ସହ ସମନ୍ୱିତ ଚାଷ କରି ଭଲ ରୋଜଗାର କରୁଛନ୍ତି। ଗୋଟିଏ ପରେ ଗୋଟିଏ ସଫଳତା ପାଉଛନ୍ତି। ସେହିପରି ବ୍ଲକ କୃଷି ଅଧିକାରୀ ଶୁଭ୍ରନ କୁମାର ରାଉଳ କହିଛନ୍ତି ଯେ, ରାଜଶ୍ରୀ ଜଣେ ସଫଳ ଚାଷୀ। ସେ ବିଭାଗରୁ ବିଭିନ୍ନ ସମୟରେ ପରାମର୍ଶ ନେଇ ଚାଷ କରିଥାନ୍ତି। ଚଳିତ ବର୍ଷ ୩ ଏକରରେ ସୋରିଷ ବୁଣିଛନ୍ତି। ସେ ଜଣେ ଗ୍ରାଜୁଏଟ ହୋଇ ମଧ୍ୟ ଚାଷ କାମ ପ୍ରତି ଆଗ୍ରହ ତାଙ୍କୁ ସଫଳତା ଦେଇଛି।

**ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ**

## ଆଫ୍ରିକା ଇଲେଭେନ ଭୁବନେଶ୍ୱର ଫାଇନାଲରେ

ବେଗୁନିଆ,୫।୨ (ସନ୍ଧ୍ୟାରାଣୀ ମିଶ୍ର)



ଅତିଥିମାନେ ଖେଳାଳିଙ୍କ ସହ ହାତ ମିଳାଉଛନ୍ତି।

ବେଗୁନିଆ କଲେଜ ଖେଳପଡ଼ିଆରେ ବାବା ବାଲୁଙ୍କେଶ୍ୱର ଦେବ ଫୁଟ୍‌ବଲ ଆସୋସିଏଶନ ପକ୍ଷରୁ ଚାଲିଥିବା ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ଗୁରୁବାର ଆଫ୍ରିକା ଇଲେଭେନ ଭୁବନେଶ୍ୱର ଏବଂ ଶ୍ରୀନୀଳଚକ୍ର କ୍ଲବ ପୁରୀ ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ୨-୦ ଗୋଲରେ ଆଫ୍ରିକା ଇଲେଭେନ ଭୁବନେଶ୍ୱର ଟିମ୍ ବିଜୟୀହୋଇ ଫାଇନାଲରେ ପ୍ରବେଶ କରିଛି। ରେଫରି ଭାବେ ଆଲୋକ କୁମାର ଦେଉରି ମ୍ୟାଚ୍ ପରିଚାଳନା କରିଥିବା ବେଳେ ଲାଇନମ୍ୟାନ ଭାବେ ଶିବ ଦେଉରି ଏବଂ ବୈକୁଣ୍ଠ ନାଥ ମହାପାତ୍ର ସହଯୋଗ କରିଥିଲେ। ସାମାଜିକ କର୍ମୀ ମନୋଜ କୁମାର ପ୍ରଧାନ ମୁଖ୍ୟ ଅତିଥି, ପୂର୍ବତନ ସରପଞ୍ଚ ନବ କିଶୋର ସ୍ୱାଇଁ ମୁଖ୍ୟବକ୍ତା ଏବଂ ସୁକାନ୍ତ ପରିଡ଼ା ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶରତ ଚନ୍ଦ୍ର ଛୋଟରାୟ ସହଯୋଗ କରିଥିଲେ। ଶୁକ୍ରବାର ୱାଇଏଫ୍‌ସି ଚୌଦ୍ୱାର କଟକ ଏବଂ ବରହମପୁର ଫୁଟ୍‌ବଲ ଏକାଡେମୀ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

## ବ୍ରାଉନ୍‌ସୁଗାର ଜବତ, ଯୁବକ ଗିରଫ

ଜଟଣୀ,୫।୨ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଥାନା ପୋଲିସ ଗୁରୁବାର ୧୦ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିବା ସହ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅଧୀନ ଲୋକକଲୋନୀ ମାଣିଆ ଛକ ଅଞ୍ଚଳର ସଦାଶିବ ପଟ୍ଟନାୟକ(୨୫)। ଏନେଇ ଥାନାରେ ଏକ ମାମଲା (ନଂ.୫୨/୨୬) ରୁଜୁ ପରେ ଅଭିଯୁକ୍ତ ସଦାଶିବଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ କହିଛନ୍ତି। ସୂଚନା ମୁତାବକ, ଥାନା ଅଧିକାରୀ ବିଶ୍ୱାଳଙ୍କ ନିର୍ଦ୍ଦେଶକ୍ରମେ ଥାନାର ଏକ ସ୍ୱତନ୍ତ୍ର ଟିମ୍ ଲୋକକଲୋନୀସ୍ଥ ଭଗବତୀ ମନ୍ଦିରଠାରେ ଚଢ଼ାଉ କରିଥିଲା। ବେଆଇନଭାବେ ବ୍ରାଉନ୍‌ସୁଗାର ବିକ୍ରି ଅଭିଯୋଗରେ ସଦାଶିବଙ୍କୁ ଗିରଫ କରିବା ସହ ବ୍ରାଉନ୍‌ସୁଗାର ଜବତ କରିଥିଲେ। ଏହି ବ୍ରାଉନ୍‌ସୁଗାର ଖୋର୍ଦ୍ଧା ଅଞ୍ଚଳରୁ ଆଣି ବେପାର କରୁଥିଲେ ବୋଲି ପଚାରଉଚରା ବେଳେ ଅଭିଯୁକ୍ତ ସଦାଶିବ ସ୍ୱୀକାର କରିଥିଲା। ତାଙ୍କ ନାମରେ ପୂର୍ବରୁ ୫ଟି ମାମଲା ରହିଛି ବୋଲି ପୋଲିସ କହିଛି।

## କିନ୍ନର ଅଞ୍ଜଳିଙ୍କୁ ମହମବତି ଶୋଭାଯାତ୍ରାରେ ଶ୍ରଦ୍ଧାଞ୍ଜଳି

ଜଟଣୀ,୫।୨ (ରବୀନ୍ଦ୍ରନାଥ ମହାକୁଡ଼)

ଭୁବନେଶ୍ୱର ଉପକଣ୍ଠ ପୁରୀ ଜିଲା ପିପିଲି ଥାନା ଅନ୍ତର୍ଗତ ସିଙ୍ଗା ମୁଖ୍ୟ ଫାଟକ ନିକଟ ଜାତୀୟ ରାଜପଥରେ ଗତ ରବିବାର କିନ୍ନର ସୋନାଲି ଓରଫ ଅଞ୍ଜଳିଙ୍କୁ ଦୁର୍ବୃତ୍ତମାନେ ଛୁରି ଭୁସି ହତ୍ୟା କରିଥିଲେ। ଗୁରୁବାର ଅଞ୍ଜଳିଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଜଟଣୀ କିନ୍ନର ସଂଘ ପକ୍ଷରୁ ଏକ ମହମବତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୌରାଞ୍ଚଳ ଅନ୍ତର୍ଗତ ମୋ ଜଟଣୀ ଠାରୁ ଏହି ଶୋଭାଯାତ୍ରା ବାହାରିଥିଲା। ସଭାପତି ଲିପ୍ସା ରାଓଙ୍କ ନେତୃତ୍ୱରେ ବହୁ କିନ୍ନର ଯୋଗଦେଇ ସହରର ମୁଖ୍ୟ ରାସ୍ତା ଦେଇ ଖୋର୍ଦ୍ଧାରୋଡ ରେଲୱେ ଷ୍ଟେଶନ ଠାରେ ପହଞ୍ଚି ନୀରବ ପ୍ରାର୍ଥନା କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସିବିଆଇ ତଦନ୍ତ ଦାବି କରିବା ସହ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଥିଲେ।



ଜଟଣୀ କିନ୍ନର ସଂଘ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

## ଅବକାରୀ ଚଢ଼ାଉ, ମହିଳାଙ୍କ ସମେତ ୩ ଗିରଫ

ବେଗୁନିଆ,୫।୨
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଅବକାରୀ ଥାନା ପୋଲିସ ପକ୍ଷରୁ ଗୁରୁବାର ବିଭିନ୍ନ ଅଞ୍ଚଳରେ ଚୋରା ନିଶାଦ୍ରବ୍ୟ କାରବାର ଉପରେ ଚଢ଼ାଉ କରାଯାଇଛି। ଚଢ଼ାଉ ବେଳେ ପୃଥକ ସ୍ଥାନରୁ ୧୮୦ଲିଟର ଦେଶୀ ମଦ ଜବତ କରାଯାଇଛି। ଏହି କାରବାରରେ ସମ୍ପୃକ୍ତ ଥିବା ଜଣେ ମହିଳାଙ୍କ ସମେତ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ବେଗୁନିଆ ଅବକାରୀ ଥାନା ଅଧୀନ ଗୌଡିଆପଡା ଗ୍ରାମର ସୀତା ମାନସିଂହ(୩୪), ସିକୋ ଗ୍ରାମର ରତ୍ନାକର ଛୁଆଲସିଂହ(୪୧) ଏବଂ କଅଁରପୁର ଗ୍ରାମର ଶ୍ରୀଧର ପଣ୍ଡା(୪୧)। ଖୋର୍ଦ୍ଧା ଜିଲା ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ନିରୀକ୍ଷକ ରାଧାକାନ୍ତ ଭୋଇଙ୍କ ନେତୃତ୍ୱରେ ବେଗୁନିଆ ଅବକାରୀ ଥାନାର ଭାରପ୍ରାପ୍ତ ଅଧିକାରୀ ସଞ୍ଜୟ କୁମାର ସୁବୁଦ୍ଧି ଏବଂ କର୍ମଚାରୀମାନେ ଚଢ଼ାଉରେ ସାମିଲ ହୋଇଥିଲେ।

## କୃଷ୍ଣପ୍ରସାଦ ସ୍ୱାସ୍ଥ୍ୟକେନ୍ଦ୍ର ଭିତ୍ତିଭୂମି ପରଖିଲା କାୟାକଳ୍ପ ଟିମ୍

କୃଷ୍ଣପ୍ରସାଦ,୫।୨ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଡା. ମନୋରଞ୍ଜନ ହାତୀଙ୍କ ନେତୃତ୍ୱରେ କାୟାକଳ୍ପ ଟିମ୍ ଗୁରୁବାର କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହି ଟିମ୍ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ବିଭାଗର କୋଠରି ସହ ଅସ୍ତ୍ରୋପଚାର ଗୃହ, ଲେବର ରୁମ୍, ରୋଗୀ ଶଯ୍ୟା, ସୁରକ୍ଷା ପ୍ରାଚୀର, ଅଳିଆ ଆବର୍ଜନା କୁଣ୍ଡ, ନିରାମୟ ଏବଂ ଡ୍ରେନେଜ୍ ବ୍ୟବସ୍ଥା ନିରୀକ୍ଷଣ କରିଥିଲେ। ସୂଚନାଥାଉ କି, ୨୦୧୫ରୁ ରାଜ୍ୟ ସରକାର ଭିତ୍ତିଭୂମି ଏବଂ ପରିମଳ ବ୍ୟବସ୍ଥାକୁ ଅନୁଧ୍ୟାନ କରି ଡାକ୍ତରଖାନାଗୁଡ଼ିକୁ ପୁରସ୍କାର ରାଶି ଦେବାର ବ୍ୟବସ୍ଥା କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ସ୍ୱତନ୍ତ୍ର ଟିମ୍ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ କରୁଛନ୍ତି। କାୟାକଳ୍ପ ଟିମ୍‌ର ଗସ୍ତକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ହର୍ବାଲ ଗାର୍ଡେନ, ରୋଗୀ ଶଯ୍ୟା, କାନ୍ଥକୁ ପରିଷ୍କାର କରାଯିବା ସହିତ ବିଭିନ୍ନ ରଙ୍ଗରେ ଚିତ୍ରିତ କରି ସ୍ୱଚ୍ଛତାର ବାର୍ତ୍ତା ପ୍ରଦାନ କରାଯାଇଥିଲା। ଟିମ୍ ସଦସ୍ୟମାନେ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ବିଭାଗକୁ ଅନୁଧ୍ୟାନ କରି ଖୁସି ବ୍ୟକ୍ତ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ, ରୋଗୀ ଏବଂ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଇଲେ ଡାକ୍ତରଖାନା ପରିବେଶ ସ୍ୱଚ୍ଛ, ସୁନ୍ଦର ଏବଂ ସବୁଜିମାରେ ପରିଣତ ହେବ ବୋଲି ଟିମ୍‌ର ସଦସ୍ୟମାନେ କହିଥିଲେ। ଚଳିତବର୍ଷ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ବିଭିନ୍ନ ବିଭାଗରେ ଉନ୍ନତ ମାନର କାର୍ଯ୍ୟ କରିବା ସହିତ ପରିବେଶକୁ ଉନ୍ନତ କରିଛନ୍ତି ବୋଲି କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ନବ କିଶୋର କର କହିଛନ୍ତି। କାୟାକଳ୍ପ ଟିମ୍ ସଦସ୍ୟ ଡ. ମନୋରଞ୍ଜନ ହାତୀ, ଜିଲା କିଟ୍ ତତ୍ତ୍ୱ ବିଶାରଦ ବିଜନ କୁମାର ପାତ୍ର, ପିଏମ୍ଆଇ ରାଜ୍ୟ ପ୍ରୋଗ୍ରାମ ଅଫିସର ରୁବି ରାଉତ, ଜିଲା ଆଶା ସହକାରୀ ପରିଚାଳକ ଅଶୋକ ସାହୁ, ରାଜ୍ୟ ମାତୃ ମଙ୍ଗଳ ପରିଚାଳନା ବିଭାଗର ସୌମ୍ୟଶ୍ରୀ ମହାପାତ୍ର ପ୍ରମୁଖ ପରିଦର୍ଶନ କରିଥିଲେ। କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡା. କର, ଡା. ସୁଜ୍ଞାନୀ ମହାରଣା, ଡା. ନିବେଦିତା ରାୟ ବକ୍ସି, ବିପିଏମ୍ ଦେବାଶିଷ ମିଶ୍ର, ଚିକିତ୍ସାଳୟ ବିତ୍ତ ପରିଚାଳକ ସଞ୍ଜିତ୍ କୁମାର ସୁନ୍ଦରାୟ, ଫାର୍ମାସିଷ୍ଟ ତାପସ ବେହେରା, ଅଜୟ କୁମାର ରଣା, ଷ୍ଟାଫ୍ ନର୍ସ ମୁକ୍ତା କିଷାନ, ବିଶ୍ୱ ଭାରତୀ ବେହେରା, ସୁନିତା ବେହେରା, ସୁଶାନ୍ତ କୁମାର ପଣ୍ଡା, ସୁନୀଲ କୁମାର ଜେନା, ସୁଶାନ୍ତ କୁମାର ଦଳେଇଙ୍କ ସମେତ ଚିକିତ୍ସାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।




କାୟାକଳ୍ପ ଟିମ୍ ସହ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଏବଂ କର୍ମଚାରୀମାନେ।

# 'ଏସ୍‌ଆଇ ପରୀକ୍ଷା ତାରିଖ ଶୀଘ୍ର ଘୋଷଣା କର'

ଭୁବନେଶ୍ୱର, ୫।୨ (ସୁଚିସ୍ମିତା ସାହୁ)

କେବେ ହେବ ପୋଲିସ ଏସ୍‌ଆଇ ପରୀକ୍ଷା। ରାଜ୍ୟ ସରକାର ଶୀଘ୍ର ପରୀକ୍ଷା ତାରିଖ ଘୋଷଣା କରନ୍ତୁ। ନଚେତ ଆସନ୍ତା ବିଧାନସଭା ଅଧିବେଶନ ସମୟରେ ବଡ଼ ଧରଣର ଆନ୍ଦୋଳନ ହେବ। ଆବଶ୍ୟକ ପଡ଼ିଲେ ବିଧାନସଭା ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି ଚାକିରି ଆଶାୟୀ।

ପୋଲିସ ଏଏସ୍‌ଆଇ ନିଯୁକ୍ତି ପାଇଁ ୧୪ ମାସ ତଳେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପରୀକ୍ଷା ତାରିଖ ମଧ୍ୟ ଘୋଷଣା ହୋଇଥିଲା। ଓଡ଼ିଶା ପୋଲିସ ରିକ୍ରୁଟ୍‌ମେଣ୍ଟ ବୋର୍ଡ (ଓପିଆର୍‌ବି) ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିବାବେଳେ ନାନା କେଲେଙ୍କାରୀ ପଦାକୁ ଆସିବା ପରେ ତାହାକୁ ବାତିଲ କରାଯାଇଥିଲା। ଫଳରେ ପରୀକ୍ଷା ଆଶାୟୀଙ୍କ ବର୍ଷ ବର୍ଷର ପ୍ରସ୍ତୁତି ବେକାର ହୋଇଥିଲା। ଇତିମଧ୍ୟରେ ବହୁ ମାସ ବି ବିତିଗଲାଣି। ହେଲେ ପୁନଃ ପରୀକ୍ଷା ତାରିଖ ଘୋଷଣା ହେଉ ନ ଥିବାରୁ ଆଶାୟୀମାନେ ଅପେକ୍ଷା କରି ଧୈର୍ଯ୍ୟହରା ହୋଇପଡିଲେଣି। କେତେଜଣଙ୍କ ବୟସ ମଧ୍ୟ ଗଡିଯାଉଥିବାରୁ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ତୁରନ୍ତ ପରୀକ୍ଷା ତାରିଖ ଘୋଷଣା ଦାବିରେ ଷ୍ଟୁଡେଣ୍ଟ ଏଗ୍ନେଷ୍ଟ କରପ୍‌ଶନ ପକ୍ଷରୁ ଶହଶହ ଚାକିରି ଆଶାୟୀ ଗୁରୁବାର ଗାନ୍ଧୀମାର୍ଗରେ ଗର୍ଜିଛନ୍ତି। ସଙ୍ଗଠନର ଆବାହକ ବିଭୂତି ଭୂଷଣ ମହାପାତ୍ର କହିଛନ୍ତି, ଏସ୍‌ଆଇ ଚାକିରି ବିକ୍ରି ଘଟଣାର ତଦନ୍ତ ସିବିଆଇ କରୁଛି ଓ ଏଥିରେ ସାମିଲ ଥିବା ଷଡ଼ଯନ୍ତ୍ରକାରୀ ଧରା ପଡୁଛନ୍ତି। ତଥାବି ପୁନଃ ସ୍ୱଚ୍ଛ ଓ ବ୍ୟବସ୍ଥିତ ଭାବେ ପରୀକ୍ଷା କରିବାକୁ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ଓପିଆର୍‌ବି ଏବଂ ଓଡ଼ିଶା ୟୁନିଫର୍ମ ଷ୍ଟାଫ ସିଲେକ୍ସନ କମିଶନ (ଓୟୁଏସ୍‌ଏସ୍‌ସି) ମଧ୍ୟରୁ କିଏ ପରୀକ୍ଷା ପରିଚାଳନା କରିବ ସେନେଇ ସରକାର ସ୍ପଷ୍ଟ କରିବା ସହିତ ତୁରନ୍ତ ପରୀକ୍ଷା କରାନ୍ତୁ। ଆଶାୟୀଙ୍କ ଭବିଷ୍ୟତ ସହ ନ ଖେଳିବାକୁ ସରକାରଙ୍କୁ ଅନୁରୋଧ କରିବା ସହ ସ୍ୱଚ୍ଛତାର ସହ ପରୀକ୍ଷା କରାଯାଉ। ନଚେତ ଆଶାୟୀମାନେ ଆସନ୍ତା ଅଧିବେଶନ ସମୟରେ ବିଧାନସଭା ଘେରିବାକୁ ବାଧ୍ୟ ହେବେ ବୋଲି ଆବାହକ ମହାପାତ୍ର ଚେତାବନୀ ଦେଇଛନ୍ତି।



ଷ୍ଟୁଡେଣ୍ଟ୍ସ ଏଗ୍‌ନେଷ୍ଟ କରପ୍‌ଶନ୍ ପକ୍ଷରୁ ଚାକିରି ଆଶାୟୀମାନେ ଗୁରୁବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଦେଇଛନ୍ତି।

### ଗାନ୍ଧୀମାର୍ଗରେ ଗର୍ଜିଲେ ଚାକିରି ଆଶାୟୀ
### ବିଧାନସଭା ଘେରାଉ ଚେତାବନୀ

# ରଶ୍ମିତା ପଣ୍ଡା ବିଡିଏ ଉପାଧ୍ୟକ୍ଷ

ଭୁବନେଶ୍ୱର, ୫।୨ (ବନ୍ଦନା ସେଠୀ)

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ନୂଆ ଉପାଧ୍ୟକ୍ଷ ହେଲେ ୨୦୧୦ ବ୍ୟାଚ୍‌ର ଆଇଏଏସ୍ ଅଫିସର ରଶ୍ମିତା ପଣ୍ଡା। ବିଡିଏ ସହ ତାଙ୍କୁ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ୍)ର ମାନେଜିଂ ଡାଇରେକ୍ଟର ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନର ଚଞ୍ଚଳ ରାଣା ୨୦୧୫ ଅକ୍ଟୋବର ୧୭ରୁ ବିଡିଏର ୨୭ତମ ଉପାଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଉଥିଲେ। ଏବେ ଚଞ୍ଚଳଙ୍କୁ ଏହି ଅତିରିକ୍ତ ଦାୟିତ୍ୱରୁ ଅବ୍ୟାହତି ଦିଆଯାଇଛି।

# ସ୍ୱଚ୍ଛ ସର୍ବେକ୍ଷଣ ପାଇଁ ବିଏମ୍‌ସିର ଦକ୍ଷତା ବିକାଶ ତାଲିମ ଶିବିର

ଭୁବନେଶ୍ୱର, ୫।୨ (ବନ୍ଦନା ସେଠୀ)

ପ୍ରତ୍ୟେକ ୱାର୍ଡ ତଥା ଗଳିକନ୍ଦିରେ ପରିମଳ ବ୍ୟବସ୍ଥାକୁ ଆହୁରି ଜୋର୍‌ଦାର କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମୁଖ୍ୟାଳୟରେ ଏକ ସମୀକ୍ଷା ବୈଠକ ସହ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ ଏଥିରେ ଅଧ୍ୟକ୍ଷତା କରି ବିଭିନ୍ନ ୱାର୍ଡରେ ପରିମଳ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। କେଉଁ ଅଞ୍ଚଳରେ ସାଧାରଣ ସଫେଇ ଓ ମେକାନିକାଲ ସଫେଇ ହେଉଛି ତାହା ବୁଝିଥିଲେ। ମାସକୁ ଅତି କମ୍‌ରେ ୪ଦିନ ପ୍ରତ୍ୟେକ ଏଜେନ୍ସି ଗଣସଫେଇ ଅଭିଯାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ରାସ୍ତାଘାଟ, ଗଳିକନ୍ଦି ସମେତ ଏମ୍‌ସିସି ଓ ଏମଆର୍‌ଏଫ୍‌ଗୁଡିକୁ ମଧ୍ୟ ସ୍ୱଚ୍ଛ ରଖିବା ପାଇଁ ସେ ପରାମର୍ଶ ଦେଇଥିଲେ। ବସନ୍ତ ଋତୁ ଆସୁଥିବାରୁ ଗଛଗୁଡିକ ଏବେ ପତ୍ରଝଡା ଦେବ। ଫଳରେ ଅଧିକ ବର୍ଜ୍ୟ ଉତ୍ପନ୍ନ ହେବ। ତେଣୁ ସ୍ୱଚ୍ଛକର୍ମୀମାନେ ଦୈନିକ ୬ରୁ ୮ ଘଣ୍ଟା କାର୍ଯ୍ୟ କରିବେ। ଏଥିପାଇଁ ପ୍ରତ୍ୟେକ ଏଜେନ୍ସି, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ସ୍ୱଚ୍ଛ କର୍ମୀଙ୍କ ସହ ଆଲୋଚନା କରି କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସ୍ୱଚ୍ଛ ସର୍ବେକ୍ଷଣରେ ଏଥର ବିଏମ୍‌ସି ଯେପରି ୧ ନମ୍ବର ହେବ, ସେନେଇ ସମସ୍ତେ ସ୍ୱେଚ୍ଛାକୃତ ଭାବେ କାର୍ଯ୍ୟ କରିବାକୁ ଅତିରିକ୍ତ କମିଶନର ଅନୁରୋଧ କରିଥିଲେ। ବୈଠକରେ ପରିମଳ ଉପାୟୁକ୍ତ ଏନ୍. ଗଣେଶ ବାବୁ, ସହକାରୀ କମିଶନର ସ୍ମୃତିରେଖା ସ୍ୱାଇଁ, ପରିମଳ ନିରୀକ୍ଷକ, ସ୍ୱଚ୍ଛ ସୁପରଭାଇଜର, ବିଏମସି ଦ୍ୱାରା ନିୟୋଜିତ ବିଭିନ୍ନ ଏଜେନ୍ସି ଓ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଯୋଗଦେଇଥିଲେ।

# ରଜତ କୁମାର ମାନସିଂହ ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଉପପରୀକ୍ଷା ନିୟନ୍ତ୍ରକ

ଭୁବନେଶ୍ୱର, ୫।୨ (ସୁଚିସ୍ମିତା ସାହୁ)

ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ (ଓୟୁଏଚ୍‌ଏସ୍)ର ଉପପରୀକ୍ଷା ନିୟନ୍ତ୍ରକ ଭାବେ ବରିଷ୍ଠ ସହକାରୀ ପ୍ରାଧ୍ୟାପକ ରଜତ କୁମାର ମାନସିଂହ ନିଯୁକ୍ତ ହୋଇଛନ୍ତି। ଏହାସହ ବିଶ୍ୱବିଦ୍ୟାଳୟର କଲେଜ ଡେଭଲପ୍‌ମେଣ୍ଟ ଆଣ୍ଡ୍ ଷ୍ଟୁଡେଣ୍ଟ ୱେଲ୍‌ଫେୟାର ବିଭାଗର ଉପନିର୍ଦ୍ଦେଶକ ଭାବେ ଦାୟିତ୍ୱ ତୁଲାଇବେ। ଏନେଇ ବୁଧବାର ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ସେ ଉଚ୍ଚଶିକ୍ଷା ବିଭାଗର ଉପନିର୍ଦ୍ଦେଶକ ଭାବେ ସେ କାର୍ଯ୍ୟ କରିଛନ୍ତି। ବିଭିନ୍ନ ଦାୟିତ୍ୱକୁ ସଫଳତାର ସହ ସମ୍ପାଦନ କରି ସାଉଣ୍ଟିଥିବା ଅଭିଜ୍ଞତା ପରୀକ୍ଷା ସୁପରିଚାଳନାରେ ସହାୟକ ହେବ ବୋଲି ଆଶା କରାଯାଉଛି।

# ହିନ୍ଦୀ ଫିଚର ଫିଲ୍ମ 'ଗୋଦାନ'ର ପ୍ରିମିୟର ଦେଖିଲେ ମୁଖ୍ୟମନ୍ତ୍ରୀ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନ୍ୟମାନଙ୍କ ସହ ବସି ଚଳଚ୍ଚିତ୍ର 'ଗୋଦାନ' ଦେଖୁଛନ୍ତି।

ଭୁବନେଶ୍ୱର, ୫।୨ (ସୌମ୍ୟରଞ୍ଜନ ରାଉତ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ ହିନ୍ଦୀ ଫିଚର୍ ଫିଲ୍ମ 'ଗୋଦାନ'ର ପ୍ରିମିୟର ଦେଖିଥିଲେ। ଏହି ଅବସରରେ ସେ ଚଳଚ୍ଚିତ୍ରକୁ ରାଜ୍ୟରେ 'ଟ୍ୟାକ୍ସ ଫ୍ରି' ଘୋଷଣା କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ କହିଲେ, ଓଡ଼ିଶାରେ ଖୁବ୍‌ଶୀଘ୍ର ଗୋ-ଅନୁସନ୍ଧାନ କେନ୍ଦ୍ର ସ୍ଥାପନ କରାଯିବ। ଚଳଚ୍ଚିତ୍ର ଦେଖିବା ସମୟରେ ମୁଖ୍ୟମନ୍ତ୍ରୀ ଭାବବିହ୍ୱଳ ହୋଇ କହିଥିଲେ, 'ଗୋଦାନ' ଏକ ସମ୍ପୂର୍ଣ୍ଣ ପାରିବାରିକ ଚଳଚ୍ଚିତ୍ର, ଯାହା ପିଲାମାନଙ୍କୁ ମାତାପିତାଙ୍କ ସହ ଯୋଡ଼ି ରଖିବା ସହ ସନାତନ ଧର୍ମର ମୂଲ୍ୟବୋଧ ବୁଝାଇବାର ଏକ ଦୃଢ଼ ବାର୍ତ୍ତା ଦେଉଛି। ଗୋଦାନ ଭଳି ପ୍ରାସଙ୍ଗିକ ସିନେମା ସାମାଜିକ ସଚେତନତା ସୃଷ୍ଟି ଓ ସାଂସ୍କୃତିକ ବୁଝାମଣାକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ସେ ଯୁବ ପିଢ଼ିକୁ ଆହ୍ୱାନ ଦେଇ ଏହି ଚଳଚ୍ଚିତ୍ରକୁ ସପରିବାର ଦେଖିବାକୁ କହିଥିଲେ ଓ ସମାଜରେ ସାଂସ୍କୃତିକ ଭାବନାକୁ ଅଗ୍ରାଧିକାର ଦେବାକୁ ପରାମର୍ଶ ଦେଇଥିଲେ। ଶୁକ୍ରବାର ରିଲିଜ୍ ହେବାକୁ ଥିବା ସିନେମାର ଏହି ପ୍ରିମିୟରରେ ଅତିଥି ଭାବେ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଚଳଚ୍ଚିତ୍ର ନିର୍ଦ୍ଦେଶକ ବିନୋଦ କୁମାର ଚୌଧୁରୀଙ୍କ ସହ ବିଧାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### 'ଟାକ୍ସ ଫ୍ରି' ଘୋଷଣା କଲେ

# ପ୍ରେମ, ଏକାକିତ୍ୱର କାହାଣୀ କହିଲା 'ମିତାଲୀ'

## ବେଲଜିୟମ ନାଟ୍ୟକାର ଓଲିଭର୍ ନୋନନ୍ ଓ ମଞ୍ଚ ଅଭିନେତା ଉପେନ୍ଦ୍ର ପତି ସମ୍ମାନିତ

ଭୁବନେଶ୍ୱର, ୫।୨ (ସୌମ୍ୟରଞ୍ଜନ ରାଉତ)

କୌଣସି ସହଚର କିମ୍ବା ପରିଚିତିବିହୀନ ଜଣେ ଏକାକୀ ପୁରୁଷ ରାତିବେଳେ ସହର ରାସ୍ତାରେ ଘୂରି ବୁଲୁଥାଏ। ଯେଉଁଠି ସେ ପ୍ରତ୍ୟେକ ଗଳି ଓ ଅଟାଳିକାକୁ ନିଜ କଳ୍ପନାରେ ଚରିତ୍ରର ରୂପ ଦେଇ ଜୀବନ୍ତ କରିଦିଏ। ସେ ଏହି ଭ୍ରମଣ ମାଧ୍ୟମରେ ଏକ ଅଭିଜ୍ଞତାର ସାମ୍ନା କରେ। ଏମିତି ରାତିରେ ବୁଲିବା ସମୟରେ ସେ ଭେଟେ ଜଣେ କାନ୍ଦୁଥିବା ନାରୀଙ୍କୁ, ଯାହାର ନାଁ ଥିଲା ମିତାଲୀ। ଏମିତି ଭେଟ ପରେ ଦୁହିଁଙ୍କ ଭିତରେ ଗଢ଼ି ଉଠେ ମିତ୍ରତା ଓ ପରେ ସୃଷ୍ଟି ହୁଏ ପ୍ରେମ। ଏମିତି ଏକ ପ୍ରେମ ଓ ଏକାକିତ୍ୱର ଏକ ହୃଦୟସ୍ପର୍ଶୀ କାହାଣୀକୁ ନେଇ ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହୋଇଥିଲା ବେଙ୍ଗଲି ନାଟକ 'ମିତାଲୀ'। ଇଣ୍ଟରନ୍ୟାଶନାଲ ଥିଏଟର୍‌ର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଆୟୋଜିତ ୫୧ତମ ଜାତୀୟ ନାଟ୍ୟ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ପରିବେଷିତ ହୋଇଥିଲା ଏହି ନାଟକ। ଗୌତମ୍ ହାଲ୍‌ଦାରଙ୍କ ରଚିତ ଓ ନିର୍ଦ୍ଦେଶିତ ଏହି ନାଟକରେ କୋଲ୍‌କାତାର ନୟେ ନାଟୁଆ ନାଟ୍ୟ ଦଳର କଳାକାରମାନେ କାହାଣୀକୁ ସୁନ୍ଦର ଭାବରେ ଦର୍ଶକଙ୍କୁ ଭେଟି ଦେଇଥିଲେ। ଅତିଥି ଭାବେ ନାଟ୍ୟକାର ଡ. ମାୟା ଦାସ, ନାଟ୍ୟ ନିର୍ଦ୍ଦେଶକ ଲାଲା ବୀରେନ ରାୟ, ନାଟ୍ୟକାର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, କବି ରକ୍ଷକ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବେଲଜିୟମ ନାଟ୍ୟକାର ଓଲିଭର୍ ନୋନନ୍ ଓ ମଞ୍ଚ ଅଭିନେତା ଉପେନ୍ଦ୍ର ପତିଙ୍କୁ 'ଇଣ୍ଟରନ୍ୟାଶନାଲ ଥିଏଟର ନାଟ୍ୟ ସମ୍ମାନ' ଏବଂ ଖବରଦାତା ସ୍ୱାଗତିକା ସାହୁ ଓ ରଞ୍ଜନ ନାୟକଙ୍କୁ 'ଇଣ୍ଟରନ୍ୟାଶନାଲ ଥିଏଟର ସାମ୍ବାଦିକ ସମ୍ମାନ'ରେ ସମ୍ମାନିତ କରାଯାଇଥିଲ। ଅନ୍ୟତମ ଅତିଥି ଭାବେ ଅନୁଷ୍ଠାନର ନିର୍ଦ୍ଦେଶକ ମିହିର ମେହେର ଓ ସମ୍ପାଦକ ସୁରେଶ କୁମାର ନାୟକ ଉପସ୍ଥିତ ଥିଲେ।



ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ବେଙ୍ଗଲି ନାଟକ 'ମିତାଲୀ'ର ଏକ ଦୃଶ୍ୟ।

# ରାଜ୍ୟସ୍ତରୀୟ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ ଉଦ୍‌ଘାଟିତ



ଶିଳ୍ପୀମାନେ ଶାସ୍ତ୍ରୀୟ ସଙ୍ଗୀତ ଗାନ କରୁଛନ୍ତି।

ଭୁବନେଶ୍ୱର, ୫।୨ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ହିନ୍ଦୁସ୍ତାନୀ ସଙ୍ଗୀତ ସଭା ପକ୍ଷରୁ ଗୁରୁବାର ଗୀତଗୋବିନ୍ଦ ସଦନରେ ୬ଷ୍ଠ ରାଜ୍ୟସ୍ତରୀୟ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ ଉଦ୍‌ଘାଟିତ ହୋଇଯାଇଛି। ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ଅନୁଷ୍ଠାନର ଉପସଭାପତି ଡ. ସର୍ବେଶ୍ୱର ଶତପଥୀ, ସମ୍ପାଦକ ଡ. ରଘୁନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସଙ୍ଗୀତଜ୍ଞମାନେ ବିଭିନ୍ନ ରାଗରେ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରଥମେ କଲ୍ୟାଣ ରାଗରେ ନିବଦ୍ଧ ଓ ଧ୍ରୁପଦ ସଙ୍ଗୀତ ସଭାର ଗୁରୁ ଓ ଛାତ୍ରୀଛାତ୍ର ସମବେତ କଣ୍ଠରେ ଗାୟନ କରିଥିଲେ। ପରେ ସୁଦୀପ୍ତା ମହାପାତ୍ର 'ମାଲ୍‌କୌଁସ', ଗୁରୁ କୁଞ୍ଜବିହାରୀ ନାୟକ 'ରାଗେଶ୍ରୀ', ଜ୍ୟୋତିର୍ଲକ୍ଷ୍ମୀ ମହାରଣା 'ଯୋଗ୍‌କୌଁସ', ଗୁରୁ କୃଷ୍ଣଚନ୍ଦ୍ର ଦାଶ 'ବାହାର' ଓ ପଣ୍ଡିତ ହରିହର ରଥ 'କୌଶିକ କାନାଡା' ରାଗରେ ଖୟାଲ ପରିବେଷଣ କରିଥିଲେ। ପରେ ଗୁରୁ ଶୁଭ୍ରାଂଶୁ ଶେଖର ସାହୁ ଏକକ ତବଲା ବାଦନ କରିଥିଲେ। ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ଶ୍ରୋତା ଶାସ୍ତ୍ରୀୟ ସଙ୍ଗୀତକୁ ଉପଭୋଗ କରିଥିଲେ। ତବଲାରେ ଗୁରୁ ସୁଶାନ୍ତ କୁମାର ଜେନା, ଗୁରୁ ଚିତ୍ତରଞ୍ଜନ ମହାପାତ୍ର ଏବଂ ହାରମୋନିୟମରେ ଗୁରୁ ଜୀବନ ପ୍ରକାଶ ଦାସ ଓ ଗୁରୁ କୁଞ୍ଜବିହାରୀ ନାୟକ ସହଯୋଗ କରିଥିଲେ। ସୁଦୀପ୍ତା ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ।

# ଅଭିଷେକ ରାଓଙ୍କୁ ଆଇଟିପିଆଇ ଜାତୀୟ ଶ୍ରେଷ୍ଠ ଥେସିସ୍ ଆୱାର୍ଡ

ଭୁବନେଶ୍ୱର, ୫।୨ (ଅନୁରାଧା ମହାରଣା)

ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟାଉନ ପ୍ଲାନର୍ସ ଇଣ୍ଡିଆ (ଆଇଟିପିଆଇ) ପକ୍ଷରୁ ଜାତୀୟ ଶ୍ରେଷ୍ଠ ଥେସିସ ଆୱାର୍ଡ ୨୦୨୫ ଘୋଷଣା କରାଯାଇଛି। କଟକର ପିଲୁ ମୋଦି କଲେଜ ଅଫ୍ ଆର୍କିଟେକ୍ଚର (ପିଏମ୍‌ସିଏ)ର ପୂର୍ବତନ ଛାତ୍ର ଅଭିଷେକ ରାଓ ଏହି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ତୃତୀୟ ସ୍ଥାନ ପାଇ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ଜାତୀୟ ଶ୍ରେଷ୍ଠ ଥେସିସ ପୁରସ୍କାର ହେଉଛି ଏକ ପ୍ରତିଷ୍ଠିତ ଜାତୀୟ ସ୍ତରୀୟ ସ୍ୱୀକୃତି, ଯାହା ପ୍ରତିବର୍ଷ ସାରା ଭାରତରେ ଉତ୍କୃଷ୍ଟ ସ୍ନାତକୋତ୍ତର ଯୋଜନା ଗବେଷଣାକୁ ପ୍ରଦାନ କରାଯାଏ। ବର୍ତ୍ତମାନ ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ(ଆଇଆଇଟି) ଶିବପୁରର ସ୍ଥାପତ୍ୟ ଏବଂ ଯୋଜନା ବିଭାଗର ଏମ୍.ପ୍ଲାନ (ସହରୀ ଏବଂ ଆଞ୍ଚଳିକ ଯୋଜନା) ପଢୁଥିବା ଅଭିଷେକଙ୍କୁ ତାଙ୍କର ଅସାଧାରଣ ଶୈକ୍ଷିକ ଅବଦାନ ଏବଂ ଅଭିନବ ଗବେଷଣା ପଦ୍ଧତି ପାଇଁ ପୁରସ୍କାର ପାଇବାକୁ ମନୋନୀତ କରାଯାଇଛି। ଅଭିଷେକ ୨୦୨୧ରେ ପିଲୁ ମୋଦି କଲେଜ ଅଫ୍ ଆର୍କିଟେକ୍ଚରରୁ ସ୍ଥାପତ୍ୟରେ ସ୍ନାତକ ହାସଲ କରିଥିଲେ। ଅଭିଷେକଙ୍କ ସଫଳତାରେ ପିଏମ୍‌ସିଏ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି।



# ୧୪ରୁ ତୋଷାଳି ସ୍ୱଦେଶୀ ମେଳା

ଭୁବନେଶ୍ୱର, ୫।୨ (ସୁଚିସ୍ମିତା ସାହୁ)

ଆସନ୍ତା ୧୪ ତାରିଖରୁ ଭୁବନେଶ୍ୱରସ୍ଥିତ ଜନତା ମଇଦାନରେ ୨୦ତମ ତୋଷାଳି ସ୍ୱଦେଶୀ ମେଳା ଆରମ୍ଭ ହେବ। ୧୩ଦିନ ଧରି ଅର୍ଥାତ୍ ୨୬ ତାରିଖ ଯାଏ ଚାଲିବାକୁ ଥିବା ଏହି ମେଳା ପାଇଁ ଗୁରୁବାର ଏକାମ୍ର ହାଟରୁ ପ୍ରଚାର ରଥ ଗଡିଛି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଏହି ରଥର ଶୁଭାରମ୍ଭ କରିଛନ୍ତି। ଏହି ପ୍ରଚାର ରଥ କଟକ, ଭୁବନେଶ୍ୱର, ପୁରୀ, ସମ୍ବଲପୁର, ବ୍ରହ୍ମପୁର ପ୍ରମୁଖ ସହର ପରିକ୍ରମା କରିବ। ଚଳିତବର୍ଷ ତୋଷାଳି ସ୍ୱଦେଶୀ ମେଳାର ଥିମ୍ ରହିଛି 'ସ୍ୱଦେଶୀ ଏବଂ ଆତ୍ମନିର୍ଭର'। ମେଳାରେ ମୋଟ ୮୪୦ଟି ଷ୍ଟଲର ଆୟୋଜନ ହୋଇଥିବା ସୂଚନା ଦିଆଯାଇଛି। ପ୍ରଚାର ରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପ୍ରଭାକର ମହାରଣା, ପଦ୍ମଶ୍ରୀ ଇଲିଆନା ଚିତାରିସ୍ତି, ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର, ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶକ ପ୍ରେମ ଚନ୍ଦ୍ର ଚୌଧାରୀ, ହସ୍ତଶିଳ୍ପ ନିର୍ଦ୍ଦେଶିକା ନିବେଦିତା ପୃଷ୍ଟି, ଅତିରିକ୍ତ ଶାସନ ସଚିବ ପ୍ରତାପ ଚନ୍ଦ୍ର ହୋତା, ସେରିଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ବିକ୍ରମାଦିତ୍ୟ ବାରିକ, ସିଡାକ୍‌ର ସଦସ୍ୟ ସଚିବ ଚିନ୍ମୟୀ ବିଶ୍ୱାଳ, ଉପ ଶାସନ ସଚିବ ସୁବ୍ରତ କୁମାର ବେହେରାଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### ଗଡ଼ିଲା ପ୍ରଚାର ରଥ





ତୋଷାଳି ସ୍ୱଦେଶୀ ମେଳା ପାଇଁ ପ୍ରଚାର ରଥର ଶୁଭାରମ୍ଭ ଅବସରରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କ ସହ ଅନ୍ୟ ଅତିଥି ଓ ଅଧିକାରୀମାନେ।

# ୧୧ ଦିନରେ ୪ କୋଟିରୁ ଅଧିକ ବ୍ୟବସାୟ




ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କଠାରୁ ପୁରସ୍କାର ଓ ସମ୍ମାନ ପାଇଥିବା ଜନଜାତି ଚାଷୀ, କୁଶଳୀ କାରିଗର ଓ ବ୍ୟବସାୟୀଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର, ୫।୨ (ସୌମ୍ୟରଞ୍ଜନ ରାଉତ)

ଭୁବନେଶ୍ୱର ୟୁନିଟ୍-୧ସ୍ଥିତ ଆଦିବାସୀ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ଆଦିବାସୀ ମେଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅନୁସୂଚିତ ଜନଜାତି କଲ୍ୟାଣ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ ବିକାଶ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ କହିଲେ, ଚଳିତବର୍ଷ ଆଦିବାସୀ ମେଳାରେ ୧୦ ଲକ୍ଷରୁ ଅଧିକ ଜନସମାଗମ ହୋଇଥିବା ବେଳେ ୪ କୋଟି ୨୨ ଲକ୍ଷ ଟଙ୍କାର ବ୍ୟବସାୟ ହୋଇଛି। ଏହି ମେଳା ଆମକୁ ମନେପକାଇ ଦେଇଛି ପ୍ରଗତିର ଅର୍ଥ କେବଳ ଅର୍ଥନୈତିକ ଅଭିବୃଦ୍ଧି ନୁହେଁ, ବରଂ ସଂସ୍କୃତି, ପରିଚୟ ଓ ମାନବିକ ମୂଲ୍ୟବୋଧକୁ ସୁରକ୍ଷିତ ରଖିବା ମଧ୍ୟ ପ୍ରଗତିର ଅଭିନ୍ନ ଅଂଶ। ଆଦିବାସୀ ସାମଗ୍ରୀ ଓ ଆଦିବାସୀ କୁଡ଼ିଆକୁ ମନ୍ତ୍ରୀ ପ୍ରଶଂସା କରିବା ସହ ଆଦିବାସୀଙ୍କ ଭାଷା, ସଂସ୍କୃତି ଏବଂ ପରମ୍ପରାକୁ ସୁରକ୍ଷିତ ଓ ପ୍ରୋତ୍ସାହିତ କରିବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି କହିଛନ୍ତି।

ଅନ୍ୟତମ ଅତିଥି ଭାବେ ବିଭାଗର ଅତିରିକ୍ତ ଶାସନ ସଚିବ ସୁରେନ୍ଦ୍ର କୁମାର ମୀନା କହିଲେ, ଆଜିର ପ୍ରତିଯୋଗିତାମୂଳକ ସମୟରେ ଆଦିବାସୀମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବାର ଆବଶ୍ୟକତା ରହିଛି। ଆଦିବାସୀ ମେଳା କେବଳ ଐତିହ୍ୟର ପରିଚୟ ନୁହେଁ, ଆଦିବାସୀ ସାମଗ୍ରୀକୁ ଏକ ବଜାର ଦେବାର ଏକ ପ୍ରୟାସ। ଏହି ଅବସରରେ ଅତିଥିମାନେ ଗବେଷଣା ପତ୍ରିକା 'ବନଜା ଏବଂ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ସାଂସ୍କୃତିକ ପରିଷଦର ବାର୍ଷିକ ସ୍ମରଣିକା 'ପାହାଚ ୨୦୨୬'ର ଲୋକାର୍ପଣ କରିଥିଲେ। ଏଥିସହ ୧୦ଜଣ ସଫଳ ଜନଜାତି ଚାଷୀ ଓ କୁଶଳୀ କାରିଗରଙ୍କୁ ସମ୍ମାନିତ କରାଯାଇଥିବା ବେଳେ ୩ ଶ୍ରେଷ୍ଠ କୁଡ଼ିଆ- କୁଟିଆ କନ୍ଧ ଘର, ଜୁଆଙ୍ଗ ମଣ୍ଡ ଘର, ପାହାଡିଆ ଖରିଆ ଘର ଏବଂ ୩ଜଣ ଜନଜାତି କ୍ଷୁଦ୍ର ବ୍ୟବସାୟୀ ସୁନୟନା ସ୍ୱୟଂ ସହାୟକ ଗୋଷ୍ଠୀ, ସୁକନ୍ୟା ସ୍ୱୟଂ ସହାୟକ ଗୋଷ୍ଠୀ, ମହାଲକ୍ଷ୍ମୀ ମହିଳା ସଞ୍ଚୟ ସମିତିଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭାଗର ଶାସନ ସଚିବ ବି. ପରମେଶ୍ୱରନ୍, ଅନୁସୂଚିତ ଜାତି ନିର୍ଦ୍ଦେଶକ ଲକ୍ଷ୍ମଣ କୁମାର ମଲ୍ଲିକ, ଅନୁସୂଚିତ ଜନଜାତି ନିର୍ଦ୍ଦେଶକ ପ୍ରେମଜିତ୍ ନାୟକ, ଅତିରିକ୍ତ ଶାସନ ସଚିବ ସୁରେନ୍ଦ୍ର କୁମାର ମୀନା ମୁଖ୍ୟ ଉପସ୍ଥିତ ଥିଲେ। ବିଭାଗର ସତନ୍ତ୍ର ଶାସନ ସଚିବ ସୁଜାତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ଆଦିବାସୀ ମେଳା ଉଦ୍‌ଯାପିତ

**ପୀର ବାବାଙ୍କ ଚଦରଲାଗି ଉତ୍ସବ**

ବଲଙ୍ଗା,(କେଦାରେଶ୍ୱର ନନ୍ଦ): ବଲଙ୍ଗା ଶମ୍ଭୁଭାରତୀ ପାଟଣା ଗ୍ରାମରେ ଥିବା ସୟଦ୍ ସୁଲ୍ତାନ୍ ଶାହା ପୀର ବାବାଙ୍କ ପୀଠରେ ଗୁରୁବାର ୨୯ତମ ସାଲାନା ଜଲ୍‌ସା ଉତ୍ସବ ତଥା ଚଦରଲାଗି ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ସୟଦ ଆଲମ ଅଲ୍ଲୀ,ଏମ୍‌ଡି ନଜିମ, ଶେଖ୍ ମୁସ୍ତାକ ପ୍ରମୁଖ ନେତୃତ୍ୱରେ ବାୟାବରଠାରୁ ବଲଙ୍ଗା ବଜାର ଦେଇ ପଟୁଆର ପରିକ୍ରମା କରି ଶମ୍ଭୁଭାରତୀ ପାଟଣା ଗ୍ରାମରେ ପହଞ୍ଚିଥିଲା। ବାୟାବର (ନୂଆ ଗୋପାଳପୁର) ବସ୍ତିରୁ ଶତାଧିକ ସଂଖ୍ୟାରେ ମୁସଲମାନ ସମ୍ପ୍ରଦାୟର ଲୋକେ ଏକ ବିରାଟ ପଟୁଆରରେ ଆସି ପୀରବାବାଙ୍କ ଉପରେ ଚଦର ଲାଗିକରିଥିଲେ। ବିଶ୍ୱାସ ରହିଛି, ଯେଉଁମାନଙ୍କର ସନ୍ତାନ ସନ୍ତତି ହେଉ ନ ଥାଏ, ସେମାନେ ପୀରବାବାଙ୍କ ନିକଟରେ ଚଦର ଲାଗି କଲେ ସନ୍ତାନ ପ୍ରାପ୍ତି ହୋଇଥାଏ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୫।୨।୨୦୨୬

| | |
|---|---|
| ୪,୯୨,୦୨୧ ଟଙ୍କା | |
| ସୁନା | ୧୮୦ ମିଲିଗ୍ରାମ୍ |
| ରୁପା | ୨୦.୫୦୦ ଗ୍ରାମ୍ |

## ସଂକ୍ଷେପରେ

### ନାବାଳକଙ୍କୁ ଯୌନ ନିର୍ଯାତନା ଅଭିଯୋଗ: ୨ ଅଟକ

ବଲଙ୍ଗା,୫।୨(କେଦାରେଶ୍ୱର ନନ୍ଦ)

ପୁରୀ ଜିଲା ବଲଙ୍ଗା ଥାନା ଅଞ୍ଚଳରେ ଜଣେ ନାବାଳକଙ୍କୁ ଯୌନ ନିର୍ଯାତନା ଦିଆଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ପୋଲିସ ଏକ କେସ୍ (ନଂ. ୪୦/୨୬) ରୁଜୁ କରିଛି। ଥାନା ଅଧିକାରୀ ଦିବ୍ୟରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ଦୁଇଜଣଙ୍କୁ ଆଣି ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅଭିଯୋଗପତ୍ରରେ ଦର୍ଶାଯାଇଛି ଯେ, ବୁଧବାର ୧୩ ବର୍ଷୀୟ ନାବାଳକ ଜଣକ ଗାଁ ମୁଣ୍ଡ ପଡ଼ିଆରେ ଭଲିବଲ ଖେଳୁଥିଲେ। ଏହି ସମୟରେ ତାଙ୍କୁ ସେହି ଗାଁର ଦୁଇଜଣ ଯୁବକ ନିକଟସ୍ଥ ବଣକୁ ଟେକିନେଇ ଉଲଗ୍ନ କରି ମୋବାଇଲରେ ଫଟୋ ଉଠାଇବା ସହ ଯୌନ ନିର୍ଯାତନା ଦେଇଥିଲେ। ନାବାଳକ ଜଣକ ସେମାନଙ୍କ କବଳରୁ କୌଶଳ କ୍ରମେ ଖସିଆସି ଜଣେ ବ୍ୟକ୍ତିଙ୍କ ଘରେ ଲୁଚିଯାଇଥିଲେ। ପରେ ସେ ପରିବାରଲୋକଙ୍କୁ ସବୁ କଥା ଜଣାଇଥିଲେ।

### ବିଦ୍ୟାଳୟ ପରିସରରୁ ଗଛକଟା

ଅସ୍ତରଙ୍ଗ,୫।୨(ମମତା ଜେନା)

କାକଟପୁର ଥାନା ଅନ୍ତର୍ଗତ ପାଟପୁର ବରୁଣେଇ ହାଇସ୍କୁଲ ପରିସରରୁ ଗଛ କଟାଯାଇଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଏ ନେଇ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଯୁଧିଷ୍ଠିର ମୁଦୁଲି, ପୂର୍ବତନ ସରପଞ୍ଚ ଶୁଭ୍ରଜିତ ମଲ୍ଲ, ପୂର୍ଣ୍ଣଚନ୍ଦ୍ର ଭୂୟାଁ, ସମୀର ସ୍ୱାଇଁ, ବିଦ୍ୟାଧର ପାତ୍ର, ବିଷ୍ଣୁଚରଣ ମହାପାତ୍ର, ଇନ୍ଦ୍ରଜିତ ମହାନ୍ତି, ସୁଶାନ୍ତ ରଥ, ଜ୍ଞାନ ପାଇଟାଳ, ଅନନ୍ତ ନାରାୟଣ ହୋତା ପ୍ରମୁଖ ଗ୍ରାମବାସୀ ପ୍ରଧାନ ଶିକ୍ଷକଙ୍କ ବିରୋଧରେ କାକଟପୁର ଥାନା, ପୁରୀ ଜିଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ, ସ୍ଥାନୀୟ ତହସିଲଦାର ଏବଂ ବନ ବିଭାଗ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗଛକଟା ବନ୍ଦ କରିବା ସହ କଟା ଯାଇଥିବା କାଠକୁ ଜବତ କରି ତଦନ୍ତ ଜାରି ରଖିଛି। ଏ ସଂକ୍ରାନ୍ତରେ ପ୍ରଧାନ ଶିକ୍ଷକ ବିଚିତ୍ରାନନ୍ଦ ରଥ କହିଛନ୍ତି, ବିଦ୍ୟାଳୟ ପରିସରରେ ଗଛ ରହିଛି, କଟାଯାଇନାହିଁ। ଗଛର ଶାଖାଡାଳ ଓହଳି ରାସ୍ତା ଅବରୋଧ କରୁଥିବାରୁ ଓ ବିଦ୍ୟୁତ ତାର ସଂସ୍ପର୍ଶରେ ଆସୁଥିବାରୁ ଛାତ୍ରୀଛାତ୍ରଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିଲା। ଆଗାମୀ ଦିନରେ ଏହି ସ୍କୁଲରେ ମାଟ୍ରିକ ପରୀକ୍ଷା ହେବାକୁ ଯାଉଛି। ତେଣୁ ସେ ବିଦ୍ୟୁତ ବିଭାଗ, ବନ ବିଭାଗ ଓ ତହସିଲଦାରଙ୍କୁ ଜଣାଇଥିଲେ। ବିଭାଗଗୁଡ଼ିକ ପକ୍ଷରୁ ବିଳମ୍ବ ସାଙ୍ଗକୁ ଜନସାଧାରଣଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଗଛର ଡାଳ ଓ ଶାଖାକୁ କାଟିଦିଆଯାଇଛି।

# ଡାହାଣୀ ପ୍ରଥା ବିଲୋପ ଏକ ସୁସ୍ଥ ସମାଜର ପରିଚୟ

ପୁରୀ,୫।୨(ଅଜିତ୍ କୁମାର ମହାନ୍ତି)



କର୍ମଶାଳାରେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ଏବଂ ଅନ୍ୟ ଅତିଥି ।

ସମାଜରେ ଡାହାଣୀ ପ୍ରଥା ଘୃଣ୍ୟ ତଥା ଅପରାଧ। ଏହାର ବିଲୋପ ଘଟିଲେ ଏକ ସୁସ୍ଥ, ସମୃଦ୍ଧ ଓ ଶୃଙ୍ଖଳିତ ସମାଜ ଗଠନରେ ସହାୟକ ହେବ ବୋଲି ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ କହିଛନ୍ତି। ଗୁରୁବାର ସର୍କିଟ ହାଉସରେ ପୁରୀ ଜିଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ଡାହାଣୀ ନିର୍ଯାତନା ସଚେତନତା ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ପୁରୁଣା କାଳରେ ଶିକ୍ଷାର ଅଭାବ, କୁସଂସ୍କାର, ଅନ୍ଧବିଶ୍ୱାସ ଓ ସନ୍ଦେହ କାରଣରୁ ଡାହାଣୀ ପ୍ରଥା ବ୍ୟାପକ ପରିବ୍ୟାପ୍ତ ହେଉଥିଲା। ଆଜିର ସମୟରେ ସାର୍ବଜନୀନ ଶିକ୍ଷା ବ୍ୟବସ୍ଥା, ସଚେତନତା ଓ ସଂସ୍କାରିତ ପଦକ୍ଷେପ ଯୋଗୁ ଏହା ହ୍ରାସ ପାଇଛି ସତ, କିନ୍ତୁ ଏହାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ଆମ ସମସ୍ତଙ୍କ ଦାୟିତ୍ୱ। ସମ୍ମାନିତ ଅତିଥି ଭାବେ ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଯୋଗଦେଇ କହିଥିଲେ, ଡାହାଣୀ ପ୍ରଥାକୁ ସମାଜରୁ ଉଚ୍ଛେଦ ପାଇଁ ଆଇନଗତ ଅନେକ ବ୍ୟବସ୍ଥା ରହିଛି। ଏହାକୁ ସଠିକ ଭାବେ କାର୍ଯ୍ୟକାରୀ କରିବା ସହ ସମସ୍ତଙ୍କୁ ସଚେତନ କରାଇବାକୁ ସେ ଆହ୍ୱାନ ଦେଇଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କହିଥିଲେ, ଡାହାଣୀ, ଗୁଣିଆ, ଭୂତ, ପ୍ରେତ ଇତ୍ୟାଦି କାଳ୍ପନିକ ଚରିତ୍ର ଓ ଘଟଣାଗୁଡ଼ିକ ସମାଜର ଅନେକ କ୍ଷତି ସାଧନ କରୁଛି। ଏହା ଶିକ୍ଷା ଓ ସଚେତନତାର ଅଭାବ ଏବଂ କୁସଂସ୍କାର ଯୋଗୁ ଘଟୁଛି। ଏହି କଳଙ୍କିତ ପ୍ରଥାକୁ ସମାପ୍ତ କରିବା କ୍ଷେତ୍ରରେ ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ ରହିଛି। ଜିଲା ସମାଜ କଲ୍ୟାଣ ଅଧିକାରୀ ତପସ୍ୱିନୀ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ଏଡିସିଏଫ୍ ଡାକ୍ତର ଚନ୍ଦ୍ରକାନ୍ତି ଆଚାର୍ଯ୍ୟ, ଡିଏସ୍‌ପି ତିଳୋତ୍ତମା ରାଉତ, ସ୍ୱେଚ୍ଛାସେବୀ ସଂଗଠନ ୱାନ ଷ୍ଟପ ସେଣ୍ଟର, ବିଜୟା ପୁରୀ, ଓଡ଼ିଶା ପତିତ ଉଦ୍ଧାର ସମିତି ପୁରୀ, ଅଦ୍ରିକା (ବାଳିକା) ପ୍ରମୁଖର କର୍ମକର୍ତ୍ତା ଯୋଗଦେଇ ଡାହାଣୀ ପ୍ରଥାର କୁପ୍ରଭାବ ଓ ନିରାକରଣ ସମ୍ପର୍କରେ ପ୍ରସ୍ତାବ ଦେଇଥିଲେ। ପରେ ମାଷ୍ଟର ଟ୍ରେନର ଏଲ୍‌ପିଓ ସନ୍ତୋଷ କୁମାର ସାହୁ, ଜେଜେବି ସଦସ୍ୟ ମହାବୀର ରୁଦ୍ରନାରାୟଣ ସାହୁ ପ୍ରମୁଖ ଡାହାଣୀ ପ୍ରଥା, ଏହାର କାରଣ, ଏହାଦ୍ୱାରା ସମାଜ ଏବଂ ବ୍ୟକ୍ତିବିଶେଷଙ୍କ କ୍ଷତି ଓ ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରୋଗ୍ରାମ ଅଫିସର ସୁଜାତା ହେମ୍ବ୍ରମ କାର୍ଯ୍ୟ ପରିଚାଳନା କରିଥିଲେ। କର୍ମଶାଳାରେ ଡିଏସ୍‌ପି ପାପନ କୁମାର ରାଉତ, ମୁଖ୍ୟ ସୁପରଭାଇଜର ବାଳ୍ୟବତୀ ମହାନ୍ତି, ମିଶନଶକ୍ତି ଡିପିସି ସ୍ୱାଗତିକା ପରିଡା, ଡିପିସି ମମତା ପ୍ରଭୃତି ମହାନ୍ତି, ସମସ୍ତ ସିଡିପିଓ, ହବ୍ ଷ୍ଟାଫ୍, ବ୍ଲକ ଏବଂ ଜିଲା ମହାସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଅପରେଶନ୍ ଅନ୍ୱେଷଣ: ୬୧୩ ନିଖୋଜ ବ୍ୟକ୍ତି ଉଦ୍ଧାର

ପୁରୀ,୫।୨(ଅଜିତ୍ କୁମାର ମହାନ୍ତି)

**ପୁରୀ ପୋଲିସ ୧ ନମ୍ବର**

ପୁରୀ ପୋଲିସ ଜିଲ୍ଲାବ୍ୟାପୀ ଜାନୁଆରୀ ୨୧ରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଅପରେଶନ୍ ଅନ୍ୱେଷଣ-୨ ମାଧ୍ୟମରେ ମୋଟ ୬୧୩ ଜଣ ନିଖୋଜ ବ୍ୟକ୍ତିଙ୍କୁ ସଫଳତାର ସହିତ ଚିହ୍ନଟ ଓ ଉଦ୍ଧାର କରିଛି। ପୂର୍ବରୁ ଅପରେଶନ୍ ଅନ୍ୱେଷଣ-୧ ସମୟରେ ପୁରୀ ପୋଲିସ ୧ ନମ୍ବର ସ୍ଥାନ ହାସଲ କରିଥିବାବେଳେ ଏବେ ଲଗାତର ଦ୍ୱିତୀୟ ଥର ପାଇଁ ପ୍ରଥମ ସ୍ଥାନ ଅଧିକାର କରି ଉତ୍କୃଷ୍ଟତା ପ୍ରମାଣ କରିଛି। ଅପରେଶନ୍ ଅନ୍ୱେଷଣ-୨ ଜିଲାର ସମସ୍ତ ଥାନା ଓ ମେରାଇନ ପୋଲିସ୍ ଥାନା ମଧ୍ୟରେ ମିଶନ୍ ମୋଡ୍‌ରେ ଚାଲିଥିଲା। ବିଶେଷ ଟିମ୍ ଗଠନ କରାଯାଇ ନିଖୋଜ ମାମଲାଗୁଡ଼ିକୁ ପୁନଃ ଖୋଲାଯାଇ ତଦନ୍ତ, ସୂଚନା ସଂଗ୍ରହ ଏବଂ ଅନ୍ୟାନ୍ୟ ଜିଲା ଓ ରାଜ୍ୟ ସହ ଯୋଗାଯୋଗ କରାଯାଇଥିଲା। ପୁରୁଣା ନିଖୋଜ ମାମଲାଗୁଡ଼ିକର ପୁନଃ ସମୀକ୍ଷା, ତଦନ୍ତ ଓ ସ୍ଥାନୀୟ ସୂଚନା ସଂଗ୍ରହ, ରେଲୱେ ଷ୍ଟେସନ, ବସ୍‌ଷ୍ଟାଣ୍ଡ, ଧାର୍ମିକ ସ୍ଥାନ ଓ ଭିଡ଼ ଅଞ୍ଚଳରେ ଖୋଜ, ଡିଜିଟାଲ ମାଧ୍ୟମ ଓ ପ୍ରଯୁକ୍ତିର ବିଶ୍ଳେଷଣ, ମହିଳା, ଶିଶୁ ଓ ସମ୍ବେଦିତ ଶ୍ରେଣୀର ଲୋକଙ୍କୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏସ୍‌ପି ପ୍ରତୀକ ସିଂଙ୍କ ନିୟମିତ ସମୀକ୍ଷା ଦ୍ୱାରା ପ୍ରତ୍ୟେକ ମାମଲାକୁ ସକ୍ରିୟ ଭାବେ ଅନୁସରଣ କରାଯାଇଥିଲା। ପୁରୀ ପୋଲିସ ଲଗାତର ଦୁଇଥର ୧ ନମ୍ବର ସ୍ଥାନ ଅଧିକାର କରି ନାଗରିକ ସୁରକ୍ଷା ଓ ସେର୍ଭିସ୍ ପୋଲିସିଂ ପ୍ରତି ନିଜର ପ୍ରତିବଦ୍ଧତା ପ୍ରକାଶ କରିଛି। ଆଗାମୀ ଦିନରେ ମଧ୍ୟ ନିଖୋଜ ମାମଲାକୁ ପ୍ରାଥମିକତା ଦିଆଯିବ। ଯଦି ନିଖୋଜ ବ୍ୟକ୍ତି ସମ୍ବନ୍ଧୀୟ କୌଣସି ସୂଚନା ରହିଛି, ତେବେ ନିକଟସ୍ଥ ଥାନା କିମ୍ବା ୧୧୨ ହେଲ୍ପଲାଇନକୁ ଜଣାଇବାକୁ ପୁରୀ ପୋଲିସ ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି।

# ୨୦ ଅଲିଭ ରିଡ୍‌ଲେ ବସାରୁ ୨୧୯୪ ଅଣ୍ଡା ସଂଗ୍ରହ

କୋଣାର୍କ,୫।୨(ଜ୍ୟୋତିରାଜ ମହାନ୍ତି)



ଚନ୍ଦ୍ରଭାଗା ସମୁଦ୍ର ଉପକୂଳରେ କୋଣାର୍କ ବନବିଭାଗ ପକ୍ଷରୁ ବିରଳ ଅଲିଭ ରିଡ୍‌ଲେଙ୍କ ସୁରକ୍ଷିତ ଅଣ୍ଡାଦାନ ପ୍ରକ୍ରିୟା ନିମନ୍ତେ କରାଯାଇଥିବା ୨୦ଟି କଇଁଛ ବସାରୁ ୨୧୯୪ଟି ଅଣ୍ଡା ସଂଗ୍ରହ କରାଯାଇଛି। ସୂଚନା ଅନୁଯାୟୀ, ଚଳିତ ମାସରୁ ଚନ୍ଦ୍ରଭାଗା ବେଳାଭୂମି କୂଳରେ ଅଲିଭ ରିଡ୍‌ଲେ କଇଁଛଙ୍କ ଗଣ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପ୍ରକ୍ରିୟା ନଭେମ୍ବର ଶେଷ ସପ୍ତାହ ପର୍ଯ୍ୟନ୍ତ ଚାଲିବ। କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀଙ୍କ ତତ୍ତ୍ୱାବଧାନରେ କୋଣାର୍କ ବନ ବିଭାଗ ଅଧୀନ ଚନ୍ଦ୍ରଭାଗା, ରାମଚଣ୍ଡୀ, କଅଁରପୁର ଓ ଦଶଧାଡ଼ିଆ ଅସ୍ଥାୟୀ କଇଁଛ ସୁରକ୍ଷା କେନ୍ଦ୍ରରେ ବୁଧବାର ପୂର୍ବାହ୍ନରେ ଚନ୍ଦ୍ରଭାଗା ବେଳାଭୂମି କୂଳରୁ ସଂଗୃହୀତ ୨୧୯୪ଟି ଅଲିଭ ରିଡ୍‌ଲେ ଅଣ୍ଡାକୁ ପ୍ରଜନନ ନିମନ୍ତେ ସଂରକ୍ଷିତ ରଖାଯାଇଛି। ପୂର୍ବରୁ ଫେବୃଆରୀ ୨ ପର୍ଯ୍ୟନ୍ତ ୧୯ଟି ବସାରୁ ୨୦୭୭ ଅଣ୍ଡା ସଂଗ୍ରହ କରାଯାଇ ଅସ୍ଥାୟୀ ପ୍ରଜନନ କେନ୍ଦ୍ରରେ ରଖାଯାଇଥିଲା। ଏହି ଅଣ୍ଡାରୁ ଆସନ୍ତା ୪୫ରୁ ୫୫ ଦିନ ମଧ୍ୟରେ ଛୁଆ ଫୁଟିବା ପରେ ସୁରକ୍ଷିତ ଭାବେ ଅଲିଭ ରିଡ୍‌ଲେ ଶାବକମାନଙ୍କୁ ଗଭୀର ସମୁଦ୍ରକୁ ଛଡ଼ାଯିବ ବୋଲି ଦେହୁରୀ ପ୍ରକାଶ କରିଛନ୍ତି। ଅଲିଭ ରିଡ୍‌ଲେ କଇଁଛମାନଙ୍କ ନିରାପଦ ଓ ସମୂହ ଅଣ୍ଡାଦାନ ପାଇଁ ବନବିଭାଗ ପକ୍ଷରୁ ସମସ୍ତ ପ୍ରକାର ସୁରକ୍ଷା ଓ ତଦାରଖ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସମସ୍ତ ୪ଟି ଅସ୍ଥାୟୀ କଇଁଛ ସୁରକ୍ଷା ଓ ପ୍ରଜନନ କେନ୍ଦ୍ରରେ ଅଲିଭ ରିଡ୍‌ଲେଙ୍କ ଅଣ୍ଡାଦାନ ପରେ ଅଣ୍ଡାଗୁଡ଼ିକୁ ବିଲୁଆ, କୁକୁରଙ୍କ ଠାରୁ ରକ୍ଷା କରିବା ପାଇଁ କଇଁଛ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଛି ବୋଲି ଦେହୁରୀ ସୂଚନା ଦେଇଛନ୍ତି।



ଶରଧାବାଲିସ୍ଥିତ ଭୋଳାନାଥ ବିଦ୍ୟାପୀଠ ପରିସରରେ ବୁଧବାର ଭାରତ ସ୍କାଉଟ୍ସ ଓ ଗାଇଡ୍ସ ପୁରୀ ଜିଲାସ୍ତରୀୟ ୨୪ ତମ କ୍ୟାମ୍ପୋରି ଉଦ୍‌ଘାଟନ ଅବସରରେ ସ୍କାଉଟ୍ସ, ଗାଇଡ୍ସ ଓ ରୋଭର ରେଞ୍ଜର।

# ସ୍କାଉଟ୍ସ ଓ ଗାଇଡ୍ସର ପୁରୀ ଜିଲାସ୍ତରୀୟ କ୍ୟାମ୍ପୋରି

ପୁରୀ,୫।୨(ଅଜିତ୍ କୁମାର ମହାନ୍ତି)

ଶରଧାବାଲିସ୍ଥିତ ଭୋଳାନାଥ ବିଦ୍ୟାପୀଠ ପରିସରରେ ବୁଧବାର ଭାରତ ସ୍କାଉଟ୍ସ ଓ ଗାଇଡ୍ସ ପୁରୀ ଜିଲାସ୍ତରୀୟ ୨୪ ତମ କ୍ୟାମ୍ପୋରୀ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ପୁରୀ ଜିଲାର ବିଭିନ୍ନ ବିଦ୍ୟାଳୟରୁ ୧୪୪୨ ଜଣ ସ୍କାଉଟ୍ସ ଓ ଗାଇଡ୍ସ ତଥା ୨୦୦ରୁ ଊର୍ଦ୍ଧ୍ୱ ରୋଭର ରେଞ୍ଜର, ସ୍କାଉଟ୍ ମାଷ୍ଟର, ଗାଇଡ୍ କ୍ୟାପଟେନ୍ ଯୋଗଦେଇଛନ୍ତି। ଶିବିର ୭ତାରିଖ ପର୍ଯ୍ୟନ୍ତ ଚାଲିବ। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଯୋଗଦେଇ ପିଲାମାନେ ଛାତ୍ରାବସ୍ଥାରୁ ଯତ୍ନବାନ, ପରିଶ୍ରମୀ ଓ ସେବା ମନୋଭାବ ପରାୟଣ ହେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନ ଓ ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମ୍, ପୁରୀ ଜିଲା ପ୍ରାକ୍ତନ ଗାଇଡ୍ କମିଶନର ବିଜୟଲକ୍ଷ୍ମୀ ଦାଶ, ସ୍କାଉଟ୍ସ କମିଶନର ରମେଶ ଚନ୍ଦ୍ର ପଣ୍ଡା, କମିଶନର ଗାଇଡ୍ ରୂପଶ୍ରୀ ଛୋଟରାୟ, ସମ୍ପାଦକ ମହେନ୍ଦ୍ର ଚନ୍ଦ୍ର ବିଶ୍ୱାଳ, ଭୋଳାନାଥ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ମଞ୍ଜୁଲତା ସାମନ୍ତରାୟ, ସାଙ୍ଗଠନିକ ସମ୍ପାଦକ ପ୍ରବୀଣ କୁମାର ମହାନ୍ତି, ଡିଓସି ସ୍କାଉଟ୍ସ ଦେବାଶିଷ ମିଶ୍ର, ଓଡିଓସି ଗାଇଡ୍ ମୀନତି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଶିକ୍ଷାଧିକାରୀ ତଥା ଭାରତ ସ୍କାଉଟ୍ସ ଓ ଗାଇଡ୍ସର ଡିଷ୍ଟ୍ରିକ୍ଟ ଚିଫ୍ କମିଶନର ଦୀପକ କୁମାର ପାଢ଼ୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ପରିଚାଳିତ ହୋଇଥିଲା। ଶିକ୍ଷକ ବିଦ୍ୟାଧର ମିଶ୍ର ସ୍ୱାଗତ ଭାଷଣ, ରମେଶ ଚନ୍ଦ୍ର ପଣ୍ଡା ମଞ୍ଚ ପରିଚାଳନା ଏବଂ ରୂପଶ୍ରୀ ଛୋଟରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ବସ୍‌ରେ ଚାଲିଗଲା ମହିଳାଙ୍କ ଜୀବନ

ନିମାପଡ଼ା, ୫।୨(ବିଚିତ୍ରାନନ୍ଦ ସାହୁ)

ମୃତ୍ୟୁ କାହା ପାଇଁ କିଭଳି ଆସିବ ତାହା କେହି କହିପାରିବେ ନାହିଁ। ଜଣେ ମହିଳା ବୁଧବାର ପୁରୀରେ ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ କୋଣାର୍କରେ ବୁଲାବୁଲି ସାରି ଭୁବନେଶ୍ୱର ଫେରୁଥିବାବେଳେ ଗୋପଠାରେ ବସ୍‌ରେ ତାଙ୍କ ଜୀବନ ଯାଇଛି। ସମ୍ପୃକ୍ତ ମହିଳା ଜଣକ ହେଲେ ବାଲେଶ୍ୱର ଜିଲା ପଦ୍ମପୁର ଥାନା ଅନ୍ତର୍ଗତ ଗମ୍ଭାରିଡ଼ିହି ଗ୍ରାମର ସାବିତ୍ରୀ ପଟେଲ। ସୂଚନା ଅନୁଯାୟୀ, ସାବିତ୍ରୀ ତାଙ୍କ ସ୍ୱାମୀ ମହାଦେବ ପଟେଲ ଓ ଝିଅଙ୍କ ସମେତ ପରିବାରର ଅନ୍ୟ ସଦସ୍ୟମାନଙ୍କ ସହ ବୁଧବାର ପୁରୀ ଏବଂ କୋଣାର୍କ ବୁଲିବାକୁ ଆସିଥିଲେ। ସେମାନେ ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ପରେ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଯାଇଥିଲେ। କୋଣାର୍କରେ ବୁଲାବୁଲି କରିସାରିବା ପରେ ରାତିରେ 'ମୋ ବସ୍' ଯୋଗେ ଭୁବନେଶ୍ୱର ଅଭିମୁଖେ ଫେରୁଥିଲେ। ଗୋପ ନିକଟରେ ବସ୍ ଭିତରେ ହଠାତ୍ ସେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଏଟିଏଚ୍ ସ୍ୱେଚ୍ଛାସେବୀ ସଂସ୍ଥାର ସଦସ୍ୟା ସରିତା ମହାପାତ୍ର ଓ ସରୋଜିନୀ ସ୍ୱାଇଁ ଗୋପ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତେବେ ଅବସ୍ଥା ସଙ୍କଟାପନ୍ନ ହୋଇପଡ଼ିଥିବାରୁ ତୁରନ୍ତ ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ନିମାପଡ଼ାର ବିକାଶ ଉତ୍କର୍ଷ ଶୀର୍ଷରେ ପହଞ୍ଚିବ: ପ୍ରଭାତୀ





ସମାରୋହରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ଅନ୍ୟ ଅତିଥିବୃନ୍ଦ।

ନିମାପଡ଼ା,୫।୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ାର ସାମଗ୍ରିକ ବିକାଶ ଓ ଉତ୍କର୍ଷ ଖୁବ୍‌ଶୀଘ୍ର ଶୀର୍ଷରେ ପହଞ୍ଚିବ। ନିମାପଡ଼ା ଏବଂ ଗୋପର ବିକାଶ ସହ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ମୁଁ ଦୃଢ଼ ସଂକଳ୍ପବଦ୍ଧ ଓ ସଦା ଚେଷ୍ଟିତ। ବିକାଶ କ୍ଷେତ୍ରରେ ଖୁବଶୀଘ୍ର ନିମାପଡ଼ାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିବ। କୁଶଭଦ୍ରା ଓ ଭାର୍ଗବୀ ନଦୀ ଚିରସ୍ରୋତା ହୋଇଉଠିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ବୁଧବାର ନିମାପଡ଼ା ଉଚ୍ଚ ବିଦ୍ୟାଳୟରେ ନିମାପଡ଼ା -ଗୋପ ସିଭିଲ ସୋସାଇଟି ପକ୍ଷରୁ ଆୟୋଜିତ ଅଧିଷ୍ଠାନ ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ଏହା ପ୍ରକାଶ କରିଛନ୍ତି। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଗବେଷକ ଯୋଗେନ୍ଦ୍ର ଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ନିମାପଡ଼ା ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଆବାହକ ଶିକ୍ଷାବିତ୍ ନିରଦବରଣ ଖୁଣ୍ଟିଆ ଯୋଗଦେଇ ନିମାପଡ଼ା-ଗୋପ ସିଭିଲ ସୋସାଇଟିର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ସିଭିଲ ସୋସାଇଟିର ସଭାପତି ବରିଷ୍ଠ ଆଇନଜୀବୀ ସୁଧୀରଚରଣ ମହାନ୍ତି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ସମୃଦ୍ଧ, ବିକଶିତ, ସୌନ୍ଦର୍ଯ୍ୟମୟ ଏବଂ ଉତ୍କର୍ଷ ଗୋପ -ନିମାପଡ଼ା ଗଠନ ମୂଳଲକ୍ଷ୍ୟ ଓ ସଂକଳ୍ପ ବୋଲି ସିଭିଲ ସୋସାଇଟିର କର୍ମକର୍ତ୍ତାମାନେ କହିଥିଲେ। ଅକ୍ଷୟ କୁମାର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷାବିତ୍, ଆଇନଜୀବୀ, ସାମାଜିକ କର୍ମୀ, କଳାକୃତି ଶିଳ୍ପୀ, ବରିଷ୍ଠ ନାଗରିକଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୨ଜଣ ପ୍ରତିଭାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ବିଭିନ୍ନ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ବିନା ନୋଟିସ୍‌ରେ ଘରେ ପଶି ବିଦ୍ୟୁତ୍‌କାଟକୁ ବିରୋଧ

ପୁରୀ,୫।୨(ଅଜିତ୍ କୁମାର ମହାନ୍ତି)

**ରାସ୍ତା ଅବରୋଧ କଲେ ଗ୍ରାମବାସୀ**

ପୁରୀ ସଦରଥାନା ଅନ୍ତର୍ଗତ ଖଡ଼ିପଦା ରେବତୀରମଣ ଗ୍ରାମରେ ଗୁରୁବାର ବିଦ୍ୟୁତ କର୍ମଚାରୀ ବିନା ନୋଟିସରେ ଉପଭୋକ୍ତାଙ୍କ ଘରେ ପଶି ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବାକୁ ନେଇ ଉତ୍ତେଜନା ଦେଖିବାକୁ ମିଳିଛି। ବିଦ୍ୟୁତ ବିଭାଗର ଏପରି ବେଆଇନ କାର୍ଯ୍ୟକୁ ବିରୋଧ କରି ଗ୍ରାମବାସୀ ଧାରଣାରେ ବସିଥିଲେ। ପରେ ଗ୍ରାମବାସୀଙ୍କ ସହ ପ୍ରଶାସନ ଆଲୋଚନା କରିଛି।

ସୂଚନାଯୋଗ୍ୟ, କେଉଁ ଅମଳରୁ ଲୋକେ ଶ୍ରୀଜଗନ୍ନାଥଙ୍କ ଜମିରେ ଘର କରି ଚଳିଆସୁଛନ୍ତି। ବର୍ତ୍ତମାନ ସେଠାରେ ୨୦୦ରୁ ଊର୍ଦ୍ଧ୍ୱ ପରିବାର ଘର କରି ରହୁଛନ୍ତି। ତେବେ ଗୁରୁବାର ବିନା ନୋଟିସରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଗ୍ରାମବାସୀଙ୍କ ଘରର ବିଦ୍ୟୁତ୍ ସଂଯୋଗକୁ ବିଛିନ୍ନ କରାଯାଇଥିଲା। ଜଗନ୍ନାଥଙ୍କ ଜମି ସରକାରୀ ଜମି ହୋଇଥିବାରୁ ବିଦ୍ୟୁତ କାଟ କରାଯାଉଛି ବୋଲି ବିଭାଗ ପକ୍ଷରୁ ଲୋକଙ୍କୁ କୁହାଯାଇଥିଲା। ତେବେ ପୂର୍ବରୁ କିଛି ନ ଜଣାଇ ଘରେ ପଶି ବିଦ୍ୟୁତ କାଟ କରିବା ଘଟଣାକୁ ବିରୋଧ କରି ସାହିବାସିନ୍ଦା ରାସ୍ତା ଅବରୋଧ କରିଥିଲେ। ଯଦି ସରକାର ସେମାନଙ୍କ ନ୍ୟାର୍ଯ୍ୟ ଦାବି ପ୍ରତି ଧ୍ୟାନ ନ ଦିଅନ୍ତି ତେବେ ସମସ୍ତ ଲୋକ ଭୋଟ ବର୍ଜନ କରିବା ନିମନ୍ତେ ସ୍ଥିର କରିଛନ୍ତି। ପ୍ରଶାସନ ଉଦ୍ଦେଶ୍ୟମୂଳକ ଭାବେ ବିଦ୍ୟୁତ କାଟୁଥିବା ଅଭିଯୋଗ ହେଉଛି। ଏନେଇ ସ୍ଥାନୀୟ ବାସିନ୍ଦା ମନୋଜ କୁମାର ସୁବୁଦ୍ଧି କହିଛନ୍ତି, ଆଇନ ଅନୁଯାୟୀ ସମସ୍ତ ନାଗରିକଙ୍କୁ ମୌଳିକ ସୁବିଧା ମିଳିବା କଥା। ଯେଉଁମାନଙ୍କର ଘର ନାହିଁ, ସେମାନେ କୌଣସି ସ୍ଥାନରେ ଦୀର୍ଘବର୍ଷ ଧରି ଘର କରି ରହୁଥିଲେ, ସେମାନଙ୍କୁ ସରକାରଙ୍କ ଆବାସ ଯୋଜନାରେ ଘର ଦେବାର ନିୟମ ରହିଛି। ତେଣୁ ସେମାନେ ସରକାରୀ ଯାଗାରେ ଘର କରି ରହିଆସୁଛନ୍ତି। ତେବେ ବିନା ନୋଟିସ୍‌ରେ ଘରେ ପଶି ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯିବା ବେଆଇନ।

# ମାଟିତୋଟା ଟିମ୍ ଜିତିଲା ରଘୁନାଥ ମେମୋରିଆଲ୍ ଚାମ୍ପିୟନ ଟ୍ରଫି

ପୁରୀ,୫।୨(ଅଜିତ୍ କୁମାର ମହାନ୍ତି)

ପୁରୀ ସଦର ଅନ୍ତର୍ଗତ କଣ୍ଟପୁର ପ୍ରାଇମେରୀ ସ୍କୁଲ ପଡ଼ିଆରେ ପ୍ରଥମ ବାବା ଗ୍ରାମେଶ୍ୱର ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମାଟିତୋଟା ଟିମ୍ ଓ ହାଟସାହି ଟିମ୍ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମାଟିତୋଟା ଟିମ୍ ୨-୦ ଗୋଲ୍‌ରେ ହାଟସାହି ଟିମ୍‌କୁ ହରାଇ ରଘୁନାଥ ମେମୋରିଆଲ୍ ଚାମ୍ପିୟନ ଟ୍ରଫି ହାସଲ କରିଛି। କୃଷ୍ଣଚନ୍ଦ୍ର ବରାଳଙ୍କୁ ଶ୍ରେଷ୍ଠ ଖେଳାଳି ଏବଂ ସଞ୍ଜୟ କୁମାର ମାଝିଙ୍କୁ ବେଷ୍ଟ ସେଟର ଭାବେ ପୁରସ୍କୃତ କରାଯାଇଛି। ଅତିଥି ଭାବେ ଜିଲା ଭଲିବଲ୍ ଆସୋସିଏଶନ୍‌ର ସମ୍ପାଦକ ନାରାୟଣ ମହାସୁଆର, ସଦର ବ୍ଲକ ଚେୟାରମ୍ୟାନ ଦିବାକର ପାତ୍ର, ଶିବନାରାୟଣ ସୁବୁଦ୍ଧି, ରାକେଶ ଦାଶ, ନାରାୟଣ ସାହୁ, ରସାସୁଷମା ସାହୁ, ଗୋପାଳଚନ୍ଦ୍ର ପରିଡ଼ା, ବୁଦ୍ଧିଆ ମୁଦୁଲି, ସୁଶାନ୍ତ କୁମାର ଜେନା, ପ୍ରଦୀପ ଦଳେଇ, କପିଳେନ୍ଦ୍ର ନାୟକ ଏବଂ ଅଜୟ କୁମାର ସାହୁ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରେ ତଡାସ, ମାଟିତୋଟା, ରେବତୀରମଣ, କଣ୍ଟପୁର, ବାସୁଦେବପୁର, ହାଟସାହି, ଦଶବାଟିଆ ଓ ପାଇକସାହି ଆଦି ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଆନ୍ତର୍ଜାତିକ ଭଲିବଲ ରେଫରି ସୁଦର୍ଶନ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ବିଭୂତି ରାଉତ, ବିଶ୍ୱଜିତ ବରାଳ, ଶ୍ରବଣ କୁମାର ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜକ ଟିମ୍ ତରଫରୁ କୋଚ୍ ଓ ସଂଯୋଜକ ପାର୍ଥ ସାରଥୀ ମୁଦୁଲି, ପ୍ରକାଶ ଚନ୍ଦ୍ର ସାହୁ, ସାଇ ବଦ୍ରି ନାରାୟଣ ମୁଦୁଲି, ଶୁଭାଶିଷ ସାହୁ ପ୍ରମୁଖ ପ୍ରତିଯୋଗିତା ସଂଯୋଜନା କରିଥିଲେ।



ଅତିଥି ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି ।

# ଛାତ୍ରୀଛାତ୍ରଙ୍କ ଶିକ୍ଷା, ଚରିତ୍ର, ମନୋବଳ ବିକାଶକୁ ଗୁରୁତ୍ୱ

**ସମ୍ପର୍କ ପକ୍ଷରୁ ବିଦ୍ୟାର୍ଥୀ ଜାଗରଣ ଅଭିଯାନ**

ପୁରୀ,୫।୨(ଅଜିତ୍ କୁମାର ମହାନ୍ତି)



ସମ୍ପର୍କ ପକ୍ଷରୁ ବିଦ୍ୟାର୍ଥୀ ଜାଗରଣ ଅଭିଯାନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଛାତ୍ରୀଛାତ୍ରଙ୍କୁ ଶିକ୍ଷାଗତ ସଫଳତା ସହ ନୀତିମୂଲ୍ୟ, ଶିଷ୍ଟାଚାର ଓ ମନୋବଳ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସମ୍ପର୍କ' ପକ୍ଷରୁ ଗୁରୁବାର ଘୋଡ଼ାବଜାର ସରସ୍ୱତୀ ଶିଶୁ ମନ୍ଦିରରେ 'ବିଦ୍ୟାର୍ଥୀ ଜାଗରଣ ଅଭିଯାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରସ୍ୱତୀ ଶିଶୁ ମନ୍ଦିର ପରିଚାଳନା ସମିତିର ସଭାପତି ଡ. ଅଭିମନ୍ୟୁ ଭୂୟାଁ କହିଥିଲେ, ଛାତ୍ରୀଛାତ୍ରମାନେ କେବଳ ପାଠ୍ୟପୁସ୍ତକ ଜ୍ଞାନରେ ସୀମିତ ନ ରହି ଚରିତ୍ର, ଆଚରଣ, ଶିଷ୍ଟାଚାର ଓ ଆତ୍ମନିୟନ୍ତ୍ରଣ ଜ୍ଞାନ ହାସଲ କରିବା ଆବଶ୍ୟକ। ବିଦ୍ୟାଳୟ ସମ୍ପାଦକ ଅରବିନ୍ଦ ଶତପଥୀ କହିଥିଲେ, ଏପରି ଅଭିଯାନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲକ୍ଷ୍ୟ, ନିଷ୍ଠା, ଅନୁଶାସନ ଓ ଦାୟିତ୍ୱବୋଧ ଗଢ଼ିତୋଳିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଏ। ପ୍ରଧାନ ଶିକ୍ଷକ ପ୍ରସନ୍ନ ପ୍ରଧାନ କହିଥିଲେ ଯେ, ନିୟମିତ ଅଧ୍ୟୟନ, ଶିକ୍ଷକ ଓ ଅଭିଭାବକଙ୍କ ପ୍ରତି ସମ୍ମାନ, ସକାରାତ୍ମକ ଚିନ୍ତାଧାରା ଓ ସୁସ୍ଥ ଆଚରଣ ହେଉଛି ସଫଳତାର ମୂଳମନ୍ତ୍ର। ସେହିପରି +୨ ଅଧ୍ୟକ୍ଷ ଅରବିନ୍ଦ ଦାସ ଛାତ୍ରଜୀବନରେ ସମୟ ପରିଚାଳନା, ଏକାଗ୍ରତା ଓ ସ୍ୱାସ୍ଥ୍ୟ ସଚେତନତା ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପଦ୍ମନାଭ ପଣ୍ଡା, କାର୍ଯ୍ୟକ୍ରମର ମୁଖ୍ୟବକ୍ତା ଓ ଛାତ୍ରମିତ୍ର କୈଳାଶ ଚନ୍ଦ୍ର ଗୁପ୍ତା ଏବଂ ସମ୍ପର୍କ ଅନୁଷ୍ଠାନର ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସ ପିଲାଙ୍କୁ ଅଧ୍ୟୟନର ବୈଜ୍ଞାନିକ ପ୍ରଣାଳୀ, ସ୍ମୃତି ବିକାଶ, ଏକାଗ୍ରତା, ଯୋଗ ପ୍ରାଣାୟାମ, ଆତ୍ମନିରୀକ୍ଷଣ ଓ ନୀତିମୂଲ୍ୟ ସହିତ ସମ୍ପର୍କିତ ୨୮ଟି ବିଷୟ ଉପରେ ସରଳ ଓ ବ୍ୟବହାରିକ ଉଦାହରଣ ସହ ଆଲୋଚନା କରିଥିଲେ। ଆଜିର ଯୁଗରେ ମୋବାଇଲ୍ ଓ ସୋସିଆଲ୍ ମିଡ଼ିଆର ଅତ୍ୟଧିକ ପ୍ରଭାବ ଛାତ୍ରୀଛାତ୍ରଙ୍କ ମନୋବଳକୁ ଦୁର୍ବଳ କରୁଥିବାବେଳେ ଏପରି ସଚେତନତାମୂଳକ କାର୍ଯ୍ୟକ୍ରମ ସେମାନଙ୍କୁ ସଠିକ୍ ପଥ ଦେଖାଇବାରେ ସାହାଯ୍ୟ କରିବ ବୋଲି ସେମାନେ ମତ ପ୍ରକାଶ କରିଥିଲେ। ଶୁଭପ୍ରସାଦ ଶର୍ମା, ବିଶ୍ୱଜିତ୍ ମିଶ୍ର, ଅଂଶୁଜିତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାତାରାତି ସ୍ଥାନାନ୍ତର ହୋଇଗଲା କର୍ଣ୍ଣ, ନାସା, ଗଳା ବିଭାଗ




କଟକ,୫।୨(ଶିକ୍ଷା ପ୍ରିୟଦର୍ଶିନୀ)

## ଏସ୍‌ସିବି ମେଡିକାଲ

### ଡାକ୍ତରଙ୍କୁ ଦେଖାଇବା ସହ ନିରାମୟରୁ ଔଷଧ ନେବାକୁ ହଟହଟା ରୋଗୀ

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ(ଏସ୍‌ସିବି)ରେ ରାତାରାତି ଇଏନ୍‌ଟି ବିଭାଗ ବା କର୍ଣ୍ଣ, ନାସା ଓ ଗଳା ବିଭାଗ ସ୍ଥାନାନ୍ତର କରାଯାଇଛି। ଉକ୍ତ ବିଭାଗ ଆଜକୁ ତିନିଦିନରୁ ଚାରିଦିନ ହେବ ଚର୍ମ ରୋଗ ବିଭାଗକୁ ସ୍ଥାନାନ୍ତର କରାଯାଇଥିବାବେଳେ ରୋଗୀ ଡାକ୍ତରଙ୍କୁ ଦେଖାଇବାକୁ ତିନିଦିନ ହେବ ହଟହଟା ହେଉଛନ୍ତି। ହେଲେ ବିଭାଗ ସ୍ଥାନାନ୍ତର ପରେ ପୁରୁଣା କୋଠାରେ କୌଣସି ନୋଟିସ ବୋର୍ଡ ଲଗାଯାଇ ନାହିଁ। ଫଳରେ ରୋଗୀ ପୁରୁଣା କୋଠାର ଟିକେଟ କାଉଣ୍ଟରରେ ଡାକ୍ତରଙ୍କୁ ଦେଖାଇବାକୁ ଧାଡ଼ି ଲଗାଇ ନିରାଶ ହୋଇଛନ୍ତି।

ସୂଚନାଯୋଗ୍ୟ, ଏସ୍‌ସିବିରେ ଦୀର୍ଘ ବର୍ଷ ହେବ ପ୍ରସୂତି ଓ ସ୍ତ୍ରୀ ରୋଗ ବହିର୍ବିଭାଗ ନିକଟରେ କର୍ଣ୍ଣ, ନାସା ଓ ଗଳା ବିଭାଗ କାର୍ଯ୍ୟ କରି ଆସୁଥିଲା। ଏହି ବିଭାଗର କୋଠା ନିକଟରେ ଏକ ଟିକେଟ କାଉଣ୍ଟର ଓ ନିରାମୟ କେନ୍ଦ୍ର ଖୋଲା ଯାଇଥିଲା। ପୁରୁଣା ସ୍ଥାନରୁ ନୂତନ ସ୍ଥାନର ଦୂରତା ପ୍ରାୟ ୬ ଶହ ମିଟର ଦୂର। ନୂତନ ସ୍ଥାନକୁ ବିଭାଗ ସ୍ଥାନାନ୍ତର କରାଯାଇଥିବାବେଳେ ଉକ୍ତ ବିଭାଗର ଔଷଧ ପାଇଁ ପୁରୁଣା ସ୍ଥାନକୁ ରୋଗୀ ଯାଉଛନ୍ତି। ଉକ୍ତ ନିରାମୟ କେନ୍ଦ୍ରରେ କର୍ଣ୍ଣ, ନାସା, ଗଳା ବିଭାଗକୁ ମିଶାଇ ୪ଟି ବିଭାଗର ଔଷଧ ମିଳୁଛି। ହେଲେ ଦୂରତା ଅଧିକ ହେବାରୁ ରୋଗୀ ଓ ସମ୍ପର୍କୀୟ ତିନିଦିନ ହେବ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏସମ୍ପର୍କରେ ମେଡିକାଲ ଅତିରିକ୍ତ ଅଧୀକ୍ଷକ ଜ୍ୟୋତିର୍ମୟ ନାୟକ କହିଛନ୍ତି, ପୁରୁଣା ସ୍ଥାନରେ ଥିବା କୋଠାକୁ ମରାମତି କରାଯାଉଛି। ସବୁଠି ନୋଟିସ ଲଗାଯାଇଛି, ଯଦିଓ କେଉଁଠି ନୋଟିସ ଲଗାଯାଇ ନାହିଁ ସେନେଇ ବ୍ୟବସ୍ଥା କରାଯିବ ଏବଂ ନିରାମୟ କେନ୍ଦ୍ର ଉକ୍ତ ସ୍ଥାନରେ ଏବେ କାର୍ଯ୍ୟ କରିବ ବୋଲି ସେ କହିଛନ୍ତି।

## ଏମାନେ ଯାହା କୁହନ୍ତି...

### ୨ଦିନ ହେବ ଡାକ୍ତରଙ୍କୁ ଦେଖାଇପାରିନି



"କାନରେ ଯନ୍ତ୍ରଣା ହେବାରୁ ନବରଙ୍ଗପୁରରୁ ଏହି ବିଭାଗକୁ ଡାକ୍ତରଙ୍କୁ ଦେଖାଇବାକୁ ଆସିଛି। ହେଲେ ଦୁଇଦିନ ହେବ ଡାକ୍ତରଙ୍କୁ ଦେଖାଇ ପାରିନାହିଁ। ପୁରୁଣା ସ୍ଥାନରେ ଦୁଇଦିନ ହେବ ଅପେକ୍ଷା କରି ରହିଥିଲି। ଗୁରୁବାର ମଧ୍ୟ ସମାନ ସ୍ଥିତି ହୋଇଥିଲା। ପରେ ଜଣେ ସୁରକ୍ଷାକର୍ମୀ କହିବାରୁ ନୂତନ ସ୍ଥାନକୁ ଆସି ଡାକ୍ତରଙ୍କୁ ଦେଖାଇଛି। ମେଡିକାଲ କର୍ତ୍ତୃପକ୍ଷ ରୋଗୀଙ୍କ କ୍ଷେତ୍ରରେ ଏଭଳି ଅବହେଳା କରିବା ଉଚିତ୍‌ନୁହେଁ। ତୁରନ୍ତ ପୁରୁଣା ସ୍ଥାନରେ ନୋଟିସ ବୋର୍ଡ ଲଗାଯାଉ।

**ଜଗନ୍ନାଥ ଯାନୀ, ରୋଗୀ, ନବରଙ୍ଗପୁର**

### ପୁରୁଣା ସ୍ଥାନରେ ଟିକେଟ ପାଇଁ ଧାଡ଼ି ଲଗାଇଥିଲି

"ଏସ୍‌ସିବିରେ ଗୋଟିଏ ବିଭାଗ ସ୍ଥାନାନ୍ତର କରାଯାଉଛି, ହେଲେ ନୋଟିସ ବୋର୍ଡ ଲଗାଯାଇ ନାହିଁ। ମୁଁ କଟକର ବାସିନ୍ଦା ହେଲେ ମଧ ଏସ୍‌ସିବିରେ ମୁଁ ଉକ୍ତ ବିଭାଗରେ ଥିବା ପୁରୁଣା ସ୍ଥାନର ଟିକେଟ କାଉଣ୍ଟରରେ ଦୁଇଘଣ୍ଟା ଧାଡ଼ିରେ ଛିଡ଼ା ହୋଇଥିଲି। ବିଭାଗ ସ୍ଥାନାନ୍ତର ହୋଇଥିବା ନେଇ ପରେ ଜାଣିବାକୁ ପାଇଛି ଏବଂ ଡାକ୍ତରଙ୍କୁ ଦେଖାଇବାକୁ ଆସିଛି। ବହୁ ହଇରାଣ ହେବାକୁ ପଡ଼ିଛି। ମେଡିକାଲ କର୍ତ୍ତୃପକ୍ଷ ରୋଗୀଙ୍କ ସୁବିଧାକୁ ଗୁରୁତ୍ୱ ଦିଅନ୍ତୁ।



**ରୁଦ୍ରନାରାୟଣ ଜେନା, ରୋଗୀ, କଟକ**

### ବ୍ୟବସ୍ଥିତ କରିବା ଅତ୍ୟନ୍ତ ଜରୁରୀ

"କଟକର ବାସିନ୍ଦା ହୋଇ ଏସ୍‌ସିବିରେ ଡାକ୍ତରଙ୍କୁ ଦେଖାଇବାକୁ ଘୁରି ବୁଲିଛୁ। ଏଠାରେ ଥିବା କର୍ମଚାରୀମାନେ ମଧ୍ୟ ଉକ୍ତ ବିଭାଗ ସ୍ଥାନାନ୍ତର ଘଟଣା ସମ୍ପର୍କରେ ଅବଗତ ନାହାନ୍ତି। ଯାହାକୁ ପଚାରିଲେ କେହି ଜାଣିନୁ ବୋଲି କହୁଛନ୍ତି। ଗୁରୁବାର ସକାଳୁ ପ୍ରାୟ ମଧ୍ୟାହ୍ନ ଯାଏ ପୁରୁଣା ସ୍ଥାନରେ ଅପେକ୍ଷା କରିଛୁ। ଶେଷରେ ନୂତନ ସ୍ଥାନକୁ ଆସିବା ପରେ ଏଠାରେ ମଧ୍ୟାହ୍ନ ଭୋଜନ ବିରତି ଥିବା କହି କର୍ମଚାରୀ ଫେରାଇ ଦେଇଛନ୍ତି।



**ବୁଲୁ ପଡ଼ିହାରୀ, ରୋଗୀଙ୍କ ସମ୍ପର୍କୀୟ, କଟକ**

# ଅଭିଷେକ ରାଓଙ୍କୁ ଆଇଟିପିଆଇ ଜାତୀୟ ଶ୍ରେଷ୍ଠ ଥେସିସ୍ ଆୱାର୍ଡ

ଭୁବନେଶ୍ୱର,୫।୨(ଅନୁରାଧା ମହାରଣା)



ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟାଉନ ପ୍ଲାନର୍ସ ଇଣ୍ଡିଆ (ଆଇଟିପିଆଇ) ପକ୍ଷରୁ ଜାତୀୟ ଶ୍ରେଷ୍ଠ ଥେସିସ ଆୱାର୍ଡ ୨୦୨୫ ଘୋଷଣା କରାଯାଇଛି। କଟକର ପିଲୁ ମୋଦି କଲେଜ ଅଫ୍ ଆର୍କିଟେକ୍ଚର (ପିଏମ୍‌ସିଏ)ର ପୂର୍ବତନ ଛାତ୍ର ଅଭିଷେକ ରାଓ ଏହି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ତୃତୀୟ ସ୍ଥାନ ପାଇଁ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ଜାତୀୟ ଶ୍ରେଷ୍ଠ ଥେସିସ ପୁରସ୍କାର ହେଉଛି ଏକ ପ୍ରତିଷ୍ଠିତ ଜାତୀୟ ସ୍ତରୀୟ ସ୍ୱୀକୃତି, ଯାହା ପ୍ରତିବର୍ଷ ସାରା ଭାରତରେ ଉତ୍କୃଷ୍ଟ ସ୍ନାତକୋତ୍ତର ଯୋଜନା ଗବେଷଣାକୁ ପ୍ରଦାନ କରାଯାଏ। ବର୍ତ୍ତମାନ ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ(ଆଇଆଇଟି) ଶିବପୁରର ସ୍ଥାପତ୍ୟ ଏବଂ ଯୋଜନା ବିଭାଗର ଏମ୍.ପ୍ଲାନ (ସହରୀ ଏବଂ ଆଞ୍ଚଳିକ ଯୋଜନା) ପଢୁଥିବା ଅଭିଷେକଙ୍କୁ ତାଙ୍କର ଅସାଧାରଣ ଶୈକ୍ଷିକ ଅବଦାନ ଏବଂ ଅଭିନବ ଗବେଷଣା ପଦ୍ଧତି ପାଇଁ ମନୋନୀତ କରାଯାଇଛି। ଅଭିଷେକ ୨୦୨୧ରେ ପିଲୁ ମୋଦି କଲେଜ ଅଫ୍ ଆର୍କିଟେକ୍ଚରରୁ ସ୍ଥାପତ୍ୟରେ ସ୍ନାତକ ହାସଲ କରିଥିଲେ। ଅଭିଷେକଙ୍କ ସଫଳତାରେ ପିଏମ୍‌ସିଏ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି।

# ଧବଳେଶ୍ୱରଙ୍କ ଜାଗରଯାତ୍ରା ପ୍ରସ୍ତୁତି ବୈଠକ

ଖୁଣ୍ଟୁଣୀ, ୫।୨(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ର ପ୍ରସିଦ୍ଧ ବାବା ଧବଳେଶ୍ୱରଙ୍କ ଜାଗର ଯାତ୍ରା ପାଇଁ ଧବଳେଶ୍ୱରଙ୍କ ପୀଠ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଠଗଡ଼ ତହସିଲଦାର ତଥା ଅତିରିକ୍ତ ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ କୁଞ୍ଜବିହାରୀ ବଡଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜାଗର ଯାତ୍ରାକୁ ଶୃଙ୍ଖଳିତ ରୂପେ ସମ୍ପନ୍ନ ହେବ ଉପସ୍ଥିତ ବିଭିନ୍ନ ବିଭାଗ ଅଧିକାରୀଙ୍କ ସହଯୋଗ କାମନା କରିଥିଲେ। ଆସନ୍ତା ୧୫ ତାରିଖରେ ଜାଗର ଯାତ୍ରା ଅନୁଷ୍ଠିତ ହେବ। ସେଦିନ ରାତ୍ରି ସାଢ଼େ ଗୋଟାଏରୁ ମନ୍ଦିର ବେଢ଼ା ପରିକ୍ରମା କରିବା ପରେ ମହାଦୀପ ଉଠିବ ବୋଲି ବୈଠକରେ ସ୍ଥିର ହୋଇଛି। ବୈଠକରେ ଚୌଦାର ଏସ୍‌ଡିପିଓ ଉମାକାନ୍ତ ନାୟକ, ସ୍ଥାନୀୟ ଥାନା ଅଧିକାରୀ ଶୁଭେନ୍ଦୁ ମିଶ୍ର, ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡା. ମାନସ ପାଣି, ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବରିଷ୍ଠ ଡା. ମନୋରଞ୍ଜନ ଦାସ, ଧବଳେଶ୍ୱର ପୂଜକ ସମିତି ସଭାପତି ବିଷ୍ଣୁ ଚରଣ ପତ୍ରୀ, ସମ୍ପାଦକ ନରେନ୍ଦ୍ର କୁମାର ପଣ୍ଡା, ଇଞ୍ଜିନିୟର ମୋନିକା ଗୁରୁ, ଜିଲା ପରିଷଦ ସଦସ୍ୟ ବଳଭଦ୍ର ବାଘ ଓ ସରପଞ୍ଚଙ୍କ ପ୍ରତିନିଧି ପ୍ରିୟବ୍ରତ ସାହୁଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ ଓ ଆଠଗଡ ଅଞ୍ଚଳର ଶିଳ୍ପ ପ୍ରତିଷ୍ଠାନର ଅଧିକାରୀ ଉପସ୍ଥିତ ରହିଥିଲେ।

## ସଂକ୍ଷେପରେ

### ରେଭେନ୍‌ଶାରେ ବଜେଟ ସଂକ୍ରାନ୍ତୀୟ ଆଲୋଚନାଚକ୍ର

କଟକ,୫।୨(କୁମାରଶ୍ରୀ)

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସମାଜ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଗୁରୁବାର ବଜେଟ୍ ସଂକ୍ରାନ୍ତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଅର୍ଥଶାସ୍ତ୍ର ଡ. ଆଶିଷ କୁମାର ସେନାପତି ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ବଜେଟ୍‌ର ମୁଖ୍ୟ ଦିଗ, ସମସ୍ୟା, ଆର୍ଥିକ ପ୍ରଭାବ ଓ ଆହ୍ୱାନ ବିଷୟରେ ଆଲୋଚନା କରିଥିଲେ। ସେ କହିଥିଲେ ଯେ ଚଳିତ ବଜେଟ୍ ଯାହା ପାସ୍ ହୋଇଛି ତାହା ଭାରତର ବିଭିନ୍ନ ଦିଗ ତଥା ଅର୍ଥନୀତି, ରାଜନୀତି କ୍ଷେତ୍ରରେ ଓ ଭାରତର ବିକାଶ କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିଛି। ବିଭାଗୀୟ ମୁଖ୍ୟ ପ୍ରଫେସର ବିକ୍ରମ କେଶରୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସମାଜ ବିଜ୍ଞାନ ବିଭାଗର ଅଧ୍ୟାପକ ଡ. ଈଶ୍ୱର ଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଡ. ମନସ୍ୱିତା ମହାପାତ୍ର ଧନ୍ୟବାଦ ଦେଇଥିଲେ। ଡ. ମନୋରଞ୍ଜନ ଦାସ, ଜେମ୍ସ କିଣ୍ଡୋ, ବିଜୟୀ ମହଲାଙ୍କ ସମେତ ବିଭାଗର ଛାତ୍ରୀଛାତ୍ର ଓ ଗବେଷକ ଗବେଷିକା ପ୍ରମୁଖ ଉପସ୍ଥିତ ଥିଲେ।

### ଦୁର୍ଘଟଣାରେ ଗୁରୁତର ଆହତ ଅଧାପିକାଙ୍କ ମୃତ୍ୟୁ

କଟକ,୫।୨(କାର୍ତ୍ତିକ ସାହୁ)



ଦୁର୍ଘଟଣାରେ ଗୁରୁତର ହୋଇ ସିଡିଏସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଅଧାପିକା ଜୟନ୍ତୀ ତ୍ରିପାଠୀ(୫୫)ଙ୍କ ଗୁରୁବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ଶୁକ୍ରବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାଯାଇଛି। ସୂଚନାନୁସାରେ, ନୟାସଡ଼କସ୍ଥିତ ଇମର୍ତ୍ତିଦେବୀ ମହିଳା ମହାବିଦ୍ୟାଳୟର ଦର୍ଶନ ଶାସ୍ତ୍ର ଅଧାପିକା ଜୟନ୍ତୀ ଗତ ଜାନୁଆରୀ ୨୬ରେ ଦୁର୍ଘଟଣାର ଶିକାର ହୋଇଥିଲେ। ଅଧାପିକା ଜୟନ୍ତୀ ସିଡିଏ ସେକ୍ଟର-୧୩ସ୍ଥିତ ବାସଭବନରୁ ମୋଟରସାଇକେଲରେ ସ୍ୱାମୀ ଧରଣୀଧର ପଣ୍ଡାଙ୍କ ସହ ମହାବିଦ୍ୟାଳୟ ଅଭିମୁଖେ ଆସୁଥିଲେ। ସିଡିଏ ଅଞ୍ଚଳ ରାସ୍ତାରେ ଥିବା ହମ୍ପସ୍‌ରେ କୌଣସି ଚିହ୍ନ ନ ଥିବାରୁ ତାହା କାଳ ହୋଇଥିଲା। ମୋଟରସାଇକେଲ ହମ୍ପସ୍‌ରେ କଚାଡ଼ି ହୋଇପଡ଼ିବାରୁ ସେ ଖସି ପଡ଼ିଥିଲେ। ତୁରନ୍ତ ତାଙ୍କୁ ସିଡିଏସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେବେଠାରୁ ସେ ଚିକିତ୍ସିତ ହୋଇଆସୁଥିଲେ। ମାତ୍ର ସଂକ୍ରମଣ ହେତୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଯାଇଥିଲା। ଡାକ୍ତର ଆଉ ତାଙ୍କୁ ବଞ୍ଚାଇ ପାରି ନ ଥିଲେ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମୂଳ ରୂପକୁ ଫେରାଅ



କଟକ ଜିଲା କଂଗ୍ରେସ କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

କଟକ,୫।୨(ଶିକ୍ଷା ପ୍ରିୟଦର୍ଶିନୀ)

- ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲା କଂଗ୍ରେସର ଧାରଣା
- କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କଟକ ଜିଲା କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)କୁ ମୂଳ ରୂପରେ ଫେରାଇ ଆଣିବା ଦାବିରେ ଧାରଣା ଦିଆଯାଇଥିଲା। ଏଥିସହ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ରରେ ୟୁପିଏ ସରକାରଙ୍କ ଦ୍ୱାରା ୨୦୦୫ରେ ପ୍ରଣିତ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଏକ ଅଧିକାର ଆଧାରିତ ଆଇନ। ଏହା ପ୍ରତିବର୍ଷ ୫ରୁ ୬କୋଟି ଗ୍ରାମୀଣ ପରିବାରକୁ ମଜୁରି ଭିତ୍ତିକ ରୋଜଗାର ଦାବି କରିବାର ଆଇନଗତ ଅଧିକାର ଦେଇ ଆସିଥିଲା। ଭାଜପା ସରକାର ଅସହିଷ୍ଣୁ ହୋଇ ଏହି ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମକୁ କାଟି ଦେବା ଏକ ହୀନ ମନ୍ୟତାର ପ୍ରମାଣ ଦିଏ। ନୂତନ ଭିବି-ଜି ରାମ-ଜି ଯୋଜନା ଏହି ଆଇନ ସମ୍ପୂର୍ଣ୍ଣ ଭାବେ ଭିନ୍ନ। ଏହି ନୂଆ ଆଇନ କୋଟି କୋଟି ଶ୍ରମିକଙ୍କ ଅଧିକାରକୁ ଛଡେଇ ନେଇଛି। ଏସ୍‌ସି/ଏସ୍‌ଟି/ଓବିସି ସମାଜର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଶ୍ରମିକମାନଙ୍କୁ ସାମାଜିକ ନ୍ୟାୟରୁ ବଞ୍ଚିତ କରିବାକୁ ଚକ୍ରାନ୍ତ କରାଯାଇଛି ବୋଲି ଉଲ୍ଲେଖ କରାଯାଇଛି। ଏ ଦିଗରେ ସରକାରଙ୍କୁ ଅବଗତ କରାଯିବ ବୋଲି ଜିଲାପାଳ କହିଛନ୍ତି। ଜିଲା କଂଗ୍ରେସ ସଭାପତି ପ୍ରଦୀପ୍ତ ଦାସଙ୍କ ଅଧ୍ୟକ୍ଷତାରେ ଉକ୍ତ ଧାରଣାରେ କଂଗ୍ରେସ ମୁଖପାତ୍ର ମାନସ ପରିଡ଼ା ସଭା ସଂଯୋଜନା କରିଥିବା ବେଳେ ବରିଷ୍ଠ ନେତା ବାଙ୍କନିଧି ବେହେରା, କଟକ ନଗର କଂଗ୍ରେସ ଉପସଭାପତି ରାଜେନ୍ଦ୍ର ପଟ୍ଟନାୟକ, ପିସିସି ସଭ୍ୟ ବିଶ୍ୱନାଥ ଶତପଥୀ, କଂଗ୍ରେସ ନେତା ହରିବନ୍ଧୁ ଶତପଥୀ ଓ ବିଷ୍ଣୁ ଚରଣ ବାରିକ, ଆଠଗଡ଼ ନିର୍ବାଚନମଣ୍ଡଳୀର ସୁଦର୍ଶନ ସାହୁ, ଜିଲା ଅନୁସୂଚିତ ଜାତି ସେଲ ଅଧ୍ୟକ୍ଷ ପ୍ରତାପ ମଲ୍ଲିକ, ବରିଷ୍ଠ ନେତା ପ୍ରଶାନ୍ତ ବେହେରା ଓ ବିପନ ପଶାୟତ, ରାଜୀବ ଗାନ୍ଧୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜଳିଗଲା ୩ ଭାଇଙ୍କ ୬ ବଖରା ଘର

ମଙ୍ଗୁଳି-ଜଗତପୁର,୫।୨(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଶାଳଗାଁ ପଞ୍ଚାୟତ ରାମଚନ୍ଦ୍ରପୁର ଗ୍ରାମରେ ଗୁରୁବାର ଅପରାହ୍ନରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗନ୍ଧର୍ବ ସ୍ୱାଇଁଙ୍କ ୩ ପୁଅଙ୍କ ୬ ବଖରା ଜଳିଯାଇଛି। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ବିଦ୍ୟୁତ୍ ଶର୍ଟସର୍କିଟରୁ ନିଆଁ ଲାଗିଥିବା ଆଶଙ୍କା କରାଯାଉଛି। ୫ ଭରି ସୁନା ଓ ରୁପା ଅଳଙ୍କାର, ଖଟ, ଧାନଚାଉଳ, ରାଶନ ସାମଗ୍ରୀ, ବାସନକୁସନ, ଫ୍ୟାନ, ଫ୍ରିଜ ସହ ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ସୂଚନା ମୁତାବକ, ଉପରୋକ୍ତ ୩ ପରିବାର ଚାଷୀ ମୂଲିଆ ହୋଇଥିବାରୁ ପ୍ରତିଦିନ ପରି ପୁରୁଷମାନେ ବିଲକୁ ଯାଇଥିଲେ। ଘରର ମହିଳା ଅପରାହ୍ନ ପ୍ରାୟ ସାଢେ ଗୋଟାଏରେ ଖଳାରେ ନଡ଼ା ଗଦା ମାଡୁଥିଲେ। ସେହି ସମୟରେ ହଠାତ୍ ହୃଦାନନ୍ଦଙ୍କ ଚାଳ ଘରେ ନିଆଁ ଲାଗି ଜଳିଥିଲା। ଚାହୁଁଚାହୁଁ ଅନ୍ୟ ଘରକୁ ନିଆଁ ବ୍ୟାପି ଯାଇଥିଲା। ଗ୍ରାମବାସୀ ନିଆଁକୁ ଆୟତ୍ତ କରିବାରେ ବିଫଳ ହେବାରୁ ବହୁ ବିଳମ୍ବରେ ଚୌଦ୍ୱାର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଲିଭାଇଥିଲା। କିନ୍ତୁ ସେତେବେଳକୁ ୩ ପରିବାରଙ୍କ ପ୍ରାୟ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଥିଲା। ଖବର ପାଇ ସ୍ଥାନୀୟ ସମିତି ସଭ୍ୟଙ୍କ ପ୍ରତିନିଧି ମନୋଜ କୁମାର ବେହେରା ପହଞ୍ଚି ପରିବାରଙ୍କୁ ଆଶାସନା ଦେବା ସହ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସେ ଦାବି କରିଛନ୍ତି।

# ପ୍ରାଚୀ ତଟସ୍ଥ ଅଷ୍ଟଶମ୍ଭୁ କରିଡର ଶିଳାନ୍ୟାସକଲେ ଉପମୁଖ୍ୟମନ୍ତ୍ରୀ



ଆୟୋଜିତ ସାଧାରଣ ସଭାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ସ୍ୱାଗତ କରାଯାଉଛି।

ନିଆଳି,୫।୨(ସୁକାନ୍ତ କୁମାର ସିଂହ)

ନିଆଳିରେ ପ୍ରବାହିତ ହେଉଥିବା ପ୍ରାଚୀ ନଦୀର ଅବବାହିକାରେ ଥିବା ପ୍ରାଚୀନ ଅଷ୍ଟଶମ୍ଭୁଙ୍କ କରିଡର ଶିଳାନ୍ୟାସ କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ସ୍ଥାନୀୟ ଅଚିହ୍ନା ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଅଷ୍ଟଶମ୍ଭୁଙ୍କ ଉନ୍ନତୀକରଣ ପାଇଁ ୨୪ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରିବା ଯୋଜନାକୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିଛନ୍ତି। ନିଆଳି ମାଟିରେ ଝିଅ ତଥା ଉପମୁଖ୍ୟମନ୍ତ୍ରୀ ନିଆଳି ଅଞ୍ଚଳକୁ ପର୍ଯ୍ୟଟନ କ୍ଷେତ୍ରରେ ଗ୍ରହଣ କରାଯିବା ପାଇଁ ଯୋଜନା କରିବା ସହ ପ୍ରାଚୀ ନଦୀକୁ ଖନନ କରିବା ସହ ଚିରସ୍ରୋତା କରାଯିବ ବୋଲି ସେ କହିଥିଲେ। ଆୟୋଜିତ ସଭାରେ ସ୍ଥାନୀୟ ବିଧାୟକ ଛବି ମଲ୍ଲିକ, ସଂସ୍କୃତି ବିଭାଗ ଅତିରିକ୍ତ ସଚିବ ସରୋଜ କୁମାର ସ୍ୱାଇଁ, ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଏସ୍‌ପି ବିନିତ୍ ଅଗ୍ରୱାଲ୍ ଉପସ୍ଥିତ ଥିଲେ। ନିଆଳି ଅଞ୍ଚଳବାସୀଙ୍କ ବହୁଦିନର ଦାବିକୁ ଉପମୁଖ୍ୟମନ୍ତ୍ରୀ ଉକ୍ତ ସଭାରେ ନିଆଳି ମାଧବ ଓ ଅଷ୍ଟଶମ୍ଭୁ ଅଷ୍ଟଦେବୀଙ୍କ ପୀଠକୁ ଉନ୍ନତୀକରଣ କରିବା ସହ ନିଆଳିକୁ ପର୍ଯ୍ୟଟନ ସ୍ଥଳୀ ଭାବେ ଘୋଷଣା କରାଯିବା ପାଇଁ ବ୍ୟବସ୍ଥା ହେଉଛି ବୋଲି ସେ କହିଥିଲେ। ସେହିପରି ପ୍ରାଚୀ ତଟରେ ଥିବା ସମସ୍ତ ପ୍ରାଚୀର ମଠଗୁଡିକର ଉନ୍ନତୀକରଣ କରାଯିବ ବୋଲି ଘୋଷଣା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଭାଜପା ମୁଖପାତ୍ର ରାଜେନ୍ଦ୍ର ପଣ୍ଡା, ଶଶୀକାନ୍ତ ଲେଙ୍କା, ଆତ୍ମା ଅଧ୍ୟକ୍ଷ ଗଣେଶ୍ୱର ମିଶ୍ର, ଏମ୍‌ପିଙ୍କ ପ୍ରତିନିଧି ଜ୍ୟୋତିରଞ୍ଜନ ମହାନ୍ତିଙ୍କ ସହ ସମସ୍ତ ନିଆଳି ଓ କଣ୍ଟାପଡା ବ୍ଲକର ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଉଦ୍‌ଘାଟନ ହେଲା ବାରବାଟୀ ଶିଶିର ମେଳା

କଟକ,୫।୧(ଶିକ୍ଷା ପ୍ରିୟଦର୍ଶିନୀ)

ବାରବାଟୀ ଶିଶିର ମେଳା ବାଲିଯାତ୍ରା ଉପର ପଡ଼ିଆରେ ଗୁରୁବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ସିଏମ୍‌ସି ମେୟର ସୁବାସ ସିଂ ଏହାକୁ ଉଦ୍‌ଘାଟନ କରିଥିଲେ। ମହାନଗର ନାଗରିକ ମହାସଭା ସଭାପତି ଡା. ରବିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କଣ୍ଠଶିଳ୍ପୀ ସାଗରିକା ଯୋଗଦେଇଥିଲେ। ଓଡ଼ିଶା କଳା, ସଂସ୍କୃତି ଓ ମେଳାକୁ ପ୍ରଶାସନିକ ସ୍ତରରେ ପ୍ରୋତ୍ସାହନ ଯୋଗାଇବା ଜରୁରୀ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ମେଳା କମିଟି ମୁଖ୍ୟ ସଂଯୋଜକ ନୀହାର ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ତ୍ରିଲୋଚନ ମହାନ୍ତି, ଶର୍ମିଷ୍ଠାରାଣୀ ନନ୍ଦ ଓ ସନତ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁରେଶ କୁମାର ଦାଶ ମଞ୍ଚ ସଂଯୋଜନା କରିଥିଲେ। ଶେଷରେ ଅନିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ତ୍ରିନେତ୍ର କଳାକେନ୍ଦ୍ରର ଶିଳ୍ପୀମାନେ 'ମହାକାଳୀ' ନୃତ୍ୟାଭିନୟର ପ୍ରଦର୍ଶନ କରିଥିଲେ ଏବଂ ସୱାହାର କଳାକାରମାନେ ଫ୍ୟାସନ ଶୋ' ସାଙ୍ଗକୁ ଆଦିବାସୀନୃତ୍ୟ ଓ ସଂଗୀତ ପରିବେଷଣ କରିଥିଲେ । ଓ ଯୁଗଳନୃତ୍ୟ ଓ ନୃତ୍ୟାଭିନୟ ହୋଇଥିଲା ଦର୍ଶକାଦୃତ ।



ବାରବାଟୀ ଶିଶିର ମେଳାକୁ ମେୟର ଉଦ୍‌ଘାଟନ କରୁଛନ୍ତି।

# ଫେବୃଆରୀ ୧୭ରୁ ଘର ଗଣନା

କଟକ,୫।୨(କାର୍ତ୍ତିକ ସାହୁ)




୨୦୨୭ ଜନଗଣନା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅଧିକାରୀ।

## ୨୦୨୭ ଜନଗଣନା ପାଇଁ ଜିଲା ପ୍ରଶାସନର ପ୍ରସ୍ତୁତି

କଟକ ଜିଲାରେ ୨୦୨୭ ଜନଗଣନାକୁ ନିଷ୍ଠାପର ଭାବେ ସମ୍ପାଦନ କରିବା ନିମନ୍ତେ ପ୍ରଥମ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ଜିଲାର ସମସ୍ତ ତହସିଲଦାର, ବିଡିଓ, ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତାଲିମ ନେଇ ସମ୍ପୂର୍ଣ୍ଣ ଜନଗଣନା ପଦ୍ଧତି ଉପରେ ଅବଗତ ହେବେ। ପରେ ଏହି ଅଧିକାରୀମାନେ ଘରକୁ ଘର ଯାଇ ଜନଗଣନା କରିବାକୁ ଥିବା କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କୁ ତାଲିମ ଦେଇ ଜନଗଣନା କାର୍ଯ୍ୟ ଶତ ପ୍ରତିଶତ ଠିକ ଓ ସୁଚାରୁ ରୂପେ ସମ୍ପାଦନ କରିବାକୁ ଗୁରୁତ୍ୱ ଦିଆଯାଇଛି। ପ୍ରତ୍ୟେକ ଘରର ମୁରବି ନିଜ ପରିବାର ସମ୍ବନ୍ଧରେ ଉଚିତ ଓ ଠିକ ତଥ୍ୟ ପ୍ରଦାନ କରି ୨୦୨୭ ଜନଗଣନା କାର୍ଯ୍ୟକୁ ସ୍ୱଚ୍ଛତାର ସହ ସମ୍ପାଦନ କରିବା ଦିଗରେ ସହଯୋଗ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ସୂଚନାନୁସାରେ, ପ୍ରଥମ ପର୍ଯ୍ୟାୟରେ ଘରଗୁଡ଼ିକ ପରିଗଣନା କରାଯିବ। ନିୟୋଜିତ କର୍ମଚାରୀମାନେ ଘରକୁ ଘର ଯାଇ ଗଣନା କାର୍ଯ୍ୟ ସୁନିଶ୍ଚିତ କରିବେ। ଏହି ଘର ଗଣନା ସମୟରେ ଯଦି କୌଣସି ଘର ବାଦ୍ ପଡ଼ିଯାଏ ତେବେ ସେମାନେ ଦୃଷ୍ଟି ଆକର୍ଷଣ କରିବାକୁ ମଧ୍ୟ ଅନୁରୋଧ କରାଯାଇଛି। ଫେବୃଆରୀ ୧୭ରୁ ଘରକୁ ଘର ବୁଲି ସର୍ଭେ କାର୍ଯ୍ୟ ଆରମ୍ଭ କରାଯିବ। ଏହାପରେ ବାସ୍ତବ ଗଣନା କାର୍ଯ୍ୟ ଆରମ୍ଭ ହେବ। ରାଜ୍ୟର ତାଲିମପ୍ରାପ୍ତ ମାଷ୍ଟର ଟ୍ରେନରମାନେ ଜିଲାସ୍ତରୀୟ ମାଷ୍ଟର୍ ଟ୍ରେନରମାନଙ୍କୁ ତାଲିମ ପ୍ରଦାନ କରିସାରିଛନ୍ତି। ଜିଲାସ୍ତରୀୟ ମାଷ୍ଟର ଟ୍ରେନରମାନେ ବ୍ଲକସ୍ତରୀୟ ମାଷ୍ଟର ଟ୍ରେନରମାନଙ୍କୁ ତାଲିମ ପ୍ରଦାନ କରିବେ ଓ ସେମାନେ ପରିଗଣନାକାରୀମାନଙ୍କୁ ତାଲିମ ଦେବେ। ଜନଗଣନା ସର୍ଭେ ସମୟରେ ପରିଗଣନାକାରୀମାନେ ବିଭିନ୍ନ ପ୍ରଶ୍ନ ପଚାରିବେ। ଏହାଦ୍ୱାରା ଜନଗଣନା ସମ୍ବନ୍ଧିତ ବିଭିନ୍ନ ବାସ୍ତବ ତଥ୍ୟ ଜଣାପଡ଼ିବ। ଦେଶରେ ସର୍ବଶେଷ ଜନଗଣନା ୨୦୧୧ରେ ହୋଇଥିଲା। ୧୮୭୨ରେ ପ୍ରଥମ ଜନଗଣନା ହୋଇଥିବା ବେଳେ ୨୦୨୭ ଜନଗଣନା ହେବ ଷୋଡ଼ଶ ଜନଗଣନା। ପ୍ରଥମ ଥର ପାଇଁ ଏହି ଜନଗଣନା ସମ୍ପୂର୍ଣ୍ଣ ଭାବେ ଡିଜିଟାଇଜେଶନ ମାଧ୍ୟମରେ କରାଯିବ। ଚଳିତ ଥର ଜନଗଣନା ଜାତିଭିତ୍ତିକ ଜନଗଣନା ହେବ। ୧୯୩୧ରେ ଶେଷ ଥର ପାଇଁ ଜାତିଭିତ୍ତିକ ଜନଗଣନା କରାଯାଇଥିଲା। ଜନଗଣନା କାର୍ଯ୍ୟରେ ନିୟୋଜିତ ଅଧିକାରୀ ଓ କର୍ମଚାରୀମାନଙ୍କ ତାଲିମ ତଥା ସମୀକ୍ଷା କାର୍ଯ୍ୟକ୍ରମରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଅତିରିକ୍ତ ଜିଲାପାଳ କମଲଜିତ ଦାସ, ଅତିରିକ୍ତ ଜିଲାପାଳ ଡ. ଦିବ୍ୟଲୋଚନ ମହାନ୍ତ, ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ପ୍ରଣବ କୁମାର ବେହେରା, ଡେପୁଟି କଲେକ୍ଟର ନିର୍ବାଚନ ନୁରୀ ପରବିନ, ରାଜ୍ୟ ଜନଗଣନା ପରିଚାଳନା କେନ୍ଦ୍ରର ଯୁଗ୍ମ ନିର୍ଦ୍ଦେଶକ ହେମନ୍ତ କୁମାର ସିଂହ, ସହକାରୀ ନିର୍ଦ୍ଦେଶକ ମିଳିତା ଦତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଟାଙ୍ଗୀରେ ନିଯୁକ୍ତି ମେଳା ଆଜି

ଟାଙ୍ଗୀ,୫।୨(ରଘୁନାଥ ସାହୁ): ଦକ୍ଷତା ବିକାଶ ବିଭାଗ ଦ୍ୱାରା ଟାଙ୍ଗୀ ଗୁରୁବାର ନିଯୁକ୍ତି ମେଳା ପୂର୍ବାହ୍ନ ୧୦ଟାରେ ଟାଙ୍ଗୀ ବ୍ଲକଠାରେ ଅନୁଷ୍ଠିତ ହେବ। ଏହି ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତ ଅଞ୍ଚଳର ୧୮ରୁ ୩୫ ବର୍ଷ ପର୍ଯ୍ୟନ୍ତ ଶିକ୍ଷିତ ବେକାରୀ ଯୁବତୀ ଯୁବକ ଏହି ନିଯୁକ୍ତି ମେଳାରେ ଭାଗ ନେଇପାରିବେ। ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ୫ମ ପାସ୍। ଆଧାରକାର୍ଡ, ଆବଶ୍ୟକୀୟ ପ୍ରମାଣପତ୍ର, ଶିକ୍ଷାଗତ ପ୍ରମାଣପତ୍ର ସହ ନିଯୁକ୍ତି ମେଳାରେ ଯୋଗ ଦେବା ପାଇଁ ବ୍ଲକ ପ୍ରଶାସନ ନିବେଦନ କରାଯାଇଛି।

### ଗୋଷ୍ଠୀ ସଂଘର୍ଷ ଘଟଣାରେ ଜଣେ ଗିରଫ

ଟାଙ୍ଗୀ/ନିରାକାରପୁର,୫।୨
(ରଘୁନାଥ ସାହୁ/ମାନସ ଚନ୍ଦ୍ର ପଟ୍ଟନାୟକ): ଗୋଷ୍ଠୀ ସଂଘର୍ଷ ଘଟଣାରେ ନିରାକାରପୁର ଥାନା ପୋଲିସ ଗୁରୁବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ଦେବାଶିଷ ପ୍ରଧାନ। ଏଥି ସହ ତାଙ୍କ ନିକଟରୁ ଗୋଟିଏ ଖଣ୍ଡା ଜବତ କରାଯାଇଛି। ଗଣ୍ଡଗୋଳ ସମୟରେ ଦେବାଶିଷ ଖଣ୍ଡା ବୁଲାଇ ଆତଙ୍କ ସୃଷ୍ଟି କରିଥିଲେ। ଏହି ଗଣ୍ଡଗୋଳ ଘଟଣାରେ ଦୁଇ ଗୋଷ୍ଠୀର ୩ଜଣ ଆହତ ହୋଇଥିଲେ। ସୂଚନା ଥାଉକି, ନିରାକାରପୁର ରେଳ ଷ୍ଟେଶନ ରାସ୍ତାରେ ଦୁଇ ଗୋଷ୍ଠୀ ମଧ୍ୟରେ କୌଣସି କାରଣକୁ ନେଇ ପ୍ରଥମେ ବଚସା ପରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା। କିଛି ଦିନ ପୂର୍ବରୁ ନିରାକାରପୁର ଅଞ୍ଚଳର କେତେଜଣ ଯୁବକଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହୋଇଥିବା ବେଳେ ଉଭୟ ଗୋଷ୍ଠୀଙ୍କ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଦୁଇ ଦିନ ପରେ ପୁଣି ମାରପିଟ ହୋଇଥିଲେ। ଏନେଇ ପୁନର୍ବାର ଅଭିଯୋଗ ହେଇଥିଲା।

# 'ଏସ୍ଆଇ ପରୀକ୍ଷା ତାରିଖ ଶୀଘ୍ର ଘୋଷଣା କର'

**ଗାନ୍ଧୀମାର୍ଗରେ ଗର୍ଜିଲେ ଚାକିରି ଆଶାୟୀ**
■ ବିଧାନସଭା ଘେରାଉ ଚେତାବନୀ ଦେଲେ

ଭୁବନେଶ୍ୱର,୫।୨(ସୁଚିସ୍ମିତା ସାହୁ)

କେବେ ହେବ ପୋଲିସ ଏସ୍ଆଇ ପରୀକ୍ଷା। ରାଜ୍ୟ ସରକାର ଶୀଘ୍ର ପରୀକ୍ଷା ତାରିଖ ଘୋଷଣା କରନ୍ତୁ। ନଚେତ ଆସନ୍ତା ବିଧାନସଭା ଅଧିବେଶନ ସମୟରେ ବଡ଼ ଧରଣର ଆନ୍ଦୋଳନ ହେବ। ଆବଶ୍ୟକ ପଡ଼ିଲେ ବିଧାନସଭା ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି ଚାକିରି ଆଶାୟୀ। ପୋଲିସ ଏସ୍ଆଇ ନିଯୁକ୍ତି ପାଇଁ ୧୪ ମାସ ତଳେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପରୀକ୍ଷା ତାରିଖ ମଧ୍ୟ ଘୋଷଣା ହୋଇଥିଲା। ଓଡ଼ିଶା ପୋଲିସ ରିକ୍ରୁଟ୍ମେଣ୍ଟ ବୋର୍ଡ (ଓପିଆର୍ବି) ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିବାବେଳେ ନାନା କେଲେଙ୍କାରୀ ପଦାକୁ ଆସିବା ପରେ ତାହାକୁ ବାତିଲ କରାଯାଇଥିଲା। ଫଳରେ ପରୀକ୍ଷା ଆଶାୟୀଙ୍କ ବର୍ଷ ବର୍ଷର ପ୍ରସ୍ତୁତି ବେକାର ହୋଇଥିଲା। ଇତିମଧ୍ୟରେ ବହୁ ମାସ ବି ବିତିଗଲାଣି। ହେଲେ ପୁନଃ ପରୀକ୍ଷା ତାରିଖ ଘୋଷଣା ହେଉ ନ ଥିବାରୁ ଆଶାୟୀମାନେ ଅପେକ୍ଷା କରି ଧୈର୍ଯ୍ୟହରା ହୋଇପଡ଼ିଲେଣି। କେତେଜଣଙ୍କ ବୟସ ମଧ୍ୟ ଗଡ଼ିଯାଉଥିବାରୁ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ତୁରନ୍ତ ପରୀକ୍ଷା ତାରିଖ ଘୋଷଣା ଦାବିରେ ଷ୍ଟୁଡେଣ୍ଟ ଏଗେନ୍ଷ୍ଟ କରପ୍ସନ ପକ୍ଷରୁ ଶହଶହ ଚାକିରି ଆଶାୟୀ ଗୁରୁବାର ଗାନ୍ଧୀମାର୍ଗରେ ଗର୍ଜିଛନ୍ତି। ସଙ୍ଗଠନର ଆବାହକ ବିଭୂତି ଭୂଷଣ ମହାପାତ୍ର କହିଛନ୍ତି, ଏସ୍ଆଇ ଚାକିରି ବିକ୍ରି ଘଟଣାର ତଦନ୍ତ ସିବିଆଇ କରୁଛି ଓ ଏଥିରେ ସାମିଲ ଥିବା ଷଡ଼ଯନ୍ତ୍ରକାରୀ ଧରା ପଡୁଛନ୍ତି। ତଥାପି ପୁନଃ ସ୍ୱଚ୍ଛ ଓ ବ୍ୟବସ୍ଥିତ ଭାବେ ପରୀକ୍ଷା କରିବାକୁ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ଓପିଆର୍ବି ଏବଂ ଓଡ଼ିଶା ୟୁନିଫର୍ମ ଷ୍ଟାଫ ସିଲେକ୍ସନ କମିଶନ (ଓୟୁଏସ୍ଏସ୍ସି) ମଧ୍ୟରୁ କିଏ ପରୀକ୍ଷା ପରିଚାଳନା କରିବ ସେନେଇ ସରକାର ସ୍ପଷ୍ଟ କରିବା ସହିତ ତୁରନ୍ତ ପରୀକ୍ଷା କରାନ୍ତୁ। ଆଶାୟୀଙ୍କ ଭବିଷ୍ୟତ ସହ ନ ଖେଳିବାକୁ ସରକାରଙ୍କୁ ଅନୁରୋଧ କରିବା ସହ ସ୍ୱଚ୍ଛତାର ସହ ପରୀକ୍ଷା କରାଯାଉ। ନଚେତ ଆଶାୟୀମାନେ ଆସନ୍ତା ଅଧିବେଶନ ସମୟରେ ବିଧାନସଭା ଘେରିବାକୁ ବାଧ୍ୟ ହେବେ ବୋଲି ଆବାହକ ମହାପାତ୍ର ଚେତାବନୀ ଦେଇଛନ୍ତି।

# ୧୪ରୁ ତୋଷାଳି ସ୍ୱଦେଶୀ ମେଳା

## ଗଡ଼ିଲା ପ୍ରଚାର ରଥ

ଭୁବନେଶ୍ୱର,୫।୨(ସୁଚିସ୍ମିତା ସାହୁ)

ଆସନ୍ତା ୧୪ ତାରିଖରୁ ଭୁବନେଶ୍ୱରସ୍ଥିତ ଜନତା ମଇଦାନରେ ୨୦ତମ ତୋଷାଳି ସ୍ୱଦେଶୀ ମେଳା ଆରମ୍ଭ ହେବ। ୧୩ଦିନ ଧରି ଅର୍ଥାତ୍ ୨୬ ତାରିଖ ଯାଏ ଚାଲିବାକୁ ଥିବା ଏହି ମେଳା ପାଇଁ ଗୁରୁବାର ଏକାମ୍ର ହାଟରୁ ପ୍ରଚାର ରଥ ଗଡିଛି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଏହି ରଥର ଶୁଭାରମ୍ଭ କରିଛନ୍ତି। ଏହି ପ୍ରଚାର ରଥ କଟକ, ଭୁବନେଶ୍ୱର, ପୁରୀ, ସମ୍ବଲପୁର, ବ୍ରହ୍ମପୁର ପ୍ରମୁଖ ସହର ପରିକ୍ରମା କରିବ। ଚଳିତବର୍ଷ ତୋଷାଳି ସ୍ୱଦେଶୀ ମେଳାର ଥିମ୍ ରହିଛି 'ସ୍ୱଦେଶୀ ଏବଂ ଆତ୍ମନିର୍ଭର'। ମେଳାରେ ମୋଟ ୮୪୦ଟି ଷ୍ଟଲର ଆୟୋଜନ ହୋଇଥିବା ସୂଚନା ଦିଆଯାଇଛି। ପ୍ରଚାର ରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପ୍ରଭାକର ମହାରଣା, ପଦ୍ମଶ୍ରୀ ଇଲିଆନା ଚିତାରିସ୍ତି, ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର, ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶକ ପ୍ରେମ ଚନ୍ଦ୍ର ଚୌଧାରୀ, ହସ୍ତଶିଳ୍ପ ନିର୍ଦ୍ଦେଶିକା ନିବେଦିତା ପୃଷ୍ଟି, ଅତିରିକ୍ତ ଶାସନ ସଚିବ ପ୍ରତାପ ଚନ୍ଦ୍ର ହୋତା, ସେରିଫେଡ୍ର ପରିଚାଳନା ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ବିକ୍ରମାଦିତ୍ୟ ବାରିକ, ସିଡାକ୍ର ସଦସ୍ୟ ସଚିବ ଚିନ୍ମୟୀ ବିଶ୍ୱାଳ, ଉପ ଶାସନ ସଚିବ ସୁବ୍ରତ କୁମାର ବେହେରାଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ତୋଷାଳି ସ୍ୱଦେଶୀ ମେଳା ପାଇଁ ପ୍ରଚାର ରଥର ଶୁଭାରମ୍ଭ ଅବସରରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କ ସହ ଅନ୍ୟ ଅତିଥି ଓ ଅଧିକାରୀମାନେ।

### ପୋଡ଼ିଯାଇଥିବା ବୃଦ୍ଧାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

ଯାଁଳା,୫।୨(ବୁଲା ବାରିକ): ପୋଡ଼ିଯାଇଥିବା ଜଣେ ବୃଦ୍ଧାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଲେ ଯାଁଳା ପଞ୍ଚାୟତରେ ରହୁଥିବା ସୁବାସିନୀ ସେଠୀ। ସୂଚନା ମୁତାବକ, ଗତ ଜାନୁଆରୀ ୭ ରାତି ୧୦ଟାରେ ଶୀତ ଯୋଗୁ ଘରର ବାହାରେ ସୁବାସିନୀ ନିଆଁ ପୁଆଁଉ ଥିଲେ। ଅସାବଧାନତାବଶତଃ ତାଙ୍କ ଶାଢ଼ିରେ ନିଆଁ ଲାଗିଯାଇଥିଲା। ଫଳରେ ସେ ପୋଡ଼ି ହୋଇଯାଇଥିଲେ। ତାଙ୍କ ଗୋଡ଼ରୁ ପେଟ ପର୍ଯ୍ୟନ୍ତ ଜଳିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକେ ଏମ୍ସରେ ଭର୍ତ୍ତି କରିଥିଲେ। ପରବର୍ତ୍ତୀ ସମୟରେ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର ହୋଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତାଙ୍କର ମୃତ୍ୟୁ ଘଟିଛି।

### ବେଆଇନ କ୍ରସର ସିଲ୍ କଲା ପ୍ରଶାସନ

ଟାଙ୍ଗୀ,୫।୨(ରଘୁନାଥ ସାହୁ): ଚିଲିକା ତହସିଲ ଅନ୍ତର୍ଗତ କୟଥାପଲା ନିକଟସ୍ଥ ଜଙ୍ଗଲ ଜମିରେ ବେଆଇନ ଭାବେ ଚାଲିଥିବା କ୍ରସର ୟୁନିଟକୁ ପୋଲିସ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ଦୀର୍ଘଦିନ ଧରି ଏଠାରେ ବେଆଇନ ଭାବେ କ୍ରସର ଚାଲୁଥିଲା। ଏନେଇ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ତହସିଲ କାର୍ଯ୍ୟାଳୟରେ ଅଭିଯୋଗ ହୋଇଥିଲା। ତେବେ ଏ ସମ୍ପର୍କରେ ତହସିଲ କାର୍ଯ୍ୟାଳୟ ପକ୍ଷରୁ ନୋଟିସ କରାଯାଇଥିବା ସତ୍ତ୍ୱେ କ୍ରସର ମାଲିକ କର୍ଣ୍ଣପାତ କରି ନ ଥିଲେ। ନାରୁଣି ଥାନା ଅଧିକାରୀଙ୍କ ଉପସ୍ଥିତିରେ ରେଭିନ୍ୟୁ ଇନ୍ସପେକ୍ଟର ଏବଂ କର୍ମଚାରୀମାନେ କ୍ରସରକୁ ସିଲ୍ କରିଥିଲେ।

# ରାଜ୍ୟସ୍ତରୀୟ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ ଉଦ୍ଘାଟିତ




ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ/ଇଏନ୍‌ଜିଜି./ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । **କ୍ର.ସଂ.; କାର୍ଯ୍ୟର ନାମ; ଟେଣ୍ଡର ବିଜ୍ଞପ୍ତି ନଂ.; ଟେଣ୍ଡର ମୂଲ୍ୟ ଏବଂ ଇଏମ୍‌ଡି ଯଥାକ୍ରମେ: (୧)** ସିକେପି-ୱେଷ୍ଟ-୨୫-୨୬-୪୧; ଏଡିଇଏନ୍/ରାଉରକେଲାଙ୍କ କ୍ଷେତ୍ରାଧିକାର ଅଧୀନରେ ରେଲ୍‌ୱେ ଟ୍ରାକ୍‌ର ଇଆର୍‌ସି, ଟି/ଓ ପ୍ଲେଟ୍ ସ୍କ୍ରୁ, ଏସ୍‌ଇଜେ ଆଦିର ଲୁବ୍ରିକେଶନ୍ । ₹୧,୨୩,୭୯,୨୮୮.୫୯; ₹୨,୧୧,୯୦୦.୦୦। (୨) ସିକେପି-ୱେଷ୍ଟ-୨୫-୨୬-୪୨; ଏଡିଇଏନ୍/ଝାରସୁଗୁଡ଼ାଙ୍କ କ୍ଷେତ୍ରାଧିକାର ଅଧୀନରେ ରେଲ୍‌ୱେ ଟ୍ରାକ୍‌ର ଇଆର୍‌ସି, ଟି/ଓ ପ୍ଲେଟ୍ ସ୍କ୍ରୁ, ଏସ୍‌ଇଜେ ଆଦିର ଲୁବ୍ରିକେଶନ୍; ₹୩,୫୧,୩୨,୪୨୮.୬୮; ₹୩,୨୫,୭୦୦.୦୦। **ଟେଣ୍ଡର ଫର୍ମ ମୂଲ୍ୟ:** ₹୦.୦୦ (କ୍ର.ସଂ. ୧ ଓ ୨ ପାଇଁ) । **ଖୋଲାଯିବା ତାରିଖ:** ତା୨୫।୦୨।୨୦୨୬ରିଖ (କ୍ର.ସଂ. ୧ ଓ ୨ ପାଇଁ); ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କ ପାଇଁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ (କର୍ତ୍ତୃପକ୍ଷ – ରେଳବାଇ ବୋର୍ଡର ଚିଠି ସଂ.: ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି ତାରିଖ: ୧୬।୦୭।୨୦୨୦) । (PR-1147)



**ଫର୍ମ ନଂ. ୧୩**
**ଋଣ ଅସୁଲି ନ୍ୟାୟାଧିକରଣ: କଟକ**
ସି-୭୧, ସେକ୍ଟର-୭, ସିଡିଏ,
କଟକ- ୭୫୩୦୧୪, ଓଡ଼ିଶାଙ୍କ ଇଜିଲାସରେ
ଓ.ଏ. ନଂ. ୪୯୪/୨୦୨୫
ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍ ...ଆବେଦନକାରୀ
ବନାମ
ପ୍ରତୀକ ଜେନା ଓ ଅନ୍ୟମାନେ ...ପ୍ରତିବାଦୀ

ପ୍ରାପ୍ତେଷୁ,
ପ୍ରତିବାଦୀ/ଗଣ
୧) ପ୍ରତୀକ ଜେନା, ପିତା: ବିନୟ କୁମାର ଜେନା, ଡୁପ୍ଲେକ୍ସ-୧୧, ଗୋଲାପ ଟାୱାର୍ସ, ଜାଗମରା, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ପିନ୍ କୋଡ୍-୭୫୧୦୩୦;
୨) ଅଭିମନ୍ୟୁ ଜେନା, ପିତା: ଅର୍ଜୁନ କୁମାର ଜେନା, ସ୍ଥାନ- ବିରିଡୋଳ, ପୋଷ୍ଟ- ରସୁଲପୁର, ଜିଲ୍ଲା- ଜଗତ୍‌ସିଂହପୁର, ପିନ୍ କୋଡ୍- ୭୫୪୧୦୪
୩) ବିନୟ କୁମାର ଜେନା, ପିତା- ବାବାଜୀ ଜେନା, ଡୁପ୍ଲେକ୍ସ- ୧୧, ଗୋଲାପ ଟାୱାର୍ସ, ଜାଗମରା, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ପିନ୍ କୋଡ୍-୭୫୧୦୩୦

**ପ୍ରାର୍ଥନା କରାଯାଇଥିବା ଆଶ୍ୱସ୍ତି କାହିଁକି ମଞ୍ଜୁର କରା ନ ଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଯୋଗେ ସମନ**

ନୋଟିସ ଦିଆଯାଉଛି ଯେ, ଆବେଦନକାରୀ-ବ୍ୟାଙ୍କ ଋଣ ଅସୁଲି ନ୍ୟାୟାଧିକରଣ, କଟକ ଅଦାଲତଙ୍କ ନିକଟରେ **₹୩୧,୬୬,୬୨୩/-** (ଟଙ୍କା ଏକତିରିଶ ଲକ୍ଷ ଛଷଠି ହଜାର ଛଅଶହ ତେଇଶ ମାତ୍ର) ସମେତ ଚଳିତ ତଥା ପରବର୍ତ୍ତୀ ସୁଧ, ବ୍ୟୟର ଅସୁଲି ଏବଂ ଅନ୍ୟାନ୍ୟ ଆଶ୍ୱସ୍ତି ନିମନ୍ତେ ଓ.ଏ. ନଂ. ୪୯୪/୨୦୨୫ ଆରମ୍ଭ କରିଛନ୍ତି। ତେଣୁ, ଉକ୍ତ ଓଏ ନିମନ୍ତେ ପ୍ରାର୍ଥନା କରାଯାଇଥିବା ଆଶ୍ୱସ୍ତି କାହିଁକି ମଞ୍ଜୁର କରାଯିବ ନାହିଁ ତାହାର କାରଣ ଦର୍ଶାଇବା ନିମନ୍ତେ ଏହି ନୋଟିସ ପ୍ରକାଶନ ତାରିଖରୁ ୩୦ ଦିନ ମଧ୍ୟରେ କିମ୍ବା ତା୧୭।୦୪।୨୦୨୬ରିଖ ପୂର୍ବାହ୍ନ ୧୦.୩୦ ଘଟିକାରେ ବ୍ୟକ୍ତିଗତ ଭାବେ କିମ୍ବା ଜଣେ ଓକିଲ ଅଥବା ବିଧିବଦ୍ଧ ଭାବେ ଅଧିକୃତ ଏଜେଣ୍ଟଙ୍କ ଜରିଆରେ ଏହି ନ୍ୟାୟାଧିକରଣଙ୍କ ସମ୍ମୁଖରେ ନିଜର ପକ୍ଷ ଉପସ୍ଥାପନ କରିବା ପାଇଁ ଆପଣଙ୍କୁ ନିର୍ଦ୍ଦେଶ ଦିଆଯାଉଛି।
ନୋଟିସ ଦିଆଯାଉଛି ଯେ, ଏଥିରେ ଖିଲାପ କରାଗଲେ ଆପଣଙ୍କ ଅନୁପସ୍ଥିତିରେ ଓଏ'ର ଶୁଣାଣି ଓ ଫଇସଲା କରାଯିବ।
ଆମ୍ଭ ଦସ୍ତଖତ ଓ ଏହି ନ୍ୟାୟାଧିକରଣଙ୍କ ମୋହର ଅଧୀନରେ ଅଦ୍ୟ ୩୦ ଜାନୁଆରୀ, ୨୦୨୬ ରେ ପ୍ରଦତ୍ତ।
(ନିଖିଳ ରଞ୍ଜନ ପତି)
ନିବନ୍ଧକ



**Odisha State Road Transport Corporation**
ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ
No.38001/4/2526 Paribahan Bhawan, Ashok Nagar, Bhubaneswar, Unit-II,
Ph : 0674-2530719, 2530368, Fax : 0674-2530719, Email : osrtc@nic.in, website : www.osrtc.in
**Procurement Notice No. - 04/OSRTC/2025-26**

| | INVITATION FOR BIDS (IFB) | | |
|---|---|---|---|
| 1. | The Additional Secretary, C&T Dept.-cum-G.M. (Estates), OSRTC, Odisha, Bhubaneswar invites Percentage rate bids in Single cover system in ONLINE MODE only, for works as detailed below :- | | |
| 2. | Nature of work | : | 1, Boundary Wall Works |
| 3. | No. of Works | : | 02 Nos. |
| 4. | Value of Tender | : | 1. Rs.23,03,147.00<br>2. Rs.27,07,170.00 |
| 5. | Bid Cost | : | 1. Rs.7,080.00 (To be paid online) |
| 6. | Class of Contractor | : | 1. 'C' class to 'B' class (Empanelled Contractor of OSRTC) |
| 7. | Availability of Bid Documents in the website | : | Dt.05.02.2026 to Dt.20.02.2026 up to 5.00 P.M. |
| 8. | Last date / time of Receipt of Bids in the Portal | : | Dt.20.02.2026 up to 5.00 P.M. |
| 9. | Date of Opening Bid | : | Dt.21.02.2026 at 12.30 P.M. |
| 10. | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum/ corrigendum/cancellation of tender can also be seen in the said website. | | |

N.B. The quoted rate should be all inclusive but excluding G.S.T as applicable Under works contract.
Sd./- Additional Secretary, C&T Dept.-cum General Manager (Estates), OSRTC Bhuabneswar
OIPR-38001/38002/1/25-26/0004



**GOVERNMENT OF ODISHA**
**DISTRICT PROJECT OFFICE**
**SAMAGRA SHIKSHA, PURI**
ଓଡ଼ିଶା ସରକାର
E-mail ID: dpcpurissa.opepa@nic.in
**"e" Procurement Notice**
**Bid Identification No.-DPC/SS/PURI/01 of 2025-26**
**Letter No.419/Civil/Date: 3.2.2026**

| | | | |
|---|---|---|---|
| 1. | District Project Co-ordinator, Samagra Shiksha, Puri on behalf of Government of Odisha inviting percentage rate bid in Single Cover System on ONLINE mode from eligible contractors with valid licenses for "Construction of Additional Classroom (Civil+Electrical+PH) in the schools" as detailed in DTCN. | | |
| 2. | Nature of Work | : | Construction of Additional Classroom (Civil+ Electrical+ PH) in the schools. |
| 3. | No. of Works | : | 04 (Four Nos.) |
| 4. | Cost of Tender Paper | : | Rs.6,000/- |
| 5. | Class of Contractor | : | "D" & "C" in 3 Project and "C" & "B" in 1 Projects |
| 6. | Availability of bid document in the website | : | From 10.00 hours of date-06.02.2026 to 17.00 hours of date- 25.02.2026 |
| 7. | Date of Opening of Bid | : | 11.00 AM on Dt.26.02.2026 |
| 8. | The bidders have to participate in ONLINE bidding only. Further details can be seen from the website (https://tendersodisha.gov.in). Any addendum/ corrigendum/ cancellation of tender can also be seen in the said website only. | | |

Sd./-
District Project Co-ordinator
Samagra Shiksha, Puri



**ଭାରତୀୟ ରିଜର୍ଭ ବ୍ୟାଙ୍କ**
ମାନବ ସଂସାଧନ ପ୍ରବନ୍ଧ ବିଭାଗ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ
ଭୁବନେଶ୍ୱର – 751001, ଓଡ଼ିଶା

**ଟେଣ୍ଡର ସୂଚନା**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇ-ପର୍ଯ୍ୟାୟ ଇ-ଟେଣ୍ଡର ଆମନ୍ତ୍ରଣ କରୁଛି, ଯାହାର ଉଦ୍ଦେଶ୍ୟ ହେଉଛି ଚା/କଫି ଭେଣ୍ଡିଂ ମେସିନ୍‌ର ସ୍ଥାପନା ଏବଂ ଭେଣ୍ଡିଂ ମେସିନ୍‌ର ରକ୍ଷା-ରଖା ପାଇଁ ମାନବଶକ୍ତି ପ୍ରଦାନ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟ ପରିସରରେ। ଏହି କାମର ଆନୁମାନିକ ମୂଲ୍ୟ **₹31,00,000/-** (ରୁପି ଏକତିଶ ଲକ୍ଷ ମାତ୍ର) ଅଟେ।

ରୁଚି ରଖୁଥିବା ସଂସ୍ଥାମାନେ ବ୍ୟାଙ୍କର ୱେବସାଇଟ www.rbi.org.in ଦେଖିପାରିବେ କିମ୍ବା ଅଧିକ ସୂଚନା ପାଇଁ HRMD, ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ସହିତ ସଂପର୍କ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocn ମାଧ୍ୟମରେ ଟେଣ୍ଡର ଦାଖଲ କରିବାର ଶେଷ ତାରିଖ 12 ମାର୍ଚ୍ଚ 2026, ଦୁପର 12:00 ଘଣ୍ଟା ପର୍ଯ୍ୟନ୍ତ ଅଟେ।

ବ୍ୟାଙ୍କ କୌଣସି କାରଣ ଦର୍ଶାଇବା ବିନା ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ଅସ୍ୱୀକାର କରିବାର ଅଧିକାର ସଂରକ୍ଷିତ ରଖିଛି।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର



**ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍**
HDFC BANK
ଖାରବେଳ ନଗର ଶାଖା, ପ୍ଲଟ୍ ନଂ.: ୯୮, ୩ୟ ମହଲା, କେଶରୀ ଟକିଜ୍ ଅଫିସ୍ କମ୍ପ୍ଲେକ୍ସ, ଖାରବେଳ ନଗର, ଭୁବନେଶ୍ୱର - ୭୫୧୦୦୧,
CINL65920MH1994PLC080618, ୱେବ୍‌ସାଇଟ୍: www.hdfcbank.com
**ଡିମାଣ୍ଡ ନୋଟିସ୍**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ଅନୁଯାୟୀ ଡିମାଣ୍ଡ ନୋଟିସ୍ ।**

ନିମ୍ନ ସ୍ୱାକ୍ଷରକାରୀ **ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍‌ର** (ମାନ୍ୟବର ଏନ୍‌ସିଏଲ୍‌ଟି- ମୁମ୍ବାଇର ତା.୧୭.୦୩.୨୦୨୩ର ଆଦେଶ ଅନୁଯାୟୀ ଅନୁମୋଦିତ ମିଶ୍ରଣ ଯୋଜନା ଅନୁସାରେ ପୂର୍ବତନ ଏଚ୍‌ଡିଏଫ୍‌ସି ଲିମିଟେଡ୍ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ ହୋଇଛି) **(ଏଚ୍‌ଡିଏଫ୍‌ସି)** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ-୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି କଥିତ ଆକ୍ଟର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରି କରି ନିମ୍ନଲିଖିତ ଋଣଗ୍ରହୀତା / ଆଇନଗତ ଉତ୍ତରାଧିକାରୀ ଏବଂ ଆଇନଗତ ପ୍ରତିନିଧି (ମାନ)ଙ୍କୁ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ନିମ୍ନସ୍ୱାକ୍ଷରକାରୀ ତାଙ୍କୁ ଜ୍ଞାତଥିବା କଥିତ ଋଣଗ୍ରହୀତା(ମାନ)/ଆଇନଗତ ଉତ୍ତରାଧିକାରୀ(ମାନ)/ଆଇନଗତ ପ୍ରତିନିଧି(ମାନ)ଙ୍କ ବାସଗୃହରେ ଏହି ନୋଟିସର ଏକ ନକଲ ସଂଲଗ୍ନ କରିଥିଲେ । ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ କଥିତ ନୋଟିସର ନକଲ ଉପଲବ୍ଧ ଏବଂ କଥିତ ଋଣଗ୍ରହୀତା(ମାନେ)/ଆଇନଗତ ଉତ୍ତରାଧିକାରୀ(ମାନେ)/ଆଇନଗତ ପ୍ରତିନିଧି (ମାନେ) ଯଦି ଆବଶ୍ୟକ କରନ୍ତି ତେବେ ଉକ୍ତ ନକଲ ଗୁଡ଼ିକୁ ଯେକୌଣସି କାର୍ଯ୍ୟଦିବସର ସାଧାରଣ କାର୍ଯ୍ୟାଳୟ ସମୟ ମଧ୍ୟରେ ନିମ୍ନସ୍ୱାକ୍ଷରକାରୀଙ୍କ ଠାରୁ ସଂଗ୍ରହ କରିପାରିବେ ।

ଉପରୋକ୍ତ କ୍ରମେ, ପୁନଶ୍ଚ କଥିତ ଋଣଗ୍ରହୀତା(ମାନ) / ଆଇନଗତ ଉତ୍ତରାଧିକାରୀ(ମାନ)/ଆଇନଗତ ପ୍ରତିନିଧି(ମାନ)ଙ୍କୁ ଏହି ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଛି କି ସେମାନେ **ଏଚ୍‌ଡିଏଫ୍‌ସି** କୁ ଏହି ନୋଟିସ୍ ପ୍ରକାଶନ ତାରିଖର **୬୦ ଦିନ** ମଧ୍ୟରେ ନିମ୍ନରେ ସେମାନଙ୍କ ନାମ କ୍ରମରେ ସୂଚିତ କରାଯାଇଥିବା ବକେୟା ଦେୟ ସହିତ କଥିତ ଡିମାଣ୍ଡ ନୋଟିସ୍‌ରେ ଦର୍ଶିତ ବାର୍ଷିକ ୧୮% ପରବର୍ତ୍ତୀ ସୁଧ ଯାହା ଚୁକ୍ତି ଏବଂ ଅନ୍ୟାନ୍ୟ କାଗଜାତ / ଦଲିଲ ଦ୍ରଷ୍ଟବ୍ୟ, ସେ ଅନୁଯାୟୀ ଦେୟ ପରିଶୋଧ ତାରିଖ / ଦେୟମୁକ୍ତ ତାରିଖ ପର୍ଯ୍ୟନ୍ତ ତାହା ପରିଶୋଧ କରିବେ । କଥିତ ଋଣଗ୍ରହୀତା(ମାନ)ଙ୍କ ଦ୍ୱାରା **ଏଚ୍‌ଡିଏଫ୍‌ସି** ନିକଟରେ ଋଣ ଦେୟ ପରିଶୋଧ ନିମନ୍ତେ ନିମ୍ନଲିଖିତ ସୁରକ୍ଷିତ ସମ୍ପତ୍ତି ବନ୍ଧକ ରଖାଯାଇଥିଲା ।

**ଏତଦ୍ୱାରା ଋଣଗ୍ରହୀତା(ମାନ)/ ଆଇନଗତ ଉତ୍ତରାଧିକାରୀ (ମାନ)/ଆଇନଗତ ପ୍ରତିନିଧି(ମାନ)ଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା / ଆଇନଗତ ଉତ୍ତରାଧିକାରୀ / ଆଇନଗତ ପ୍ରତିନିଧି (ମାନଙ୍କ) ନାମ ଓ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ମୋଟ ବକେୟା ଦେୟ/ଲୋନ୍ ଆକାଉଣ୍ଟ ନଂ. | ଡିମାଣ୍ଡ ନୋଟିସ୍ | ସୁରକ୍ଷିତ ସମ୍ପତ୍ତି / ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| ଋଣଗ୍ରହୀତା: ଶ୍ରୀ ନିତ୍ୟାନନ୍ଦ ସାହୁ | ତା.୩୦.୦୯.୨୦୨୫ରିଖ ସୁଦ୍ଧା ଟ.୯,୮୪,୩୭୨/-✸ (ନଅ ଲକ୍ଷ ଚଉରାଅଶି ହଜାର ତିନି ଶହ ବାସ୍ତରି ଟଙ୍କା ମାତ୍ର) ଲୋନ୍ ଆ.ନଂ.: ୬୦୪୮୭୮୫୪୦ | ୧୦.୧୧.୨୦୨୫ | "ସେଭେନ ହିଲ୍ସ ସାଣ୍ଡସ୍" ନାମକ ଅପାର୍ଟମେଣ୍ଟର ୫ମ ମହଲାରେ ଅବସ୍ଥିତ ଫ୍ଲାଟ୍ ଯାହାର ନଂ.: ୫୦୮୫, ସମୁଦାୟ ସୁପର ବିଲ୍ଟ ଅପ୍ ଏରିଆ: ୪୩୮.୩୩ ବର୍ଗଫୁଟ ସହିତ ଏକ କାର ପାର୍କିଂ ସ୍ଥାନ ଯାହାର ପ୍ଲଟ୍ ନଂ.: ୩୫୧, ଖାତା ନଂ.: ୩୬, ମୌଜା: ସିପାସରୁବାଲି, ଥାନା: ପୁରୀ ସଦର ନଂ.: ୭୮, ତହସିଲ: ପୁରୀ ସଦର, ଏସ୍‌ଆର୍‌ଓ: ପୁରୀ, ଜିଲ୍ଲା: ପୁରୀ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ବଗିଚା, ପଶ୍ଚିମ: କରିଡର, ଉତ୍ତର: ଲିଫ୍ଟ ଏରିଆ, ଦକ୍ଷିଣ: ଫ୍ଲାଟ୍ ନଂ.: ୫୦୮୭ |
| ଋଣଗ୍ରହୀତା: ଶ୍ରୀ ବ୍ରଜ କିଶୋର ମିଶ୍ର | ତା.୩୦.୦୯.୨୦୨୫ରିଖ ସୁଦ୍ଧା ଟ.୧୦,୨୧,୮୬୪/-✸ (ଦଶ ଲକ୍ଷ ଏକୋଇଶ ହଜାର ଆଠ ଶହ ଚଉଷଠି ଟଙ୍କା ମାତ୍ର) ଲୋନ୍ ଆ.ନଂ.: ୬୧୭୭୭୬୧୧୯ | ୧୦.୧୧.୨୦୨୫ | "ଜଗନ୍ନାଥ ୱାରିୟର୍ସ ରେସିଡେନ୍ସି" ନାମକ ଅପାର୍ଟମେଣ୍ଟ, ବ୍ଲକ୍-ବି୧ର ୧ମ ମହଲାରେ ଅବସ୍ଥିତ ଫ୍ଲାଟ୍ ଯାହାର ନଂ.: ୧୦୬, ସମୁଦାୟ ସୁପର ବିଲ୍ଟ ଅପ୍ ଏରିଆ: ୭୦୨ ବର୍ଗଫୁଟ ସହିତ ଏକ କାର ପାର୍କିଂ ସ୍ଥାନ ଯାହାର ପ୍ଲଟ୍ ନଂ.: ୩୯୬, ୩୮୯, ୩୮୮/୭୩୬, ୩୯୦, ୩୮୯/୭୨୮, ୩୮୮/୭୨୭, ୩୮୭/୭୨୬, ୩୩୫/୭୨୫, ୩୩୪/୭୨୪, ଖାତା ନଂ.: ୨୩୭/୮୩, ୨୩୭/୬୫, ମୌଜା: କାଇମାଟିଆ, ଥାନା: ଜଟଣୀ ନଂ.: ୬୦, ତହସିଲ: ଜଟଣୀ, ଏସ୍‌ଆର୍‌ଓ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା |
| ଋଣଗ୍ରହୀତା: ଶ୍ରୀ ଘନଶ୍ୟାମ ନାୟକ, ଶ୍ରୀମତୀ ପ୍ରଭାସିନୀ ନାୟକ | ତା.୨୮.୦୨.୨୦୨୫ରିଖ ସୁଦ୍ଧା ଟ.୧୩,୩୫,୦୨୪/-✸ (ତେର ଲକ୍ଷ ପଇଁତିରିଶ ହଜାର ଚବିଶ ଟଙ୍କା ମାତ୍ର) ଲୋନ୍ ଆ.ନଂ.: ୬୪୦୨୧୪୮୭୭ | ୨୭.୦୩.୨୦୨୫ | ୧ଟି ପ୍ଲଟ୍ ଯାହାର ସମୁଦାୟ ପରିମିତ କ୍ଷେତ୍ର: ୧୧୨୫ ବର୍ଗଫୁଟ, ପ୍ଲଟ୍ ନଂ.: ଏ୧୨୧, ଏଲ୍‌ଆଇଜି କୋର ହାଉସିଂ ସ୍କିମ୍, ପ୍ରକାର: ଏଲ୍‌ଆଇଜି "ଏ", କୋର ହାଉସର ପ୍ଲିନ୍ଥ ଏରିଆ: ୩୧୮.୩୦ ବର୍ଗଫୁଟ, ଡୁମୁଡୁମା, ଫେଜ୍-୫, ହାଉସିଂ ସ୍କିମ୍, ଖଣ୍ଡଗିରି, ଭୁବନେଶ୍ୱର, ଏହାର ଚାରିପାର୍ଶ୍ୱରେ ଉତ୍ତର: ଏ-୧୧୯, ଦକ୍ଷିଣ: ଏ-୧୨୩, ପୂର୍ବ: ରାସ୍ତା, ପଶ୍ଚିମ: ଏ-୧୨୨ |

✸ଦେୟ ମୁକ୍ତ ଏବଂ / କିମ୍ବା ପରିଶୋଧ ତାରିଖ ପର୍ଯ୍ୟନ୍ତ ବାର୍ଷିକ ୧୮% ହାରରେ ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଏବଂ ଦେୟ ଇତ୍ୟାଦି ସହିତ ।

ଯଦି କଥିତ ଋଣଗ୍ରହୀତାମାନେ **ଏଚ୍‌ଡିଏଫ୍‌ସି ବ୍ୟାଙ୍କକୁ** ଉପରୋକ୍ତ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ତେବେ **ଏଚ୍‌ଡିଏଫ୍‌ସି ବ୍ୟାଙ୍କ** କଥିତ ଆକ୍ଟର ଧାରା ୧୩(୪) ଅନୁସାରେ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତି (ଗୁଡ଼ିକ) / ସ୍ଥାବର ସମ୍ପତ୍ତି (ଗୁଡ଼ିକ) ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ଏବଂ କଥିତ ଋଣଗ୍ରହୀତା(ମାନେ) / ଆଇନଗତ ଉତ୍ତରାଧିକାରୀ(ମାନେ) / ଆଇନଗତ ପ୍ରତିନିଧି(ମାନେ) ସମସ୍ତ ଆଇନଗତ ଖର୍ଚ୍ଚ / ଫଳାଫଳ ନିମନ୍ତେ ଦାୟୀ ରହିବେ ।

କଥିତ ଋଣଗ୍ରହୀତା(ମାନେ)/ ଆଇନଗତ ଉତ୍ତରାଧିକାରୀ(ମାନେ)/ଆଇନଗତ ପ୍ରତିନିଧି(ମାନେ) କଥିତ ଆକ୍ଟ ଅନୁଯାୟୀ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତି (ଗୁଡ଼ିକୁ) / ସ୍ଥାବର ସମ୍ପତ୍ତିଗୁଡ଼ିକୁ **ଏଚ୍‌ଡିଏଫ୍‌ସିର** ଲିଖିତ ଅନୁମତି ବିନା କୌଣସି ପ୍ରକାରରେ ବିକ୍ରୟ, ଲିଜ୍ କିମ୍ବା ଅନ୍ୟ ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କୌଣସି ବ୍ୟକ୍ତି ଯଦି ଏହି ଆକ୍ଟର କିମ୍ବା ନିୟମର ଉପରୋକ୍ତ ଧାରାକୁ ଉଲଙ୍ଘନ କରି କାର୍ଯ୍ୟ କରନ୍ତି ତେବେ ଆଇନ ଅନୁଯାୟୀ ଜୋରିମାନା ଏବଂ / କିମ୍ବା କାରାଦଣ୍ଡ ନିମନ୍ତେ ଦାୟୀ ରହିବେ ।

**ପଞ୍ଜିକୃତ କାର୍ଯ୍ୟାଳୟ : ଏଚ୍‌ଡିଏଫ୍‌ସି ବ୍ୟାଙ୍କ ହାଉସ୍, ସେନାପତି ବାପଟ ମାର୍ଗ, ଲୋୟର ପାରେଲ୍ (ୱେଷ୍ଟ), ମୁମ୍ବାଇ - ୪୦୦୦୧୩**

ସ୍ଥାନ : ଭୁବନେଶ୍ୱର, ତାରିଖ : ୦୫.୦୨.୨୦୨୬ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ତରଫରୁ



obcc — ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ — No.34001/26/2526
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
**ODISHA BRIDGE & CONSTRUCTION CORPORATION LIMITED**
(A Government of Odisha Undertaking under Works Department)
ବିକାଶ ଭବନ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨, ଦୂରଭାଷ-୦୬୭୪-୨୩୯୦୦୪୩,
CIN-U45203OR1983SGC001153
Vikash Bhavan, Nayapalli, Bhubaneswar-751012, Tel : 0674-2390043,
Website : www.obcc.in, Email : md@obcc.in;info@obcc.in
No.673 — Date : 31.01.2026
File : SMT-2099
**NOTICE INVITING TENDER**

| | | | |
|---|---|---|---|
| 1. | Name of Work | : | Construction of (1) Amenity block at North parking, (2) Toilet block at different locations such as near Kedargouri temple, near Taranga club, near Crafts pavilion, drop off facility & (3) Ritual pavilion at Ekamra Kshetra under EKAMRA Conservation Plan. |
| 2. | Bid Identification No. | : | 49/Tender/OBCC/2025-26 |
| 3. | Date of availability of bid document in e-procurement portal | : | From Dt.10.02.2026 |
| 4. | Last date & time of receipt of online bid | : | Up to 05.00 P.M. of Dt.25.02.2026 |
| 5. | Date of Bid Opening | : | Dt.26.02.2026 at 11:30 A.M. |
| 6. | Project Completion duration | : | 11 (Eleven) Calendar Months |
| 7. | Further details can be seen from the e-Procurement portal https://www.tendersodisha.gov.in | | |
| 8. | OBCC has the right to accept or reject the Notice/DTCN without assigning any reason thereof. | | |

OIPR-34001/34161/1/25-26/0026 — Sd./- Chief Engineer-II



**GOVERNMENT OF JHARKHAND**
**OFFICE OF THE EXECUTIVE ENGINEER**
**R.C.D. , ROAD DIVISION, SAHIBGANJ**
e- Procurement Notice
(VERY SHORT TENDER)
(3rd Call)
e-Tender Reference no.- RCD/SAHIBGANJ/76/2025-26
Dated : 05.02.2026

| | | |
|---|---|---|
| 1 | Name of Work | IRQP/Strengthening work of Lalbandh (MDR-210) to Mohanpur (NH-80) Road via Babupur and Jonka Link Road (Total length-14.305 KM) under Road Division, Sahibganj for the year 2024-25 |
| 2 | Estimated Cost (Rs) | Rs. 9,09,08,833.00 (Rupees Nine Crores Nine Lacs Eight Thousand Eight Hundred Thirty Three and Zero Paise) Only. |
| 3 | Time of Completion | 05 (Five) Months |
| 4 | Last date / Time for receipt of bids | 23.02.2026 upto 12.00 Noon |
| 5 | Date of Publication of Tender on website | 09.02.2026 from 10.30 A.M. |
| 6 | Name & address of office Inviting tender | Executive Engineer, R.C.D. Road Division, Sahibganj |
| 7 | Contact no. of Procurement officer | 8271102250 |
| 8 | Helpline number of e- Procurement cell | 0651 - 2401010 |

Further details can be seen on website http://jharkhandtenders.gov.in
EXECUTIVE ENGINEER
ROAD CONSTRUCTION DEPARTMENT
ROAD DIVISION, SAHIBGANJ
PR 372374 Road(25-26).D

# ସତ୍ୟବାଦୀ ମହୋତ୍ସବ ଉଦ୍‌ଘାଟିତ



ବକୁଳବନ ପଞ୍ଚସଖା ମୁକ୍ତାକାଶ ରଙ୍ଗମଞ୍ଚରେ ଦଶମ ସତ୍ୟବାଦୀ ମହୋତ୍ସବ ଉଦ୍‌ଘାଟନ ଅବସରରେ ଯୋଗଦେଇଥିବା ଅତିଥିବୃନ୍ଦ ।

ସାକ୍ଷୀଗୋପାଳ,୫।୨(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଉତ୍ତମ ରାଉତ)

ଐତିହାସିକ ବକୁଳବନ ପଞ୍ଚସଖା ମୁକ୍ତାକାଶ ରଙ୍ଗମଞ୍ଚରେ ଦଶମ ସତ୍ୟବାଦୀ ମହୋତ୍ସବ ଗୁରୁବାରଠାରୁ ଆରମ୍ଭ ହୋଇଛି। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମପୀଠ ସୁଆଣ୍ଡୋ, ପଣ୍ଡିତ ନୀଳକଣ୍ଠ ଦାସ, ଆଚାର୍ଯ୍ୟ ହରିହର ଦାସଙ୍କ ଜନ୍ମପୀଠ ଶ୍ରୀରାମଚନ୍ଦ୍ରପୁର, ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଜନ୍ମପୀଠ ଶ୍ରୀନିବାସପୁର ଏବଂ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ଜନ୍ମପୀଠ ବୀରପ୍ରତାପପୁର ଗ୍ରାମରୁ ଜ୍ୟୋତି ସଂଗ୍ରହ କରାଯାଇ ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡ ପଞ୍ଚସଖା ସ୍ମୃତିମଣ୍ଡପ ନିକଟରେ ପଞ୍ଚ ମହାପୁରୁଷଙ୍କ ଜ୍ୟୋତି ମିଳନ ହୋଇଥିଲା। ସତ୍ୟବାଦୀ ମହୋତ୍ସବ କମିଟି ପକ୍ଷରୁ ଏକ ବିଶାଳ ସାଂସ୍କୃତିକ ଶୋଭାଯାତ୍ରା ସାକ୍ଷୀଗୋପାଳ ବଜାର ଦେଇ ମନ୍ଦିର ନିକଟରେ ପହଞ୍ଚିବା ପରେ କମିଟିର ସଭାପତି ତଥା ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ସାକ୍ଷୀଗୋପାଳ ଠାକୁରଙ୍କ ଦର୍ଶନ ଓ ପୂଜାର୍ଚ୍ଚନାକରି ଆଜ୍ଞାମାଳ ଆଣିଥିଲେ। ଠାକୁରଙ୍କ ଆଜ୍ଞାମାଳ ମଣ୍ଡପରେ ସ୍ଥାପନ କରାଯିବା ପରେ ପଞ୍ଚଜ୍ୟୋତିକୁ ମଣ୍ଡପରେ ଭବ୍ୟ ସ୍ଥାପନ କରାଯାଇଥିଲା। ଏହାପରେ ଅତିଥିମାନେ ଦଶମ ସତ୍ୟବାଦୀ ମହୋତ୍ସବକୁ ଉଦ୍‌ଘାଟନ

### ଆକର୍ଷଣ ସାଜିଲା ମହାଜ୍ୟୋତି ଯାତ୍ରା ସାଂସ୍କୃତିକ ପଟୁଆର

କରିଥିଲେ। ବିଧାୟକ ମିଶ୍ରଙ୍କ ସମେତ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, କୋରେଇ ବିଧାୟକ ଆକାଶ ଦାସନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ସେଠୀ, ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ଓମ୍ ପ୍ରକାଶ ପରିଡ଼ା, ବିଡିଓ ଦେବାଶିଷ ନାୟକ ଏବଂ ଆଇଆଇସି ଜୟଶ୍ରୀ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ସତ୍ୟବାଦୀର ଗୌରବମୟ ଇତିହାସକୁ ଏହି ମହୋତ୍ସବ ପୁନର୍ଜୀବିତ କରିବ ବୋଲି କହିଥିଲେ। କମିଟି ସମ୍ପାଦକ ଦୀପକ ଶତପଥୀ, ସଂଯୋଜକ ଜାନକୀବଲ୍ଲଭ ବରାଳ, ରତିକାନ୍ତ ମିଶ୍ର, ତ୍ରିଲୋଚନ ରଥ ଓ ଉମେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଆଉଟ୍‌ଡୋରେଜ୍ ଅଞ୍ଜନ ହୋତା ସଂଯୋଜନା କରିଥିବା ବେଳେ କମିଟିର ସାଂସ୍କୃତିକ ସମ୍ପାଦକ ବଦ୍ରିନାରାୟଣ ଖୁଣ୍ଟିଆ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଚାଳନା କରିଥିଲେ। ଶୋଭାଯାତ୍ରାରେ ଓଡ଼ିଶୀ ସଂକୀର୍ତ୍ତନ, ଘୋଡ଼ାନାଚ, ପାଇକ ଆଖଡ଼ା, ଲଉଡ଼ି ନୃତ୍ୟ, ଶିବତାଣ୍ଡବ ନୃତ୍ୟ ଆଦି ସହ ବାଦ୍ୟ ସାମିଲ ଥିଲା। ବସ୍‌ଷ୍ଟାଣ୍ଡଠାରୁ ବକୁଳବନ ପର୍ଯ୍ୟନ୍ତ ରାସ୍ତା ଦୁଇପାର୍ଶ୍ୱରେ ଜନସାଧାରଣ ଜ୍ୟୋତିଯାତ୍ରାକୁ ସ୍ୱାଗତ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ ଏବଂ ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟର କଳାକାରମାନେ ସାକ୍ଷୀଗୋପାଳ ମନ୍ଦିରରେ ଶ୍ରୀରାଧାଙ୍କ ଆବିର୍ଭାବ ସଂକ୍ରାନ୍ତ ନୃତ୍ୟ ନାଟିକା ପରିବେଷଣ କରିଥିଲେ। ସ୍ୱୟମ୍ ସ୍ୱାଇଁଙ୍କ ଗ୍ରୁପ ପାଇକ ଆଖଡ଼ା, ଦେବସ୍ମିତା ହୋତା ଏବଂ ଏସ୍.ଜିତୁଙ୍କ ମେଲୋଡ଼ି, ସୌଜନ୍ୟ ରଥ ଓ ଟିମ୍ ଓଲିଉଡ଼ ସଙ୍ଗୀତରେ ଦର୍ଶକଙ୍କୁ ମୁଗ୍ଧ କରିଥିଲେ। ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର, ସତ୍ୟବାଦୀ ଆଇଆଇସି ସୌମ୍ୟରଞ୍ଜନ ମହାଲିକ ଆଇନଶୃଙ୍ଖଳା ଦାୟିତ୍ୱରେ ରହିଥିଲେ।

# ଟାୱାର ଡମ୍ପ ମାଧ୍ୟମରେ ଅପରାଧୀଙ୍କ ଫୋନ୍ ଲୋକେଶନ ଠାବ

### ପିପିଲି କିନ୍ନର ଅଞ୍ଜଳି ହତ୍ୟା ମାମଲା

- ନ୍ୟାୟ ଦାବିରେ କିନ୍ନରଙ୍କ ମଶାଲ ଶୋଭାଯାତ୍ରା

ଭୁବନେଶ୍ୱର,୫।୨(ତ୍ରିନାଥ ମହାନ୍ତି)

ପିପିଲି ନିକଟସ୍ଥ ସିଫା ମୁଖ୍ୟ ଫାଟକ ନିକଟରେ କିନ୍ନର ବିନେଶ ରାଉତ ଓରଫ ସୋନାଲି ଓରଫ ଅଞ୍ଜଳି ହତ୍ୟା ମାମଲାରେ ପୋଲିସକୁ ମିଳିଛି ସୁରାକ। ଟାୱାର ଡମ୍ପ ଏବଂ ସିସିଟିଭି ଫୁଟେଜ ମାଧ୍ୟମରେ ହତ୍ୟାକାରୀଙ୍କ ସମ୍ପର୍କରେ ତଥ୍ୟ ମିଳିଛି। ସେମାନଙ୍କୁ ଗିରଫ କରିବା ପାଇଁ ପୁରୀ ଏସ୍‌ପିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଭୁବନେଶ୍ୱର, ପୁରୀ ଏବଂ ଏହାର ଆଖପାଖରେ ଚଢ଼ାଉ କରାଯାଉଛି। ସ୍ୱତନ୍ତ୍ର ଟିମ୍‌ରେ ଜଣେ ଡିଏସ୍‌ପି, ଇନ୍ସପେକ୍ଟର, ତଦନ୍ତକାରୀ ଅଧିକାରୀ ଏବଂ ଥାନା ଅଧିକାରୀ ଅନ୍ତର୍ଭୁକ୍ତ। ଏହି ଟିମ୍ ଅଭିଯୁକ୍ତଙ୍କୁ ଧରିବା ପାଇଁ ସେମାନଙ୍କ ଲୋକେଶନ ଏବଂ ଅନ୍ୟାନ୍ୟ ଡିଜିଟାଲ ପ୍ରମାଣ ଯୋଗାଡ଼ରେ ଲାଗି ପଡ଼ିଛନ୍ତି।

ପୋଲିସ ପ୍ରଥମେ ପିପିଲିରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଲାଗିଥିବା ସିସିଟିଭି ଛାନ୍‌ଭିନ୍ କରିଥିଲା। ସେଥିରେ ୩୦ଟି ସନ୍ଦେହଜନକ ବାଇକ୍ ରହିଥିଲା। ଏହି ୩୦ଟି ଗାଡ଼ି ନମ୍ବର ଆଧାରରେ ଲୋକଙ୍କ ତଥ୍ୟ ମାଗିଥିଲା। ସେଥିରୁ ୧୦ଟି ବାଇକ୍‌କୁ ପୋଲିସ ସ୍କାନରରେ ରଖି ସେମାନଙ୍କ ସମ୍ପର୍କରେ ସୂଚନା ଗ୍ରହଣ କରିଛି। ଏଥିସହ ପୋଲିସ ଅଞ୍ଜଳିଙ୍କ ସିଡିଆର(କଲ୍ ଡିଟେଲ୍ ରିପୋର୍ଟ) ମଗାଇଥିଲେ ମଧ୍ୟ ସେଥିରୁ କିଛି ତଥ୍ୟ ମିଳି ନ ଥିଲା। ଅଞ୍ଜଳି ସହ ଯେଉଁମାନେ କଥା ହୋଇଥିଲେ, ସେମାନେ ବନ୍ଧୁ ଏବଂ ସମ୍ପର୍କୀୟ। ପୋଲିସକୁ ସେଭଳି କିଛି ସୁରାକ ନ ମିଳିବାରୁ ଶେଷରେ ଟାୱାର ଡମ୍ପ ପନ୍ଥା ଆପଣାଇଛି। ପୋଲିସକୁ ମିଳିଥିବା ଟାୱାର ଡମ୍ପର ତଥ୍ୟରେ ଗୋଟିଏ ଟାୱାର ଅଧୀନରେ ଘଟଣା ସ୍ଥଳର ଆଖପାଖରେ ୨ହଜାର ଫୋନ୍ ଆକ୍ଟିଭ୍ ରହିଥିଲା। ତନ୍ମଧ୍ୟରେ କିଛି ସନ୍ଦେହଜନକ ଫୋନ୍ ନମ୍ବର ରହିଛି। ସେଥିରୁ ପୋଲିସକୁ ହତ୍ୟାକାରୀଙ୍କ ସମ୍ପର୍କରେ ତଥ୍ୟ ମିଳିଥିବା କୁହାଯାଉଛି। ଉକ୍ତ ଫୋନ୍ ନମ୍ବରର ଲୋକେଶନ ଏବଂ ସିସିଟିଭିରୁ ଠାବ କରାଯାଇଥିବା ବାଇକ୍‌କୁ ନେଇ ପୋଲିସ ଅପରାଧୀଙ୍କ ନିକଟରେ ପହଞ୍ଚି ସାରିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି । ବାଇକ୍‌ରେ ଥିବା ଦୁଇ ହତ୍ୟାକାରୀ ଧରାପଡ଼ିବା ପରେ ହତ୍ୟାର କାରଣ ଏବଂ ଏହା ପଛରେ କେଉଁମାନେ ସମ୍ପୃକ୍ତ ଅଛନ୍ତି ତାହା ସ୍ପଷ୍ଟ ହେବ। ଅନ୍ୟପଟରେ ଅଞ୍ଜଳିଙ୍କୁ ନ୍ୟାୟ ଦେବା ପାଇଁ କିନ୍ନର ସଂଘ ମାଷ୍ଟରକ୍ୟାଣ୍ଟିନରୁ ରାମ ମନ୍ଦିର ପର୍ଯ୍ୟନ୍ତ ମଶାଲ ଶୋଭାଯାତ୍ରା କରିଛନ୍ତି। ଏନେଇ ଥାନା ଅଧିକାରୀ ସୌମେନ୍ଦ୍ର ଶେଖର ତ୍ରିପାଠୀ କହିଛନ୍ତି, ସିସିଟିଭି ଏବଂ ଟାୱାର ଡମ୍ପ ମାଧ୍ୟମରେ ପୋଲିସ ଯାଞ୍ଚ କରାଯାଉଛି। ଖୁବ୍ ଶୀଘ୍ର ହତ୍ୟାକାରୀଙ୍କୁ ଗିରଫ କରାଯିବ। ଏହି ହତ୍ୟା ପଛରେ ଗୋଷ୍ଠୀ ବିବାଦ ରହିଥିବା ତଦନ୍ତରୁ ସୂଚନ ମିଳୁଛି।

# ୭ରୁ ତାଳବଣିଆରେ ଓଡ଼ିଶା-ଜାପାନ ପର୍ବ

ପୁରୀ,୫।୨(ଅଜିତ୍ କୁମାର ମହାନ୍ତି)

ଚଳିତ ମାସ ୭ ଓ ୮ ତାରିଖ ସନ୍ଧ୍ୟାରେ ଇଣ୍ଡିଆ-ଜାପାନ ଫ୍ରେଣ୍ଡସିପ୍ ସେଣ୍ଟର ପକ୍ଷରୁ ସ୍ଥାନୀୟ ତାଳବଣିଆ ପଡ଼ିଆରେ ଓଡ଼ିଶା-ଜାପାନ ପର୍ବ ଆୟୋଜନ ହେବ। ଏ ନେଇ ଇଣ୍ଡିଆ-ଜାପାନ ଫ୍ରେଣ୍ଡସିପ୍ ସେଣ୍ଟରର ସଭାପତି ଶ୍ରୀମନ୍ତ କୁମାର ଦାଶ ପ୍ରେସ୍ ଇସ୍ତାହାର ଜରିଆରେ ସୂଚନା ଦେଇଛନ୍ତି। ଉକ୍ତ ପର୍ବରେ ଗୋଟିଏ ମଞ୍ଚରେ ଭାରତ ଓ ଜାପାନର କଳାକାରମାନେ ନିଜ ଦେଶର କଳା ସଂସ୍କୃତିର ଝଲକ ପ୍ରଦର୍ଶନ କରିବେ। ଫଳରେ ଉଭୟ ଦେଶ କଳା ସଂସ୍କୃତିର ଭାବବିନିମୟ ହେବା ସହ ପର୍ଯ୍ୟଟନର ବିକାଶ ଘଟିବ ବୋଲି ଦାଶ ଆଶା ପ୍ରକାଶ କରିଛନ୍ତି। ଲୋକେ ନିଃଶୁଳ୍କରେ ଉକ୍ତ ପର୍ବରେ ସାମିଲ ହୋଇ ପର୍ଯ୍ୟଟନ, ଶିକ୍ଷା, କଳା, ସଂସ୍କୃତି, ବାଣିଜ୍ୟ ଏବଂ ବସ୍ତ୍ର ଶିଳ୍ପ ଷ୍ଟଲ ବୁଲିପାରିବେ ବୋଲି ଦାଶ ସୂଚନା ଦେଇଛନ୍ତି।

# ଚାରିଛକ ବଜାରରୁ ହଟିବ ଜବରଦଖଲ, ଚିନ୍ତାରେ ବ୍ୟବସାୟୀ

ଚାରିଛକ,୫।୨(ଶିଶିର କୁମାର ସ୍ୱାଇଁ)

ଚାରିଛକ ବଜାରରେ ସରକାରୀ ଜାଗା ଜବରଦଖଲରେ ରହିଥିବାରୁ ଟ୍ରାଫିକ୍ ସମସ୍ୟା ଉପୁଜିବା ସହ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଚାରିଛକ ବଜାରରେ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ସଂପୃକ୍ତ ଜବରଦଖଲକାରୀମାନଙ୍କୁ ନୋଟିସ ଜାରି କରାଯାଇଛି। ପର୍ଯ୍ୟଟନସ୍ଥଳୀ କୋଣାର୍କ, ଅସ୍ତରଙ୍ଗର ପୀରଜାହାନିଆ ବୁଲିବା ଏବଂ କାକଟପୁରର ମା’ ମଙ୍ଗଳାଙ୍କ ପୀଠ ଓ ପୁରୀକୁ ଶ୍ରୀଜଗନ୍ନାଥଙ୍କ ଦର୍ଶନକରିବା ପାଇଁ ଦୈନନ୍ଦିନ ସହସ୍ରାଧିକ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ବିଭିନ୍ନ ଯାନବାହନରେ ଚାରିଛକ ବଜାରଦେଇ ଯାତାୟାତ କରୁଛନ୍ତି। ଚାରିଛକ ବଜାର ରାସ୍ତା ପାର୍ଶ୍ୱରେ ଥିବା ସରକାରୀ ଜାଗାରେ କ୍ୟାବିନ୍, ଆଜବେଷ୍ଟସ୍ ଓ ଛାତଘର ଦୋକାନ କରି ଲୋକେ ପରିବାର ପ୍ରତିପୋଷଣ କରୁଥିବା ଜଣାପଡ଼ିଛି। ବଜାରରେ ପାର୍କିଂ ସୁବିଧା ନ ଥିବାରୁ ଲୋକେ ରାସ୍ତା ଉପରେ ଗାଡ଼ି ପାର୍କିଂ କରୁଛନ୍ତି। ଫଳରେ ରାସ୍ତା ସଙ୍କୁଚିତ ହୋଇ ଟ୍ରାଫିକ୍ ସମସ୍ୟା ଦେଖାଦେବା ସହ ଛକବଜାର ରାସ୍ତା ବୁଲାଣି ମୁହଁରେ ଟ୍ରାଫିକ୍ ସମସ୍ୟା ଅଧିକ ଜଟିଳ ହୋଇପଡୁଛି। ଚାରିଛକ ବଜାରକୁ ଜବରଦଖଲମୁକ୍ତ କରିବାକୁ ସ୍ଥାନୀୟ ତହସିଲ ପ୍ରଶାସନ ତତ୍ପରତା ଦେଖାଇଛି। ସ୍ଥାନୀୟ ପ୍ରଶାସନ ତରଫରୁ ଚାରିଛକ ବଜାର ମାପଚୁପ କରାଯିବା ସହିତ ୭ଦିନ ମଧ୍ୟରେ ସରକାରୀ ଜାଗା ଖାଲି କରିବାକୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ନୋଟିସ ଦିଆଯାଇଛି। ତେଣୁ ବଜାରର ବହୁ ବ୍ୟବସାୟୀ ଏବେ ତାଙ୍କ ଜୀବିକା ହରାଇବା ସହିତ ନିଜ ପରିବାର କିପରି ପ୍ରତିପୋଷଣ କରିବେ ସେ ନେଇ ଚିନ୍ତାରେ ଅଛନ୍ତି। ମାପ ସମୟରେ ପୂର୍ତ୍ତ ବିଭାଗ କନିଷ୍ଠଯନ୍ତ୍ରୀ ଜ୍ୟୋତିଶ୍ରୀ ସେନାପତି, ବ୍ରହ୍ମକୁଣ୍ଡୀ ରାଜସ୍ୱ ନିରୀକ୍ଷକ ପାର୍ଥସାରଥି ସେଠୀ, ସୁପରଭାଇଜର ଝରଣା ସେଠୀ, ସତ୍ୟବାନ ପଲେଇ, ବଜାର କମିଟି ସଭାପତି ସନ୍ତୋଷ ପ୍ରଧାନ ଏବଂ ଚାରିଛକ ପୋଲିସ ଉପସ୍ଥିତ ଥିଲେ।

# ଟି-୧୦ ଲିଗ୍ କ୍ରିକେଟ୍: ଫାଇନାଲରେ କେସିସି ଖାନପୁର

କାକଟପୁର, ୫।୨(ଶୁଭଦର୍ଶନ ମିଶ୍ର)

କାକଟପୁର ନିକଟସ୍ଥ ଖାନପୁରରେ ଟି-୧୦ କ୍ରିକେଟ ପ୍ରିମିୟର ଲିଗ୍‌ର ସେମିଫାଇନାଲ ମ୍ୟାଚ୍ କେସିସି ଖାନପୁର ଓ ଗାଲିବୱାରିୟର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। କେସିସି ଖାନପୁର ଗାଲିବୱାରିୟର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୭ଉଇକେଟ ହରାଇ ୧୩୬ ରନ୍ କରିଥିଲା। ଦଳ ପକ୍ଷରୁ ସର୍ବାଧିକ ରାମ ରତନ ୪୬ ଓ ଆନନ୍ଦ ପ୍ରଧାନ ୩୬ ରନ କରିଥିଲେ। ଜବାବରେ କେସିସି ଖାନପୁର ୯ ଓଭର ଖେଳି ୨ ଉଇକେଟ ହରାଇ ୧୩୭ ରନ୍ କରି ବିଜୟୀ ହୋଇଥିଲା । ଦଳ ପକ୍ଷରୁ ପପୁ ଖୁଣ୍ଟିଆ ୫୦, ରାମ ୩୧ ଓ ଚିଣ୍ଟୁ ୩୫ ରନ କରିଥିଲେ। ରାମଙ୍କୁ ମ୍ୟାନ ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା।


**ଭାରତୀୟ ରିଜର୍ଭ ବ୍ୟାଙ୍କ**
ମାନବ ସଂସାଧନ ପ୍ରବନ୍ଧ ବିଭାଗ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ
ଭୁବନେଶ୍ୱର – 751001, ଓଡ଼ିଶା

**ଟେଣ୍ଡର ସୂଚନା**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର, ଓଡ଼ିଶା ତରଫରୁ ଯୋଗ୍ୟ ଫର୍ମମାନଙ୍କ ଠାରୁ ଦୁଇ-ଭାଗୀୟ ଇ-ଟେଣ୍ଡର ଆହ୍ୱାନ କରାଯାଉଛି, ଯାହା ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର, ଓଡ଼ିଶାର ମୁଖ୍ୟ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅଧିକାରୀମାନଙ୍କ ଲାଉଞ୍ଜ ଏବଂ ଡାଇନିଂ ରୁମ (OLDR), କର୍ମଚାରୀ କ୍ୟାଣ୍ଟିନ ଏବଂ ଚା ପ୍ୟାଣ୍ଟ୍ରିର ପରିଚାଳନା ସହ କ୍ୟାଟରିଂ ସେବା ପ୍ରଦାନ ପାଇଁ ଅଟେ। ଏହି କାର୍ଯ୍ୟର ଆନୁମାନିକ ମୂଲ୍ୟ ₹44,00,000/- ଅଟେ।

ଆଗ୍ରହୀ ଫର୍ମମାନେ ବ୍ୟାଙ୍କର ୱେବସାଇଟ www.rbi.org.in ଦର୍ଶନ କରିପାରିବେ କିମ୍ବା ଅଧିକ ସୂଚନା ପାଇଁ ମାନବ ସମ୍ପଦ ପରିଚାଳନା ବିଭାଗ (HRMD), ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର, ଓଡ଼ିଶା ସହ ସମ୍ପର୍କ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocn ରେ ଟେଣ୍ଡର ଦାଖଲ କରିବାର ଶେଷ ତାରିଖ 12 ମାର୍ଚ୍ଚ 2026, 12:00 ଘଣ୍ଟା ପର୍ଯ୍ୟନ୍ତ ଅଟେ।

ବ୍ୟାଙ୍କ କୌଣସି କାରଣ ଦର୍ଶାଇବା ବିନା ଯେକୌଣସି କିମ୍ବା ସମସ୍ତ ଟେଣ୍ଡର ଅସ୍ୱୀକାର କରିବାର ଅଧିକାର ସଂରକ୍ଷିତ ରଖିଛି।

ଆଞ୍ଚଳିକ ନିର୍ଦ୍ଦେଶକ,
ଭାରତୀୟ ରିଜର୍ଭ ବ୍ୟାଙ୍କ,
ଭୁବନେଶ୍ୱର


See Career Appointment on every Wednesday & Saturday


**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ/ଇଏନ୍‌ଜିଜି./ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । **କ୍ର.ସଂ.; କାର୍ଯ୍ୟର ନାମ; ଟେଣ୍ଡର ବିଜ୍ଞପ୍ତି ନଂ.; ଟେଣ୍ଡର ମୂଲ୍ୟ ଏବଂ ଇଏମ୍‌ଡି ଯଥାକ୍ରମେ:** (୧) ସିକେପି-ୱେଷ୍ଟ-୨୫-୨୬-୪୧; ଏଡିଇଏନ୍/ରାଉରକେଲାଙ୍କ କ୍ଷେତ୍ରାଧିକାର ଅଧୀନରେ ରେଲୱେ ଟ୍ରାକ୍‌ର ଇଆରସି, [illegible] ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କ ପାଇଁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ (କର୍ତ୍ତୃପକ୍ଷ - ରେଳବାଇ ବୋର୍ଡର ଚିଠି ସଂ.: ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି ତାରିଖ: ୧୬।୦୭।୨୦୨୦) । **(PR-1147)**



**ଫର୍ମ ନଂ. ୧୩**
**ରଣ ଅସୁଲି ନ୍ୟାୟାଧିକରଣ: କଟକ**
ସି-୭୧, ସେକ୍ଟର- ୭, ସିଡିଏ, କଟକ- ୭୫୩୦୧୪, ଓଡ଼ିଶାଙ୍କ ଇଜିଲାସରେ
ଓ.ଏ. ନଂ. ୪୯୪/୨୦୨୫
ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍ ...ଆବେଦନକାରୀ
ବନାମ
ପ୍ରତୀକ ଜେନା ଓ ଅନ୍ୟମାନେ ...ପ୍ରତିବାଦୀ

[illegible]

**ପ୍ରାର୍ଥନା କରାଯାଇଥିବା ଆଶ୍ୱସ୍ତି କାହିଁକି ମଞ୍ଜୁର କରା ନ ଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖଣ୍ଡବାକ୍ୟ ପ୍ରକାଶନ ଯୋଗେ ସମନ**

[illegible] ସମ୍ମୁଖରେ ନିଜର ପକ୍ଷ ଉପସ୍ଥାପନ କରିବା ପାଇଁ ଆପଣଙ୍କୁ ନିର୍ଦ୍ଦେଶ ଦିଆଯାଉଛି।
ନୋଟିସ ଦିଆଯାଉଛି ଯେ, ଏଥିରେ ଖିଲାପ କରାଗଲେ ଆପଣଙ୍କ ଅନୁପସ୍ଥିତିରେ ଓଏ’ର ଶୁଣାଣି ଓ ଫଇସଲା କରାଯିବ।
ଆମ୍ଭ ଦସ୍ତଖତ ଓ ଏହି ନ୍ୟାୟାଧିକରଣଙ୍କ ମୋହର ଅଧୀନରେ ଅଦ୍ୟ ୩୦ ଜାନୁଆରୀ, ୨୦୨୬ ରେ ପ୍ରଦତ୍ତ।
(ନିଖିଳ ରଞ୍ଜନ ପତି)
ନିବନ୍ଧକ



**Odisha State Road Transport Corporation**
ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ
No.38001/4/2526 Paribahan Bhawan, Ashok Nagar, Bhubaneswar, Unit-II,
Ph : 0674-2530719, 2530368, Fax : 0674-2530719, Email : osrtc@nic.in, website : www.osrtc.in

**Procurement Notice No. - 04/OSRTC/2025-26**

| | | | |
|---|---|---|---|
| | INVITATION FOR BIDS (IFB) | | |
| 1. | **The Additional Secretary, C&T Dept.-cum-G.M. (Estates)**, OSRTC, Odisha, Bhubaneswar invites **Percentage rate** bids in **Single cover** system in **ONLINE MODE** only, for works as detailed below :- | | |
| 2. | Nature of work | : | 1, Boundary Wall Works |
| 3. | No. of Works | : | 02 Nos. |
| 4. | Value of Tender | : | 1. Rs.23,03,147.00<br>2. Rs.27,07,170.00 |
| 5. | Bid Cost | : | 1. Rs.7,080.00 **(To be paid online)** |
| 6. | Class of Contractor | : | 1. ‘C’ class to ‘B’ class **(Empanelled Contractor of OSRTC)** |
| 7. | Availability of Bid Documents in the website | : | Dt.05.02.2026 to Dt.20.02.2026 up to 5.00 P.M. |
| 8. | Last date / time of Receipt of Bids in the Portal | : | Dt.20.02.2026 up to 5.00 P.M. |
| 9. | Date of Opening Bid | : | Dt.21.02.2026 at 12.30 P.M. |
| 10. | The Bidders have to participate in ONLINE bidding only. Further details can be seen from the website : **https://tendersodisha.gov.in**. Any addendum/ corrigendum/cancellation of tender can also be seen in the said website. | | |

**N.B. The quoted rate should be all inclusive but excluding G.S.T as applicable Under works contract.**

Sd./- Additional Secretary, C&T Dept.-cum
General Manager (Estates), OSRTC
Bhuabneswar

OIPR-38001/38002/1/25-26/0004



**ଭାରତୀୟ ରିଜର୍ଭ ବ୍ୟାଙ୍କ**
ମାନବ ସଂସାଧନ ପ୍ରବନ୍ଧ ବିଭାଗ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ
ଭୁବନେଶ୍ୱର – 751001, ଓଡ଼ିଶା

**ଟେଣ୍ଡର ସୂଚନା**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇ-ପର୍ଯ୍ୟାୟ ଇ-ଟେଣ୍ଡର ଆମନ୍ତ୍ରଣ କରୁଛି, ଯାହାର ଉଦ୍ଦେଶ୍ୟ ହେଉଛି ଚା/କଫି ଭେଣ୍ଡିଂ ମେସିନ୍‌ର ସ୍ଥାପନା ଏବଂ ଭେଣ୍ଡିଂ ମେସିନ୍‌ର ରକ୍ଷା-ରଖା ପାଇଁ ମାନବଶକ୍ତି ପ୍ରଦାନ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟ ପରିସରରେ।ଏହି କାମର ଆନୁମାନିକ ମୂଲ୍ୟ **₹31,00,000/-** (ରୁପି ଏକତିଶ ଲକ୍ଷ ମାତ୍ର) ଅଟେ।

ରୁଚି ରଖୁଥିବା ସଂସ୍ଥାମାନେ ବ୍ୟାଙ୍କର ୱେବସାଇଟ www.rbi.org.in ଦେଖିପାରିବେ କିମ୍ବା ଅଧିକ ସୂଚନା ପାଇଁ HRMD, ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ସହିତ ସଂପର୍କ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocn ମାଧ୍ୟମରେ ଟେଣ୍ଡର ଦାଖଲ କରିବାର ଶେଷ ତାରିଖ 12 ମାର୍ଚ୍ଚ 2026, ଦୁପର 12:00 ଘଣ୍ଟା ପର୍ଯ୍ୟନ୍ତ ଅଟେ।

ବ୍ୟାଙ୍କ କୌଣସି କାରଣ ଦର୍ଶାଇବା ବିନା ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ଅସ୍ୱୀକାର କରିବାର ଅଧିକାର ସଂରକ୍ଷିତ ରଖିଛି।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର



**ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍** — HDFC BANK
ଖାରବେଳ ନଗର ଶାଖା, ପ୍ଲଟ୍ ନଂ.: ୯୮, ୩ୟ ମହଲା, କେଶରୀ ଟକିଜ୍ ଅଫିସ୍ କମ୍ପ୍ଲେକ୍ସ, ଖାରବେଳ ନଗର, ଭୁବନେଶ୍ୱର - ୭୫୧୦୦୧,
CINL65920MH1994PLC080618, ୱେବ୍‌ସାଇଟ୍: www.hdfcbank.com

**ଡିମାଣ୍ଡ ନୋଟିସ୍**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ଅନୁଯାୟୀ ଡ଼ିମାଣ୍ଡ ନୋଟିସ୍ ।**

ନିମ୍ନ ସ୍ୱାକ୍ଷରକାରୀ **ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍‌ର** (ମାନ୍ୟବର ଏନ୍‌ସିଏଲ୍‌ଟି- ମୁମ୍ବାଇର ତା.୧୭.୦୩.୨୦୨୩ର ଆଦେଶ ଅନୁଯାୟୀ ଅନୁମୋଦିତ ମିଶ୍ରଣ ଯୋଜନା ଅନୁସାରେ ପୂର୍ବତନ ଏଚ୍‌ଡିଏଫ୍‌ସି ଲିମିଟେଡ୍ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ ହୋଇଛି) **(ଏଚ୍‌ଡିଏଫ୍‌ସି)** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ-୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି କଥିତ ଆକ୍ଟର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରି କରି ନିମ୍ନଲିଖିତ ରଣଗ୍ରହୀତା / ଆଇନଗତ ଉତ୍ତରାଧିକାରୀ ଏବଂ ଆଇନଗତ ପ୍ରତିନିଧି (ମାନ)ଙ୍କୁ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ନିମ୍ନସ୍ୱାକ୍ଷରକାରୀ ତାଙ୍କୁ ଜ୍ଞାତଥିବା କଥିତ ରଣଗ୍ରହୀତା(ମାନ)/ଆଇନଗତ ଉତ୍ତରାଧିକାରୀ(ମାନ)/ଆଇନଗତ ପ୍ରତିନିଧି(ମାନ)ଙ୍କ ବାସଗୃହରେ ଏହି ନୋଟିସର ଏକ ନକଲ ସଂଲଗ୍ନ କରିଥିଲେ । ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ କଥିତ ନୋଟିସର ନକଲ ଉପଲବ୍ଧ ଏବଂ କଥିତ ରଣଗ୍ରହୀତା(ମାନେ)/ଆଇନଗତ ଉତ୍ତରାଧିକାରୀ(ମାନେ)/ଆଇନଗତ ପ୍ରତିନିଧି (ମାନେ) ଯଦି ଆବଶ୍ୟକ କରନ୍ତି ତେବେ ଉକ୍ତ ନକଲ ଗୁଡ଼ିକୁ ଯେକୌଣସି କାର୍ଯ୍ୟଦିବସର ସାଧାରଣ କାର୍ଯ୍ୟାଳୟ ସମୟ ମଧ୍ୟରେ ନିମ୍ନସ୍ୱାକ୍ଷରକାରୀଙ୍କ ଠାରୁ ସଂଗ୍ରହ କରିପାରିବେ ।

ଉପରୋକ୍ତ କ୍ରମେ, ପୁନଶ୍ଚ କଥିତ ରଣଗ୍ରହୀତା(ମାନ) / ଆଇନଗତ ଉତ୍ତରାଧିକାରୀ(ମାନ)/ଆଇନଗତ ପ୍ରତିନିଧି(ମାନ)ଙ୍କୁ ଏହି ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଛି କି ସେମାନେ **ଏଚ୍‌ଡ଼ିଏଫ୍‌ସି** କୁ ଏହି ନୋଟିସ୍ ପ୍ରକାଶନ ତାରିଖର **୬୦ ଦିନ** ମଧ୍ୟରେ ନିମ୍ନରେ ସେମାନଙ୍କ ନାମ କ୍ରମରେ ସୂଚିତ କରାଯାଇଥିବା ବକେୟା ଦେୟ ସହିତ କଥିତ ଡ଼ିମାଣ୍ଡ ନୋଟିସ୍‌ରେ ଦର୍ଶିତ ବାର୍ଷିକ ୧୮% ପରବର୍ତ୍ତୀ ସୁଧ ଯାହା ଚୁକ୍ତି ଏବଂ ଅନ୍ୟାନ୍ୟ କାଗଜାତ / ଦଲିଲ ଦ୍ରଷ୍ଟବ୍ୟ, ସେ ଅନୁଯାୟୀ ଦେୟ ପରିଶୋଧ ତାରିଖ / ଦେୟମୁକ୍ତ ତାରିଖ ପର୍ଯ୍ୟନ୍ତ ତାହା ପରିଶୋଧ କରିବେ । କଥିତ ରଣଗ୍ରହୀତା(ମାନ)ଙ୍କ ଦ୍ୱାରା **ଏଚ୍‌ଡ଼ିଏଫ୍‌ସି** ନିକଟରେ ରଣ ଦେୟ ପରିଶୋଧ ନିମନ୍ତେ ନିମ୍ନଲିଖିତ ସୁରକ୍ଷିତ ସମ୍ପତ୍ତି ବନ୍ଧକ ରଖାଯାଇଥିଲା ।

**ଏତଦ୍‌ଦ୍ୱାରା ରଣଗ୍ରହୀତା(ମାନ)/ ଆଇନଗତ ଉତ୍ତରାଧିକାରୀ (ମାନ)/ଆଇନଗତ ପ୍ରତିନିଧି(ମାନ)ଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ରଣଗ୍ରହୀତା / ଆଇନଗତ ଉତ୍ତରାଧିକାରୀ / ଆଇନଗତ ପ୍ରତିନିଧି (ମାନଙ୍କ) ନାମ ଓ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ମୋଟ ବକେୟା ଦେୟ/ଲୋନ୍ ଆକାଉଣ୍ଟ ନଂ. | ଡ଼ିମାଣ୍ଡ ନୋଟିସ୍ | ସୁରକ୍ଷିତ ସମ୍ପତ୍ତି / ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| ରଣଗ୍ରହୀତା: ଶ୍ରୀ ନିତ୍ୟାନନ୍ଦ ସାହୁ | ତା.୩୦.୦୯.୨୦୨୫ରିଖ ସୁଦ୍ଧା ଟ.୯,୮୪,୩୭୨/-✱ (ନଅ ଲକ୍ଷ ଚଉରାଅଶି ହଜାର ତିନି ଶହ ବାସ୍ତରି ଟଙ୍କା ମାତ୍ର) ଲୋନ୍ ଆ.ନଂ.: ୬୦୪୮୭୮୫୪୦ | ୧୦.୧୧.୨୦୨୫ | “ସେଭେନ ହିଲ୍ସ ସାଣ୍ଡସ୍” ନାମକ ଅପାର୍ଟମେଣ୍ଟର ୫ମ ମହଲାରେ ଅବସ୍ଥିତ ଫ୍ଲାଟ୍ ଯାହାର ନଂ.: ୫୦୮୫, ସମୁଦାୟ ସୁପର ବିଲ୍ଟ ଅପ୍ ଏରିଆ: ୪୩୮.୩୩ ବର୍ଗଫୁଟ ସହିତ ଏକ କାର ପାର୍କିଂ ସ୍ଥାନ ଯାହାର ପ୍ଲଟ୍ ନଂ.: ୩୫୧, ଖାତା ନଂ.: ୩୬, ମୌଜା: ସିପାସରୁବାଲି, ଥାନା: ପୁରୀ ସଦର ନଂ.: ୭୮, ତହସିଲ: ପୁରୀ ସଦର, ଏସ୍ଆରଓ: ପୁରୀ, ଜିଲ୍ଲା: ପୁରୀ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ବଗିଚ, ପଶ୍ଚିମ: କରିଡର, ଉତ୍ତର: ଲିଫ୍ଟ ଏରିଆ, ଦକ୍ଷିଣ: ଫ୍ଲାଟ୍ ନଂ.: ୫୦୮୭ |
| ରଣଗ୍ରହୀତା: ଶ୍ରୀ ବ୍ରଜ କିଶୋର ମିଶ୍ର | ତା.୩୦.୦୯.୨୦୨୫ରିଖ ସୁଦ୍ଧା ଟ.୧୦,୨୧,୮୬୪/-✱ (ଦଶ ଲକ୍ଷ ଏକୋଇଶ ହଜାର ଆଠ ଶହ ଚଉଷଠି ଟଙ୍କା ମାତ୍ର) ଲୋନ୍ ଆ.ନଂ.: ୬୧୭୭୭୬୧୧୯ | ୧୦.୧୧.୨୦୨୫ | “ଜଗନ୍ନାଥ ୱାରିୟର୍ସ ରେସିଡେନ୍ସି” ନାମକ ଅପାର୍ଟମେଣ୍ଟ, ବ୍ଲକ୍-ବି୧ର ୧ମ ମହଲାରେ ଅବସ୍ଥିତ ଫ୍ଲାଟ୍ ଯାହାର ନଂ.: ୧୦୬, ସମୁଦାୟ ସୁପର ବିଲ୍ଟ ଅପ୍ ଏରିଆ: ୭୦୨ ବର୍ଗଫୁଟ ସହିତ ଏକ କାର ପାର୍କିଂ ସ୍ଥାନ ଯାହାର ପ୍ଲଟ୍ ନଂ.: ୩୯୬, ୩୮୯, ୩୮୮/୭୩୬, ୩୯୦, ୩୮୯/୭୨୮, ୩୮୮/୭୨୭, ୩୮୭/୭୨୬, ୩୩୫/୭୨୫, ୩୩୪/୭୨୪, ଖାତା ନଂ.: ୨୩୭/୮୩, ୨୩୭/୬୫, ମୌଜା: କାଇମାଟିଆ, ଥାନା: ଜଟଣୀ ନଂ.: ୬୦, ତହସିଲ: ଜଟଣୀ, ଏସ୍ଆରଓ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା |
| ରଣଗ୍ରହୀତା: ଶ୍ରୀ ଘନଶ୍ୟାମ ନାୟକ, ଶ୍ରୀମତୀ ପ୍ରଭାସିନୀ ନାୟକ | ତା.୨୮.୦୨.୨୦୨୫ରିଖ ସୁଦ୍ଧା ଟ.୧୩,୩୫,୦୨୪/-✱ (ତେର ଲକ୍ଷ ପଇଁତିରିଶ ହଜାର ଚବିଶ ଟଙ୍କା ମାତ୍ର) ଲୋନ୍ ଆ.ନଂ.: ୬୪୦୨୧୪୮୭୭ | ୨୭.୦୩.୨୦୨୫ | ୧ଟି ପ୍ଲଟ୍ ଯାହାର ସମୁଦାୟ ପରିମିତ କ୍ଷେତ୍ର: ୧୧୨୫ ବର୍ଗଫୁଟ, ପ୍ଲଟ୍ ନଂ.: ଏ/୧୨୧, ଏଲ୍ଆଇଜି କୋର ହାଉସିଂ ସ୍କିମ୍, ପ୍ରକାର: ଏଲ୍ଆଇଜି “ଏ”, କୋର ହାଉସର ପ୍ଲିନ୍ଥ ଏରିଆ: ୩୯୮.୩୦ ବର୍ଗଫୁଟ, ଡୁମୁଡୁମା, ଫେଜ୍-୫, ହାଉସିଂ ସ୍କିମ୍, ଖଣ୍ଡଗିରି, ଭୁବନେଶ୍ୱର, ଏହାର ଚାରିପାର୍ଶ୍ୱରେ ଉତ୍ତର: ଏ-୧୧୯, ଦକ୍ଷିଣ: ଏ-୧୨୩, ପୂର୍ବ: ରାସ୍ତା, ପଶ୍ଚିମ: ଏ-୧୨୨ |

✱ଦେୟ ମୁକ୍ତ ଏବଂ / କିମ୍ବା ପରିଶୋଧ ତାରିଖ ପର୍ଯ୍ୟନ୍ତ ବାର୍ଷିକ ୧୮% ହାରରେ ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଏବଂ ଦେୟ ଇତ୍ୟାଦି ସହିତ ।

ଯଦି କଥିତ ରଣଗ୍ରହୀତାମାନେ **ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କକୁ** ଉପରୋକ୍ତ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ତେବେ **ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ** କଥିତ ଆକ୍ଟର ଧାରା ୧୩(୪) ଅନୁସାରେ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତି (ଗୁଡ଼ିକ) / ସ୍ଥାବର ସମ୍ପତ୍ତି (ଗୁଡ଼ିକ) ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ଏବଂ କଥିତ ରଣଗ୍ରହୀତା(ମାନେ) / ଆଇନଗତ ଉତ୍ତରାଧିକାରୀ(ମାନେ) / ଆଇନଗତ ପ୍ରତିନିଧି(ମାନେ) ସମସ୍ତ ଆଇନଗତ ଖର୍ଚ୍ଚ / ଫଳାଫଳ ନିମନ୍ତେ ଦାୟୀ ରହିବେ ।

କଥିତ ରଣଗ୍ରହୀତା(ମାନେ)/ ଆଇନଗତ ଉତ୍ତରାଧିକାରୀ(ମାନେ)/ଆଇନଗତ ପ୍ରତିନିଧି(ମାନେ) କଥିତ ଆକ୍ଟ ଅନୁଯାୟୀ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତି (ଗୁଡ଼ିକୁ) / ସ୍ଥାବର ସମ୍ପତ୍ତିଗୁଡ଼ିକୁ **ଏଚ୍‌ଡ଼ିଏଫ୍‌ସିର** ଲିଖିତ ଅନୁମତି ବିନା କୌଣସି ପ୍ରକାରରେ ବିକ୍ରୟ, ଲିଜ୍ କିମ୍ବା ଅନ୍ୟ ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କୌଣସି ବ୍ୟକ୍ତି ଯଦି ଏହି ଆକ୍ଟର କିମ୍ବା ନିୟମର ଉପରୋକ୍ତ ଧାରାକୁ ଉଲଙ୍ଘନ କରି କାର୍ଯ୍ୟ କରନ୍ତି ତେବେ ଆଇନ ଅନୁଯାୟୀ ଜୋରିମାନା ଏବଂ / କିମ୍ବା କାରାଦଣ୍ଡ ନିମନ୍ତେ ଦାୟୀ ରହିବେ ।

**ପଞ୍ଜିକୃତ କାର୍ଯ୍ୟାଳୟ : ଏଚ୍‌ଡିଏଫ୍‌ସି ବ୍ୟାଙ୍କ ହାଉସ୍, ସେନାପତି ବାପଟ ମାର୍ଗ, ଲୋୟର ପାରେଲ୍ (ୱେଷ୍ଟ), ମୁମ୍ବାଇ - ୪୦୦୦୧୩**

ସ୍ଥାନ : ଭୁବନେଶ୍ୱର, ତାରିଖ : ୦୫.୦୨.୨୦୨୬ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ତରଫରୁ



**GOVERNMENT OF ODISHA**
**DISTRICT PROJECT OFFICE**
**SAMAGRA SHIKSHA, PURI**
ଓଡ଼ିଶା ସରକାର
E-mail ID: dpcpurissa.opepa@nic.in

**“e” Procurement Notice**
**Bid Identification No.419/DPC/SS/PURI/01 of 2025-26**
**Letter No.419/Civil/Date: 3.2.2026**

| | | |
|---|---|---|
| 1. | District Project Co-ordinator, Samagra Shiksha, Puri on behalf of Government of Odisha inviting percentage rate bid in Single Cover System on ONLINE mode from eligible contractors with valid licenses for “Construction of Additional Classroom (Civil+Electrical+PH) in the schools” as detailed in DTCN. | |
| 2. | Nature of Work | Construction of Additional Classroom (Civil+ Electrical+ PH) in the schools. |
| 3. | No. of Works | 04 (Four Nos.) |
| 4. | Cost of Tender Paper | Rs.6,000/- |
| 5. | Class of Contractor | “D” & “C” in 3 Project and “C” & “B” in 1 Projects |
| 6. | Availability of bid document in the website | From 10.00 hours of date-06.02.2026 to 17.00 hours of date- 25.02.2026 |
| 7. | Date of Opening of Bid | 11.00 AM on Dt.26.02.2026 |
| 8. | The bidders have to participate in ONLINE bidding only. Further details can be seen from the website (https://tendersodisha.gov.in). Any addendum/ corrigendum/ cancellation of tender can also be seen in the said website only. | |

Sd./-
District Project Co-ordinator
Samagra Shiksha, Puri



obcc **ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ** No.34001/26/2526
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
**ODISHA BRIDGE & CONSTRUCTION CORPORATION LIMITED**
(A Government of Odisha Undertaking under Works Department)
ବିକାଶ ଭବନ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨, ଦୂରଭାଷ-୦୬୭୪-୨୩୯୦୦୪୩,
CIN-U45203OR1983SGC001153
Vikash Bhavan, Nayapalli, Bhubaneswar-751012, Tel : 0674-2390043,
Website : www.obcc.in, Email : md@obcc.in;info@obcc.in

**No.673** **Date : 31.01.2026**
File : SMT-2099

**NOTICE INVITING TENDER**

| | | | |
|---|---|---|---|
| 1. | Name of Work | : | **Construction of (1) Amenity block at North parking, (2) Toilet block at different locations such as near Kedargouri temple, near Taranga club, near Crafts pavilion, drop off facility & (3) Ritual pavilion at Ekamra Kshetra under EKAMRA Conservation Plan.** |
| 2. | Bid Identification No. | : | **49/Tender/OBCC/2025-26** |
| 3. | Date of availability of bid document in e-procurement portal | : | From Dt.10.02.2026 |
| 4. | Last date & time of receipt of online bid | : | Up to 05.00 P.M. of Dt.25.02.2026 |
| 5. | Date of Bid Opening | : | Dt.26.02.2026 at 11:30 A.M. |
| 6. | Project Completion duration | : | 11 (Eleven) Calendar Months |
| 7. | Further details can be seen from the e-Procurement portal https://www.tendersodisha.gov.in | | |
| 8. | OBCC has the right to accept or reject the Notice/DTCN without assigning any reason thereof. | | |

**OIPR-34001/34161/1/25-26/0026** **Sd./- Chief Engineer-II**



**GOVERNMENT OF JHARKHAND**
**OFFICE OF THE EXECUTIVE ENGINEER**
**R.C.D. , ROAD DIVISION, SAHIBGANJ**

**e- Procurement Notice**
**(VERY SHORT TENDER)**
**(3rd Call)**
**e-Tender Reference no.- RCD/SAHIBGANJ/76/2025-26**
**Dated : 05.02.2026**

| | | |
|---|---|---|
| 1 | Name of Work | **IRQP/Strengthening work of Lalbandh (MDR-210) to Mohanpur (NH-80) Road via Babupur and Jonka Link Road (Total length-14.305 KM) under Road Division, Sahibganj for the year 2024-25** |
| 2 | Estimated Cost (Rs) | **Rs. 9,09,08,833.00** (Rupees Nine Crores Nine Lacs Eight Thousand Eight Hundred Thirty Three and Zero Paise) Only. |
| 3 | Time of Completion | 05 (Five) Months |
| 4 | Last date / Time for receipt of bids | 23.02.2026 upto 12.00 Noon |
| 5 | Date of Publication of Tender on website | 09.02.2026 from 10.30 A.M. |
| 6 | Name & address of office Inviting tender | Executive Engineer, R.C.D. Road Division, Sahibganj |
| 7 | Contact no. of Procurement officer | 8271102250 |
| 8 | Helpline number of e- Procurement cell | 0651 - 2401010 |

Further details can be seen on website
http://jharkhandtenders.gov.in

**EXECUTIVE ENGINEER**
**ROAD CONSTRUCTION DEPARTMENT**
**ROAD DIVISION, SAHIBGANJ**

**PR 372374 Road(25-26).D**

# ଜାତୀୟ ପ୍ରତୀକର ଅପବ୍ୟବହାର ରୋକିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

■୬ ସପ୍ତାହରେ ତ୍ରୁଟି ସୁଧାରିବାକୁ ନିର୍ଦ୍ଦେଶ

■୫ ବିଭାଗ ଅଧିକାରୀଙ୍କୁ ନେଇ ଗଠନ ହେବ ଟାସ୍କ ଫୋର୍ସ

କଟକ,୫।୨(କାର୍ତ୍ତିକ ସାହୁ)

ଜାତୀୟ ପତାକା, ଅଶୋକ ଚକ୍ର ଭଳି ଜାତୀୟ ପ୍ରତୀକ ଅପବ୍ୟବହାର ରୋକିବାକୁ ହାଇକୋର୍ଟ ଗୁରୁବାର ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ହରୀଶ ଟଣ୍ଡନ ଓ ବିଚାରପତି ମାନସ ରଞ୍ଜନ ପାଠକଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂକ୍ରାନ୍ତୀୟ ଜନସ୍ୱାର୍ଥ ମାମଲାର ରାୟ ପ୍ରକାଶ କରି ୬ ସପ୍ତାହ ମଧ୍ୟରେ ତ୍ରୁଟି ସୁଧାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ୫ଟି ବିଭାଗର ଅଧିକାରୀଙ୍କୁ ନେଇ ଟାସ୍କ ଫୋର୍ସ ଗଠନ କରିବାକୁ ମଧ୍ୟ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅପବ୍ୟବହାର ସମ୍ପର୍କରେ ଅଭିଯୋଗ ପାଇଁ ସ୍ୱତନ୍ତ୍ର ପୋର୍ଟାଲ ଖୋଲାଯିବ। ଅଭିଯୋଗର ୬ ସପ୍ତାହ ମଧ୍ୟରେ ତ୍ରୁଟି ସୁଧାରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ। ତ୍ରୁଟି ସଂଶୋଧନ ନ କଲେ କାର୍ଯ୍ୟାନୁଷ୍ଠାନ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ହାଇକୋର୍ଟଙ୍କ ରାୟ ତଥ୍ୟ ଅନୁସାରେ, ଉପଯୁକ୍ତ ସଚେତନତା ଅଭାବରୁ ଜାତୀୟ ପ୍ରତୀକ ଅପବ୍ୟବହାର ହେଉଛି। ଓଡ଼ିଶା ସମେତ ସମଗ୍ର ଦେଶରେ ଜାତୀୟ ପ୍ରତୀକ ଅପବ୍ୟବହାର ରୋକିବା ଦିଗରେ ସଚେତନତା ସୃଷ୍ଟି କରାଯିବା ଆବଶ୍ୟକ। ରାଜ୍ୟ ସ୍ତରରେ ଏଥିପାଇଁ ୫ଟି ବିଭାଗର ଅଧିକାରୀମାନଙ୍କୁ ନେଇ ଏକ ଟାସ୍କ ଫୋର୍ସ କମିଟି ଗଠନ ହେବ। ଗୃହ ବିଭାଗର ଜଣେ ଉଚ୍ଚପଦସ୍ଥ ଅଧିକାରୀ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବେ। ଏଥିସହ କମିଟି ସଦସ୍ୟ ଭାବେ ପୋଲିସ, ପରିବହନ, ଶିକ୍ଷା, ସୂଚନା ଓ ଲୋକସମ୍ପର୍କ ଏବଂ ନଗର ଉନ୍ନୟନ ଓ ପଞ୍ଚାୟତିରାଜ ବିଭାଗରୁ ଜଣେ ଲେଖାଏ ଅଧିକାରୀ ରହିବେ। ସେମାନେ ଜାତୀୟ ପ୍ରତୀକର ଅପବ୍ୟବହାର ରୋକିବା ଦିଗରେ ପ୍ରତି ମାସ ରିପୋର୍ଟ ପ୍ରଦାନ କରିବେ। ରାଜ୍ୟ ସରକାର କମିଟିର କାର୍ଯ୍ୟକାରିତା ପାଇଁ ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜ୍ୟୁଅର (ଏସ୍‌ଓପି) ପ୍ରସ୍ତୁତ କରିବେ। ଏସ୍‌ଓପି ଅନୁଯାୟୀ ରିପୋର୍ଟଗୁଡ଼ିକ ସଂଗ୍ରହ କରାଯିବ। ଏକ ସିଙ୍ଗଲ ୱିଣ୍ଡୋ ଅନ୍‌ଲାଇନ ରିପୋର୍ଟିଂ ପୋର୍ଟାଲ ରାଜ୍ୟ ସରକାର ପ୍ରସ୍ତୁତ କରିବେ। ଉକ୍ତ ପୋର୍ଟାଲରେ ଜନସାଧାରଣ ଜାତୀୟ ପ୍ରତୀକ ଅପବ୍ୟବହାର ସଂକ୍ରାନ୍ତୀୟ ଫଟୋ, ଭିଡିଓ ଏବଂ ଜିଓ-ଟ୍ୟାଗିଂ ଅଭିଯୋଗ ଅପଲୋଡ୍ କରିବେ। ଏହି ପୋର୍ଟାଲ ସହ ରାଜ୍ୟ ଟାସ୍କ ଫୋର୍ସ ସମେତ ଜିଲାସ୍ତରରେ ଜିଲାପାଳ, ଏସ୍‌ପି ଏବଂ ଆଞ୍ଚଳିକ ପରିବହନ ଅଧିକାରୀ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବେ। ହାଇକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ଦିଗରେ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ମଧ୍ୟରେ ପ୍ରସାରଣ କରାଇବାକୁ ହାଇକୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି।



# ସାଇ ଆଙ୍ଗନ କନ୍‌ଫ୍ଲୁଏନ୍ସ ଉଦ୍‌ଘାଟିତ




ସାଇ ଆଙ୍ଗନର ବାର୍ଷିକ ଉତ୍ସବ 'ସାଇ ଆଙ୍ଗନ କନ୍‌ଫ୍ଲୁଏନ୍ସ ୨୦୨୫-୨୬'ର ଉଦ୍‌ଘାଟନ ଅବସରରେ ପ୍ଲେ ଗ୍ରୁପର ପିଲାମାନେ 'ଉଡ଼ାନ @୧୦୦: ଇଣ୍ଡିଆ ରାଇଜିଂ' ଥିମ୍‌ରେ ନୃତ୍ୟ ପରିବେଷଣ କରୁଛନ୍ତି।

ଭୁବନେଶ୍ୱର,୫।୨(ଅନୁରାଧା ମହାରଣା)

ସାଇ ଆଙ୍ଗନର ବାର୍ଷିକ ଉତ୍ସବ 'ସାଇ ଆଙ୍ଗନ କନ୍‌ଫ୍ଲୁଏନ୍ସ ୨୦୨୫-୨୬' ମଙ୍ଗଳବାର ସ୍କୁଲ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଉତ୍ସବର ପ୍ରଥମ ଦିନରେ ପ୍ଲେ ଗ୍ରୁପ୍‌ଠାରୁ କେଜି-୧ ପର୍ଯ୍ୟନ୍ତ ଛାତ୍ରଛାତ୍ରମାନେ 'ଉଡ଼ାନ @୧୦୦: ଇଣ୍ଡିଆ ରାଇଜିଂ' ଥିମ୍‌ରେ ଅତ୍ୟନ୍ତ ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଉପସ୍ଥିତ ଅତିଥି, ଛାତ୍ରୀଛାତ୍ରଙ୍କ ସମେତ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ସାଇ ଇଣ୍ଟରନ୍ୟାଶନାଲ ଏଜୁକେଶନ ଗ୍ରୁପ୍‌ର ଅଧ୍ୟକ୍ଷା ଡ. ଶିଳ୍ପୀ ସାହୁ କାର୍ଯ୍ୟକ୍ରମକୁ ଉଦଘାଟନ କରି କହିଲେ, ସାଇ ଆଙ୍ଗନ କନ୍‌ଫ୍ଲୁଏନ୍ସ ଶିଶୁମାନଙ୍କ ମନକୁ ଲାଳନା କରିବା ଓ ସେମାନଙ୍କ ବିକାଶକୁ ଉତ୍ସବରେ ପରିଣତ କରିବାର ଏକ ସୁନ୍ଦର ଅବସର। ଦର୍ପଣ କେବଳ ମୁହଁ ଦେଖାଇ ନ ଥାଏ, ସେଥିରେ ଦେଖାଯାଏ ଆମର ମୂଲ୍ୟବୋଧ, ଆଚରଣ ଓ ଚରିତ୍ର। ନିଜ ପ୍ରତି, ଅନ୍ୟମାନଙ୍କ ପ୍ରତି ଓ ସମଗ୍ର ବିଶ୍ୱ ପ୍ରତି ସମ୍ମାନ ହିଁ ସେହି ଦର୍ପଣରେ ପ୍ରତିଫଳିତ ହୁଏ। ସ୍ୱାଧୀନତାର ଶତବାର୍ଷିକୀ ଆଡ଼କୁ ଗତି କରୁଥିବା ଭାରତର ଏହି ଉଡ଼ାଣ ଆମ ପିଲାମାନଙ୍କର ସ୍ୱପ୍ନ ଓ ଆମର ଦାୟିତ୍ୱକୁ ପ୍ରତିପାଦିତ କରୁଛି। ବିଭିନ୍ନ ପରଫର୍ମାନ୍ସ, କାର୍ଯ୍ୟକ୍ରମ ଓ ସୃଜନଶୀଳ ପ୍ରଦର୍ଶନ ମାଧ୍ୟମରେ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷକଙ୍କ ମଧ୍ୟରେ ସୃଜନଶୀଳତା, ଅନୁଶାସନ ଓ ସମୁଦାୟିକ ସମ୍ପର୍କକୁ ଆହୁରି ମଜବୁତ କରାଯିବ ବୋଲି ସେ କହିଛନ୍ତି।

## ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟକାଳ ୬ ମାସ ବୃଦ୍ଧି

ଭୁବନେଶ୍ୱର,୫।୨(ସୁଚିସ୍ମିତା ସାହୁ): ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ କାର୍ଯ୍ୟକାଳ ପୁଣି ୬ ମାସ ବୃଦ୍ଧି କରିଛନ୍ତି ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ କୁଳାଧିପତି ଡ. ହରିବାବୁ କମ୍ଭମପାଟି। ଜାନୁଆରୀ ୨୧ ତାରିଖରୁ ଆଗାମୀ ଛଅ ମାସ ଯାଏ ସେ ନିଜର ଦାୟିତ୍ୱ ନିର୍ବାହ କରିବେ ବୋଲି ଲୋକଭବନରୁ ପ୍ରକାଶିତ ବିଜ୍ଞପ୍ତିରୁ ଜଣାପଡ଼ିଛି। ପ୍ରଫେସର ତ୍ରିପାଠୀ ୨୦୨୧ରେ ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଜୁଲାଇ ୨୦୨୫ରେ ତାଙ୍କ କାର୍ଯ୍ୟକାଳ ୬ମାସ ବୃଦ୍ଧି କରାଯାଇଥିଲା।

## ବାଲୁଖଣ୍ଡ ଅଭୟାରଣ୍ୟରେ ବେଆଇନ ନିର୍ମାଣ: ୧୩ ପକ୍ଷଙ୍କୁ ଏନ୍‌ଜିଟି ନୋଟିସ

ପୁରୀ,୫।୨(ଅଜିତ୍ କୁମାର ମହାନ୍ତି): ପୁରୀ ବାଲୁଖଣ୍ଡ ଅଭୟାରଣ୍ୟ ଏବଂ ଏହାର ଇକୋ ସେନ୍‌ସିଟିଭ୍ ଅଞ୍ଚଳରେ ବେଆଇନ କୋଠା, ଫାର୍ମ ହାଉସ୍, ରାସ୍ତା, ହୋଟେଲ, ରେସ୍ତୋରାଁ ପ୍ରଭୃତି ନିର୍ମାଣ ହୋଇଛି। ପୁରୀ ସଦର ଓ ଗୋପ ତହସିଲ ଅଞ୍ଚଳରେ ଏହି ବେଆଇନ କଂକ୍ରିଟ ନିର୍ମାଣ ଓ ଜଙ୍ଗଲ ନଷ୍ଟ ଅଭିଯୋଗ ନେଇ ଆମ୍ ଆଦ୍‌ମୀ ପାର୍ଟିର ପୁରୀ ଜିଲା ସଭାପତି ସଞ୍ଜୀବ କୁମାର ମହାନ୍ତି ଏବଂ ସାମାଜିକ କର୍ମୀ ସନ୍ତୋଷ କୁମାର ମହାନ୍ତି ଜାତୀୟ ଗ୍ରୀନ୍‌ଟ୍ରିବ୍ୟୁନାଲ (ଏନ୍‌ଜିଟି)ଙ୍କ ଦ୍ୱାରସ୍ଥ ହୋଇଥିଲେ। ଏ ସବୁକୁ ବେଆଇନ ଭାବେ ତିଆରିକରିଥିବା ବ୍ୟକ୍ତିବିଶେଷ ଏବଂ ଏକାଧିକ ଅନୁଷ୍ଠାନ ବିରୋଧରେ ଦୁହେଁ ଅଭିଯୋଗ ଫାଇଲ କରିଥିଲେ। ଅଭିଯୋଗକାରୀଙ୍କ ପକ୍ଷରୁ ଓଡ଼ିଶା ହାଇକୋର୍ଟର ଆଇନଜୀବୀ ଅଖଣ୍ଡ ଏହି ମାମଲା ପରିଚାଳନା କରୁଥିଲେ। ଗତମାସ ୨୯ ତାରିଖରେ ମାମଲାର ଶୁଣାଣିରେ ଏନ୍‌ଜିଟିଙ୍କ ଖଣ୍ଡପୀଠ ବିଚାରକରି ୩୦ ଦିନ ଭିତରେ ଉତ୍ତର ରଖିବା ପାଇଁ ବେଆଇନ ନିର୍ମାଣକାରୀଙ୍କ ସମେତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ପୁରୀ ଜିଲାପାଳ, ଡିଏଫ୍‌ଓ, ପୁରୀ ସଦର ତହସିଲଦାର ଏବଂ ଗୋପ ତହସିଲଦାରଙ୍କ ସମେତ ୧୩ ଜଣ ପ୍ରତିପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ମନ୍ଦିର ନିକଟ ପଡ଼ିଆରୁ ଖପୁରି ଜବତ

ବେଗୁନିଆ/କଳାପଥର,୫।୨
(ହର ପ୍ରସନ୍ନ ପଣ୍ଡା/
ସନ୍ଧ୍ୟାରାଣୀ ସାହୁ/ଗଙ୍ଗାଧର ସାହୁ)

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଧଳାପଥର ଫାଣ୍ଡି ଅନ୍ତର୍ଗତ କପିଳେଶ୍ୱର ମନ୍ଦିର ନିକଟ ଏକ ପଡ଼ିଆରୁ ଗୁରୁବାର ପୋଲିସ ଏକ ଶରୀରବିହୀନ ମଣିଷ ଖପୁରି ଜବତ କରିଛି। ଘଟଣାସ୍ଥଳରେ ପୋଲିସ ଯାଞ୍ଚ କରିବା ପରେ ଏଫ୍‌ଏମ୍‌ଟି ପରୀକ୍ଷଣ ପାଇଁ ଖପୁରିକୁ ଭୁବନେଶ୍ୱର ଏମ୍ସ ମେଡିକାଲକୁ ପଠାଇ ଦିଆଯାଇଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୪/୨୬) ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ସୂଚନା ମୁତାବକ, ଗୁରୁବାର ସକାଳେ ଧଳାପଥର ଫାଣ୍ଡି ଅଞ୍ଚଳରେ ଏକ ମଣିଷ ଖପୁରି ପଡ଼ିରହିଥିବା ଖବର ପ୍ରଚାରିତ ହୋଇଥିଲା। ହେଲେ କୁକୁର ଝୁଣି ଖାଉଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ଧଳାପଥର ସରପଞ୍ଚ ନାରାୟଣ ସାହୁଙ୍କ ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଗୋପୀନାଥପୁର ମୌଜା ଅନ୍ତର୍ଗତ କପିଳେଶ୍ୱର ଦେବଙ୍କ ମନ୍ଦିର ନିକଟସ୍ଥ ଏକ ପଡ଼ିଆରୁ ଗଳିତ ଅବସ୍ଥାରେ ଶରୀରବିହୀନ ମଣିଷ ଖପୁରିକୁ ଜବତ କରାଯାଇଥିଲା। ପୋଲିସ ଖପୁରିର ପାରିପାର୍ଶ୍ୱିକ ଅବସ୍ଥା ଏବଂ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରିଥିଲା। ବୋଲଗଡ଼ ଅତିରିକ୍ତ ତହସିଲଦାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଖୋର୍ଦ୍ଧା ସାଇଣ୍ଟିଫିକ ଦଳ ଏବଂ ବେଗୁନିଆ ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ ଏବଂ ଧଳାପଥର ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିଲେ। ତେବେ ଖପୁରି ଆସିଲା କେଉଁଠୁ, ଏହା ମହିଳା ନା ପୁରୁଷଙ୍କର ବୋଲି ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ତେବେ ଏଫ୍‌ଏମ୍‌ଟି ପରୀକ୍ଷଣ ରିପୋର୍ଟ ମିଳିବା ପରେ ଘଟଣାର ସତ୍ୟତା ଜଣାପଡ଼ିବ ବୋଲି ଥାନା ଅଧିକାରୀ ସ୍ୱାଇଁ କହିଛନ୍ତି।

# ଛୋଟ ପିଲାଙ୍କ ପାଇଁ କାଳ ବିଦେଶୀ ଗେମ୍

**ଗାଜିଆବାଦ ଘଟଣା ପରେ ଅଭିଭାବକଙ୍କୁ ସତର୍କ କଲା ଓଡ଼ିଶା ପୋଲିସ**

■ପିଲାଙ୍କୁ ମୋବାଇଲ୍ ବ୍ୟବହାର କରିବାକୁ ଦେବା ବିପଦ

■ସ୍କୁଲ, କଲେଜରେ ସ୍ୱତନ୍ତ୍ର କାଉନ୍‌ସେଲିଂ କରାଯିବ

ଭୁବନେଶ୍ୱର,୫।୨(ତ୍ରିନାଥ ମହାନ୍ତି)



ମୋବାଇଲ ଗେମ୍ ପାଇଁ ଉତ୍ତରପ୍ରଦେଶ ଗାଜିଆବାଦରେ ୩ ନାବାଳିକା ଭଉଣୀ ୯ମହଲା କୋଠାରୁ ଡେଇଁ ଆତ୍ମହତ୍ୟା କରିବା ଘଟଣା ପରେ ଓଡ଼ିଶା ପୋଲିସ ଅଭିଭାବକମାନଙ୍କୁ ସତର୍କ କରିଛି। ଛୋଟପିଲାଙ୍କୁ ମୋବାଇଲ୍ ଦେବାକୁ ବାରଣ କରାଯାଇଛି। ସେମାନେ ମୋବାଇଲ୍‌ରେ ବିଦେଶୀ ଗେମ୍ ଖେଳୁଥିବାରୁ ସେମାନଙ୍କ ପାଇଁ ତାହା କାଳ ସାଜୁଛି। ତେଣୁ ଗେମ୍ ଦ୍ୱାରା ପରିଚାଳିତ ହୋଇ ସେମାନେ ଆତ୍ମହତ୍ୟା କରୁଛନ୍ତି। ସେଥିପାଇଁ ଛୋଟ ପିଲାଙ୍କୁ ମୋବାଇଲ୍‌ଠାରୁ ଦୂରେଇ ରଖିବାକୁ ପୋଲିସ ଲୋକଙ୍କୁ ବାରଣ କରିଛି। ଅନ୍ୟପଟରେ ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ପରିବାର ଲୋକ ଏଥିପ୍ରତି ସଚେତନ ରହିବା ଦରକାର। ପରିବାର ଲୋକ ଶିଶୁଙ୍କୁ ସମୟ ଦେବା ସହ ମୋବାଇଲ୍ ଠାରୁ ଦୂରେଇ ରଖିବା ଦରକାର। ଏଥିସହ ସ୍କୁଲ ଓ କଲେଜରେ ସ୍ୱତନ୍ତ୍ର କାଉନ୍‌ସେଲିଂର ବ୍ୟବସ୍ଥା ରାଜ୍ୟ ସରାକର କରିବେ ବୋଲି ମନ୍ତ୍ରୀ ମହାଲିଙ୍ଗ କହିଛନ୍ତି।

ଧୀରେ ଧୀରେ ମୋବାଇଲ ପିଲାଙ୍କ ନିଶା ପାଲଟିଗଲାଣି । ଏମିତିରେ ଯେତେବେଳେ ପିଲାଙ୍କ ଠାରୁ ମୋବାଇଲ ଛଡ଼ାଇ ନିଆଯାଉଛି, ସେତେବେଳେ ସେମାନେ ରାଗି ଯାଉଛନ୍ତି । ସେମାନଙ୍କଠାରେ ଅସ୍ୱାଭାବିକ ଆଚରଣ ଦେଖିବାକୁ ମିଳୁଛି। ଅନେକ କ୍ଷେତ୍ରରେ ପିଲାଙ୍କୁ ମୋବାଇଲ୍‌ଠାରୁ ବାରଣ କଲେ ସେମାନେ ଆତ୍ମହତ୍ୟା କରୁଛନ୍ତି। ବିଶେଷ କରି ରାଜଧାନୀରେ ଗୋଟିଏ ବର୍ଷରେ ୧୬ ଜଣ ପିଲା ମୋବାଇଲ୍ ବ୍ୟବହାର ବାରଣ ଯୋଗୁ ଆତ୍ମହତ୍ୟା କରିଛନ୍ତି। ମୋବାଇଲ ଗେମ୍ ପାଇଁ ଉତ୍ତରପ୍ରଦେଶ ଗାଜିଆବାଦରେ ତିନି ନାବାଳିକା ଭଉଣୀ ୯ ମହଲା କୋଠାରୁ ଡେଇଁ ଆତ୍ମହତ୍ୟା କରିବା ଘଟଣା ଏବେ ଅଭିଭାବକଙ୍କ ସହ ସରକାରଙ୍କୁ ମଧ୍ୟ ଚିନ୍ତାରେ ପକାଇଛି। ସାଇବର ବିଶେଷଜ୍ଞ ଅଭିନାଶ ଗୁରୁଙ୍କ କହିବା ଅନୁସାରେ, ପିଲାଙ୍କ ଉପରେ ପରିବାର ଲୋକ ନଜର ରଖିବାର ଆବଶ୍ୟକତା ରହିଛି। ଛୁଆମାନେ ଯେତେ କମ୍ ମୋବାଇଲ ବ୍ୟବହାର କରିବେ ସେତେ ଭଲ। ଛୋଟ ପିଲା ବ୍ୟବହାର କରୁଥିବା ମୋବାଇଲରେ ଫ୍ୟାମିଲି ଲିଙ୍କ୍ ଆପ୍ ଡାଉନଲୋଡ କରିବା ଦରକାର। ଫଳରେ ଯଦି ପିଲାମାନେ କିଛିକିଛି ଆପ୍ ଡାଉନଲୋଡ କରିବେ ତାହାର ନୋଟିଫିକେଶନ ପରିବାର ଲୋକଙ୍କ ପାଖକୁ ଯିବ। ତେଣୁ ଯଥା ସମ୍ଭବ ପିଲାମାନଙ୍କୁ ମୋବାଇଲ ଠାରୁ ଦୂରରେ ରଖନ୍ତୁ। ମା'ବାପାମାନେ ପିଲାମାନଙ୍କୁ ସମୟ ଦିଅନ୍ତୁ। ଖେଳ, ପେଣ୍ଟିଂ ଆଦି କାର୍ଯ୍ୟରେ ପିଲାଙ୍କୁ ନିୟୋଜିତ କରନ୍ତୁ ବୋଲି ଅଭିନାଶ କହିଛନ୍ତି।

### ପିଲାଙ୍କ ସହ ମା'ବାପା ଯୋଡ଼ିହୋଇ ରୁହନ୍ତୁ

ଏବେ ଘରେ ଘରେ ପିଲାଙ୍କ ହାତରେ ମୋବାଇଲ ରହିଥିବା ଦେଖିବାକୁ ମିଳୁଛି। ମୋବାଇଲ ନ ଧରିଲେ ଛୋଟ ପିଲା ଖାଉନାହାନ୍ତି। ପିଲାଙ୍କ ହାତରେ ମୋବାଇଲ ଧରାଇ ଦେଇ ଘରକାମରେ ମା'ବାପା ବ୍ୟସ୍ତ ରହୁଛନ୍ତି। ମା'ବାପା ପିଲାଙ୍କୁ ସମୟ ଦେଉନାହାନ୍ତି। ଫଳରେ ସେମାନେ ମୋବାଇଲ୍‌କୁ ସାଙ୍ଗ କରୁଛନ୍ତି। ପିଲାମାନେ ସେଥିରେ ଗେମ୍ ଖେଳିବାଠାରୁ ଆରମ୍ଭ କରି ଆର୍ଥିକ ଗେମ୍ ମଧ୍ୟ ଖେଳୁଛନ୍ତି। ଟଙ୍କା ହାରିଯିବା ପରେ ମଧ୍ୟ ଅନେକ ପିଲା ଆତ୍ମହତ୍ୟା କରୁଛନ୍ତି। ସେହିପରି ବିଦେଶୀ ଗେମ୍‌ରେ ମଧ୍ୟ ପିଲାଙ୍କ ଆତ୍ମହତ୍ୟା କରିବା ପାଇଁ ଚ୍ୟାଲେଞ୍ଜ ଦେଉଛନ୍ତି। ପିଲା ଗେମ୍‌ରେ ଅଭ୍ୟସ୍ତ ହୋଇଥିବାରୁ ଚ୍ୟାଲେଞ୍ଜକୁ ଆସେପ୍ଟ କରି ଆତ୍ମହତ୍ୟା କରୁଛନ୍ତି। ବର୍ତ୍ତମାନ ପିଲାଙ୍କଠାରୁ ମୋବାଇଲ୍ ସମ୍ପୂର୍ଣ୍ଣଭାବେ ଦୂରେଇ ହେବ ନାହିଁ। କାରଣ ସେମାନେ ପାଠପଢା ଠାରୁ ଆନକ ଟ୍ୟାକ୍ସ ମୋବାଇଲ୍ ମାଧ୍ୟମରେ କରୁଛନ୍ତି। ତେଣୁ ମା'ବାପା ସେମାନଙ୍କ ସହ ଯୋଡ଼ିହୋଇ ରହିଲେ ସେମାନେ ଭୁଲ୍ ରାସ୍ତାକୁ ଯାଇ ପାରିବେ ନାହିଁ।

-ଡା. ଉମାପ୍ରସାଦ ବିଶ୍ୱାଳ, ମନସ୍ତତ୍ତ୍ୱବିତ୍

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବାବୁ



@ ଗୋବର୍ଦ୍ଧନ



@ ଗୌରୀ



@ କାର୍ତ୍ତିକ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଓଡ଼ିଆ ପକ୍ଷ ପାଳନ ପାଇଁ ହେବ ଭବ୍ୟ ଆୟୋଜନ: ମନ୍ତ୍ରୀ

ଭୁବନେଶ୍ୱର,୫।୨(ସୌମ୍ୟରଞ୍ଜନ ରାଉତ)

**ସାମିଲ ହେବେ ପ୍ରବାସୀ ଓଡ଼ିଆ**

■ଏପ୍ରିଲ ୧ରୁ ୧୪ ପର୍ଯ୍ୟନ୍ତ ଚାଲିବ ବିଭିନ୍ନ କାର୍ଯ୍ୟକ୍ରମ

■ଛାତ୍ରୀଛାତ୍ର, ଜନସାଧାରଣଙ୍କ ଅଂଶଗ୍ରହଣକୁ ଗୁରୁତ୍ୱ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଏପ୍ରିଲ ୧ ଓଡ଼ିଶା ଦିବସଠାରୁ ୧୪ ତାରିଖ ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ସାରା ରାଜ୍ୟରେ ପାଳନ ହେବ ଓଡ଼ିଆ ପକ୍ଷ। ଗତବର୍ଷ ପ୍ରଥମଥର ଓଡ଼ିଆ ପକ୍ଷ ପାଳନ କରାଯାଇଥିବାବେଳେ ଚଳିତବର୍ଷ ଏହାକୁ ଆହୁରି ଭବ୍ୟ ରୂପେ ପାଳନ କରାଯିବ ବୋଲି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି। ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗୁରୁବାର କଳିଙ୍ଗ ଷ୍ଟାଡିୟମସ୍ଥିତ କନ୍‌ଫରେନ୍ସ ହଲ୍‌ରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ପକ୍ଷ ପାଳନ ସମୟରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରରେ ଆୟୋଜନ କରାଇବା ଏବଂ ଏଥିରେ ଜନସାଧାରଣଙ୍କ ଅଂଶୀଦାରିତାକୁ ସୁନିଶ୍ଚିତ କରାଇବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଶା ଦିବସ, ଖଡ଼ିଛୁଆଁ ଦିବସ, ପାରମ୍ପରିକ ପୋଷାକ ଦିବସ, ବର୍ଣ୍ଣ ଦିବସ, ଲୋକକଳା ଦିବସ, ପାରମ୍ପରିକ ଖାଦ୍ୟ ଦିବସ, ସ୍ୱଚ୍ଛତା ଦିବସ, ରକ୍ତଦାନ ଅଭିଯାନ, ଓଡ଼ିଆରେ ନାମ ଫଳକ ଅଭିଯାନ, ଐତିହ୍ୟ ଗଣଦୌଡ଼, ଯୁବ ଲେଖକ ସମ୍ମିଳନୀ, ବରପୁତ୍ରଙ୍କ ଉପରେ ଆଲୋଚନାଚକ୍ର ଆଦି କାର୍ଯ୍ୟକ୍ରମ ଆୟୋଜନ ହେବ। ଓଡ଼ିଆ ପକ୍ଷ ପାଇଁ ସ୍ୱତନ୍ତ୍ର ଲୋଗୋ ପ୍ରସ୍ତୁତି ସହ ଏକ ସତନ୍ତ୍ର ୱେବ୍‌ସାଇଟ୍ ଖୋଲିବ। ଓଡ଼ିଆ ପକ୍ଷ କୁଇଜ ପ୍ରତିଯୋଗିତା କରାଯାଇ ସମସ୍ତ ପ୍ରତିଯୋଗୀଙ୍କୁ ଡିଜିଟାଲ ପ୍ରମାଣପତ୍ର ପ୍ରଦାନ କରାଯିବ। ଚଳିତ ବର୍ଷ ପ୍ରବାସୀ ଓଡ଼ିଆମାନଙ୍କୁ ମଧ୍ୟ ଓଡ଼ିଆ ପକ୍ଷ ପାଳନରେ ସାମିଲ କରିବା ପାଇଁ ଯୋଜନା ରହିଛି। ଛାତ୍ରୀଛାତ୍ରଙ୍କ ଅଂଶଗ୍ରହଣକୁ ସୁନିଶ୍ଚିତ କରାଯିବ। ଓଡ଼ିଶାର ଉପାନ୍ତ ଅଞ୍ଚଳରେ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ସହଯୋଗରେ ବ୍ଲକଠାରୁ ଆରମ୍ଭ କରି ରାଜ୍ୟସ୍ତର ପର୍ଯ୍ୟନ୍ତ ଯେପରି ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନ କରାଯିବ ତାହା ଉପରେ ପ୍ରାଧାନ୍ୟ ଦିଆଯାଉଛି ବୋଲି ସଂସ୍କୃତି ମନ୍ତ୍ରୀ ସୂରଜ କହିଛନ୍ତି। ବୈଠକରେ ସଂସ୍କୃତି ବିଭାଗ ସଚିବ ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ର ଶେଖର ହୋତାଙ୍କ ସମେତ ସଂସ୍କୃତି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



ଓଡିଆ ପକ୍ଷ ପାଳନ ପାଇଁ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ।

# ପ୍ରାକ୍ ବଜେଟ ପରାମର୍ଶ ଗ୍ରହଣକଲେ ମୁଖ୍ୟମନ୍ତ୍ରୀ

## 'ଜନମତ ନେଇ ଅଣାଯିବ ଲୋକଙ୍କ ବଜେଟ'

ଭୁବନେଶ୍ୱର, ୫।୨(ସୁନିତ୍ ମିଶ୍ର)

ରାଜ୍ୟରେ ଲୋକଙ୍କ ସରକାର କାମ କରୁଛି। ଲୋକଙ୍କ କଥା ହେଉଛି ଏ ସରକାର ପାଇଁ ଭଗବାନ୍‌ଙ୍କ ସ୍ୱର ସହ ସମାନ। ସରକାରଙ୍କ ବଜେଟ ପ୍ରସ୍ତୁତ ପ୍ରକ୍ରିୟା ବର୍ତ୍ତନ ଲୋକସେବା ଭବନରୁ ବାହାରି ଲୋକଙ୍କ ପାଖକୁ ଯାଇଛି। ଜନସାଧାରଣଙ୍କଠାରୁ ସେମାନଙ୍କ ବହୁମୂଲ୍ୟ ମତାମତ ସଂଗ୍ରହ କରି ଅଧ୍ୟୟନ ଓ ତର୍ଜମା କରାଯିବା ପରେ ତାହା ବଜେଟରେ ସ୍ଥାନିତ ହେବ। ଏହିସବୁ ଦୃଷ୍ଟିରୁ ସରକାର ଲୋକଙ୍କ ବଜେଟ ଆଣିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଲୋକସେବା ଭବନ କନ୍‌ଭେନସନ ସେଣ୍ଟରଠାରେ ଗୁରୁବାର ମୁଖ୍ୟମନ୍ତ୍ରୀ ପ୍ରାକ୍ ବଜେଟ ପରାମର୍ଶ ସଭା ବୈଠକରେ ମୁଖ୍ୟମନ୍ତ୍ରୀ ବିଶେଷଜ୍ଞ, ନାଗରିକ ସମାଜ ଏବଂ ବିଭିନ୍ନ କ୍ଷେତ୍ରର ପ୍ରତିନିଧିମାନଙ୍କ ସହିତ ପ୍ରାକ୍ ବଜେଟ ପରାମର୍ଶ ଆଲୋଚନା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଜନମତରୁ ସଂଗ୍ରହ ପରାମର୍ଶ ଅନୁଯାୟୀ କରାଯାଇଛି। ଆଗକୁ କାର୍ଯ୍ୟକାରୀ ହେବାକୁ ଥିବା ଜଗନ୍ନାଥ ଦର୍ଶନ କାର୍ଯ୍ୟକ୍ରମ, କଟକ-ଭୁବନେଶ୍ୱର-ପାରାଦୀପ-ପୁରୀ ଅର୍ଥନୈତିକ କରିଡର ପରିକଳ୍ପନା ଜନମତରୁ ଆସିଛି। ଜନମତ ଆଦାରରେ ନୀତି, ଯୋଜନା କାର୍ଯ୍ୟକ୍ରମରେ ମଧ୍ୟ ଆବଶ୍ୟକ ପରିବର୍ତ୍ତନ କରାଯାଉଛି। ତେଣୁ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ, ଯୋଜନା, ଘୋଷଣାକୁ ନେଇ ସମସ୍ତଙ୍କ ଠାରୁ ସୁଚିନ୍ତିତ ମତାମତ ଓ ପରାମର୍ଶ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଛନ୍ତି। ସେ ଆହୁରି କହିଛନ୍ତି, ୨୦୨୬-୨୭ କେନ୍ଦ୍ର ବଜେଟରେ ଓଡ଼ିଶା ପାଇଁ ଅନେକ ପଦକ୍ଷେପ ଘୋଷଣା କରାଯାଇଛି। ୨୦୨୬-୨୭ ବଜେଟ ପ୍ରସ୍ତୁତି ପାଇଁ ୱେବ୍ ପୋର୍ଟାଲ, ଇ-ମେଲ୍, ଏସ୍‌ଏମ୍‌ଏସ୍, ହ୍ୱାଟ୍ସଆପ୍ ଜରିଆରେ ବହୁ ସଂଖ୍ୟାରେ ସୁଚିନ୍ତିତ ମତାମତ ଆସିବାରେ ଲାଗିଛି। ଲୋକଙ୍କ ସରକାରରେ ଜନସାଧାରଣଙ୍କ ମତାମତକୁ ଗୁରୁତ୍ୱ ଦିଆଯିବ। ବୈଠକରେ ମିଳିଥିବା ସୁଚିନ୍ତିତ ପରାମର୍ଶକୁ ବିଭାଗ ରେକର୍ଡକରି ବିଚାରକରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ, ନିରଞ୍ଜନ ପୂଜାରୀ, ପୂର୍ବତନ ଅର୍ଥ ସଚିବ ଅର୍ଦ୍ଧେନ୍ଦୁ ଷଡ଼ଙ୍ଗୀ, ଏ.କେ. ତ୍ରିପାଠୀ, ଆର୍.ଏନ୍. ସେନାପତି, ଓଡ଼ିଶା ବ୍ୟବସାୟୀ ମହାସଂଘ, ଓଡ଼ିଶା ଯୁବ ଉଦ୍ୟୋଗୀ ସଂଘ, ଏନ୍‌ଜିଓ ସଦସ୍ୟ, ଫିନ୍‌ଟେକ୍‌ର ସିଇଓ, ବିଭିନ୍ନ କ୍ଷେତ୍ରର ସାମାଜିକ କର୍ମୀ, କ୍ରେଡାଇର ଉପସଭାପତି, ବରିଷ୍ଠ ରାଜନେତା ସାରଦା ଶତପଥୀ, ସଜ୍ଜନ ଶର୍ମା, ମନୋଜ ମହାପାତ୍ରଙ୍କ ସମେତ ବିଭିନ୍ନ କ୍ଷେତ୍ରର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ବିଶିଷ୍ଟ ବ୍ୟକ୍ତି ଏହି ବୈଠକରେ ଅଂଶଗ୍ରହଣ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ. ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ସଚିବ ସଞ୍ଜୀବ କୁମାର ମିଶ୍ର ଏବଂ ଅର୍ଥ ବିଭାଗର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ରାଷ୍ଟ୍ରମୁଖ୍ୟଙ୍କୁ ନିଚା ଦେଖାଇବା କଂଗ୍ରେସର ଚିରାଚରିତ ଅଭ୍ୟାସ: ଭାଜପା

ଭୁବନେଶ୍ୱର, ୫।୨(ସୁନିତ୍ ମିଶ୍ର)

ଯେଉଁଦିନଠାରୁ ଓଡ଼ିଆ ଝିଅ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ଦାୟିତ୍ୱ ଗ୍ରହଣ କରିଛନ୍ତି ସେଦିନଠାରୁ କଂଗ୍ରେସ ଦଳର ରାଷ୍ଟ୍ରୀୟ ଓ ରାଜ୍ୟସ୍ତରୀୟ ନେତାମାନେ ଅରୁଚିକର ମନ୍ତବ୍ୟ ଦେଇ ଆସୁଛନ୍ତି। ରାଷ୍ଟ୍ରମୁଖ୍ୟଙ୍କୁ ନିଚା ଦେଖାଇବାର ଅପଚେଷ୍ଟା କରିଆସୁଛନ୍ତି। ଏଭଳି ମନ୍ତବ୍ୟ ଦେବା କଂଗ୍ରେସର ଚିରାଚରିତ ଅଭ୍ୟାସରେ ପରିଣତ ହୋଇଛି। ରାଷ୍ଟ୍ରପତିଙ୍କୁ ଅବମାନନାକରି ପିସିସି ସଭାପତି କେବଳ ଯାଜପୁର ନୁହେଁ, ସମଗ୍ର ଓଡ଼ିଆ ଜାତିକୁ ଅପମାନିତ କରିଛନ୍ତି ବୋଲି ବରିଷ୍ଠ ଭାଜପା ନେତା ଗୌତମ ରାୟ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଗୌତମ କହିଛନ୍ତି, ରାଷ୍ଟ୍ରପତି ପ୍ରଥମ ଥର ଲାଗି ମା' ବିରଜାଙ୍କ ଦର୍ଶନ ଲାଗି ଯାଜପୁର ଆସିଥିଲେ। ରାଷ୍ଟ୍ରପତିଙ୍କ ଗସ୍ତ ଲାଗି ଯାଜପୁରବାସୀଙ୍କ ଭିତରେ ଉତ୍ସାହ ବଢ଼ିଯାଇଥିଲା। ଏଭଳି ସମୟରେ ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ପିସିସି ସଭାପତି ପ୍ରଶ୍ନ ଉଠାଇବା କଂଗ୍ରେସର ହୀନମାନସିକତାର ପରିଚୟ ଦେଇଛି। ରାଷ୍ଟ୍ରପତିଙ୍କ ଗସ୍ତ ଖର୍ଚ୍ଚକୁ ପାନୀୟ ଜଳ ପ୍ରକଳ୍ପ ସହ ତୁଳନାକରିବା ଅତ୍ୟନ୍ତ ନିନ୍ଦନୀୟ। ଶୁଦ୍ଧ ପାନୀୟ ଜଳ ପିଇବା ଲୋକଙ୍କ ଅଧିକାର ଏଥିରେ କୌଣସି ଦ୍ୱିମତ ନାହିଁ। ଗତ ବିଜେଡି ଶାସନ ସମୟରେ ଜଳ ଜୀବନ ମିଶନରେ ଦଶରଥପୁର ବ୍ଲକ୍‌ରେ ଘରେ ଘରେ ଟ୍ୟାପ୍ ଯୋଗାଇବା ପାଇଁ ୧୮୦ କୋଟି ଟଙ୍କା କେନ୍ଦ୍ର ସରକାର ଦେଇଥିଲେ। ସେଥିରୁ ୨୦୧୯ ମସିହାରେ ୧୭୮ କୋଟି ଟଙ୍କା ସରିଯାଇଛି। ଏହା ସତ୍ତ୍ୱେ ସେହି ଅଞ୍ଚଳକୁ ଶୁଦ୍ଧ ପାନୀୟ ଜଳ ପହଞ୍ଚିପାରି ନାହିଁ। ମେଗା ପାନୀୟ ଜଳ ଯୋଜନାରେ ବ୍ୟାପକ ହରିଲୁଟ୍ ଓ ଦୁର୍ନୀତି ହୋଇଥିବା ବିଷୟ ସମସ୍ତେ ଜାଣନ୍ତି। ପାଳଟପୁର ଅଞ୍ଚଳବାସୀ କାହିଁକି ଶୁଦ୍ଧ ପାନୀୟ ଜଳ ପାଉନାହାନ୍ତି ସେ କଥା ପିସିସି ସଭାପତି ତତ୍କାଳୀନ ବିଜେଡି ସରକାରରେ ଦାୟିତ୍ୱରେ ଥିବା ବ୍ୟକ୍ତିବିଶେଷଙ୍କୁ କାହିଁକି ପଚାରୁନାହାନ୍ତି ବୋଲି ଗୌତମ କହିଛନ୍ତି।

# ନେତୃତ୍ୱ ଆଶଙ୍କାରେ ବିଜେଡି



ଶଙ୍ଖଭବନଠାରେ ନିମାପଡ଼ା ବିଧାନସଭା କ୍ଷେତ୍ରର ବିଜେଡି ସାଙ୍ଗଠନିକ କର୍ମକର୍ତ୍ତା।

## ନିମାପଡ଼ା ବିଧାନସଭା ଆସନ

ଭୁବନେଶ୍ୱର, ୫।୨ (ସୁନିତ୍ ମିଶ୍ର)

ନିମାପଡ଼ା ନିର୍ବାଚନମଣ୍ଡଳୀରେ ବିଜେଡିର ନେତା କିଏ ହେବେ ତାକୁ ନେଇ ଦଳ ଭିତରେ ବର୍ତ୍ତମାନ ମାନସମନ୍ଥନ ଆରମ୍ଭ ହୋଇଯାଇଛି। ନିମାପଡ଼ା ବିଧାନସଭା କ୍ଷେତ୍ରରୁ ପ୍ରଭାତୀ ପରିଡ଼ା ବିଜୟୀ ହୋଇ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ପଦରେ ଅଛନ୍ତି। ତାଙ୍କ ବିରୋଧରେ ବିଜେଡି ନେତୃତ୍ୱ ସୃଷ୍ଟି କରିବାକୁ ଚିନ୍ତା କରି ଦଳର ଏକ ସାଙ୍ଗଠନିକ ବୈଠକ ଗୁରୁବାର ଶଙ୍ଖ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନିମାପଡ଼ା ନିର୍ବାଚନମଣ୍ଡଳୀର କେତେଜଣ ନେତା ଓ କର୍ମୀଙ୍କୁ ବୈଠକରେ ସାମିଲ କରାଯାଇଛି। ଦିଲୀପ ନାଏକ ୨୦୨୪ ସାଧାରଣ ନିର୍ବାଚନରେ ନିମାପଡ଼ା ଆସନରୁ ବିଜେଡି ପ୍ରାର୍ଥୀ ହୋଇଥିଲେ। ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ ବିଜେଡି ଛାଡ଼ିବା ପରେ ଦିଲୀପଙ୍କୁ ଦଳ ଟିକେଟ ଦେଇଥିଲା। ହେଲେ କିଛି ମାସ ତଳେ ଏକ ଠକେଇ ମାମଲାରେ ଦିଲୀପ ଗିରଫ ହୋଇ ଜେଲ ଯିବା ପରେ ଏହି ଆସନରେ ଦଳର ନେତୃତ୍ୱ କିଏ ନେବ ତାକୁ ନେଇ ଆଶଙ୍କା ଭିତରେ ବିଜେଡି ରହିଥିବା ଚର୍ଚ୍ଚା ହେଉଛି। ନିମାପଡ଼ା ବିଧାନସଭା ଆସନର ଇତିହାସ ଅନୁଯାୟୀ ୨୦୦୦ ଏବଂ ୨୦୦୪ ମସିହାରେ ଭାଜପା ପ୍ରାର୍ଥୀ ବାଇଧର ମଲିକ ଏଠାରୁ ଜିତିଥିଲେ। ୨୦୦୯ରୁ ୨୦୨୪ ପର୍ଯ୍ୟନ୍ତ ସମୀର ଦାଶ ଏହି ଆସନରୁ ଲଗାତର ବିଜୟୀ ହେଲେ। ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ରାଜ୍ୟରେ ବିଜେଡି ଓ ଭାଜପା ମଧ୍ୟରେ ମେଣ୍ଟ ସରକାର ଥିଲା। ତେଣୁ ୨୦୦୦ ଏବଂ ୨୦୦୪ରେ ଏହି ଆସନ ଭାଜପା ଭାଗରେ ପଡିଥିଲା।

ସମୀର ସାଧାରଣ ନିର୍ବାଚନ ପୂର୍ବରୁ ଭାଜପାରେ ସାମିଲ ହୋଇଥିଲେ। ହେଲେ ଦଳ ତାଙ୍କୁ ଟିକେଟ ଦେଇ ନ ଥିଲେ ମଧ୍ୟ ସେ ପ୍ରଭାତୀଙ୍କୁ ନିର୍ବାଚନରେ ସହଯୋଗ କରିଥିଲେ। କିଛିଦିନ ହେଲା ସମୀର ନିମାପଡ଼ାର ବିଭିନ୍ନ ସ୍ଥାନରେ ଆୟୋଜନ ହେଉଥିବା କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ସମାନ୍ତରାଳ କାର୍ଯ୍ୟକ୍ରମ କରି ପ୍ରଭାତୀଙ୍କ ବିରୋଧରେ ମତ ରଖୁଛନ୍ତି। ଏଥିଲାଗି ଭାଜପା ଜିଲା ସଭାପତି ଦେବେନ୍ଦ୍ର ତରେଇ କିଛିଦିନ ତଳେ ସମୀରଙ୍କୁ ଦଳର ବିନା ଅନୁମତିରେ କାର୍ଯ୍ୟ କରୁଛନ୍ତି ଏହା ଠିକ୍ ନୁହେଁ ବୋଲି କହି ପରୋକ୍ଷ ଚେତାବନୀ ଦେଇଥିଲେ। ହେଲେ ଏଯାଏଁ ସମୀରଙ୍କ ବିରୋଧରେ ଭାଜପା ବିଧିବଦ୍ଧ ଭାବେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ସମୀରଙ୍କୁ ବିଜେଡିକୁ ଫେରାଇ ଆଣିବା ଲାଗି ମଧ ଦଳର ବହୁ ନେତା ଅମଙ୍ଗ ଅଛନ୍ତି। ତେଣୁ ପଞ୍ଚାୟତ ନିର୍ବାଚନ ପୂର୍ବରୁ କାହାକୁ ନେତୃତ୍ୱ ଦେବେ ବୋଲି ଦଳ ଚିନ୍ତାକରି ଗୁରୁବାର ବୈଠକ ଡକାଇ ଆଲୋଚନା କରିଥିବା ଜଣାପଡିଛି। ବିଜେଡି ଜଣେ ନେତାଙ୍କୁ ଖୋଜୁଛି ଯାହାଙ୍କ ଦ୍ୱାରା ଜିଲା ପରିଷଦ ଏବଂ ଏନ୍‌ଏସି ଟିକେଟ ଆସନ୍ତା ନିର୍ବାଚନ ସମୟରେ ବାଣ୍ଟିପାରିବ। ହେଲେ ଦଳ ପୁନର୍ବିଚାରକରି ଦଳର ସଙ୍ଗଠନ କିପରି ପୂର୍ବଭଳି ମଜଭୁତ ହେବ ସେକଥା ଉପରେ ଆଲୋଚନା କରୁ ନ ଥିବା ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ନିମାପଡ଼ା ନିର୍ବାଚମଣ୍ଡଳୀର ଜଣେ ବରିଷ୍ଠ ନେତା ନିଜ ନାମ ଗୋପନ ରଖି କହିଛନ୍ତି, ଆଗରୁ ଦଳ ଜଣେ ବେପାରୀଙ୍କୁ ଡାକି ଦଳରେ ମିଶାଇ ଟିକେଟ ଦେଲା। ସେ ଠକେଇ ଅଭିଯୋଗରେ ଜେଲ ଯିବାପରେ ସେଠାରେ ସେହି ନେତାଙ୍କର ଯେତିକି କ୍ଷତି ନ ହେଲା ଦଳର ଭାବମୂର୍ତ୍ତିକୁ ନେଇ ସାଧାରଣ ଲୋକମାନେ ପ୍ରଶ୍ନ ଉଠାଇଲେ। ଏବେ ଦଳ ଆଉ ଜଣେ ବେପାରୀଙ୍କୁ କୁଆଡ଼େ ଆଣି ଏଠାରେ ନେତୃତ୍ୱ ଦେବାକୁ ଚେଷ୍ଟା କରୁଥିବା ଶୁଣାଯାଉଛି। ଯଦି ଏମିତି ହେବ ସେଥିରୁ ବୁଝିବାକୁ ହେବ, ପରୋକ୍ଷରେ ଦଳ ଭବିଷ୍ୟତ ପାଇଁ ଭାଜପାକୁ ଜିତାଇବାକୁ ଆଉ ଏକ ନୂଆ ବାଟ ତିଆରି କରିବାକୁ ଯୋଜନା କରୁଛି।

# ସାର୍ଥକଙ୍କୁ ଠାବକରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

## ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସଚିବଙ୍କ ସମେତ ୪ ଅଧିକାରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଆବାସିକ କମିଶନର

ଭୁବନେଶ୍ୱର,୫।୨ (ରବିନାରାୟଣ ଜେନା)

ଓଡ଼ିଶାର ମର୍ଚ୍ଚାଣ୍ଟ ନ୍ୟାଭି କ୍ୟାଡେଟ୍ ସାର୍ଥକ ମହାପାତ୍ରଙ୍କ ନିଖୋଜ ଘଟଣାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ପ୍ରମୁଖ ଆବାସିକ କମିଶନର ବିଶାଲ ଗଗନ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟର ୪ ବରିଷ୍ଠ ଅଧିକାରୀଙ୍କୁ ପତ୍ର ଲେଖି ହସ୍ତକ୍ଷେପ ଲୋଡ଼ିଛନ୍ତି। ବିଶାଳ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସଚିବଙ୍କ ସହିତ ବୈଦେଶିକ ସଚିବ, ବନ୍ଦର, ଶିପିଂ, ଜଳପଥ ମନ୍ତ୍ରଣାଳୟ ଅଧୀନ ଶିପିଂ ସଚିବ ଏବଂ ମହାନିର୍ଦ୍ଦେଶକଙ୍କୁ ଦେଇଥିବା ପତ୍ରରେ ଦର୍ଶାଇଛନ୍ତି, ମଝି ସମୁଦ୍ରରେ ନିଖୋଜ ଓଡ଼ିଆ ଯୁବକ ତଥା ଓଡ଼ିଶା ମର୍ଚ୍ଚାଣ୍ଟ ନ୍ୟାଭି କ୍ୟାଡେଟ୍ ସାର୍ଥକଙ୍କୁ ଉଦ୍ଧାର କରିବା ଦିଗରେ ତ୍ୱରିତ ପଦକ୍ଷେପ ନେବା ଆବଶ୍ୟକତା ରହିଛି। ସାର୍ଥକଙ୍କ ମା' ରଶ୍ମିତା ମହାପାତ୍ର ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଭଦ୍ରକ ଜିଲାର ବାସିନ୍ଦା ରଶ୍ମିତାଙ୍କ ପୁତ୍ର ହେଉଛନ୍ତି ସାର୍ଥକ। ଗତ ୩ ତାରିଖରୁ ଇଏ ଜେର୍ସୀ ଭେସେଲରୁ ସେ ନିଖୋଜ ଅଛନ୍ତି। ଜାହାଜରେ କର୍ତ୍ତବ୍ୟରତ ଥିବାବେଳେ ସେ ମଝି ସମୁଦ୍ରରୁ ନିଖୋଜ ହୋଇଯାଇଛନ୍ତି। ଏହି ଘଟଣାକୁ ନେଇ ପରିବାର ଚିନ୍ତାରେ ରହିଛନ୍ତି। ସାର୍ଥକଙ୍କୁ ତୁରନ୍ତ ଠାବ କରିବା ସହ ସୁରକ୍ଷିତ ଭାବେ ଉଦ୍ଧାର ନିମନ୍ତେ ତ୍ୱରିତ୍ ପଦକ୍ଷେପ ନେବାକୁ ରଶ୍ମିତାଙ୍କ ଅନୁରୋଧକ୍ରମେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି।



ସାର୍ଥକ ମହାପାତ୍ର

ସୂଚନାଯୋଗ୍ୟ, ସାର୍ଥକ ମର୍ଚ୍ଚାଣ୍ଟ ନ୍ୟାଭି ପାଠ ପଢ଼ିଛନ୍ତି। ସେ ମୁମ୍ବାଇର ଏକ ଘରୋଇ ଶିପିଂ ସଂସ୍ଥାରେ ଗତ ୮ ମାସ ହେବ ଶିପ୍ ମେରାଇନ୍ ଇଞ୍ଜିନିୟର (ଦ୍ୱିତୀୟ କ୍ୟାଡେଡ୍) ଭାବେ ଚାକିରି କରୁଥିଲେ। ଘାନାରୁ ସିଙ୍ଗାପୁର ସେ ଜାହାଜରେ ଯାଉଥିଲେ।


ଭା.କ.ନି. C.C.I.

**ଭାରତୀୟ କପା ନିଗମ ଲିମିଟେଡ୍**

ମୋବାଇଲ ଆପ୍ କପାସ କିସାନ

ଶାଖା କାର୍ଯ୍ୟାଳୟ, ରାୟଗଡ଼ା

ପ୍ଲଟ ନଂ. ୧୩୮/୨୦୩୦/୨୫/୮ ପ୍ରଥମ ମହଲା

ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ୍ ରୋଡ୍, ରାୟଗଡ଼ା - ୭୬୫୦୦୧ (ଓଡ଼ିଶା)

ସଂଖ୍ୟା: ଭାକନି/ରାୟଗଡ଼ା/୨୦୨୫-୨୬ ତାରିଖ: ୦୫.୦୨.୨୦୨୬

**କପା ଚାଷୀମାନଙ୍କୁ ଆହ୍ୱାନ**

ଓଡ଼ିଶାର ସମସ୍ତ କପା ଚାଷୀଭାଇମାନଙ୍କୁ ସୂଚିତ କରାଯାଉଛି ଯେ ବର୍ତ୍ତମାନ ଫସଲ ବର୍ଷ ୨୦୨୫-୨୬ରେ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ଯୋଜନା ଅନ୍ତର୍ଗତ କପା କ୍ରୟର ଶେଷ ତାରିଖ ୨୭ ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ନିର୍ଦ୍ଧାରିତ କରାଯାଇଛି।

କପାସ କିଷାନ ଆପ୍ (Kapas Kisan App)ରେ ପଞ୍ଜୀକୃତ ସମସ୍ତ କପା ଚାଷୀ ଭାଇମାନଙ୍କୁ ଜଣାଇ ଦିଆଯାଉଛି ଯେ ସର୍ବନିମ୍ନ ସହାୟକ ମୂଲ୍ୟର ଲାଭ ନେବା ପାଇଁ ସେମାନେ ଆପ୍ ମାଧ୍ୟମରେ ସ୍ଲଟ୍ ବୁକ୍ କରି ନିକଟତମ CCI କ୍ରୟ କେନ୍ଦ୍ରରେ ତାରିଖ ୨୭.୦୨.୨୦୨୬ ମଧ୍ୟରେ ନିଜ କପା ବିକ୍ରୟ କରିପାରିବେ।

ଅଧିକ ସୂଚନା କିମ୍ବା ସହାୟତା ପାଇଁ, ଚାଷୀମାନେ ଶାଖା କାର୍ଯ୍ୟାଳୟ ରାୟଗଡ଼ାର ହ୍ୱାଟ୍ସଆପ୍ ହେଲ୍ପଲାଇନ ନମ୍ବର: ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା./- ଶାଖା ପ୍ରମୁଖ



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, TITILAGARH**

No.25001/29/2526

E-Mail ID : eerw_titilagarh@yahoo.co.in

**e-Procurement Notice**

Letter No. 1220 Date : 31.01.2026

**IFB IDENTIFICATION NO. EETIG-online-18/2025-26**

1. Name of the work : **Road Work**, 2. Total No. of works : **01 (One) No.**, 3. Approximate Estimated Cost : **Rs.89.00 lakh**, 4. Time for completion : **01 (One) calendar month**, 5. Mode of Submission of tender : **Tender should be submitted online in www.tenders.ori.nic.in**, 6. Other details are as follow : **As per TCN No. EETIG-online-18/2025-26**.

| Procurement Officer | Bid Identification No. | Availability of Tender on line for bidding | | Last Date & Time of seeking tender Clarification | Date & Time of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Executive Engineer, R.W. Divn., Titilagarh | EETIG-Online-18/2025-26 | 09.02.2026 at 11.00 A.M. | 18.02.2026 upto 5.00 P.M. | 17.02.2026 to 11.00 A.M. | 19.02.2026 at 11.00 A.M. | The date will be intimated to the technically qualified bidders |

• Further details can be seen from the website www.tenders.ori.nic.in
• Any Corrigendum/Addendum will be displayed in the above e tender website only.

Sd./- Executive Engineer
R.W. Division, Titilagarh

OIPR-25001/25078/1/25-26/0029



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, GUNUPUR**

E-mail : eerwgunupur@gmail.com

**e-Procurement Notice**

No.25001/34/2526

**Bid Identification No. : EERWGNP - Online - 11/2025-26**

**No.:476 / Date : 03.02.2026**

1. Name of the Work : Repair & Maintenance of Road Works, 2. Total No. of Works : 02 Nos (Percentage rate tender), 3. Estimated Cost : As mentioned in Col.3 of Annexure, 4. Class of Contractor : As mentioned in Col.5 of Annexure, 5. Period of Completion : As mentioned in Col.4 of Annexure, 6. EMD : As mentioned in Col.6 of Annexure, 7. Paper Cost : As mentioned in Col.7 of Annexure, 8. Other details

| Procurement Officer | Bid Identification No. | Availability of Tender online for Bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Gunupur | EERWGNP-Online-11/2025-26 | 07.02.2026 at 10.00 A.M. | 16.02.2026 upto 5.00 P.M. | 13.02.2026 upto 2.00 P.M. | 17.02.2026 at 10.00 A.M. | Will be intimated later |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.
Further details can be seen from the website : www.tendersodisha.gov.in

Sd./- Executive Engineer
Rural Works Division, Gunupur

OIPR-25001/25170/1/25-26/0034



**ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ pnb punjab national bank**
Together for the better

ମଣ୍ଡଳ କାର୍ଯ୍ୟାଳୟ : ବ୍ରହ୍ମପୁର, ୨ୟ ମହଲା, ଶିବ ଆର୍କେଡ୍, ଟାଟା ବେଞ୍ଜ ସ୍କୋୟାର, ବ୍ରହ୍ମପୁର-୭୬୦୦୦୫, ଜିଲ୍ଲା: ଗଞ୍ଜାମ, ଓଡ଼ିଶା

[ରୁଲ ୮(୧)] **ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ନିୟମ ୩ ସହିତ ଧାରା ୧୩(୧୨)ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରି କରି ନୋଟିସ୍ ମାଧ୍ୟମରେ ଦର୍ଶିତ ଅର୍ଥ ରାଶି ସହିତ ଲାଗୁହୋଇନଥିବା ସୁଧ ଏବଂ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ବକେୟା ଦେୟ ପରିଶୋଧ କରିବାରେ ବିଫଳ ହେବାରୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଜାମିନ୍‌ଦାର//ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀ ଉପର କଥିତ ଆକ୍ଟର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ ନିମ୍ନଦର୍ଶିତ ତାରିଖରେ **ଦଖଲକୁ ନେଇଛନ୍ତି। ଋଣଗ୍ରହୀତା/ସହ-ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି କି ସେ କଥିତ ଆକ୍ଟର ଧାରା ୧୩ର ଉପଧାରା ୮ ଅନୁସାରେ ତାଙ୍କର ସୁରକ୍ଷିତ ସମୟମତେ ବନ୍ଧକ ମୁକ୍ତ କରନ୍ତୁ।** ତେଣୁ ବିଶେଷକରି ଋଣଗ୍ରହୀତା/ସହ-ଋଣଗ୍ରହୀତା/ଜାମିନ୍‌ଦାର//ବନ୍ଧକଦାତାମାନଙ୍କୁ ଓ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରିଦିଆଯାଉଅଛି ଯେ ସେମାନେ ଏହି ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କଲେ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ** ଠାରେ ନିମ୍ନ ଦର୍ଶିତ ଅର୍ଥରାଶି ସହ ସେବାବଦ ସୁଧ, ଦେୟ ଓ ଖର୍ଚ୍ଚ ନିମନ୍ତେ ଉତ୍ତରଦାୟୀ ରହିବେ।

| ଶାଖା / ଋଣଗ୍ରହୀତା/ସହ-ଋଣଗ୍ରହୀତା/ ଜାମିନ୍‌ଦାର/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ଡିମାଣ୍ଡ / ଦଖଲ ନୋଟିସ୍ ତାରିଖ | ଡ଼ିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ରାଶିର ପରିମାଣ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| **ଶେରଗଡ଼ ଶାଖା (୭୪୨୩୦୦) /** **ଋଣଗ୍ରହୀତା: ୰ ବାଞ୍ଛାନିଧି ପଟ୍ଟନାୟକ,** ପିତା: ଶିବରାମ ପଟ୍ଟନାୟକ, ତାଙ୍କ ପ୍ରତିନିଧିତ୍ୱ କରୁଥିବା **ଆଇନଗତ ଉତ୍ତରାଧିକାରୀମାନେ: ୧) ଶ୍ରୀ ତାରିଣୀସେନ ପଟ୍ଟନାୟକ,** ପିତା: ୰ ବାଞ୍ଛାନିଧି ପଟ୍ଟନାୟକ, **୨) ଶ୍ରୀମତୀ ମହାଦେଇ ପଟ୍ଟନାୟକ,** ସ୍ୱାମୀ: ୰ ବାଞ୍ଛାନିଧି ପଟ୍ଟନାୟକ, **୩) ଶ୍ରୀ ରାଜକୁମାର ପଟ୍ଟନାୟକ,** ପିତା: ୰ ବାଞ୍ଛାନିଧି ପଟ୍ଟନାୟକ, **୪) ଶ୍ରମିତୀ ଦମୟନ୍ତୀ ଦାଶ,** ପିତା: ୰ ବାଞ୍ଛାନିଧି ପଟ୍ଟନାୟକ, **୫) ଶ୍ରୀମତୀ ରାଧା ପଟ୍ଟନାୟକ,** ୰ ବାଞ୍ଛାନିଧି ପଟ୍ଟନାୟକଙ୍କ ବୋହୂ (ପିତା: ୰ ଦିଲ୍ଲୀପ କୁମାର ପଟ୍ଟନାୟକ) / **ସହ-ଋଣଗ୍ରହୀତା: ଶ୍ରୀ ତାରିଣୀସେନ ପଟ୍ଟନାୟକ,** ପିତା: ୰ ବାଞ୍ଛାନିଧି ପଟ୍ଟନାୟକ, ସମସ୍ତଙ୍କ ଠିକଣା- ସା/ଗ୍ରାମ: ହରେକୃଷ୍ଣପୁର, ପୋ: ଶେରଗଡ଼, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୦୬ | ୨୫.୦୮.୨୦୨୫ / ୦୩.୦୨.୨୦୨୬ | ୩୧.୦୭.୨୦୨୫ ସୁଦ୍ଧା ଟ.୭,୨୯,୦୬୫.୪୪ ଯୁକ୍ତ ୦୧.୦୮.୨୦୨୫ ଠାରୁ ସେବାବଦ ପରବର୍ତ୍ତୀ ସୁଧ | ୰ ବାଞ୍ଛାନିଧି ପଟ୍ଟନାୟକ, ପିତା: ଶିବରାମ ପଟ୍ଟନାୟକ (ମୃତକ), ତାଙ୍କ ପ୍ରତିନିଧିତ୍ୱ କରୁଥିବା ଆଇନଗତ ଉତ୍ତରାଧିକାରୀମାନେ: **(୧) ଶ୍ରୀମତୀ ମହାଦେଇ ପଟ୍ଟନାୟକ,** ସ୍ୱାମୀ: ୰ ବାଞ୍ଛାନିଧି ପଟ୍ଟନାୟକ, **(୨) ଶ୍ରୀ ତାରିଣୀସେନ ପଟ୍ଟନାୟକ (ସହ-ଋଣଗ୍ରହୀତା), (୩) ରାଜକୁମାର ପଟ୍ଟନାୟକ,** ଉଭୟଙ୍କ ପିତା: ୰ ବାଞ୍ଛାନିଧି ପଟ୍ଟନାୟକ, **(୪) ଦମୟନ୍ତୀ ଦାଶ,** ପିତା: ୰ ବାଞ୍ଛାନିଧି ପଟ୍ଟନାୟକ, **(୫) ରାଧା ପଟ୍ଟନାୟକ:** ପିତା: ୰ ଦିଲ୍ଲୀପ କୁମାର ପଟ୍ଟନାୟକଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ରାମଗିରି, ତହସିଲ/ଥାନା: ଶେରଗଡ଼, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଖାତା ନଂ.: ୧୫୮, ପ୍ଲଟ୍ ନଂ.: ୭୨, କ୍ଷେତ୍ର: ଏକର୦.୦୫୫ ଡିସିମିଲି କିମ୍ବା ୦.୦୨୨ ହେକ୍ଟର |

ସ୍ଥାନ: ବ୍ରହ୍ମପୁର, ତାରିଖ: ୦୫.୦୨.୨୦୨୬ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ


# ୪୯ ଶୁଣାଣି: ଶୂନ୍ ରିପୋର୍ଟ

## ମହାନଦୀ ଜଳବିବାଦର ଗୁରୁତ୍ୱପୂର୍ଣ୍ଣ ତଥ୍ୟ

ଭୁବନେଶ୍ୱର, ୫।୨ (ରବିନାରାୟଣ ଜେନା)

ମହାନଦୀ ହେଉଛି ଓଡ଼ିଶାର ଜୀବନ ରେଖା। ଏହାକୁ ନେଇ ଗତ ୮ବର୍ଷ ଧରି ଦେଖାଦେଇଥିବା ଜଳ ବିବାଦର ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି। ଗତ ୮ବର୍ଷ ମଧ୍ୟରେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ପକ୍ଷରୁ ୪୯ଥର ଶୁଣାଣି(ହିଅରିଂ) ହୋଇଛି ହେଲେ ଗୋଟିଏ ବି ରିପୋର୍ଟ କେନ୍ଦ୍ର ନିକଟରେ ଦାଖଲ ହୋଇ ନ ଥିବା ଜଣାଯାଇଛି। ଗୁରୁବାର ଲୋକ ସଭା ସଦସ୍ୟ ପ୍ରଦୀପ ପୁରୋହିତଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ରାଜ ଭୂଷଣ ଚୌଧୁରୀ ଦେଇଥିବା ତଥ୍ୟ ଅନୁଯାୟୀ, ୨୦୧୬ ନଭେମ୍ବର ୧୯ରେ ଓଡ଼ିଶା ସରକାରଙ୍କ ଅଭିଯୋଗ ଆଧାରରେ ୨୦୧୮ ମାର୍ଚ୍ଚ ୧୨ରେ ଟ୍ରିବ୍ୟୁନାଲ ଗଠନ ହୋଇଛି। ଇତିମଧ୍ୟରେ ଟ୍ରିବ୍ୟୁନାଲ ପକ୍ଷରୁ 'କ୍ରସ୍ ଏକ୍ସଜାମିନେଶନ' କରାଯିବା ସହିତ ଉଭୟପକ୍ଷଙ୍କ ଅଭିଯୋଗକୁ ଗ୍ରହଣ କରାଯାଇଛି।

ସୂଚନାଯୋଗ୍ୟ, ଆନ୍ତଃରାଜ୍ୟ ନଦୀ ଜଳ ବିବାଦ ଆଇନ-୧୯୫୬ ଅନୁସାରେ ଟ୍ରିବ୍ୟୁନାଲର ନିଷ୍ପତ୍ତି ୩ ବର୍ଷ ମଧ୍ୟରେ ଦାଖଲ କରାଯିବା କଥା। ମାତ୍ର ଥରକୁ ଥର ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲଙ୍କ ସମୟ ଅବଧି ବୃଦ୍ଧି ହେଉଥିଲେ ହେଁ ଏପର୍ଯ୍ୟନ୍ତ ବିବାଦର ସମାଧାନ ହୋଇପାରୁନାହିଁ ବୋଲି ପୁରୋହିତ କହିଛନ୍ତି।


5001/1/2526

ଓଡ଼ିଶା ସରକାର
ଅର୍ଥ ବିଭାଗ

**ଚିଟ୍ ଫଣ୍ଡ କ୍ଷୁଦ୍ର ଆବେଦନକାରୀଙ୍କୁ ଟଙ୍କା ଫେରସ୍ତ ସମ୍ବନ୍ଧୀୟ ବିଶେଷ ସୂଚନା**

**ଏତଦ୍ୱାରା ସୂଚାଇ ଦିଆଯାଉଛି ଯେ, ପୂର୍ବରୁ ଚିଟ୍ ଫଣ୍ଡରେ କ୍ଷତିଗ୍ରସ୍ତ ହୋଇଥିବା ସମସ୍ତ କ୍ଷୁଦ୍ର ଆବେଦନକାରୀଙ୍କୁ ଟଙ୍କା ଫେରସ୍ତ ପ୍ରକ୍ରିୟାର ଶେଷ ତାରିଖ ୩୧ ଜାନୁୟାରୀ ୨୦୨୬ ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଥିଲା । ତେବେ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ କେତେକ କ୍ଷୁଦ୍ର ଜମାକାରୀ ଏପର୍ଯ୍ୟନ୍ତ ସେମାନଙ୍କ ଜମାରାଶି ଫେରି ପାଇନାହାଁନ୍ତି । ଅବଶିଷ୍ଟ ଜମାକାରୀଙ୍କ ସୁବିଧା ନିମନ୍ତେ ଏହି ଅର୍ଥ ଫେରସ୍ତ ପ୍ରକ୍ରିୟାକୁ ୩୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ସମସ୍ତ ଯୋଗ୍ୟ କ୍ଷୁଦ୍ର ଜମାକାରୀ ଏହାର ସୁଯୋଗ ନେବାକୁ ଅନୁରୋଧ କରାଯାଉଛି ।**

**(କ) କେଉଁମାନେ ଏହି ସୁଯୋଗର ସୁଫଳ ପାଇବେ ?**

୧. ମାନ୍ୟବର ତଦନ୍ତ କମିଶନ ସୁପାରିଶ କରିଥିବା ଓ ଫେରସ୍ତ ପାଇନଥିବା ସମସ୍ତ କ୍ଷୁଦ୍ର ଜମାକାରୀ (୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଜମା କରିଥିବା) ।

୨. ଗୋଲଡେନ୍ ଲ୍ୟାଣ୍ଡ ଡେଭଲପର୍ସ କମ୍ପାନୀ ସମୂହର ପ୍ରଥମ ପର୍ଯ୍ୟାୟରେ ଫେରସ୍ତ ପାଇନଥିବା ସମସ୍ତ କ୍ଷୁଦ୍ର ଜମାକାରୀ (୮,୦୦୦ ଟଙ୍କା ପର୍ଯ୍ୟନ୍ତ ଜମା କରିଥିବା) ।

**(ଖ) ଜମାକାରୀମାନେ ସେମାନଙ୍କର ଆବେଦନ ପତ୍ରର ସ୍ଥିତି କିପରି ଜାଣି ପାରିବେ ?**

ନିଜ ଜିଲ୍ଲାର ସରକାରୀ websiteରେ ଫେରସ୍ତ ପାଇ ନଥିବା ଜମାକାରୀ ମାନଙ୍କର ସମ୍ପୂର୍ଣ୍ଣ ତାଲିକା ଉପଲବ୍ଧ ଅଛି । ଏତଦ୍ ବ୍ୟତିତ, ମାନ୍ୟବର ତଦନ୍ତ କମିଶନ ରିପୋର୍ଟ ପାଇଁ ଜମାକାରୀଙ୍କର ନାମ / Affidavit ନମ୍ବର ଏବଂ ଗୋଲଡେନ୍ ଲ୍ୟାଣ୍ଡ ଡେଭଲପର୍ସ କମ୍ପାନୀ ପାଇଁ ଜମାକାରୀଙ୍କର ନାମ / Application ନମ୍ବର www.opid.odisha.gov.in ରେ ଦେଇ, ସେମାନଙ୍କର ଆବେଦନ ପତ୍ରର ବର୍ତ୍ତମାନ ସ୍ଥିତି ସଂପର୍କରେ ଜାଣି ପାରିବେ ।

**(ଗ) ଟଙ୍କା ଫେରସ୍ତ ପାଇଁ କ୍ଷୁଦ୍ରଜମାକାରୀ କଣ କରିବେ ?**

ଜମାକାରୀ ମାନେ ନିମ୍ନଲିଖିତ ଆବଶ୍ୟକୀୟ ଦସ୍ତାବିଜ ସହିତ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ (R.I.)ଙ୍କ ପାଖରେ ଯୋଗାଯୋଗ କଲେ ୧୫ ଦିନ ମଧ୍ୟରେ ସେମାନଙ୍କର ଜମା ଟଙ୍କା ଫେରି ପାଇବାର ପ୍ରାବଧାନ କରାଯାଇଛି ।

୧. ପରିଚୟ ପତ୍ର ଯଥା ଆଧାର କାର୍ଡ, ଭୋଟର ପରିଚୟ ପତ୍ର, ଡ୍ରାଇଭିଂ ଲାଇସେନ୍ସ, ପ୍ୟାନ କାର୍ଡ ଇତ୍ୟାଦି ।

୨. ମୂଳ ଜମା ରସିଦ୍ (Original Money Receipts) ।

୩. ବ୍ୟାଙ୍କ ଆକାଉଣ୍ଟର ତଥ୍ୟ ଯଥା ଖାତା ନମ୍ବର, ବ୍ୟାଙ୍କ ନାମ, IFSC (ବି: ଦ୍ର- କେବଳ ମାନ୍ୟବର ତଦନ୍ତ କମିଶନ ସୁପାରିଶ କରିଥିବା ଆବେଦନକାରୀଙ୍କ ପାଇଁ ଉଦ୍ଦିଷ୍ଟ) ।

**ଅର୍ଥ ବିଭାଗ, ଓଡ଼ିଶା ସରକାର**

***

OIPR-5001/5001/1/25-26/0001

## ଯୁବତୀଙ୍କୁ ବଳାତ୍କାର, ଯୁବକ ଗିରଫ

ଢେଙ୍କିକୋଟ,୫।୨(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ଥାନା ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ଜଣେ ବାନ୍ଧବୀଙ୍କୁ ଜବରଦସ୍ତି ବଳାତ୍କାର କରି ଯୁବକ ଗିରଫ ହୋଇଛନ୍ତି। ଅଭିଯୁକ୍ତ ଘଟଗାଁ ଥାନା ଅନ୍ତର୍ଗତ ମଣତା ଗ୍ରାମର ବାଦଲ ସାହୁ(୨୩)। ଯୁବତୀ ଓ ବାଦଲ ଭଲ ବନ୍ଧୁ ଥିଲେ। ଆର୍ଥିକ ଅସୁବିଧାର ସମ୍ମୁଖୀନ ହେବାରୁ ବାନ୍ଧବୀ ବାଦଲଙ୍କଠାରୁ ଟଙ୍କା ମାଗିଥିଲେ। ବାଦଲ ଟଙ୍କା ଦେବାକୁ ୨୬ ଡିସେମ୍ବର ୨୦୨୫ରେ ଘଟଗାଁ ବସ୍‌ଷ୍ଟାଣ୍ଡକୁ ଡାକିଥିଲେ। ସେଠାରୁ ଯୋଜନାବଦ୍ଧ ଭାବେ ଲଜ୍‌କୁ ନେଇ ବଳାତ୍କାର କରିଥିଲେ। ଏହାର ଭିଡିଓ ଉତ୍ତୋଳନ କରି ବ୍ଲାକ୍‌ମେଲିଂ କରିଥିଲେ। ମାନସିକ ଦୁଶ୍ଚିନ୍ତାରେ ଯୁବତୀ ଜଣକ ରହିଥିଲେ। ତେଣୁ ଗତ ଜାନୁଆରୀ ୨ରେ ଅଭିଯୋଗ କରିଥିଲେ। ପୋଲିସ ଗୁରୁବାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏକ ମାମଲା(ନଂ.୨୬/୨୬) ରୁଜୁ ହୋଇ ତଦନ୍ତ ଚାଲିଥିବା ଆଇଆଇସି ଶୁଭ୍ରାନ୍ତ ଜେନା କହିଛନ୍ତି।

# ୧୪ ଅଭିଯୁକ୍ତଙ୍କ ତଥ୍ୟ ପ୍ରଦାନ କଲା କ୍ରାଇମବ୍ରାଞ୍ଚ

## ହାଇକୋର୍ଟ ଏଏସ୍‌ଓ ପରୀକ୍ଷା ପରିଚାଳନା ଅନିୟମିତତା ମାମଲା

କଟକ,୫।୨(କାର୍ତ୍ତିକ ସାହୁ)

ଓଡ଼ିଶା ହାଇକୋର୍ଟ ଏଏସ୍‌ଓ ପରୀକ୍ଷା-୨୦୨୪ ପରିଚାଳନାରେ ଅନିୟମିତତା ମାମଲାରେ ଓଡ଼ିଶା କ୍ରାଇମବ୍ରାଞ୍ଚ ଗୁରୁତ୍ୱପୂର୍ଣ୍ଣ ତଥ୍ୟ କମିଶନରେଟ ପୋଲିସକୁ ପ୍ରଦାନ କରିଛି। ହାଇକୋର୍ଟ ଏଏସଓ ପରୀକ୍ଷା ପରିଚାଳନା ଅନିୟମିତତା ମାମଲାରେ ଥିବା ଅଭିଯୁକ୍ତ ପୋଲିସ ଏସ୍‌ଆଇ ପରୀକ୍ଷା ଅନିୟମିତତାରେ ସାମିଲ ଥିବାରୁ କଟକ ଡିସିପିଙ୍କ କାର୍ଯ୍ୟାଳୟ ପକ୍ଷରୁ ତଥ୍ୟ ପ୍ରଦାନ କରିବାକୁ କ୍ରାଇମବ୍ରାଞ୍ଚକୁ ଚିଠି ଲେଖାଯାଇଥିଲା। ତଦନୁସାରେ ପଞ୍ଚସଫ୍ଟ ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡର ମାଲିକ ଶଙ୍କର ପୃଷ୍ଟିଙ୍କ ସମେତ ୧୪ଜଣଙ୍କ ତଥ୍ୟ କମିଶନରେଟ ପୋଲିସକୁ କ୍ରାଇମବ୍ରାଞ୍ଚ ପ୍ରଦାନ କରିଛି। ଏଥିରେ ସମସ୍ତ ଅଭିଯୁକ୍ତଙ୍କ ନାମ, ଠିକଣା, କଲ ଡିଟେଲ ରେକର୍ଡ, ବ୍ୟାଙ୍କ ଆକାଉଣ୍ଟ ତଥ୍ୟ, ଇଣ୍ଟରନେଟ ପ୍ରୋଟୋକଲ ଡିଟେଲ ରେକର୍ଡ, ମୋବାଇଲ ନମ୍ବର ଆଦି ସଂକ୍ରାନ୍ତୀୟ ତଥ୍ୟ କ୍ରାଇମବ୍ରାଞ୍ଚ ଦେଇଥିବା ଜଣାଯାଇଛି।

ସୂଚନାନୁସାରେ, ଏକ ଆଉଟସୋର୍ସିଂ ଏଜେନ୍ସି ଦ୍ୱାରା ପରିଚାଳିତ ହାଇକୋର୍ଟ ଏଏସ୍‌ଓ ପରୀକ୍ଷା ପ୍ରଶ୍ନପତ୍ରର ମଡେଲ ଉତ୍ତର ଲିକ ଏବଂ ଅନୁଚିତ ଉପାୟ ବ୍ୟବହାର ସମେତ ପରୀକ୍ଷାର ପରିଚାଳନାରେ ଅନିୟମିତତା ହୋଇଥିବା ସମ୍ପର୍କରେ ଲାଲବାଗ ଥାନାରେ ହାଇକୋର୍ଟ ପକ୍ଷରୁ ପ୍ରଦତ୍ତ ଏତଲାକୁ ନେଇ ମାମଲା ପଞ୍ଜୀକୃତ ହୋଇଛି। ଅଭିଯୁକ୍ତମାନଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୮(୪)/୩୧୬(୨)/୩୧୬(୫)/୧୧୧/୬୧(୨)/୩(୫) ଧାରା ଲାଗୁ କରାଯାଇଛି। ଫୋନ ରେକର୍ଡ ବିଶ୍ଳେଷଣ ସମେତ ବୈଷୟିକ ତଦନ୍ତ, ଏଜେନ୍ସି ଅଧିକାରୀ, ମଧ୍ୟସ୍ଥି ଏବଂ ପ୍ରାର୍ଥୀଙ୍କ ମଧ୍ୟରେ ସନ୍ଦେହଜନକ ଯୋଗାଯୋଗ ଲିଙ୍କ ସଂକ୍ରାନ୍ତରେ ପୋଲିସ ତଦନ୍ତରେ ଉନ୍ମୋଚନ କରିଛି। ଲାଲବାଗ ଥାନା ପୋଲିସ ଡକ୍ୟୁମେଣ୍ଟାରି, ଡିଜିଟାଲ ଏବଂ ବୈଷୟିକ ପ୍ରମାଣ ଆଧାରରେ ୬ଜଣ ଅଭିଯୁକ୍ତଙ୍କୁ ଗତ ୩୧ ତାରିଖରେ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଶକ୍ତି ବିହାରର ହିମାଂଶୁ ଶେଖର ଦାସ, ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଅନ୍ତର୍ଗତ ନନ୍ଦନ ବିହାର ଡୁଆଲ ହାଇଟ ଆପାର୍ଟମେଣ୍ଟର ଶ୍ରୀଧାରା ମନ୍ତ୍ରୀ, ଭୁବନେଶ୍ୱର ଖଣ୍ଡଗିରି ଥାନା ଡୁମଡୁମାର ଆଲୋକ ସାହୁ, ବାଲେଶ୍ୱର ଟାଉନ ଥାନା ଅନ୍ତର୍ଗତ ମଣିଖମ, ମୋତିଗଞ୍ଜର ନିର୍ମଳାୟ କୁମାର ଦାସ, କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ ନିସ୍ତିପୁରର ଗଙ୍ଗାଧର ଜେନା ଓ ଗଞ୍ଜାମ ଜିଲା ହିଞ୍ଜିଳି ଥାନା ବ୍ରାହ୍ମଣଛାଇର ଜ୍ୟୋତିର୍ମୟୀ ସାହୁ। ଅଭିଯୁକ୍ତମାନଙ୍କ ଆର୍ଥିକ କାରବାର ଅନୁଧ୍ୟାନ କରାଯାଉଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବା ଏବଂ ବ୍ୟାପକ ଷଡ଼ଯନ୍ତ୍ରର ପର୍ଦ୍ଦାଫାଶ କରିବା ପାଇଁ ଅଧିକ ତଦନ୍ତ ଜାରି ରହିଥିବା ପୋଲିସ ସୂଚନା ଦେଇଛି।

# ଯୁବକଙ୍କୁ ମାରଣାସ୍ତ୍ରରେ ହାଣି ହତ୍ୟା

## ଜଙ୍ଗଲରୁ ମିଳିଲା ଗଳିତ ମୃତଦେହ

ବ୍ରଜରାଜନଗର, ୫।୨ (ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ରାମପୁର ଫାଣ୍ଡି କୁକୁରିକାନୀ ଟାଙ୍ଗରଘାଟ ଜଙ୍ଗଲରେ ଜଣେ ଯୁବକଙ୍କୁ ମାରଣାସ୍ତ୍ରରେ ହାଣି ହତ୍ୟା କରିବା ପରେ ଫିଙ୍ଗି ଦିଆଯାଇଛି। ମୃତକ ହେଲେ ରାମପୁର ଫାଣ୍ଡି ଅନ୍ତର୍ଗତ ବିନାଶିପଡ଼ାର ସତ୍ୟନାରାୟଣ ସହିସଙ୍କ ପୁତ୍ର ସାହିଲ ସହିସ(୧୯)। ଗୁରୁବାର ସକାଳେ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଗତ ୧ ତାରିଖ ସନ୍ଧ୍ୟାରେ ସାହିଲ ଘରୁ ପଳାଇ ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ହେଲେ ତାଙ୍କର ସନ୍ଧାନ ମିଳି ନ ଥିଲା। ବୁଧବାର ଅପରାହ୍ନରେ ସତ୍ୟ ନାରାୟଣ ଖବର ପାଇଥିଲେ ଯେ, ସାହିଲ ଓ ଅନ୍ୟ ୪ ଜଣ ସାଙ୍ଗଙ୍କ ମଧ୍ୟରେ କୌଣସି କାରଣରୁ ପାଟିତୁଣ୍ଡ ହୋଇଥିଲା। ଏଥିରେ ସେମାନେ ଉତ୍‌କ୍ଷିପ୍ତ ହୋଇ ମାରଣାସ୍ତ୍ରରେ ସାହିଲଙ୍କୁ ହତ୍ୟା କରିଥିଲେ। ପରେ ମୃତଦେହକୁ କଳା ପଲିଥିନ୍‌ରେ ଗୁଡାଇ ଜଙ୍ଗଲରେ ଫିଙ୍ଗି ଦେଇଥିଲେ। ଖବରପାଇ ପୋଲିସ ବୁଧବାର ରାତିରେ ଉକ୍ତ ଜଙ୍ଗଲରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ମୃତଦେହ ପାଇ ନ ଥିଲା। ଗୁରୁବାର ସକାଳେ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ, ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁ, ରାମପୁର ଫାଣ୍ଡି ଅଧିକାରୀ ସୁଦର୍ଶନ ବେହେରା, ଅନ୍ୟତମ ପୋଲିସ ଅଧିକାରୀ ଅଭୟ ମହାନ୍ତି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଜଙ୍ଗଲରେ ପହଞ୍ଚି ତଦନ୍ତ କରିବାବେଳେ ସାହିଲଙ୍କ ଗଳିତ ମୃତଦେହ ଜବତ କରିଥିଲେ। ଘଟଣାସ୍ଥଳରେ ମୃତକଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରିଥିବାବେଳେ ଅନ୍ୟ ୨ ଜଣ ଫେରାର ଅଛନ୍ତି। ଏନେଇ ସତ୍ୟ ନାରାୟଣ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା(ନଂ.୩୦/୨୬) ରୁଜୁ କରିଛି। ଏ ସମ୍ପର୍କରେ ଏସ୍‌ପି ରାଘବେନ୍ଦ୍ର କହିଛନ୍ତି, ସାହିଲଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ରହିଛି। ତେଣୁ ତାଙ୍କୁ ହତ୍ୟା କରି ଜଙ୍ଗଲରେ ଫିଙ୍ଗି ଦିଆଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି।



ମୃତକ ସାହିଲ ସହିସ।

# ୭ ସୁନା ଚେନ, ଗୋଟିଏ ବାଇକ୍ ଜବତ: ୩ ଗିରଫ

ମଙ୍ଗୁଳି-ଜଗତପୁର/ ଚୌଦ୍ୱାର,୫।୨ (ମାନସ ସାମଲ/ଆଶୁତୋଷ ଦାସ)

ଚୌଦ୍ୱାର ପୋଲିସ ଜଣେ ସୁନାଚେନ୍ ଲୁଟେରା ଓ ୨ଜଣ ବଣିଆଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଲୁଟେରା ହେଲେ କଟକ ଜିଲା ନେମାଳ ଥାନା ଅଧୀନ ବଳରାମପୁର ଗ୍ରାମର ବିଶାଳ ମଲ୍ଲିକ (୨୨), ୨ ବଣିଆ ହେଲେ ମର୍କତନଗର ଥାନା ଅଧୀନ ସିଡିଏ ସେକ୍ଟର ୭ ଅଞ୍ଚଳର ପ୍ରଭାକର ସାମନ୍ତ ଓ ମାହାଙ୍ଗା ଥାନା ଅଧୀନ ଭାରଙ୍ଗ ଗ୍ରାମର ହରେକୃଷ୍ଣ ସାହୁ ଓରଫ କାହ୍ନୁ (୩୧)। ସେମାନଙ୍କ ନିକଟରୁ ପୋଲିସ ୭ଟି ସୁନା ଚେନ (୯୭ ଗ୍ରାମ) ଓ ଗୋଟିଏ ବାଇକ୍ ଜବତ କରିଛି। ପୋଲିସ ଅନୁଯାୟୀ, ସନ୍ଧ୍ୟାରାଣି ପତି ତାଙ୍କ ସ୍ୱାମୀଙ୍କ ସହିତ ବିରୂପା ବ୍ରିଜ ନିକଟ ପରିବା ମାର୍କେଟକୁ ଯାଇ ଘରକୁ ଫେରୁଥିଲେ। ଲକ୍ଷ୍ମଣପୁର ନିକଟରେ ୨ଜଣ ଯୁବକ ଏକ ବାଇକ୍‌ରେ ପଛପଟୁ ଆସି ତାଙ୍କ ବେକରୁ ସୁନା ଚେନ ଛିଣ୍ଡାଇ ଫେରାର ହୋଇଯାଇଥିଲେ। ଥାନାରେ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରିବା ସହ ସହିତ ଜୋନ୍-୧ ଏସିପି ଅରୁଣ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ବିଭିନ୍ନ ଛକରେ ଲାଗିଥିବା ସିସିଟିଭି ଯାଞ୍ଚ ପରେ ୨୦୨୫ ଜାନୁଆରୀରେ ଚୌଦ୍ୱାର ଓ ଝାରପଡ଼ା ଜେଲରୁ ମୁକୁଳିଥିବା ଉପରୋକ୍ତ ଲୁଟେରାଙ୍କୁ ଦେଖିବାକୁ ମିଳିଥିଲା। ସନ୍ଦେହରେ ସେମାନଙ୍କୁ ଗିରଫ କରି ପଚରାଉଚରା ସମୟରେ ଅଭିଯୁକ୍ତମାନେ ଚୌଦ୍ୱାର, ଜଗତପୁର, ସଦର ଥାନା ଅଞ୍ଚଳ ସହିତ କଟକ, ଭୁବନେଶ୍ୱର ଅନ୍ୟାନ୍ୟ ଥାନା ଅଞ୍ଚଳରେ ସୁନା ଚେନ ଛିନତାଇ ଏବଂ ଡକାୟତି ମାମଲାରେ ସମ୍ପୃକ୍ତି ଥିବା ଜଣାପଡିଥିଲା। ପୂର୍ବରୁ ସେମାନଙ୍କ ନାମରେ ଚୌଦ୍ୱାର, ଜଗତପୁର, ସଦର ଥାନାରେ ୬ଟି ମାମଲା ରହିଛି।

# ହତ୍ୟାକାରୀ କାହ୍ନାଙ୍କୁ ଆଜୀବନ ଜେଲ

## ମହିଳାଙ୍କୁ ଛୁରି ଭୁସି ହତ୍ୟା ମାମଲା

ଭୁବନେଶ୍ୱର,୫।୨(ତ୍ରିନାଥ ମହାନ୍ତି)

ଏକତରଫା ପ୍ରେମକୁ ନେଇ ଭୁବନେଶ୍ୱର କ୍ୟାପିଟାଲ ଥାନାଞ୍ଚଳରେ ଜଣେ ମହିଳାଙ୍କୁ ଛୁରି ଭୁସି ହତ୍ୟା ମାମଲାର ରାୟ ଗୁରୁବାର ଜିଲା ଦୌରାଜଜ୍ କୋର୍ଟରେ ପ୍ରକାଶ ପାଇଛି। ଅଭିଯୁକ୍ତ ନନ୍ଦ କଶୋର ଓଝା ଓରଫ କାହ୍ନାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ସଜା ଶୁଣାଇଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦେୟ ହେଲେ ଅଧିକ ୬ ମାସ ସଜା ଭୋଗିବାକୁ ପଡିବ ବୋଲି ବିଚାରପତି ବିରଞ୍ଚି ନାରାୟଣ ମହାନ୍ତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ୨୩ଜଣ ସାକ୍ଷୀ ଓ ଅନ୍ୟ ଦସ୍ତାବିଜ ଆଧାରରେ କୋର୍ଟ ହତ୍ୟାକରୀ ନନ୍ଦ କିଶୋରଙ୍କୁ ଏହି ଦଣ୍ଡାଦେଶ ଶୁଣାଇଛନ୍ତି।



ମାମଲାରୁ ପ୍ରକାଶ, ହତ୍ୟାର ଶିକାର ହୋଇଥିଲେ ଭୁବନେଶ୍ୱର ଶିଶୁ ଭବନ ଛକ ନିକଟରେ ଭଡ଼ାରେ ରହୁଥିବା ବାଲେଶ୍ୱର ଜିଲା ଜଳେଶ୍ୱର ନିବାସୀ କୁଞ୍ଜବିହାରୀ ଦତ୍ତଙ୍କ ସ୍ତ୍ରୀ ଦୀପିକା ରଣଜିତ। କୁଞ୍ଜ ବିହାରୀଙ୍କର ଶିଶୁଭବନ ଛକ ନିକଟସ୍ଥ ଝରଣା ବସ୍ତିରେ ଏକ ମୋବାଇଲ ଦୋକାନ ଥିଲା। ଏହାକୁ ତାଙ୍କ ସ୍ତ୍ରୀ ଦୀପିକା ବୁଝାଶୁଝା କରୁଥିଲେ। ଅଭିଯୁକ୍ତ କାହ୍ନା ଜଣେ ବଢେଇ ହୋଇଥିବାବେଳେ ସେ ଉକ୍ତ ମୋବାଇଲ ଦୋକାନରେ କାଠ କାମ କରିବା ଭିତରେ ଦୀପିକାଙ୍କୁ ଏକତରଫା ପ୍ରେମ ନିବେଦନ କରି ବିଫଳ ହୋଇଥିଲେ। ଦୀପିକା ଘଟଣା ସମ୍ପର୍କରେ ଜଣାଇବାରୁ ସ୍ୱାମୀ କୁଞ୍ଜ ବିହାରୀ ଅଭିଯୁକ୍ତ କାହ୍ନାକୁ ଭୀଷଣ ଗାଳିଦେବା ସହ ତାଗିଦ କରିଥିଲେ। ପ୍ରେମରେ ବିଫଳତା ଓ କାହ୍ନା ପ୍ରତିଶୋଧପରାୟଣ ହୋଇ କାହ୍ନା ଦୀପିକାଙ୍କୁ ହତ୍ୟା ଯୋଜନା କରିଥିଲେ। ୨୦୨୪ ଫେବୃୟାରୀ ୨୭ ସନ୍ଧ୍ୟାରେ ଦୀପିକା ମୋବାଇଲ ଦୋକାନ ବନ୍ଦ କରି ୩ ବର୍ଷର ଝିଅ ସହ ଘରକୁ ଫେରୁଥିବାବେଳେ ଘର ନିକଟସ୍ଥ ଅନ୍ଧାରୁଆ ସ୍ଥାନରେ ଛପି ରହିଥିବା କାହ୍ନା ଛୁରି ଭୁସି ହତ୍ୟା କରିଥିଲେ। ଘଟଣା ସମ୍ପର୍କରେ ସ୍ୱାମୀ କୁଞ୍ଜ ବିହାରୀ କ୍ୟାପିଟାଲ ଥାନାରେ ଅଭିଯୋଗ କରିବା ପରେ ତତ୍କାଳୀନ ଏସ୍‌ଆଇ ମାନସ ସାହୁ ଅଭିଯୁକ୍ତ କାହ୍ନାଙ୍କୁ ଗିରଫ କରିଥିଲେ।

# ପୂର୍ବଶତ୍ରୁତାରୁ ଗଣ୍ଡଗୋଳ: ୩ ଗୁରୁତର

## ଜଣେ ଗିରଫ

କଣାସ,୫।୨(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ଥାନା ଅନ୍ତର୍ଗତ ଗଡ଼ବଡ଼ପୁଟ ଗ୍ରାମରେ ପୂର୍ବଶତ୍ରୁତାକୁ ନେଇ ଗଣ୍ଡଗୋଳ ଘଟିଛି। ଗଣ୍ଡଗୋଳରେ ୩ଜଣ ଗୁରୁତର ଆହତ ହୋଇ ଭୁବନେଶ୍ୱର ଏମ୍ସରେ ଚିକିତ୍ସା ହେଉଛନ୍ତି। ଆହତ ହୋଇଥିବା ଯୁବକଙ୍କ ମାତା ମମତା ବଳବନ୍ତରାୟ କଣାସ ଥାନାରେ ତାଙ୍କର ଦୁଇ ପୁତ୍ର ଓ ଦିଅରକୁ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସେହି ଗ୍ରାମର ୫ ଜଣ ବ୍ୟକ୍ତି ଆକ୍ରମଣ କରିଥିବା ଅଭିଯୋଗ କରିଛନ୍ତି। ପୋଲିସ ଏ ନେଇ ଏକ କେସ୍ (ନଂ. ୨୯/୨୬) ରୁଜୁକରି ବିଭିନ୍ନ ସ୍ଥାନ ଚଢାଉ କରି ଖୋର୍ଦ୍ଧା ଜିଲା ତାପଙ୍ଗ ଅଞ୍ଚଳରୁ ଶ୍ରୀନିବାସ ବଳବନ୍ତରାୟ ଓରଫ ଲଣ୍ଡାଙ୍କୁ ଗିରଫ କରି ଗୁରୁବାର ପୁରୀ କୋର୍ଟ ଚାଲାଣ କରିଛି। ୪ ଅଭିଯୁକ୍ତ ଫେରାର ଥିବାରୁ ସେମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିବା ପୋଲିସ କହିଛି।

## Business

# ଓଡ଼ିଶା ପାଇଁ ମାଇଣ୍ଡ ଇକୋନୋମି ଗୁରୁତ୍ୱପୂର୍ଣ୍ଣ

## ବ୍ଲାକ୍ ସ୍ୱାନ ସମିଟ୍ ଉଦ୍‌ଘାଟିତ

ଭୁବନେଶ୍ୱର,୫।୨(ଅନୁରାଧା ମହାରଣା)

ଗ୍ଲୋବାଲ ଫାଇନାନ୍ସ ଆଣ୍ଡ ଟେକ୍ନୋଲୋଜି ନେଟ୍‌ୱର୍କ (ଜିଏଫ୍‌ଟିଏନ୍) ସହିତ ସହଭାଗିତାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁବାର ଭୁବନେଶ୍ୱରରେ ପ୍ରଥମ ବ୍ଲାକ୍ ସ୍ୱାନ ସମ୍ମିଳନୀ ଇଣ୍ଡିଆ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଯୋଗଦେଇ ଓଡ଼ିଶା ପାଇଁ ମାଇନ୍ଡ ଇକୋନୋମି ସହ ବର୍ତ୍ତମାନ ସମୟରେ ମାଇଣ୍ଡ ଇକୋନୋମି ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି । ଗର୍ଗ ଆହୁରି କହିଛନ୍ତି, ଓଡ଼ିଶାର ଭବିଷ୍ୟତ ହେଉଛି ଡିଜିଟାଲ ଇକୋନୋମି। ବ୍ଲାକ୍ ସ୍ୱାନ ସମ୍ମିଳନୀ ପରି ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ ଜରିଆରେ ଓଡ଼ିଶା ପାଇଁ ବଡ଼ ସୁଯୋଗ ଆଣିବାର ଲକ୍ଷ୍ୟ ରଖାଯାଇଛି। ଏହାକୁ ନେଇ ଆଗାମୀ ଦିନରେ ଓଡ଼ିଶା ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ । ଏହାରି ମାଧ୍ୟମରେ ଓଡ଼ିଶାର ଯୁବତୀ ଯୁବକ ଦକ୍ଷ ହେବେ । ଫିନ୍‌ଟେକ୍, ଇନ୍ସଟେକ୍, ଡିଜିଟାଲ ଇନ୍‌ଫ୍ରାଷ୍ଟ୍ରକ୍ଚରରେ ଯାହା ଉନ୍ନତି ହେଉଛି ରାଜ୍ୟର ଯୁବତୀ ଯୁବକ କିଭଳି ଏହାକୁ ନେଇ ନିଜର ପ୍ରସ୍ତୁତି କରିବେ ତାହା ଉପରେ ଫୋକସ କେନ୍ଦ୍ରୀଭୂତ ହେବ। ଏହା ୫୦୦ ବିଲିଅନ ଡଲାର ଅର୍ଥନୀତିର ଲକ୍ଷ୍ୟ ସାଧନ କରିବାରେ ସହାୟକ ହେବ । ଏହି ପ୍ରୋଗ୍ରାମ ଗ୍ଲୋବାଲ ଶିକ୍ଷା, ମାନସିକତା ଓ ଇନୋଭେଶନ ସେଣ୍ଟର ଆଡ଼କୁ ଓଡ଼ିଶାକୁ ଗତି କରାଇବ। ସୂଚନା ଥାଉକି, ଏହି ସମ୍ମିଳନୀ ଭାରତନେତ୍ର ପଦକ୍ଷେପର ଏକ ଅଂଶ ଏବଂ ଫିନ୍‌ଟେକ୍, ଇନ୍‌ସୁରଟେକ ଏବଂ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ରାଜ୍ୟର ଇକୋସିଷ୍ଟମକୁ ବିକଶିତ କରିବା ଲକ୍ଷ୍ୟ ରଖିଛି। ଏହି ପଦକ୍ଷେପର ଏକ ପ୍ରମୁଖ ଅଂଶ ହେଉଛି ୫ ମାସିଆ ଫିନ୍‌ଟେକ୍ ଏବଂ ଇନ୍‌ସୁରଟେକ ହାଇବ୍ରିଡ୍ ତାଲିମ କାର୍ଯ୍ୟକ୍ରମ। ସିଙ୍ଗାପୁର ଜାତୀୟ ବିଶ୍ୱବିଦ୍ୟାଳୟର ଏସିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡିଜିଟାଲ ଫାଇନାନ୍ସ ସହିତ ସହଯୋଗରେ ବିକଶିତ ଏହି କାର୍ଯ୍ୟକ୍ରମରୁ ପ୍ରଥମ ବ୍ୟାଚ୍ ଛାତ୍ର ସ୍ନାତକ ହୋଇଛନ୍ତି। ଏହି ସ୍ନାତକମାନଙ୍କୁ ସମର୍ଥନ କରିବା ପାଇଁ, ରାଜ୍ୟ ଷ୍ଟାର୍ଟଅପ୍ ପାଇଁ ସିଧାସଳଖ ନିଯୁକ୍ତି ଏବଂ ବଜାର ପ୍ରବେଶ ସୁନିଶ୍ଚିତ କରିବା ପାଇଁ ବଜାଜ ଜେନେରାଲ ଇନ୍ସ୍ୟୁରାନ୍ସ, ସ୍ୱାଇସ୍ ମନି ଏବଂ ଭାୟାନା ଭଳି କମ୍ପାନୀଗୁଡ଼ିକ ସହିତ ୧୭ଟି ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଜିଏଫ୍‌ଟିଏନ୍‌ର ଉପାଧ୍ୟକ୍ଷ ନୀଲ ପାରେଖ କହିଛନ୍ତି, ଆର୍ଥିକ ପ୍ରଯୁକ୍ତିବିଦ୍ୟା ଏବଂ ବୀମା ପ୍ରଯୁକ୍ତିବିଦ୍ୟା ଭବିଷ୍ୟତର ଚାକିରିକୁ ପ୍ରତିନିଧିତ୍ୱ କରେ। ପାରେଖ କହିଛନ୍ତି, ଓଡ଼ିଶାରେ ୭ ହଜାର ଛାତ୍ରୀଛାତ୍ରଙ୍କ ତାଲିମ ଅଧିକ ଷ୍ଟାର୍ଟଅପ ଏବଂ ସୁଯୋଗ ସୃଷ୍ଟି କରିବ। ଉଚ୍ଚ ଦରମାଯୁକ୍ତ ନିଯୁକ୍ତି ସୃଷ୍ଟିକରିବା ଉପରେ ଧ୍ୟାନ ଦିଆଯାଇଛି। ଜିଏଫଟିଏନ୍‌ର ସିଇଓ ଜେମ୍ସ ବୋଇ କହିଛନ୍ତି, ଏହି ସମ୍ମିଳନୀ ନୀତି ଏବଂ ପ୍ରଯୁକ୍ତିବିଦ୍ୟା ଉପରେ ବିତର୍କ କରିବାକୁ ଏବଂ ନବସୃଜନକୁ ଉତ୍ସାହିତ କରିବାକୁ ଅଂଶୀଦାରମାନଙ୍କୁ ସକ୍ଷମ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଇଲେକ୍ଟ୍ରୋନିକ୍ସ ଓ ଇନଫରମେଶ ଟେକ୍ନୋଲୋଜି ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ବିଶାଳ କୁମାର ଦେବ ଓ ଜିଏଫଟିଏନର ଗ୍ରୁପ ସିଇଓ ସ୍ୱପ୍ନେନ୍ଦୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ଅନୁ ଗର୍ଗ

# ତତ୍ତ୍ୱ ଟେକ୍ନୋଲୋଜିସ୍‌ର ଏଆଇ ଓମ୍‌ନିଏଜେଣ୍ଟ

ଭୁବନେଶ୍ୱର,୫।୨(ଅନୁରାଧା ମହାରଣା)

ତତ୍ତ୍ୱ ଟେକ୍ନୋଲୋଜିସ୍, ଭୁବନେଶ୍ୱରର ଇନ୍‌ଫୋସିଟି କ୍ୟାମ୍ପସରେ ଏହାର ୨୪ତମ ପ୍ରତିଷ୍ଠା ଦିବସ ଅବସରରେ ଏହାର ଏଆଇ-ଚାଳିତ ପ୍ଲାଟ୍‌ଫର୍ମ 'ଓମ୍‌ନିଏଜେଣ୍ଟ'ର ଶୁଭାରମ୍ଭ କରିଛି। ଏହି ଅବସରରେ ତତ୍ତ୍ୱ ଟେକ୍ନୋଲୋଜିର ପରିଚାଳନା ନିର୍ଦ୍ଦେଶକ ଅୟସକାନ୍ତ ମହାନ୍ତି କହିଛନ୍ତି, 'ଓମ୍‌ନିଏଜେଣ୍ଟ ଆମର ନବସୃଜନ ଯାତ୍ରାରେ ଏକ ପ୍ରମୁଖ ମାଇଲଖୁଣ୍ଟ। କାର୍ଯ୍ୟକ୍ରମରେ ସିଇଓ ଏବଂ ସହ-ପ୍ରତିଷ୍ଠାତା ତପେନ୍ଦ୍ର ସେନାପତି ଓମ୍‌ନିଏଜେଣ୍ଟ ପ୍ରଦର୍ଶନ କରିଛନ୍ତି। ଓମ୍‌ନିଏଜେଣ୍ଟ ସଂଗଠନଗୁଡ଼ିକୁ ସ୍ୱୟଂଚାଳିତ ଏଆଇ ଏଜେଣ୍ଟମାନଙ୍କୁ ନିୟୋଜିତ କରିବାକୁ ସକ୍ଷମ କରିଥାଏ ଯେଉଁମାନେ ଓଡ଼ିଆ ଏବଂ ଅନେକ ଭାରତୀୟ ଭାଷା ସମେତ ୪୦ ରୁ ଅଧିକ ଭାଷାରେ ଭଏସ୍, ଇମେଲ୍, ଚାଟ୍ ଏବଂ ମେସେଜିଂ ପ୍ଲାଟ୍‌ଫର୍ମ ମାଧ୍ୟମରେ ଯୋଗାଯୋଗ କରିପାରିବେ।

# ପୂର୍ବତଟ ରେଳପଥ ଓ ବ୍ୟାଙ୍କ ଅଫ୍ ଇଣ୍ଡିଆ ମଧ୍ୟରେ ଏମ୍‌ଓୟୁ



ଭୁବନେଶ୍ୱର,୫।୨(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ଓ ବ୍ୟାଙ୍କ ଅଫ୍ ଇଣ୍ଡିଆ ମଧ୍ୟରେ ଗୁରୁବାର ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ପୂର୍ବତଟ ରେଳପଥର ବରିଷ୍ଠ ଅଧିକାରୀ ଏବଂ ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରତିନିଧିମାନଙ୍କ ଉପସ୍ଥିତିରେ ଭୁବନେଶ୍ୱରର ରେଳ ସଦନ ଅନ୍ତର୍ଗତ ସଭାଗୃହରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ଚୁକ୍ତିନାମା ଅନୁଯାୟୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ ଅନେକ କର୍ମଚାରୀ ଅନୁକୂଳ ସୁବିଧା ପ୍ରଦାନ କରିବ, ଯେଉଁଥିରେ ଅସୀମିତ ମାଗଣା ଏଟିଏମ୍ କାରବାର, ମାଗଣା ଡିମାଣ୍ଡ ଡ୍ରାଫ୍ଟ, ରିହାତି ଲକର ଭଡ଼ା ବ୍ୟବସ୍ଥା, ବ୍ୟକ୍ତିଗତ ଦୁର୍ଘଟଣା ବୀମା, ପିଲାମାନଙ୍କ ପାଇଁ ଶିକ୍ଷାଗତ ଅନୁଦାନ ଏବଂ ପ୍ରିମିୟମ ବିକଳ୍ପ ସହ ସ୍ୱାସ୍ଥ୍ୟ ବୀମା କଭରେଜ ଅନ୍ତର୍ଭୁକ୍ତ, ଯାହାର ଲକ୍ଷ୍ୟ ରେଳ କର୍ମଚାରୀମାନଙ୍କ ପାଇଁ ଅଧିକ ଆର୍ଥିକ ସୁରକ୍ଷା ଏବଂ ସୁବିଧା ସୁନିଶ୍ଚିତ କରିବା। ଏହି ଅବସରରେ ପୂର୍ବତଟ ରେଳପଥର ବରିଷ୍ଠ ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ ଯେ ଏହି ଚୁକ୍ତିନାମା କର୍ମଚାରୀ କଲ୍ୟାଣ ପ୍ରତି ସଂଗଠନର ନିରନ୍ତର ପ୍ରତିବଦ୍ଧତା ଏବଂ ଆକର୍ଷଣୀୟ ସର୍ତ୍ତାବଳୀରେ ବ୍ୟାପକ ଆର୍ଥିକ ସେବା ଉପଲବ୍ଧତା ପ୍ରଦାନକୁ ପ୍ରତିଫଳିତକରେ। ଏହି ଚୁକ୍ତିନାମା ମାଧ୍ୟମରେ ଏକକ ବେତନ ଆକାଉଣ୍ଟ ଢାଞ୍ଚା ଅଧୀନରେ ଉନ୍ନତ ବ୍ୟାଙ୍କିଙ୍ଗ୍ ସୁବିଧା ଏବଂ ମୂଲ୍ୟଯୁକ୍ତ ସେବା ପ୍ରଦାନକରି ବହୁ ସଂଖ୍ୟକ କାର୍ଯ୍ୟରତ ରେଳ କର୍ମଚାରୀ ଉପକୃତ ହେବେ ବୋଲି ଆଶା କରାଯାଉଛି।

# ଏଏମ୍‌ଏନ୍‌ଏସ୍ ଇଣ୍ଡିଆକୁ ସବୁଜ ଇସ୍ପାତ ପ୍ରମାଣପତ୍ର

AM/NS INDIA

ଭୁବନେଶ୍ୱର,୫।୨(ଅନୁରାଧା ମହାରଣା)

ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍‌ଏନ୍‌ଏସ୍ ଇଣ୍ଡିଆ) ଦେଶର ପ୍ରଥମ ସମନ୍ୱିତ ଇସ୍ପାତ ଉତ୍ପାଦକ ଭାବେ ଇସ୍ପାତ ମନ୍ତ୍ରଣାଳୟର ନୂତନ ସବୁଜ ଇସ୍ପାତ ବର୍ଗୀକରଣ ଅଧୀନରେ ସବୁଜ ଇସ୍ପାତ ପ୍ରମାଣପତ୍ର ହାସଲ କରିଛି। ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ହଟ୍ ରୋଲ୍ (ଏଚ୍‌ଆର୍) କଏଲ ଏବଂ ସିଟ ୪-ଷ୍ଟାର ରେଟିଂ ପାଇଥିବାବେଳେ କୋଲ୍ଡ ରୋଲ (ସିଆର୍) କଏଲ ଏବଂ ସିଟ ୩-ଷ୍ଟାର ରେଟିଂ ହାସଲ କରିଛି। ଏହା ଗ୍ରାହକମାନଙ୍କୁ ସେମାନଙ୍କର ମୂଲ୍ୟ ଶୃଙ୍ଖଳରେ ସ୍କୋପ ୩ ନିର୍ଗମନ ହ୍ରାସ କରିବାକୁ ସକ୍ଷମ କରିବ। ପ୍ରମାଣପତ୍ର ପାଇଁ ଯୋଗ୍ୟତା ଇସ୍ପାତ ଉତ୍ପାଦନର ନିର୍ଗମନର ତୀବ୍ରତା ଉପରେ ଆଧାରିତ, ଯେଉଁଥିରେ ପ୍ରତି ଟନ୍ ପିଛା ଚୂଡ଼ାନ୍ତ ଇସ୍ପାତ ଉତ୍ପାଦନ ନିମନ୍ତେ ୨.୨ ଟନ୍‌ରୁ କମ୍ ଅଙ୍ଗାରକାମ୍ଳ ସମତୁଲ୍ୟ ଯୋଗ୍ୟତା ସୀମା ରଖାଯାଇଛି। ଏହି ସୀମା ତଳେ ନିର୍ଗମନ ସହ ଉତ୍ପାଦିତ ଇସ୍ପାତକୁ ଏକ ୩ ସ୍ତରୀୟ ବ୍ୟବସ୍ଥା ଅଧୀନରେ ମୂଲ୍ୟାଙ୍କନ କରାଯାଏ, ଯାହା ୩-ଷ୍ଟାର, ୪-ଷ୍ଟାର, କିମ୍ବା ୫-ଷ୍ଟାର ସବୁଜ ଇସ୍ପାତ। ଏହି ପ୍ରମାଣପତ୍ର ହାସଲ କରିବା ପାଇଁ ଏଏମ୍‌ଏନ୍‌ଏସ୍ ଇଣ୍ଡିଆକୁ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସେକେଣ୍ଡାରି ଷ୍ଟିଲ୍ ଟେକ୍ନୋଲୋଜି (ଏନ୍‌ଆଇଏସ୍‌ଏସ୍‌ଟି) ଦ୍ୱାରା ଏକ କଠୋର ସମୀକ୍ଷା ପ୍ରଣାଳୀର ସାମ୍ନା କରିବାକୁ ପଡ଼ିଥିଲା। ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ଉମେନ କହିଛନ୍ତି, ଭାରତର ସବୁଜ ଇସ୍ପାତ ବର୍ଗୀକରଣ ଇସ୍ପାତ ଶିଳ୍ପର ଭବିଷ୍ୟତ ଏବଂ ଏହାର ଡିକାର୍ବୋନାଇଜେଶନ ପାଇଁ ଏକ ସ୍ପଷ୍ଟ ଦିଗ ନିର୍ଦ୍ଧାରିତ କରୁଛି।

# ବୁଦ୍ଧିମତ୍ତାପୂର୍ଣ୍ଣ କମ୍ପ୍ୟୁଟିଂ, ସ୍ମାର୍ଟ ସିଷ୍ଟମ୍ କରିବ ସ୍ଥାୟୀ ପ୍ରଯୁକ୍ତିଗତ ଉନ୍ନତି



ଭୁବନେଶ୍ୱର,୫।୨(ଅନୁରାଧା ମହାରଣା)

ସି.ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟି(ସିଜିୟୁ)ରେ ବୁଦ୍ଧିମତ୍ତାପୂର୍ଣ୍ଣ କମ୍ପ୍ୟୁଟିଂ, କଗ୍ନିଟିଭ୍ ନେଟ୍‌ୱର୍କ ଓ ସ୍ମାର୍ଟ ସିଷ୍ଟମ୍(ଆଇସିଂଏନ୍‌ଏସ୍୨-୨୦୨୬) ବିଷୟରେ ଏକ ଅନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍ପ୍ରିଞ୍ଜରର ଟେକ୍ନିକାଲ ସହଯୋଗରେ ଅନୁଷ୍ଠିତ ଏହି ୨ଦିନିଆ ସମ୍ମିଳନୀରେ ଚେସ୍ ଡିଆର୍‌ଡିଓର ନିର୍ଦ୍ଦେଶକ ଡ. ଜଗନ୍ନାଥ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବୁଦ୍ଧିମତ୍ତାପୂର୍ଣ୍ଣ କମ୍ପ୍ୟୁଟିଂ ଓ ସ୍ମାର୍ଟ ସିଷ୍ଟମ୍ ଦ୍ୱାରା ସ୍ଥାୟୀ ପ୍ରଯୁକ୍ତିଗତ ଉନ୍ନତି ସମ୍ଭବ ବୋଲି ସେ କହିଥିଲେ। କୋଲକାତାସ୍ଥିତ ଇଣ୍ଡିଆନ୍ ଷ୍ଟାଟିଷ୍ଟିକାଲ୍ ଇନ୍‌ଷ୍ଟିଚ୍ୟୁଟ୍‌ର ପ୍ରଫେସର ଡ. ସ୍ୱାଗତମ ଦାସ ସମ୍ମାନିତ ଅତିଥି, ମ୍ୟାଲେସିଆର ଏମ୍‌ଏଆର୍‌ଏ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ପ୍ରଫେସର ନଇମ୍ ହାନୁନ୍ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ସିଜିୟୁର କୁଳପତି ପ୍ରଫେସର ବଂଶୀଧର ମାଝୀ, ପ୍ରୋ ଭାଇସ ଚାନ୍ସେଲର ପ୍ରଫେସର ଡ. ଗୁଡ଼ାଦେବୀ ଓ ପରାମର୍ଶଦାତା ଡ. ଗଣପତି ପଣ୍ଡା, ପ୍ରୋଗ୍ରାମ୍ ଚେୟାର ଡ. ମୋନାଲିସା ମିଶ୍ର, ଡ. ମମତାରାଣୀ ଦାସ ଓ ଡ. ମଧୁସ୍ମିତା ସାହୁ, ପ୍ରୋଗ୍ରାମ୍ ଆଡଭାଇଜର ପ୍ରଫେସର ସୁକାନ୍ତ କିଶୋର ବିଶୋୟୀ, ସମ୍ମିଳନୀର ଆବାହକ ଡ. ଦେବେନ୍ଦ୍ର ମୁଦୁଲି, ଡ. ରାକେଶ ରଞ୍ଜନ କୁମାର ଓ ଡ. ଆଦ୍ୟାଶା ରଥ ପ୍ରମୁଖ ଯୋଗଦେଇଥିଲେ। ଡ. ଗଣପତି ପଣ୍ଡାଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ ପ୍ରଦାନ କରାଯାଇଥିଲା।

# ଗିଫ୍ଟର ୧୮ତମ ବାର୍ଷିକ କ୍ରୀଡ଼ା ଉତ୍ସବ

ଭୁବନେଶ୍ୱର,୫।୨(ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ ଗିଫ୍ଟ ସ୍ୱୟଂଶାସିତ ମହାବିଦ୍ୟାଳୟର ୧୮ତମ ବାର୍ଷିକ କ୍ରୀଡ଼ା ଉତ୍ସବ 'ଅକ୍ଟାଥାଲନ୍-୨୦୨୬' ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡ଼ା ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଜାତୀୟସ୍ତରୀୟ ଫୁଟ୍‌ବଲ ଖେଳାଳି ପ୍ରଦୀପ୍ତ କୁମାର ପଟ୍ଟନାୟକ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ଗିଫ୍ଟର ନିର୍ଦ୍ଦେଶକ ଡ. ପତିତପାବନ ପଣ୍ଡା, ଅଧ୍ୟକ୍ଷ ଡ. ତ୍ରିଲୋଚନ ସାହୁ, ରେଜିଷ୍ଟ୍ରାର ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ଡିନ୍(ଏକାଡେମିକ) ଡ. ରବିନାରାୟଣ ପଣ୍ଡା, ଇଂ ସମୀର ରଞ୍ଜନ ପଣ୍ଡା, ପିଆଇସି ଷ୍ଟୁଡେଣ୍ଟ୍ ୱେଲ୍‌ଫେୟାର ପ୍ରଫେସର ସୌମେନ୍ଦ୍ର ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ମୋଟ ୩୫ଟି ଖେଳରେ ୮୦୦ରୁ ଅଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ। କାର୍ଯ୍ୟକ୍ରମକୁ ଜଗନ୍ନାଥ ରାୟ, ପ୍ରତାପ କୋର ମିଶ୍ର, ଅସିତ ପାହାଡ଼ାସିଂ, ଅବଦୁଲ ଅଜିଜୀ ଖାନ, ଏସ୍.କେ. ସିରାଜ ଓ ଏ ଚୈତନ୍ୟ ପ୍ରମୁଖ ପରିଚାଳନା କରିଥିଲେ।




ଗିଫ୍ଟ ସ୍ୱୟଂଶାସିତ ମହାବିଦ୍ୟାଳୟର ୧୮ତମ ବାର୍ଷିକ କ୍ରୀଡ଼ା ଉତ୍ସବରେ ଅତିଥିମାନେ ଉପସ୍ଥିତ ଅଛନ୍ତି।

**ଗୋଟିଏ ରାତିରେ ୩ ମନ୍ଦିରରୁ ଚୋରି**

ସୋର,(ଜଗନ୍ନାଥ ମିଶ୍ର): ବାଲେଶ୍ୱର ଜିଲ୍ଲା ସୋର ଥାନା ଚଳନଗର ପଞ୍ଚାୟତ କୃଷ୍ଣନଗର ଓ ଚିରିଶାହି ଗ୍ରାମରେ ଥିବା ୩ ମନ୍ଦିରରୁ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗ୍ରାମରେ ଥିବା ହନୁମାନ ମନ୍ଦିର, ଶିରିଡି ସାଇ ମନ୍ଦିର ଓ ଠାକୁରାଣୀ ମନ୍ଦିରକୁ ସକାଳେ ପୂଜକ ପୂଜା କରିବାକୁ ଆସିବା ବେଳେ ମନ୍ଦିରର ତାଲା ଭାଙ୍ଗିଥିବା ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ପରେ ହନୁମାନ ମନ୍ଦିରରୁ ରୁପା ମୁକୁଟ, ମୁଦି, ରୁପା ହାର ସମେତ ପିତଳ ସାମଗ୍ରୀ, ସାଇବାବା ମନ୍ଦିରରୁ ରୁପା ମୁକୁଟ ଓ ଠାକୁରାଣୀ ମନ୍ଦିରରୁ ରୁପା ମୁକୁଟ, ସୁନା ଟିକା ଚୋରି ହୋଇଥିବା ଗ୍ରାମବାସୀ ସୋର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ୫ ଦେଶର ସେନା ଅଧିକାରୀ



ଲୋକସେବା ଭବନଠାରେ ଦିଲ୍ଲୀସ୍ଥିତ ନ୍ୟାସନାଲ ଡିଫେନ୍ସ କଲେଜର ପ୍ରଶିକ୍ଷାର୍ଥୀ ଓ ଅଧିକାରୀମାନଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ସାକ୍ଷାତ କରୁଛନ୍ତି।

**ଭୁବନେଶ୍ୱର,୫।୨(ସୁନିତ୍ ମିଶ୍ର)**

ଅଧ୍ୟୟନ ପରିଦର୍ଶନ କାର୍ଯ୍ୟକ୍ରମରେ ଓଡ଼ିଶା ଆସିଥିବା ଦିଲ୍ଲୀସ୍ଥିତ ନ୍ୟାସନାଲ ଡିଫେନ୍ସ କଲେଜର ପ୍ରଶିକ୍ଷାର୍ଥୀ ଅଧିକାରୀମାନେ ଗୁରୁବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି। ଏହି ଅଧ୍ୟୟନ ପରିଦର୍ଶନ କାର୍ଯ୍ୟକ୍ରମରେ ଭାରତୀୟ ସଶସ୍ତ୍ର ବାହିନୀର ଅଧିକାରୀମାନଙ୍କ ସମେତ ଆମେରିକା, ଭୁଟାନ, ଶ୍ରୀଲଙ୍କା, ମାଙ୍ଗୋଲିଆ ଏବଂ ନେପାଳର ସୈନ୍ୟବାହିନୀର ଅଧିକାରୀମାନେ ମଧ୍ୟ ଯୋଗଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସମସ୍ତଙ୍କ ପାଇଁ ଦେଶର ଅର୍ଥ ହେଉଛି କେବଳ ଜାତୀୟ ସେବା। ଏହା ସେମାନଙ୍କ ପ୍ରତିବଦ୍ଧତା। ପ୍ରତ୍ୟେକ ସାମରିକ ଅଧିକାରୀଙ୍କ ଭାବାବେଗ ସହ ତାଙ୍କର ଏହି ମନୋଭାବ ଗଭୀର ଭାବେ ଜଡ଼ିତ ବୋଲି ସେ ଅଧିକାରୀମାନଙ୍କୁ କହିଛନ୍ତି। ସେ ଆହୁରି କହିଛନ୍ତି, ଅପରେଶନ ସିନ୍ଦୂରର ସଫଳତା ଓ ଭାରତୀୟ ସଶସ୍ତ୍ର ବାହିନୀର କାର୍ଯ୍ୟ ପ୍ରଶଂସନୀୟ। ଅପରେଶନ ସିନ୍ଦୂର ସମୟରେ ସୈନ୍ୟବାହିନୀ ଦ୍ୱାରା ଦେଖାଯାଇଥିବା ସାହସ ଏବଂ ସାହସିକତା ସମାନ। ଏହ ଅପରେଶନ ସେନାର ଶୃଙ୍ଖଳା, ଦୃଢ଼ ପ୍ରତିବଦ୍ଧତା ଏବଂ ନିଃସ୍ୱାର୍ଥପର ସେବାର ପ୍ରମାଣ। ଏହାସହ ପ୍ରାଚୀନ ଓଡ଼ିଶାର ବୀରତ୍ୱ ଏବଂ ପରାକ୍ରମ ଉପରେ ଆଲୋକପାତ କରିବା ସହ ଶିଳ୍ପ, ଭିତ୍ତିଭୂମି, ଶିକ୍ଷା, କ୍ରୀଡ଼ା ଏବଂ ବିପର୍ଯ୍ୟୟ ପରିଚାଳନାରେ ରାଜ୍ୟ ସମଗ୍ର ଭାରତରେ କିଭଳି ଏକ ନୂତନ ପରିଚୟ ସୃଷ୍ଟି କରିଛି ସେ ବିଷୟରେ କହିଛନ୍ତି। ଏହି ଅବସରରେ ବିଭିନ୍ନ ଦେଶରୁ ଆସିଥିବା ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ସବୁକ୍ଷେତ୍ରରେ ଓଡ଼ିଶାର ଦ୍ରୁତ ବିକାଶ ଦେଖି ସେମାନେ ପ୍ରଶଂସା କରିଛନ୍ତି। ଏଥିରେ ଭାରତୀୟ ସଶସ୍ତ୍ର ବାହିନୀର ବରିଷ୍ଠ ଅଧିକାରୀ ଏବଂ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଥିବା ଦେଶର ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିଛନ୍ତି। କାର୍ଯ୍ୟକ୍ରମରେ ଏୟାର ମାର୍ଶାଲ ମନୀଷ କୁମାର ଗୁପ୍ତା, ମେଜର ଜେନେରାଲ ପି.ପି. ସାଙ୍ଗରା, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଭାରତୀୟ ସଶସ୍ତ୍ର ବାହିନୀର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# 'ଧୁରନ୍ଧର-୨'ରେ ୟାମୀ ଗୌତମ



ମୁମ୍ବାଇ: ବ୍ଲକବଷ୍ଟର ଚଳଚ୍ଚିତ୍ର 'ଧୁରନ୍ଧର'ର ସଫଳତା ପରେ ଏବେ ଏହାର ଦ୍ୱିତୀୟ ଭାଗ 'ଧୁରନ୍ଧର: ଦି ରିଭେଞ୍ଜ'କୁ ନେଇ ଚର୍ଚ୍ଚା ବଢ଼ିଛି। ନିକଟରେ ରିଲିଜ ହୋଇଥିବା ଟିଜର ଦର୍ଶକଙ୍କ ମଧ୍ୟରେ ଉତ୍ସାହ ଭରିଦେଇଥିବା ବେଳେ ଏବେ ଅଭିନେତ୍ରୀ ୟାମୀ ଗୌତମଙ୍କୁ ନେଇ ଏକ ବଡ଼ ଖବର ସାମ୍ନାକୁ ଆସିଛି। ରିପୋର୍ଟ ଅନୁସାରେ, ସ୍ୱାମୀ ଆଦିତ୍ୟ ଧରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ୟାମୀ ଏକ ବିଶେଷ ଭୂମିକାରେ ନଜରକୁ ଆସିବେ। ଏହି ଚଳଚ୍ଚିତ୍ରରେ ୟାମୀଙ୍କ ଭୂମିକା ଛୋଟ ହେଲେ ମଧ୍ୟ ଏହା ଗୁରୁତ୍ୱପୂର୍ଣ୍ଣ ଏବଂ ଆକର୍ଷଣରେ ଭରପୂର ରହିବ। ସୂଚନା ଅନୁସାରେ, ସେ ପ୍ରାୟ ୫ ଦିନର ସୁଟିଂ ମଧ୍ୟ ଶେଷ କରିସାରିଛନ୍ତି। ପୂର୍ବରୁ ଏକ ସାକ୍ଷାତକାରରେ ୟାମୀ କହିଥିଲେ, 'ଧୁରନ୍ଧର'ର ସ୍କ୍ରିପ୍ଟ ଏତେ ଚମତ୍କାର ଯେ ସେ ନିଜେ ଏହାର ଅଂଶବିଶେଷ ହେବାକୁ ଚାହୁଁଥିଲେ। ୟାମୀ ମଧ୍ୟ ସ୍ପଷ୍ଟ କରିଛନ୍ତି,ସ୍ୱାମୀ ନିର୍ଦ୍ଦେଶକ ହୋଇଥିଲେ ମଧ୍ୟ ସେମାନେ ନିଜର ବୃତ୍ତିଗତ ସୀମାକୁ ସମ୍ମାନ ଦିଅନ୍ତି ଏବଂ ସ୍କ୍ରିପ୍ଟର ଆବଶ୍ୟକତା ଅନୁସାରେ ହିଁ ସେ ଏହି ଫିଲ୍ମରେ ସାମିଲ ହୋଇଛନ୍ତି। ରଣବୀର ସିଂ, ଅକ୍ଷୟ ଖାନ୍ନା, ସଞ୍ଜୟ ଦତ୍ତ, ଆର. ମାଧବନ ଏବଂ ଅର୍ଜୁନ ରାମପାଲଙ୍କ ଭଳି ବଡ଼ କଳାକାରଙ୍କ ଅଭିନୀତ ଏହି ସ୍ପାଇ-ଥ୍ରୀଲର ଆସନ୍ତା ମାର୍ଚ୍ଚ ୧୯ରେ ପ୍ରେକ୍ଷାଳୟକୁ ଆସିବ ବୋଲି ଶୁଣିବାକୁ ମିଳୁଛି।

## ପ୍ରଧାନମନ୍ତ୍ରୀଙ୍କୁ ଗୃହକୁ ...

ପ୍ରଥମ ପୃଷ୍ଠାରୁ...

ଉପରେ କେହି ହାତ ଉଠାଇବା କିମ୍ବା ତାଙ୍କୁ ଆଘାତ ଦେବା ବା ସେଭଳି କିଛି କରିବାର ପ୍ରଶ୍ନ ଉଠୁନାହିଁ। ସୁରକ୍ଷା ଚିନ୍ତା ନେଇ ବାଚସ୍ପତିଙ୍କ ଅଭିଯୋଗକୁ କଂଗ୍ରେସ ନେତା ପଓ୍ୱନ ଖେରା ଖଣ୍ଡନ କରିଛନ୍ତି। ମହିଳା ଏମ୍‌ପିମାନେ ଗୃହରେ ପ୍ରତିବାଦ ଜଣାଉଥିଲେ ବୋଲି ସେ କହିଛନ୍ତି। ବିରୋଧୀଙ୍କୁ ସମାଲୋଚନା କରି ବାଚସ୍ପତି କହିଥିଲେ, ବୁଧବାର ତାଙ୍କ କାର୍ଯ୍ୟାଳୟରେ କେତେଜଣ ବିରୋଧୀ ସଦସ୍ୟଙ୍କ ଆଚରଣ ଉପଯୁକ୍ତ ନ ଥିଲା ଏବଂ ବାସ୍ତବରେ ତାହା ଏକ କଳାଦାଗ ଭଳି ଥିଲା। ଦୁଃଖର ସହ ଜଣାଇବାକୁ ଚାହୁଁଛି ଯେ, ବୁଧବାର ଗୃହରେ କେତେଜଣ ସଦସ୍ୟ ଯେଭଳି ବ୍ୟବହାର ଦେଖାଇଲେ ପାର୍ଲାମେଣ୍ଟ ଇତିହାସରେ କେବେ ଦେଖାଦେଇ ନ ଥିଲା ବୋଲି ବାଚସ୍ପତି କହିଛନ୍ତି। ବୁଧବାର ପ୍ରଧାନମନ୍ତ୍ରୀ ଗୃହରେ ଉଦ୍‌ବୋଧନ ଦେବା ସମୟ ପୂର୍ବରୁ କେତେଜଣ ବିରୋଧୀ ମହିଳା ସଦସ୍ୟ ବ୍ୟାନର ଧରି ତାଙ୍କ ଆସନ ଆଡ଼େ ମାଡ଼ିଯାଇଥିଲେ। ଫଳରେ ଦିନକ ପାଇଁ ଗୃହକୁ ମୁଲତବୀ ରଖାଯାଇଥିଲା। ସେତେବେଳେ ମୋଦି ଗୃହରେ ନ ଥିଲେ। ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଭାଜପା ସଦସ୍ୟ ପି.ପି. ଚୌଧରୀ ଧନ୍ୟବାଦ ପ୍ରସ୍ତାବରେ ମନ୍ତବ୍ୟ ରଖିଥିଲେ। ଏହି ସମୟରେ ବିରୋଧୀ ସଦସ୍ୟମାନେ ଗୃହ ମଧ୍ୟଭାଗକୁ ମାଡ଼ିଯାଇଥିଲେ।

ବିର୍ଲା କହିଛନ୍ତି, ସମ୍ବିଧାନରେ ଗୃହ ଅଧ୍ୟକ୍ଷଙ୍କ ମର୍ଯ୍ୟାଦା ପ୍ରତିଷ୍ଠିତ ରହିଆସିଛି। ଇତିହାସରେ କେବେ ରାଜନୈତିକ ମତାନ୍ତରକୁ ଗୃହ ମଧ୍ୟକୁ ଟଣାଯାଇ ନାହିଁ। ବାଚସ୍ପତିଙ୍କ କାର୍ଯ୍ୟାଳୟରେ ବିରୋଧୀ ସଦସ୍ୟମାନଙ୍କ ଆଚରଣ ଉପଯୁକ୍ତ ନ ଥିଲା ବୋଲି ସେ କହିଛନ୍ତି। ଗୃହର ନେତା ରାଷ୍ଟ୍ରପତିଙ୍କ ଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବର ଉତ୍ତର ରଖିବାକୁ ଥିବାବେଳେ ତାଙ୍କ ଆସନ ପାଖରେ କଂଗ୍ରେସ ସଦସ୍ୟମାନେ ଅବାଞ୍ଛିତ କାର୍ଯ୍ୟ କରିବା ନେଇ ବଳିଷ୍ଠ ସୂଚନା ପାଇବା ପରେ ତାଙ୍କୁ ଗୃହକୁ ଆସିବାକୁ ମନା କରିଥିଲେ ବୋଲି ବିର୍ଲା କହିଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କ ଅନୁରୋଧ ରକ୍ଷାକରି ଲୋକ ସଭାରେ ଅପ୍ରିୟ ଦୃଶ୍ୟକୁ ଏଡ଼ାଇଯାଇଥିବାରୁ ବାଚସ୍ପତି ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବିରୋଧୀ ଯଦି ଗୃହକୁ ପୋଷ୍ଟର ଏବଂ ପାମ୍ଫଲେଟ୍ ନେଇ ଆସନ୍ତି, ତେବେ ଗୃହକାର୍ଯ୍ୟ ଚାଲିବ ନାହିଁ ବୋଲି ବାଚସ୍ପତି ସେମାନଙ୍କୁ ଚେତାବନୀ ଦେଇଥିଲେ। ବିରୋଧୀ ହଟ୍ଟଗୋଳ କରିବା ସହ ସ୍ଲୋଗାନ ଜାରି ରଖିବାରୁ ବାଚସ୍ପତି ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ।

## ଚେନ୍ନାଇ ଏକ୍ସପ୍ରେସ୍...

ଟ୍ରେନ ଚଳାଚଳ କରୁଛି। ଏହି ଦୃଷ୍ଟିରୁ ଏହି ଷ୍ଟେଶନ ପରିସରରେ ଅଧିକାଂଶ ସମୟରେ ମରାମତି ଓ ନୂତନ ରେଳଲାଇନ କାର୍ଯ୍ୟ ଜାରି ରହିଛି। ଏହି ମରାମତି କାର୍ଯ୍ୟ ଚାଲିଥିବା ସମୟରେ ଚେନ୍ନାଇ ସେଣ୍ଟ୍ରାଲ ନ୍ୟୁ ଜଲପାଇଗୁଡି ଏକ୍ସପ୍ରେସ୍ ଟ୍ରେନ୍ ଯଖପୁରା ଷ୍ଟେଶନକୁ ପଶିଥିଲା। ରେଳ ଟ୍ରାକ ପରିବର୍ତ୍ତନ କରିଥିବାରୁ ଟ୍ରେନଟି ମନ୍ଥର ଗତିରେ ଚାଲିଥିଲା। ତେଣୁ ଟ୍ରେନ ଲାଇନ୍‌ଚ୍ୟୁତ ହୋଇଥିଲେ ମଧ୍ୟ ୩ଟି ବଗି ସୁରକ୍ଷିତ ଭାବେ ଠିଆହୋଇ ରହିଥିଲା, ଯଦ୍ୱାରା ଏକ ବଡ଼ ଦୁର୍ଘଟଣାରୁ ଟ୍ରେନ୍ ବର୍ତ୍ତିଯାଇଥିଲା ବୋଲି ସ୍ଥାନୀୟ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଦୁର୍ଘଟଣାର ପ୍ରାୟ ୨ ଘଣ୍ଟା ପରେ ଅର୍ଥାତ ପୂର୍ବାହ୍ନ ୧୧ଟା ସମୟରେ ଦୁର୍ଘଟଣାଗ୍ରସ୍ତ ଟ୍ରେନରୁ ଇଞ୍ଜିନକୁ ଅଲଗା କରି ଅବଶିଷ୍ଟ ବଗିଗୁଡିକ ସହ ସଂଯୋଗ କରାଯାଇଥିଲା। ସେଠାରୁ ଟ୍ରେନ୍‌କୁ ପଛରେ ଥିବା ଜେନାପୁର ରେଲଓ୍ୱେ ଷ୍ଟେଶନକୁ ନିଆଯାଇଥିଲା। କଟକରୁ ଆଉ ୩ଟି ବଗି ଆଣି ଦୁର୍ଘଟଣାଗ୍ରସ୍ତ ଟ୍ରେନ ସହିତ ଜେନାପୁର ଷ୍ଟେଶନରେ ସଂଯୋଗ କରି ମଧ୍ୟାହ୍ନ ପ୍ରାୟ ୧୨ଟା୩୦ମିନିଟ୍‌ରେ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ସେମାନଙ୍କ ଗନ୍ତବ୍ୟସ୍ଥଳକୁ ନିଆଯାଇଥିଲା ବୋଲି ସୂଚନା ମିଳିଛି।

# କଲେଜ ପରିସରରେ ବିଷ ଖାଇଲେ ଛାତ୍ରୀଛାତ୍ର

**ବୌଦ୍ଧ,୫।୨(ଅଜିତ କୁମାର ବାରିକ)**

ବୌଦ୍ଧ ମଡେଲ ଡିଗ୍ରୀ କଲେଜରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ପାଠପଢ଼ା ଚାଲିଥିବାବେଳେ କଲେଜ ପରିସରରେ ଜଣେ ଛାତ୍ରୀ ଏବଂ ଜଣେ ଛାତ୍ର କୀଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଚିକିତ୍ସା ପାଇଁ ବୌଦ୍ଧ ମେଡିକାଲରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ମୁତାବକ, ଗୁରୁବାର ପୂର୍ବାହ୍ନରେ ଉକ୍ତ କଲେଜରେ ସବୁ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ଜଣେ ଦ୍ୱିତୀୟ ବର୍ଷ ଛାତ୍ରୀ ଏବଂ ଜଣେ ପ୍ରଥମ ବର୍ଷ ଛାତ୍ର କଲେଜ ପରିସରରେ କୌଣସି କାରଣରୁ କୀଟନାଶକ ପିଇ ଦେଇଥିଲେ। ବିଷ ପିଇ ତଳେ ପଡ଼ିଥିବା ଦେଖି ସହପାଠୀମାନେ ଉଭୟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ମୁଖ୍ୟ ମେଡିକାଲରେ ଭର୍ତ୍ତି କରିଥିଲେ। ପ୍ରାପ୍ତ ଖବର ସୁଦ୍ଧା ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଜଣାପଡିଛି। ଛାତ୍ର ଜଣକ ବୌଦ୍ଧ ସହର ମାଳିସାହିର ଆକାଶ ଷାଣ୍ଢ ବୋଲି ଜଣାପଡ଼ିଥିବା ବେଳେ ଛାତ୍ରୀଙ୍କ ଘର ବଘାରପାଲି ଗ୍ରାମରେ ବୋଲି ସୂଚନା ମିଳିଛି। ଏହା ପ୍ରେମଜନିତ ଘଟଣା ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ରବୀନ୍ଦ୍ର ସାହୁଙ୍କୁ ପଚାରିବାରୁ ସେ କହିଲେ, ଛାତ୍ର ଜଣକ ପ୍ରଥମ ବର୍ଷର ହୋଇଥିବା ବେଳେ ଛାତ୍ରୀ ଜଣକ ଦ୍ୱିତୀୟ ବର୍ଷର। ତେବେ ଉକ୍ତ ଛାତ୍ରୀଛାତ୍ର ବିଷ ଖାଇବାର କାରଣ ଜଣାପଡିନାହିଁ।

# ଗୋମାଂସ ଚାଲାଣ ବେଳେ କାର୍ ଦୁର୍ଘଟଣାଗ୍ରସ୍ତ, ଚାଳକ ମୃତ

**ଧାମନଗର,୫।୨(ସନ୍ତୋଷ କୁମାର ମହାପାତ୍ର/ଦେବେନ୍ଦ୍ର ଆଦିଆ)**

ଭଦ୍ରକ ଜିଲ୍ଲା ଧାମନଗର ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥର ବିଷ୍ଣୁପୁର ଛକ ନିକଟରେ ଗୁରୁବାର ସକାଳେ ଏକ କାର୍ ଗୋମାଂସ ନେଇ ଯାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଅନ୍ୟ ଏକ ଗାଡ଼ିକୁ ଧକ୍କା ଦେବା ଫଳରେ କାର୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଧାମନଗର ଏନ୍‌ଏସି ଅଧୀନ ପଠାଣମହଲାର ସେକ ମୁସ୍ତାକ (୨୮)।

ସୂଚନା ଅନୁଯାୟୀ, ସକାଳ ପ୍ରାୟ ୫ଟା ୩୦ ବେଳେ ଏକ କାର୍(ଓଆର୍ ୦୫ଏଏଚ୍୯୫୭୫) ପ୍ରାୟ ୪ କୁଇଣ୍ଟାଲ ଗୋମାଂସ ନେଇ ଧାମନଗରରୁ ଭଦ୍ରକ ଅଭିମୁଖେ ଯାଉଥିଲା। ବିଷ୍ଣୁପୁର ଛକ ନିକଟରେ ରାସ୍ତାକଡ଼ରେ ଠିଆ ହୋଇଥିବା ଏକ ଅଜଣା ଗାଡ଼ି ପଛକୁ କାର୍ ଧକ୍କା ଦେଇଥିଲା। ଅନ୍ୟ ଗାଡ଼ିଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ କାର୍‌ଟିର ସମ୍ମୁଖ ଭାଗ ଭାଙ୍ଗିରୁଜି ଯାଇଥିବା ସହ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ପରେ ଧାମନଗର ପୋଲିସ ଏସ୍‌ଆଇ ନାରାୟଣ ନାୟକ ଓ ଏଏସ୍‌ଆଇ ସୁଜିତ୍ ରାଉତ ସଦଳବଳ ଉକ୍ତ ସ୍ଥାନରେ ପହଞ୍ଚି ଗାଡ଼ିକୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଜବତ ଗୋମାଂସକୁ ନିକଟସ୍ଥ ପଡ଼ିଆରେ ମାଟି ଖୋଳି ପୋତାଯାଇଛି। ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ପୋଲିସ ଜବତ କରି ଧାମନଗର ଥାନାକୁ ନେଇଛି। ଏନେଇ ଥାନାରେ ଏକ ମାମଲା (ନଂ.୫୧/୨୬) ରୁଜୁ ହୋଇଛି।

# କୋଶଳା ଦେଇ କୋଇଲା ପରିବହନ ଚକ୍ରାନ୍ତର ସିବିଆଇ ତଦନ୍ତ ଦାବି

**ଛେଣ୍ଡିପଦା,୫।୨(ଅଜିତ ଧଳ)**

ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଦେଇ ଯାଇଥିବା ଅନୁଗୋଳ-ଛେଣ୍ଡିପଦା ୬୩ ନମ୍ବର ରାଜ୍ୟ ରାଜପଥର କୋଶଳା ଗ୍ରାମଦେଇ ଖଣିରୁ କୋଇଲା ପରିବହନ କରାଯିବାର ଚକ୍ରାନ୍ତ ହୋଇଥିବା ଅଭିଯୋଗକରି କୋଶଳା ଗ୍ରାମବାସୀ ସିବିଆଇ ତଦନ୍ତ ଦାବି କରିଛନ୍ତି।

ଛେଣ୍ଡିପଦା ବ୍ଲକ ଆଗକୁ କୋଇଲା ଖଣିର ହବ୍‌ରେ ପରିଣତ ହେବାକୁ ଯାଉଛି। ଖଣିଗୁଡ଼ିକରୁ କୋଇଲା ପରିବହନ ପାଇଁ କୋଶଳା ଦେଇ ୬୩ନଂ. ରାଜ୍ୟ ରାଜପଥ ବ୍ୟବହାର କରାଯାଇପାରିବ ନାହିଁ ବୋଲି ଗ୍ରାମବାସୀ ବିଭିନ୍ନ ତଥ୍ୟରୁ ଜାଣିପାରିଛନ୍ତି। କେବଳ ଜରପଡ଼ା ରେଲ୍‌ୱେ ସାଇଡିଂରେ କୋଇଲା ପରିବହନ ଅନୁମତି ଥିବା ଉକ୍ତ ତଥ୍ୟରୁ ଜଣାପଡ଼ିଛି। ଏହା ସତ୍ତ୍ୱେ କେତେଜଣ ଲୋକଙ୍କ ସାହାଯ୍ୟରେ ଖଣି କର୍ତ୍ତୃପକ୍ଷ କୋଶଳା ଦେଇ ଉକ୍ତ ରାଜ୍ୟ ରାଜପଥରେ କୋଇଲା ପରିବହନ ପାଇଁ ଚକ୍ରାନ୍ତ ଚଳାଇଛନ୍ତି। ଗ୍ରାମ ସଭାପତି କୃତାର୍ଥ ଦେହୁରୀଙ୍କ ନେତୃତ୍ୱରେ ଏକ ଜରୁରୀ ବୈଠକ କରାଯାଇ ଗ୍ରାମଦେଇ କୋଇଲା ପରିବହନକୁ ସମ୍ପୂର୍ଣ୍ଣ ବିରୋଧ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ଉକ୍ତ ଚକ୍ରାନ୍ତର ସିବିଆଇ ତଦନ୍ତ ପାଇଁ ଦାବି କରାଯାଇଥିଲା।

# 'ସହାୟ' କାର୍ଯ୍ୟର ସମୀକ୍ଷାକଲେ ମନ୍ତ୍ରୀ

**ଭୁବନେଶ୍ୱର,୫।୨(ସୁଚିସ୍ମିତା ସାହୁ)**

ଅସହାୟ, ଅକ୍ଷମ ଓ ଭିକ୍ଷୁକଙ୍କ ଥଇଥାନ, ଯତ୍ନ ଓ ସୁରକ୍ଷା ପାଇଁ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ (ଏସ୍‌ଏସ୍‌ଇପିଡି) ପକ୍ଷରୁ କାର୍ଯ୍ୟ କରୁଥିବା 'ସହାୟ' ଯୋଜନାର ପରିଚାଳନା କମିଟି ବୈଠକ ଗୁରୁବାର କ୍ୟାପିଟାଲ ହସ୍ପିଟାଲର ଏସ୍‌ଆଇଡିଆର୍ କ୍ୟାମ୍ପସରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଅଧ୍ୟକ୍ଷତା କରି ଯୋଜନାର ସମୀକ୍ଷା କରିଥିଲେ। ଅସହାୟ ପିଲାଙ୍କ ବିକାଶରେ 'ସହାୟ'ର ପ୍ରୟାସକୁ ପ୍ରଶଂସା କରିଥିଲେ। ବୌଦ୍ଧିକ ଅକ୍ଷମ ବ୍ୟକ୍ତିମାନଙ୍କ ପାଇଁ ସେବାକୁ ସୁଦୃଢ଼ କରିବା ଲାଗି ନିରନ୍ତର ସମର୍ଥନ ପ୍ରଦାନ କରିବେ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ 'ସହାୟ'ର କାର୍ଯ୍ୟକ୍ରମ ଏବଂ ଭବିଷ୍ୟତ ବିକାଶ ସମ୍ବନ୍ଧୀୟ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ଭାରତୀୟ ରେଡକ୍ରସ ସୋସାଇଟି ଓଡ଼ିଶା ରାଜ୍ୟ ଶାଖା ଅଧୀନରେ କାର୍ଯ୍ୟ କରୁଥିବା 'ସହାୟ' କଟକ ମଙ୍ଗଳାବାଗରେ ବୌଦ୍ଧିକ ଅକ୍ଷମ ପିଲାଙ୍କ ପାଇଁ ଏକ ସ୍ୱତନ୍ତ୍ର ବିଦ୍ୟାଳୟ, ଏକ ବୃତ୍ତିଗତ ତାଲିମ କେନ୍ଦ୍ର ଏବଂ ଏକ ଚିକିତ୍ସା ୟୁନିଟ୍ ପରିଚାଳନା କରୁଥିବା ସୂଚନା ଦିଆଯାଇଛି। ଏସ୍‌ଏସ୍‌ଇପିଡି ବିଭାଗର ପ୍ରମୁଖ ଶାସନ ସଚିବ ଆର.ଏସ. ଗୋପାଳନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। 'ସହାୟ'ର ଅବୈତନିକ ସଚିବ ମୃଣାଳିନୀ ପାଢୀଙ୍କ ଦ୍ୱାରା ବୈଠକ ଆୟୋଜିତ ହୋଇଥିବାବେଳେ କୋଷାଧ୍ୟକ୍ଷ ଇନା ପୁରୋହିତ ଧନ୍ୟବାଦ ଦେଇଥିଲେ।

# ସୋମବାର ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

**ଭୁବନେଶ୍ୱର, ୫।୨(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆସନ୍ତା ସୋମବାର ହେବ। ସ୍ଥାନୀୟ ୟୁନିଟ୍-୨ ଅଶୋକନଗରସ୍ଥିତ କ୍ୟାପିଟାଲ ନର୍ସରି ନିକଟସ୍ଥ ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଏଥିପାଇଁ ଅନ୍‌ଲାଇନ ପଞ୍ଜୀକରଣ ଶୁକ୍ରବାର ପୂର୍ବାହ୍ନ ୧୧ଟାରୁ ଆରମ୍ଭ ହେବ। ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିବା ପର୍ଯ୍ୟନ୍ତ ଖୋଲା ରହିବ। ଏଥିଲାଗି ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ ଅଥବା ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ପାଇଁ ପଞ୍ଜୀକରଣ କରାଇପାରିବେ। ଏନେଇ ଗୁରୁବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି।


**GOVERNMENT OF ODISHA**
**OFFICE OF THE DIVISIONAL FOREST OFFICER, GHUMSUR SOUTH DIVISION**
Bhejiput, Bhanjanagar, Ganjam, Odisha, Pin - 761126
Tele/Fax - 06821-241015, E-mail: dfo.ghumsursouth@odisha.gov.in
**TENDER CALL NOTICE FOR RATE CONTRACT FOR SUPPLY AND INSTALLATION OF CHILDREN PLAYING EQUIPMENT AND OPEN-AIR GYM EQUIPMENT.**
ADVERTISE

**No.8001/17/2526** : Sealed tenders are invited from the Original Manufacturer/ Authorised Distributor / Authorised Supplier for Supply and Installation of Children Playground Equipment and Open-Air Gym Equipment (Including for Specially Abled) in Ecotourism at Maa Sankulei Peetha, Antarapada under Buguda Range and at Rolla under Badgada Range. The value of procurement to be made by Ranges is likely to be Rs. 33.32 lakh (approx.).

The Divisional Forest Officer, Ghumsur South Division, Bhanjanagar hereby invites reputed Original Equipment Manufacturer (OEM) / Authorised Distributor/ Authorised Supplier for Empanelment for Supply, Installation and Maintenance of Children Playground and Open-Air Gym equipment as per details mentioned in the Scope of Work in the Tender document. Interested agency, for further details, may download the Tender document from website: https://ganjam.odisha.gov.in/or and https://odishaforest.in/ and submit their Tender in a sealed envelope by Registered Post /Courier/Hand delivery on or before **11.02.2026** on or before 5:00 PM to the Divisional Forest Officer, Ghumsur South Division, Bhanjanagar.

Bids received on offline shall be opened at **3.30 P.M of 13.02.2026**.

Sd./- Divisional Forest Officer
Ghumsur South Division
OIPR-8001/8051/1/25-26/0017



**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BARIPADA**
E_Mail ID: serwcbaripada@gmail.com, Ph-No-06792-261343/261344, Gangraj, Baripada
**"e" Procurement Notice for Weir on Bridge Work**
**Identification No.- Online Tender- Weir on Bridge N.C.B. No.406 for 2025-26.**
No.25001/27/2526 **Letter No.768/Date. 29.01.2026//**

1. Name of the work : Construction of Weir adjacent to Bridge over Katra Nallah at 33th Km on Jharpokharia to Kulapata Road in the District of Mayurbhanj for the year 2024-25, 2. Total No. of work : 1 No. (One), 3. Estimated Cost : **Rs.200.45 Lakhs (approximately)**, 4. Eligible Class of Contractor : **As per annexure**, 5. Period of Completion : **As per annexure**, 6. Other details :

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E.R.W. Circle, Baripada | |
